RNI REG. NO. ODIODI/2015/62237 • POSTAL REGD. NO.BN/258/18-20 8 PAGES • ₹ 6/-

NITIDIN
# ନିତିଦିନ

www.nitidin.com
twitter.com/nitidintoday
facebook.com/nitidintoday

TUESDAY
17 FEBRUARY 2026
ମଙ୍ଗଳବାର
୧୭ ଫେବୃଆରୀ ୨୦୨୬

NEW AGE MEDIA & PUBLICATIONS PVT. LTD. PRINTED AT BHUBANESWAR VOLUME 11 • ISSUE 272 BHUBANESWAR I BERHAMPUR I SAMBALPUR I BALASORE I JAJPUR ବର୍ଷ ୧୧ • ସଂଖ୍ୟା ୨୭୨ ଭୁବନେଶ୍ୱର । ବ୍ରହ୍ମପୁର । ସମ୍ବଲପୁର । ବାଲେଶ୍ୱର । ଯାଜପୁର

ପୃଷ୍ଠା ୩ ରଣନୀତି ସହ ୩ ଦଳ ପ୍ରସ୍ତୁତ
ପୃଷ୍ଠା ୪ ଆଜି ମୋଦୀ-ମାକ୍ରନ୍ ସାକ୍ଷାତକାର
ପୃଷ୍ଠା ୮ ଅଷ୍ଟ୍ରେଲିଆର ଶୋଚନୀୟ ପରାଜୟ

## ପରଲୋକରେ ରାସେଶ୍ୱରୀ ପାଣିଗ୍ରାହୀ

**ସମ୍ବଲପୁର,୧୬।୨/ଏନ୍ଏନ୍ଏସ୍:**



ସମ୍ବଲପୁରର ପୂର୍ବତନ ବିଧାୟିକା, ସମାଜସେବୀ ତଥା ବରିଷ୍ଠ ଚିକିତ୍ସକ ଡା. ରାସେଶ୍ୱରୀ ପାଣିଗ୍ରାହୀଙ୍କ ପରଲୋକ ଘଟିଛି । ରାତି ୮ଟା ୫୦ ମିନିଟ୍‌ରେ ତାଙ୍କ ପରଲୋକ ହୋଇଥିବାନେଇ ପରିବାର ଓ ଡାକ୍ତରଙ୍କ ପକ୍ଷରୁ ସୂଚନା ମିଳିଛି । ୭୯ ବର୍ଷ ବୟସରେ ସମ୍ବଲପୁର ବାସଭବନରେ ତାଙ୍କ ପରଲୋକ ଘଟିଛି । ଶାନ୍ତିନଗର ସ୍ଥିତ ତାଙ୍କ ନିଜ ଘରେ ବିଶେଷଜ୍ଞ ଡାକ୍ତରଙ୍କ ଦ୍ୱାରା ବର୍ତ୍ତମାନ ତାଙ୍କର ଚିକିତ୍ସା ଚାଲିଥିଲା । ପ୍ରାୟ ଏକବର୍ଷ ହେଲା

### ଶୋକପ୍ରକାଶ କଲେ ମୁଖ୍ୟମନ୍ତ୍ରୀ, କେନ୍ଦ୍ରମନ୍ତ୍ରୀ

ସେ ସ୍ୱାସ୍ଥ୍ୟଜନିତ ସମସ୍ୟାରେ ପୀଡ଼ିତ ରହିଥିବା ବେଳେ ବିଶେଷ ଚଲାବୁଲା କରିପାରୁନଥିଲେ । ଘରେ ରହି ସେ ଚିକିତ୍ସିତ ହେଉଥିଲେ ।୧୯୪୬ ମସିହା ଅକ୍ଟୋବର ମାସ ୨୮ ତାରିଖ ଦିନ ଜନ୍ମଗ୍ରହଣ କରିଥିବା ରାସେଶ୍ୱରୀ ୨୦୧୪ରେ ଓଡ଼ିଶା ବିଧାନସଭାକୁ ବିଧାୟିକା ଭାବେ ନିର୍ବାଚିତ ହୋଇଥିଲେ । ସମ୍ବଲପୁର ନିର୍ବାଚନମଣ୍ଡଳୀରୁ ବିଧାନସଭାକୁ ନିର୍ବାଚିତ ହୋଇଥିଲେ । ସେ ପେଷାରେ ଥିଲେ ଜଣେ ଡାକ୍ତର । ରାଉରକେଲାର ଇସ୍ପାତ ବିଦ୍ୟାଳୟରୁ ମାଟ୍ରିକ୍ ଶିକ୍ଷା ପରେ ସମ୍ବଲପୁରର ଜିଏମ୍ କଲେଜରେ ପାଠ ପଢ଼ିଥିଲେ । ପିଲାବେଳୁ ଜଣେ ଡାକ୍ତର ହେବାର ଇଚ୍ଛା ଥିଲା । ସମ୍ବଲପୁରର ବୁର୍ଲାସ୍ଥିତ ବୀର ସୁରେନ୍ଦ୍ର ସାଏ ମେଡିକାଲ୍ କଲେଜରୁ ଏମ୍‌ବିବିଏସ୍ ପାଠ ପଢ଼ା ଶେଷ କରି ୧୯୭୨ ମସିହାରେ ରାଜ୍ୟ ସରକାରଙ୍କ ଅଧୀନରେ ଜଣେ ଡାକ୍ତର ଭାବରେ ଚାକିରିରେ ଯୋଗ ଦେଇଥିଲେ । ପ୍ରଥମେ ସୁନ୍ଦରଗଡ଼ ଜିଲ୍ଲାର ମୁଖ୍ୟ ଚିକିତ୍ସାଳୟରେ ଜଣେ ସ୍ତ୍ରୀ ରୋଗ ବିଶେଷଜ୍ଞ ଭାବରେ ଚାକିରୀରେ ଯୋଗ ଦେଇଥିଲେ । ପରବର୍ତ୍ତୀ ସମୟରେ ସେ ମେଡିକାଲ୍ କଲେଜରେ ଜଣେ ପ୍ରଫେସର ଭାବରେ ଯୋଗ ଦେଇଥିଲେ । ଯେଉଁଠାରେ ସେ ଅବସର ପର୍ଯ୍ୟନ୍ତ କାର୍ଯ୍ୟ କରିଥିଲେ । ଡାକ୍ତରୀ ପାଠ ପଢ଼ିବା ପରେ ସେ ଗାଇନିଙ୍ଗ ସ୍ପେଶାଲିଷ୍ଟ ଭାବେ ଓଡ଼ିଶାର ବିଭିନ୍ନ ମେଡିକାଲ କଲେଜରେ ଚାକିରି କରିଥିଲେ ଓ ବୁର୍ଲା ଭିମସାରରେ ଏଚ୍‌ଓଡି ଭାବେ ଅବସର ଗ୍ରହଣ କରିଥିଲେ । ଡା.ରାସେଶ୍ୱରୀ ପାଣିଗ୍ରାହୀଙ୍କ ବିୟୋଗରେ ମୁଖ୍ୟମନ୍ତ୍ରୀ ମୋହାନଚରଣ ମାଝୀ ଶୋକପ୍ରକାଶ କରିଛନ୍ତି । ସେ ତାଙ୍କ ଟ୍ୱିଟରରେ ହ୍ୟାଣ୍ଡଲରେ ଉଲ୍ଲେଖ କରିଛନ୍ତି ଯେ ବରିଷ୍ଠ ନେତ୍ରୀ, ସମ୍ବଲପୁରର ପୂର୍ବତନ ▶▶ ୫

### ଖୁବ୍‌ଶୀଘ୍ର ଆରମ୍ଭ ହେବ ରତ୍ନଭଣ୍ଡାର ଗଣତି ମଣତି

# ମହାପ୍ରଭୁଙ୍କ ଅଳଙ୍କାରର ହେବ ଡିଜିଟାଲ୍ କାଟାଲଗ୍

**ଭୁବନେଶ୍ୱର,୧୬।୨/ଏନ୍ଏନ୍ଏସ୍:**

### ଗଣତି ମଣତିର ଏସ୍‌ଓପି ସମ୍ପର୍କରେ ମୁଖ୍ୟମନ୍ତ୍ରୀ କଲେ ଆଲୋଚନା
### ୧୯୭୮ର ତାଲିକା ସହିତ ମେଳକ କରାଯିବ
### ସମ୍ପୂର୍ଣ୍ଣ ପ୍ରକ୍ରିୟାର ହେବ ଫଟୋଗ୍ରାଫି



ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଶ୍ରୀମନ୍ଦିରର ରତ୍ନଭଣ୍ଡାରରେ ଥିବା ସୁନା ଅଳଙ୍କାର ଓ ମୋତିମାଣିକ୍ୟର ଖୁବ୍ ଶୀଘ୍ର ଗଣତି-ମଣତି ଆରମ୍ଭ ହେବ । ଶେଷ ଗଣତି-ମଣତି ପ୍ରକ୍ରିୟା ୧୯୭୮ରେ ହୋଇଥିଲା । ତେଣୁ ବର୍ତ୍ତମାନର ପ୍ରକ୍ରିୟାରେ ସମ୍ପତ୍ତିର ଗଣତି ସମୟରେ ଏହାକୁ ୧୯୭୮ର ତାଲିକା ସହିତ ମେଳକ କରାଯାଇ ଚୂଡ଼ାନ୍ତ ତାଲିକା ପ୍ରସ୍ତୁତ କରାଯିବ । ସମ୍ପୂର୍ଣ୍ଣ ପ୍ରକ୍ରିୟାର ଫଟୋଗ୍ରାଫି ସହିତ ଡିଜିଟାଲ୍ କାଟାଲଗ୍ ପ୍ରସ୍ତୁତ କରାଯିବ । ଲୋକସେବା ଭବନରେ ସୋମବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏକ ଉଚ୍ଚ ସ୍ତରୀୟ ବୈଠକରୁ ଏହା ଜଣାଯାଇଛି । ପୁରୀ ଶ୍ରୀମନ୍ଦିରର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଏହି ସମ୍ପର୍କରେ ଏକ ବିସ୍ତୃତ ଉପସ୍ଥାପନା ରଖିଥିଲେ ।

ସୂଚନାଯୋଗ୍ୟ ଯେ, ଗଣତି-ମଣତିର ସମସ୍ତ ପୂର୍ବ ପ୍ରକ୍ରିୟା ସମ୍ପୂର୍ଣ୍ଣ ଭାବେ ସମାପ୍ତ ହୋଇଛି । ବାହାର ଓ ଭିତର ରତ୍ନଭଣ୍ଡାରର ସମ୍ପୂର୍ଣ୍ଣ ମରାମତି ଓ ସଂରକ୍ଷଣ କାର୍ଯ୍ୟ ଇତି ମଧ୍ୟରେ ସରିଛି । ସମଗ୍ର ପ୍ରକ୍ରିୟା ୯୫ ଦିନରେ ଓ ୩୩୩ ଘଣ୍ଟାର କାମରେ ଭାରତୀୟ ପ୍ରତ୍ନତତ୍ତ୍ୱ ବିଭାଗ ଦ୍ୱାରା ସମ୍ପୂର୍ଣ୍ଣ କରାଯାଇଛି । ବର୍ତ୍ତମାନ ଗଣତି-ମଣତି ପାଇଁ ଶ୍ରୀମନ୍ଦିର ପ୍ରଶାସନ ଓ ରାଜ୍ୟ ସରକାର ସମ୍ପୂର୍ଣ୍ଣ ପ୍ରସ୍ତୁତ ଅଛନ୍ତି ।

ବୈଠକର ଆଲୋଚନାରୁ ଜଣାଯାଇଛି ଯେ ଗଣତି-ମଣତି ପାଇଁ ସମ୍ପୂର୍ଣ୍ଣ ପ୍ରକ୍ରିୟାର ଏସ୍‌ଓପି ଶ୍ରୀମନ୍ଦିର ପରିଚାଳନା କମିଟି ଦ୍ୱାରା ପ୍ରସ୍ତୁତ କରାଯାଇଛି । ସରକାରଙ୍କ ଅନୁମୋଦନ ପରେ ଏହା ଆରମ୍ଭ କରାଯିବ । କଡ଼ା ସୁରକ୍ଷା ମଧ୍ୟରେ ସମ୍ପୂର୍ଣ୍ଣ ସ୍ୱଚ୍ଛତାର ସହ ଏହି ପ୍ରକ୍ରିୟା କାର୍ଯ୍ୟକାରୀ କରାଯିବ । ବୈଠକରେ ଚଳିତ ବର୍ଷର ରଥଯାତ୍ରାର ପ୍ରସ୍ତୁତି ପ୍ରକ୍ରିୟା ସମ୍ପର୍କରେ ମଧ୍ୟ ଆଲୋଚନା ହୋଇଥିଲା । ମହାପ୍ରଭୁଙ୍କ ରଥଯାତ୍ରା ପାଇଁ ଫାସି କାଠ ଓ ଚନ୍ଦନ କାଠର ବ୍ୟାପକ ▶▶ ୫

# ଆଜିଠୁ ବିଧାନସଭାର ବଜେଟ୍ ଅଧିବେଶନ

**ଭୁବନେଶ୍ୱର,୧୬।୨/ଏନ୍ଏନ୍ଏସ୍:**

ଆସନ୍ତାକାଲିଠାରୁ ଆରମ୍ଭ ହେବ ବିଧାନସଭାର ବଜେଟ୍ ଅଧିବେଶନ । ଫେବୃଆରୀ ୧୭ରୁ ଆରମ୍ଭ ହୋଇ ଏପ୍ରିଲ ୮ ତାରିଖ ପର୍ଯ୍ୟନ୍ତ ଏହି ଅଧିବେଶନ ଚାଲିବ । ଦୁଇ ପର୍ଯ୍ୟାୟ ବିଶିଷ୍ଟ ହେବ ଏହି ଅଧିବେଶନ । ରାଜ୍ୟପାଳଙ୍କ ଅଭିଭାଷଣରୁ ଆରମ୍ଭ ହେବ ବଜେଟ ଅଧିବେଶନ । ଫେବୃଆରୀ ୨୦ରେ ଅର୍ଥମନ୍ତ୍ରୀ ତଥା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବଜେଟ୍ ଉପସ୍ଥାପନ କରିବେ । ହେଲେ ବିଭିନ୍ନ ପ୍ରସଙ୍ଗ ନେଇ ବିରୋଧୀ-ଶାସକ ମୁହାଁମୁହିଁ ହେବାର ଯଥେଷ୍ଟ ସମ୍ଭାବନା ରହିଛି । ତେଣୁ ଗୃହ ସରଗରମ ହେବା ନିଶ୍ଚିତ । ଧାନମଣ୍ଡିଠୁ ଆରମ୍ଭ କରି ନିୟୁସିସି, ନାରୀ ନିର୍ଯାତନା ଠାରୁ ଆରମ୍ଭ କରି ଆଇନଶୃଙ୍ଖଳା । ବିଜେଡି ଓ କଂଗ୍ରେସ ଏହାକୁ ମୁଖ୍ୟ ମୁଦ୍ଦା କରିବେ । ଏହାସହ କେନ୍ଦ୍ର ବଜେଟ ଓ ରାଜ୍ୟ ବଜେଟରୁ ଦୋଷ ଦୁର୍ବଳତା କାଢ଼ି ସରକାରଙ୍କୁ ଘେରିବେ । ବିଜେଡି କହିଛି ଧାନ ମଣ୍ଡିରେ ଚାଷୀ ନିର୍ଯାତିତ ହେଉଛନ୍ତି । କଟନ୍ ଛଟନି ନାଁରେ ଚାଷୀଙ୍କୁ ଶୋଷଣ କରାଯାଉଛି । ସେପଟେ ମହାନଦୀ ପ୍ରସଙ୍ଗ ନେଇ ସରକାରଙ୍କ ଆଭିମୁଖ୍ୟ ସ୍ପଷ୍ଟ ହେଉନି । କୋଟିଆ, ପୋଲାଭରମ ଠାରୁ ଆଇନଶୃଙ୍ଖଳା ପର୍ଯ୍ୟନ୍ତ ଅନେକ ସମସ୍ୟା ନେଇ ଏଥର ବିଧାନସଭା ସରଗରମ ହେବ । ସେହିପରି କଂଗ୍ରେସ କହିଛି ଚାଷୀ ସମସ୍ୟାକୁ ପ୍ରମୁଖ ପ୍ରସଙ୍ଗ କରିବ ଦଳ । ସେପଟେ ବିରୋଧୀ ଦଳକୁ ମୁକାବିଲା କରିବାକୁ ସରକାର ମଧ୍ୟ ପ୍ରସ୍ତୁତ ରହିଛନ୍ତି । ଡବଲ୍ ଇଞ୍ଜିନ ସରକାରରେ ଓଡ଼ିଶାକୁ ମିଳୁଥିବା ଫାଇଦା ନେଇ ବିରୋଧୀଙ୍କୁ କାଉଣ୍ଟର କରିବ ଶାସକ ଦଳ । ଏହି କାରଣରୁ ଗୃହ ସୁରୁଖୁରୁରେ ଚାଲିବା ପାଇଁ ବାଚସ୍ପତି ସୁରମା ପାଢ଼ୀ ସର୍ବଦଳୀୟ ବୈଠକରେ ସବୁ ଦଳର ନେତାଙ୍କୁ ନିବେଦନ କରିଛନ୍ତି ।

### ରାଜ୍ୟପାଳଙ୍କ ଅଭିଭାଷଣରୁ ଆରମ୍ଭ ହେବ ଅଧିବେଶନ
### ମାଳ ମାଳ ପ୍ରସଙ୍ଗ ଧରି ସରକାରଙ୍କୁ ଘେରିବେ ବିରୋଧୀ
### କାଉଣ୍ଟର ପାଇଁ ଶାସକ ଦଳ ବି ପ୍ରସ୍ତୁତ କରିଛି ରଣନୀତି
### ସୁରୁଖୁରୁରେ ଗୃହ ଚାଲିବା ପାଇଁ ସବୁ ଦଳଙ୍କୁ ବାଚସ୍ପତିଙ୍କ ଅପିଲ୍
### ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି, ୨୦ ପ୍ଲାଟୁନ ଫୋର୍ସ ମୁତୟନ



ବାଚସ୍ପତିଙ୍କ ଅଧ୍ୟକ୍ଷତାରେ ସର୍ବଦଳୀୟ ବୈଠକ

ସୋମବାର ବିଧାନସଭାରେ ବାଚସ୍ପତିଙ୍କ ଅଧ୍ୟକ୍ଷତାରେ ବସିଥିଲା ସର୍ବଦଳୀୟ ବୈଠକ । ଏଥିରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ବ୍ୟତୀତ ବିରୋଧୀ ଦଳ ଉପନେତା ପ୍ରସନ୍ନ ଆଚାର୍ଯ୍ୟ, ବିରୋଧୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ, କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡ଼ାମ ଉପସ୍ଥିତ ଥିଲେ ।

ବୈଠକ ପରେ ବାଚସ୍ପତି ଶ୍ରୀମତୀ ପାଢ଼ୀ ଗଣମାଧ୍ୟମକୁ କହିଛନ୍ତି ଯେ, ସପ୍ତଦଶ ବିଧାନସଭାର ଷଷ୍ଠ ତଥା ବଜେଟ୍ ଅଧିବେଶନର ପ୍ରଥମ ଦିନ ପୂର୍ବାହ୍ନ ୧୧ଟାରେ ଗୃହ କାର୍ଯ୍ୟକୁ ଆରମ୍ଭ ହେବ । ମହାମହିମ ରାଜ୍ୟପାଳ ଡ. ହରିବାବୁ କୁମ୍ଭମ୍‌ପଟି ଅଧିବେଶନର ପ୍ରଥମ ଦିନରେ ଗୃହରେ ଅଭିଭାଷଣ ରଖିବେ । ଦୁଇ ▶▶ ୫

**ଜେଇଇ ମେନ୍ ସେସନ୍-୧ ରେଜଲ୍ଟ**

## ଭବେଶ ଓଡ଼ିଶା ଟପ୍ପର

**ଭୁବନେଶ୍ୱର,୧୬।୨/ଏନ୍ଏନ୍ଏସ୍:**



ଆଇଆଇଟି ସମେତ ଦେଶର ବିଭିନ୍ନ ଇଞ୍ଜିନିୟରିଂ ପାଠ୍ୟକ୍ରମରେ ନାମଲେଖା ଲାଗି ଅନୁଷ୍ଠିତ ଜେଇଇ ମେନ୍ ସେକ୍ସନ-୧ ଫଳ ପ୍ରକାଶ ପାଇଛି । ଚଳିତବର୍ଷ ମୋଟ୍ ୧୨ଜଣ ପରୀକ୍ଷାର୍ଥୀ ସର୍ବାଧିକ ୧୦୦ପର୍ସେଣ୍ଟାଇଲ ହାସଲ କରିଛନ୍ତି । ବିଇ ଓ ବିଟେକ୍(ପେପର-୧)ରେ ଓଡ଼ିଶାର ଭବେଶ ପାତ୍ର ୧୦୦ ଏନ୍‌ଟିଏ ସ୍କୋର(ପର୍ସେଣ୍ଟାଇଲ୍) କରି ଓଡ଼ିଶା ଟପ୍ପର ହୋଇଛନ୍ତି । ଏପରିକି ୧୦୦ ଏନ୍‌ଟିଏ ସ୍କୋର ହାସଲ କରିବାରେ ସେ ସାରା ଦେଶରେ ଶ୍ରେଷ୍ଠ ୧୨ଜଣଙ୍କ ମଧ୍ୟରେ ସ୍ଥାନ ପାଇଛନ୍ତି । ଭବେଶଙ୍କ ବ୍ୟତୀତ ଦିଲ୍ଲୀର ଶ୍ରେୟାସ ମିଶ୍ର, ଆନ୍ଧ୍ରପ୍ରଦେଶର ନରେନ୍ଦ୍ରବାବୁ ଗରିମହିଥି, ପସାଲା ମୋହିଥ୍, ବିହାରର ଶୁଭମ୍ କୁମାର, ରାଜସ୍ଥାନର କାବେର ଚିଲ୍ଲର, ଚିରଞ୍ଜିବୀ କର, ଅର୍ନଭ ଗୌତମ, ହରିୟାଣାର ଆନ୍ ଜୈନ୍, ମହାରାଷ୍ଟ୍ରର ମାଧବ ଭିରାଦୀୟା, ଗୁଜୁରାଟର ପୁରୋହିତ ନିମାୟ, ତେଲେଙ୍ଗାନାର ଭି ଏସ୍ ମହେଶ୍ୱରୀ ୧୦୦ ପର୍ସେଣ୍ଟାଇଲ୍ ରଖିଛନ୍ତି । ୧୨ଜଣଙ୍କ ମଧ୍ୟରେ ଜଣେ ବି ହେଲେ ଛାତ୍ରୀ ନାହାନ୍ତି । ଛାତ୍ରୀଙ୍କ ବର୍ଗରେ ହରିୟାଣାର ଆସି ଗ୍ରିୱାଲ ୯୯.୯୯୬୯୭୬୬ ପର୍ସେଣ୍ଟାଇଲ୍ ରଖି ଟପର ହୋଇଛନ୍ତି । ୧୧ଜଣ ସାଧାରଣ ବର୍ଗର ବିଦ୍ୟାର୍ଥୀ ଏବଂ ଜଣେ ଓବିସି-ଏନ୍‌ସିଏଲ୍‌ବର୍ଗର ରହିଛନ୍ତି । ବିଇ/ ବିଟେକ୍ ନାମଲେଖା ଲାଗି ଜେଇଇ ମେନ୍ ପରୀକ୍ଷାର ସେସନ୍-୧ ଏବଂ ପେପର-୧(ବିଇ/ ବିଟେକ୍) ଲାଗି ସର୍ବଭାରତୀୟ ସ୍ତରରେ ମୋଟ୍ ୧୩ଲକ୍ଷ ୪ହଜାର ୬୫୩ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିଲେ । ସେଥିରୁ ଛାତ୍ରଙ୍କ ସଂଖ୍ୟା ▶▶ ୫

## ହଟିଲା ଜାତିପ୍ରଥା, ଜିତିଲା ମାନବିକତା

### ୩ ମାସ ପରେ ଅଙ୍ଗନବାଡ଼ି କେନ୍ଦ୍ରକୁ ଫେରିଲେ ପିଲା

**ରାଜନଗର,୧୬।୨/ଏନ୍ଏନ୍ଏସ୍:**



ଶେଷରେ ହଟିଲା ଜାତିପ୍ରଥା, ଜିତିଲା ମାନବିକତା । ଦୀର୍ଘ ପ୍ରାୟ ୩ ମାସ ପରେ କେନ୍ଦ୍ରାପଡ଼ା ରାଜନଗର ବ୍ଲକ୍ ଘଡିଆମାଳ ପଞ୍ଚାୟତ ଅନ୍ତର୍ଗତ ନୂଆଗାଁ ଅଙ୍ଗନୱାଡ଼ି କେନ୍ଦ୍ରକୁ ଫେରିଲେ ପିଲା । କୁତ୍ସିତ ଜାତିପ୍ରଥା ପରମ୍ପରାକୁ ନେଇ ଅଙ୍ଗନୱାଡ଼ି କେନ୍ଦ୍ରରେ ସୃଷ୍ଟି ହୋଇଥିବା ଅଚଳାବସ୍ଥାର ଅନ୍ତ ଘଟିଛି । ଅନୁସୂଚିତ ଜାତିର ଅଙ୍ଗନବାଡ଼ି ସହାୟିକା ଶର୍ମିଷ୍ଠା ସେଠୀ, ଆଜି ନିଜେ ରୋଷଇ କରି ପିଲାଙ୍କୁ ନିଜ ହାତରେ ଖାଦ୍ୟ ପରଷି ଦେବା ପରେ ପୁଣି ସ୍ୱାଭାବିକ ହୋଇଛି ଅଙ୍ଗନବାଡ଼ି କେନ୍ଦ୍ର ।

ପିଲାଙ୍କୁ କେନ୍ଦ୍ରକୁ ଆଣିବାକୁ ସକାଳୁ ସକାଳୁ ଗାଁରେ ଡେରା ପକାଇ ସରିଥିଲା ଶାସନ ଓ ପ୍ରଶାସନ । ସ୍ଥାନୀୟ ବିଧାୟକ, କେନ୍ଦ୍ରାପଡ଼ା ସିଡିପିଓ ଆଉ ରାଜନଗର ବ୍ଲକ୍ ଅଧ୍ୟକ୍ଷଙ୍କ ସମେତ ଗାଁର ନେତା ଓ ମୁରବୀମାନେ ପିଲାଙ୍କୁ କୋଳେଇ କାଖେଇ ଅଙ୍ଗନବାଡ଼ି କେନ୍ଦ୍ରକୁ ଆଣିଥିଲେ । ଏତେ ଦିନ ପରେ କୁନି କୁନି ପିଲାମାନେ କେନ୍ଦ୍ରକୁ ଫେରୁଥିବାରୁ ସେମାନଙ୍କୁ ଫୁଲ ଚନ୍ଦନ ଲଗେଇ ଶ୍ରେଣୀଗୃହକୁ ପାଛୋଟି ନେବାକୁ ପ୍ରସ୍ତୁତ ଥିଲେ ସହାୟିକା ଶର୍ମିଷ୍ଠା ସେଠୀ । ପିଲାଏ ପହଞ୍ଚିବା ପରେ ସେମାନଙ୍କୁ ପାଠ ପଢାଇଥିଲେ ନିଜେ ▶▶ ୫

## ଅଗ୍ନିକାଣ୍ଡରେ ୭ ଶ୍ରମିକ ଦଗ୍ଧ

**ଭିୱାଡି,୧୬।୨/ଏଜେନ୍ସି:**

ସୋମବାର ସକାଳେ ରାଜସ୍ଥାନର ପ୍ରମୁଖ ଶିଳ୍ପ କେନ୍ଦ୍ର ଭିୱାଡିର ଖୁସଖେଡା ଅଞ୍ଚଳରେ ଏକ ଘରୋଇ ରାସାୟନିକ କାରଖାନାରେ ଶକ୍ତିଶାଳୀ ବିସ୍ଫୋରଣ ପରେ ଭୟଙ୍କର ଅଗ୍ନିକାଣ୍ଡ ଘଟିଛି । ଏହି ଦୁର୍ଘଟଣାରେ ଅନେକ ଶ୍ରମିକ ଜୀବନ୍ତ ଦଗ୍ଧ ହୋଇଯାଇଥିବା ବେଳେ ବହୁ ଶ୍ରମିକ ଏବେ ବି ଭିତରେ ଫସି ରହିଛନ୍ତି । ପ୍ରାରମ୍ଭିକ ସୂଚନା ଅନୁଯାୟୀ ଦୁର୍ଘଟଣାରେ ୭ ଜଣ ଶ୍ରମିକ ଜୀବନ୍ତ ଦଗ୍ଧ ହୋଇଯାଇଛନ୍ତି । ଭିତରେ ଫସି ରହିଥିବା ଶ୍ରମିକମାନଙ୍କୁ ଉଦ୍ଧାର କରିବା ପାଇଁ ପ୍ରୟାସ ଜାରି ରହିଛି । ଘଟଣା ସମୟରେ କାରଖାନାରେ ୨୦ ରୁ ୨୫ ଜଣ ଶ୍ରମିକ କାମ କରୁଥିଲେ । ସେମାନଙ୍କ ମଧ୍ୟରୁ କିଛି ଲୋକ ଜୀବନ ବଞ୍ଚାଇ ବାହାରକୁ ପଳାଇବାରେ ସଫଳ ହୋଇଥିବା ▶▶ ୫

**ଓଡ଼ିଆ ପର୍ଯ୍ୟଟକଙ୍କୁ ହତ୍ୟା ଓ ଇସ୍ରାଏଲ୍ ମହିଳାଙ୍କୁ ଗଣଦୁଷ୍କର୍ମ ମାମଲା**

## ୩ ଯୁବକଙ୍କୁ ଫାଶୀ ଦଣ୍ଡାଦେଶ

**କର୍ଣ୍ଣାଟକ,୧୬।୨/ଏଜେନ୍ସି:**



**ଅପରାଧକୁ ବିରଳରୁ ଅତି ବିରଳ ଭାବେ ଦର୍ଶାଇ ସର୍ବାଧିକ ଦଣ୍ଡ**

କର୍ଣ୍ଣାଟକ ଗଣଦୁଷ୍କର୍ମ ଓ ହତ୍ୟା ଘଟଣାରେ କୋପ୍ପାଲ ଜିଲ୍ଲାର ସେସନ୍ସ କୋର୍ଟ ୩ ଜଣଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ଫାଶୀ ଦଣ୍ଡରେ ଦଣ୍ଡିତ କରିଛନ୍ତି । ଜଣେ ଇସ୍ରାଏଲ ମହିଳାଙ୍କ ସମେତ ଦୁଇ ଜଣଙ୍କୁ ଗଣଦୁଷ୍କର୍ମ ଓ ଓଡ଼ିଶାର ଜଣେ ପୁରୁଷ ପର୍ଯ୍ୟଟକଙ୍କୁ ହତ୍ୟା କରିବା ଘଟଣାରେ କୋର୍ଟ ଏପରି ଦଣ୍ଡ ବିଧାନ କରିଛନ୍ତି । ଫାଶୀ ଦଣ୍ଡରେ ଦଣ୍ଡିତ ହୋଇଥିବା ୩ ଯୁବକ ହେଲେ ମାଲ୍ଲେଶ, ସାଇ ଓ ଶରନପ୍ପା । ବିଚାରପତି ଏହି ଅପରାଧକୁ ବିରଳରୁ ଅତି ବିରଳ ଭାବେ ଦର୍ଶାଇ ସର୍ବାଧିକ ଦଣ୍ଡ ଦେଇଥିବା କହିଛନ୍ତି ।

ହାମ୍ପି ନିକଟସ୍ଥ ସାନାପୁରରେ ଥିବା ତୁଙ୍ଗଭଦ୍ରା ବାମ ପାର୍ଶ୍ୱ କେନାଲ ନିକଟରେ ୨୦୨୫ ମସିହା ମାର୍ଚ୍ଚ ୬ ତାରିଖରେ ଘଟିଥିଲା ଏହି ଘଟଣା । ଦୁଇ ମହିଳା- ଇସ୍ରାଏଲ ନାଗରିକ ଓ ଜଣେ ହୋମ ଷ୍ଟେ ଅପରେଟରଙ୍କ ପାଖକୁ ଏହି ୩ ଯୁବକ ଯାଇଥିଲେ । ଏହି ସମୟରେ ଦୁଇ ମହିଳାଙ୍କ ସହ ୩ ପୁରୁଷ ପର୍ଯ୍ୟଟକ ▶▶ ୫

**୭୦,୦୦୦ ବର୍ଗ ମିଟର ପରିମିତ ଅଞ୍ଚଳରେ ଆୟୋଜିତ ହେଉଛି 'ମେଗା ଏଆଇ ଏକ୍ସପୋ'**

**ସାମିଲ ହୋଇଛନ୍ତି ଜିଓ ଇଣ୍ଟେଲିଜେନ୍ସ ଭଳି ୩୦୦ରୁ ଅଧିକ କମ୍ପାନୀ**

**ବୁଲିଦେଖିବା ସହ ଅଂଶଗ୍ରହଣକାରୀ ଷ୍ଟାର୍ଟଅପ୍‌ଙ୍କୁ ପ୍ରଶଂସା କଲେ ପ୍ରଧାନମନ୍ତ୍ରୀ**

**୫ ଦିନ ଧରି ଚାଲିବ ଏଆଇ ଶିଖର ସମ୍ମିଳନୀ**

**୧୯ରେ ପ୍ରଧାନମନ୍ତ୍ରୀ କରିବେ ଗୋଲ୍ ଟେବୁଲ୍ ବୈଠକ**

**ବିଶ୍ୱ ଦେଖିଲା ଭାରତର ଦମ୍**

# ଉଦ୍‌ଘାଟିତ ହେଲା ଏଆଇ ମହାକୁମ୍ଭ

**ନୂଆଦିଲ୍ଲୀ, ୧୬।୨/ଏଜେନ୍ସି:**




ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସି ଇମ୍ପାକ୍ଟ ଶିଖର ସମ୍ମିଳନୀ ତଥା ଏକ୍ସପୋ (ପ୍ରଦର୍ଶନୀ)କୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଛନ୍ତି । ୭୦,୦୦୦ ବର୍ଗ ମିଟରରୁ ଅଧିକ ଅଞ୍ଚଳରେ ଆୟୋଜିତ ଏହି ମେଗା ଏଆଇ ଏକ୍ସପୋ ବା ପ୍ରଦର୍ଶନୀରେ ଭାରତର ଜିଓ ଇଣ୍ଟେଲିଜେନ୍ସ ଭଳି ପ୍ରାୟ ୩୦ ଦେଶର ୩୦୦ରୁ ଅଧିକ କମ୍ପାନୀ ସେମାନଙ୍କ ନବସୃଜନ(ଏଆଇ ଗ୍ୟାଜେଟ୍ ଏବଂ ପ୍ରଯୁକ୍ତିବିଦ୍ୟା)ଗୁଡ଼ିକୁ ପ୍ରଦର୍ଶନ କରିଥିବା ବେଳେ ପ୍ରଧାନମନ୍ତ୍ରୀ ଏସବୁକୁ ବୁଲି ଦେଖିବା ସହ ଅଂଶଗ୍ରହଣକାରୀ ଷ୍ଟାର୍ଟଅପ୍‌ମାନଙ୍କୁ ବେଶ୍ ପ୍ରଶଂସା କରିଛନ୍ତି । ପ୍ରଧାନମନ୍ତ୍ରୀ ମୋଦୀ ଏକ୍ସ'ରେ ଏକ ପୋଷ୍ଟ କରି ଲେଖିଛନ୍ତି, "ଆମେ ସାରା ବିଶ୍ୱର ଲୋକଙ୍କୁ ସ୍ୱାଗତ କରୁଛୁ । ଦିଲ୍ଲୀର ଭାରତ ମଣ୍ଡପମ୍‌ରେ ଆଜି ଇଣ୍ଡିଆ ଏଆଇ ଇମ୍ପାକ୍ଟ ଶିଖର ସମ୍ମିଳନୀ ଆରମ୍ଭ ହେଉଛି । ମୁଁ ଏହି ଶିଖର ସମ୍ମିଳନୀରେ ଅଂଶଗ୍ରହଣ କରିବାକୁ ଆସିଥିବା ବିଶ୍ୱର ନେତା, ପ୍ରମୁଖ ବ୍ୟବସାୟ ନେତା, ନବସୃଜନକାରୀ, ନୀତି ନିର୍ଦ୍ଧାରକ, ଗବେଷକ ଏବଂ ପ୍ରଯୁକ୍ତି ବିଶେଷଜ୍ଞମାନଙ୍କୁ ହୃଦୟର ସହିତ ସ୍ୱାଗତ କରୁଛି । ଏହି ଶିଖର ସମ୍ମିଳନୀର ବିଷୟବସ୍ତୁ ହେଉଛି 'ସର୍ବଜନ ହିତାୟ, ସର୍ବଜନ ସୁଖାୟ' ଯାହାର ▶▶ ୫

## ଆଜିଠୁ ସିବିଏସ୍‌ଇ ଦଶମ ଓ ଦ୍ୱାଦଶ ପରୀକ୍ଷା

### ପ୍ରଥମ ବୋର୍ଡ ପରୀକ୍ଷା ଦେବା ବାଧ୍ୟତାମୂଳକ

**ନୂଆଦିଲ୍ଲୀ,୧୬।୨/ଏଜେନ୍ସି:**

ଆସନ୍ତାକାଲିଠାରୁ ଆରମ୍ଭ ହେବାକୁ ଯାଉଛି ସିବିଏସଇ ଦଶମ, ଦ୍ୱାଦଶ ପରୀକ୍ଷା । ଚଳିତ ଥର ୪୬ ଲକ୍ଷରୁ ଊର୍ଦ୍ଧ୍ୱ ପରୀକ୍ଷାର୍ଥୀ ପରୀକ୍ଷା ଦେବେ । ତେବେ ଏହା ପୂର୍ବରୁ ନିୟମକୁ କଡ଼ାକଡ଼ି କରିଛି ସିବିଏସଇ । ସକାଳ ୧୦ କିମ୍ବା ତା ପୂର୍ବରୁ ପରୀକ୍ଷା କେନ୍ଦ୍ରରେ ପହଞ୍ଚିବାକୁ ପରୀକ୍ଷାର୍ଥୀଙ୍କୁ ସିବିଏସଇ ନିର୍ଦ୍ଦେଶ ଦେଇଛି । ୧୦ଟା ୩୦ରୁ ପରୀକ୍ଷା ଆରମ୍ଭ ହେଉଥିବାରୁ ୧୦ଟା ସୁଦ୍ଧା ପହଞ୍ଚିବା ଜରୁରୀ । ଦୂରତା କିମ୍ବା ଅନ୍ୟ ପ୍ରତିକୂଳ ସ୍ଥିତିକୁ ଦେଖି ଆଗୁଆ ବାହାରିବାକୁ ପରାମର୍ଶ ଦିଆଯାଇଛି । ତେବେ ନିର୍ଦ୍ଧାରିତ ସମୟ ପୂର୍ବରୁ ନପହଞ୍ଚିଲେ ସେମାନଙ୍କୁ ପରୀକ୍ଷା କେନ୍ଦ୍ରକୁ ଯିବାକୁ ବାରଣ କରାଯିବା ନେଇ ନିଷ୍ପତ୍ତି ନିଆଯାଇଛି । ଏନେଇ ସ୍କୁଲ, ଅଭିଭାବକ ଏବଂ ଛାତ୍ରଛାତ୍ରୀଙ୍କ ପାଇଁ ମାର୍ଗଦର୍ଶିକା ଜାରି କରିଛି ▶▶ ୫

## ୧୯ରୁ ମାଟ୍ରିକ୍ ପରୀକ୍ଷା, ୨୪ ଘଣ୍ଟିଆ ପୁଲିସ ପହରାରେ ପ୍ରଶ୍ନପତ୍ର

**ବୁଗୁଡା,୧୬।୨/ଏନ୍ଏନ୍ଏସ୍:** ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ମାଟ୍ରିକ ପରୀକ୍ଷା ଏ ବର୍ଷ ୧୯ ଫେବୃୟାରୀରୁ ମାର୍ଚ୍ଚ ୨ ପର୍ଯ୍ୟନ୍ତ ହେବାକୁ ଥିବାବେଳେ ପ୍ରଶ୍ନପତ୍ର ଆସି ବୁଗୁଡାରେ ପହଞ୍ଚିବା ପରେ ତାହାକୁ ସ୍ଥାନୀୟ ପିପୁଲ୍ଲ ହାଇସ୍କୁଲ ନୋଡାଲ ସେଣ୍ଟର ଷ୍ଟ୍ରଙ୍ଗରୁମରେ ରଖାଯିବା ପରେ ଏବିଇଓ ଅମିତା କୁମାରୀ ପାଢୀଙ୍କ ପର୍ଯ୍ୟବେକ୍ଷଣରେ ୨୪ ଘଣ୍ଟିଆ ପୋଲିସ ପ୍ରହରା ସହ କଡା ସୁରକ୍ଷା ବ୍ୟବସ୍ଥା କରାଯାଇଥିବା ଜଣାଯାଇଛି । ବୁଗୁଡ଼ା ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯାଳୟ ଅଧିନସ୍ଥ ୧୦ଟି ପରୀକ୍ଷା କେନ୍ଦ୍ରରେ କିପରି ସୁରକ୍ଷିତ ଭାବେ ପ୍ରଶ୍ନପତ୍ର ପହଞ୍ଚି ପାରିବ ସେନେଇ ନୋଡାଲ ସେଣ୍ଟର ଇନଚାର୍ଜ କାଳୀ ଚରଣ ବେହେରା ଓ ଡେପୁଟି ଇନଚାର୍ଜ ଶଙ୍କର ଦାସଙ୍କ ନେତୃତ୍ୱରେ ବ୍ୟାପକ ପଦକ୍ଷେପ ଗ୍ରହଣ କରାଯାଇଛି । ପିପୁଲ୍ଲ ହାଇସ୍କୁଲ ନୋଡାଲ୍ ସେଣ୍ଟର ଅଧିନରେ ବାଲିପଦର ହାଇସ୍କୁଲ , ପଙ୍କଲବାଡି ଆର.ଏ.ହାଇସ୍କୁଲ , ପୋଚାଲୁଣ୍ଡି ମା କାଳୀ କୃଷକ ବିଦ୍ୟାପୀଠ, ତାଳସାକର ମହାମାୟୀ ହାଇସ୍କୁଲ , ବୁଗୁଡ଼ା ଏସ୍.ବି.ଏନ୍ ଗାର୍ଲସ୍ ହାଇସ୍କୁଲ ଓ ପିପୁଲ୍ଲ ହାଇସ୍କୁଲ , ବୀରଧନଞ୍ଜୟପୁର ବୃଦ୍ଧଗିରି ବିଦ୍ୟାପୀଠ , ବି.କରଡ଼ାବାଡ଼ିର ଏସ୍.ଏ.ବିଦ୍ୟାପୀଠ , ମାଣିତରା ରିଜିଓନାଲ ହାଇସ୍କୁଲ , କରଚୁଲି ଶକୁନ୍ତଳା ବିଦ୍ୟାପୀଠ ଆଦି ୧୦ଟି ପରୀକ୍ଷା କେନ୍ଦ୍ର ରହିଥିବା ବେଳେ ଏ ସମସ୍ତ କେନ୍ଦ୍ରରେ ମୋଟ ୧୮୪୪ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେବା ନେଇ ଜଣାଯାଇଛି ।

## ଗଞ୍ଜାମ ଥାନାର ନୂତନ ଅତିରିକ୍ତ ଥାନା ଅଧିକାରୀ ଶୁଭଲକ୍ଷ୍ମୀ କଅଁର

**ଗଞ୍ଜାମ,୧୬।୨/ଏନ୍ଏନ୍ଏସ୍:** ଗଞ୍ଜାମ ଥାନାରେ ନୂତନ ଅତିରିକ୍ତ ଥାନା ଅଧିକାରିଣୀ ଭାବେ ଶୁଭଲକ୍ଷ୍ମୀ କଅଁର ଯୋଗଦାନ କରିଛନ୍ତି । ପୂର୍ବରୁ ଥାନାର ଆଇଆଇସି ଭାବେ ସୁମିତ୍ରା ପାତ୍ର ଦାୟିତ୍ୱ ନିଭାଉଥିଲେ । ବର୍ତ୍ତମାନ ଶୁଭଲକ୍ଷ୍ମୀ କଅଁରଙ୍କ ଯୋଗଦାନ ସହ ଥାନାରେ ଦୁଇଜଣ ଆଇଆଇସି କାର୍ଯ୍ୟରତ ରହିବେ । ଏହି ନିଯୁକ୍ତି ଫଳରେ ଥାନାର ପ୍ରଶାସନିକ କାର୍ଯ୍ୟପଦ୍ଧତି, ଆଇନ-ଶୃଙ୍ଖଳା ନିୟନ୍ତ୍ରଣ, ତଦନ୍ତ ପ୍ରକ୍ରିୟା ଓ ସାଧାରଣ ଲୋକଙ୍କ ଅଭିଯୋଗ ଆହୁରୀ ତ୍ୱରାନ୍ୱିତ ହେବ ବୋଲି ଆଶା ବ୍ୟକ୍ତ କରାଯାଇଛି । ବିଶେଷକରି ସମ୍ବେଦନଶୀଳ ମାମଲାରେ ଦ୍ରୁତ ତଦନ୍ତ ଓ ସୁଦୃଢ କାର୍ଯ୍ୟାନୁଷ୍ଠାନ ନିମନ୍ତେ ନୂତନ ଥାନା ଅଧିକାରୀଙ୍କ ଯୋଗଦାନ



ବିଶେଷ ସହାୟକ ହେବ ବୋଲି ସାଧାରଣରେ ଆଶା ପ୍ରକାଶ ପାଇଛି । ସୂଚନାନୁସାରେ, ଶୁଭଲକ୍ଷ୍ମୀ କଅଁର ୨୦୧୭ ବ୍ୟାଚ୍ର ସବ୍-ଇନ୍ସପେକ୍ଟର(ଏସ୍ଆଇ) ଭାବେ ପୁଲିସ ସେବାରେ ଯୋଗ ଦେଇଥିଲେ । ସେ ବର୍ତ୍ତମାନ ପଦୋନ୍ନତି ପାଇ ଆଇଆଇସି ପଦବୀରେ ନିଯୁକ୍ତ ହୋଇଛନ୍ତି । ଦକ୍ଷତା, ସଚୋଟତା, ସକ୍ରିୟତା ଓ କଡ଼ା ପ୍ରଶାସନିକ ଶୈଳୀ ପାଇଁ ସେ ସାଧାରଣରେ ବେଶ ପରିଚିତ । ପୂର୍ବରୁ ଧରାକୋଟ ଓ ପାଟପୁର ପରି ସମ୍ବେଦନଶୀଳ ଅଞ୍ଚଳରେ କାର୍ଯ୍ୟଭାର ନିଭାଇ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ସଫଳତାର ସହ ପାଳନ କରିଥିବା ଜଣାପଡ଼ିଛି । ତାଙ୍କର ଯୋଗଦାନ ଫଳରେ ଗଞ୍ଜାମ ଥାନାରେ ଆଇନ-ଶୃଙ୍ଖଳା ପରିସ୍ଥିତି ଆହୁରି ସୁଦୃଢ ହେବା ବୋଲି ସ୍ଥାନୀୟ ମହଲରେ ଆଶା ପ୍ରକାଶ ପାଇଛି ।

## ଭାବନ୍ଧ ପଞ୍ଚାୟତରେ ମିଳିତ ଜନ ଅଭିଯୋଗ ଶୁଣାଣି



**ହିଞ୍ଜିଳିକାଟୁ,୧୬।୨/ଏନ୍ଏନ୍ଏସ୍:** ହିଞ୍ଜିଳି ବ୍ଲକ ଅନ୍ତର୍ଗତ ଭାବନ୍ଧ ଗ୍ରାମ ପଞ୍ଚାୟତ ସମ୍ମିଳନୀ କକ୍ଷରେ ଆଜି ହିଞ୍ଜିଳିକାଟୁ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସାଗରିକା ଷଡ଼ଙ୍ଗୀଙ୍କ ଅଧ୍ୟକ୍ଷତାରେ ଦ୍ୱିତୀୟ ପର୍ଯ୍ୟାୟରେ ପଞ୍ଚାୟତ ସ୍ତରୀୟ ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର ଆୟୋଜିତ ହୋଇଯାଇଛି । ଅଭିଯୋଗ ଶୁଣାଣୀରେ ଅତିରିକ୍ତ ତହସିଲଦାର ସରୋଜ କୁମାର ବେହେରା ନାୟକ, ବେଲଗାଁ ଥାନା ଭାରପ୍ରାପ୍ତ ଅଧିକାରୀ ସ୍ମିତାଞ୍ଜଳି ପ୍ରଧାନ, ବ୍ଲକ୍ ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅରୁଣ କୁମାର ପ୍ରଧାନ, ଜିଲ୍ଲା ପରିଷଦ ସଭ୍ୟା ପ୍ରୀତି ସାହୁ, ସ୍ଥାନୀୟ ସରପଞ୍ଚ କାଳିଆ ଦାଶ, ସମିତିସଭ୍ୟା ରିଙ୍କି ନାହାକ ପ୍ରମୁଖ ଉପସ୍ଥିତ ଥିଲେ । ଭାବନ୍ଧ ପଞ୍ଚାୟତରେ ବିଭିନ୍ନ ପ୍ରକାର ଅଭିଯୋଗକୁ ନେଇ ମୋଟ ୮୧ଟି ଅଭିଯୋଗ ଦାଖଲ ହୋଇଥିବା ବେଳେ ସେଥିମଧ୍ୟରୁ ୧୭ ରେସନ କାର୍ଡ, ୧୮ ସାମାଜିକ ସୁରକ୍ଷା, ୩୫ ଗ୍ରାମୀଣ ଆବାସ, ୦୪ ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା, ୧ କୃଷି ସମ୍ବନ୍ଧୀୟ, ୦୨ ଜଳ ପରିମଳ ଏବଂ ୦୪ ରାଜସ୍ୱ ବିଭାଗର ରହିଥିଲା । ଆଜିର କାର୍ଯ୍ୟକ୍ରମକୁ ଭାବନ୍ଧ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ରୂପକ ସାମନ୍ତରାୟ ପରିଚାଳନା କରିଥିଲେ । କାର୍ଯ୍ୟକ୍ରମରେ ସମସ୍ତ ବିଭାଗୀୟ ଅଧିକାରୀ ଉପସ୍ଥିତ ରହି ସାଧାରଣ ଲୋକଙ୍କ ବିଭିନ୍ନ ସମସ୍ୟାର ଅନୁଧ୍ୟାନ କରିଥିଲେ । ପଞ୍ଚାୟତର ସମସ୍ତ କର୍ମଚାରୀ ଏବଂ ଗ୍ରାମବାସୀ ମାନଙ୍କ ମିଳିତ ସହଯୋଗରେ ଶିବିର ପରିଚାଳିତ ହୋଇଥିଲା ।

## ଜିଲ୍ଲାପାଳ ଓ ଆରକ୍ଷୀ ଅଧୀକ୍ଷକଙ୍କ ମିଳିତ ଜନଶୁଣାଣି

**ରଙ୍ଗେଇଲୁଣ୍ଡା,୧୬।୨/ଏନ୍ଏନ୍ଏସ୍:** ରଙ୍ଗେଇଲୁଣ୍ଡା ବ୍ଲକର ସଦଭାବନା ଗୃହରେ ଗଞ୍ଜାମ ଜିଲ୍ଲାପାଳ ଓ ବ୍ରହ୍ମପୁର ଆରକ୍ଷୀ ଅଧୀକ୍ଷକଙ୍କ ମିଳିତ ଜନ ଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ପୂର୍ବାହ୍ନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଗଞ୍ଜାମ ଜିଲାପାଳ ଭି. କୀର୍ତ୍ତିଭାସନ, ବ୍ରହ୍ମପୁର ଏସପି ଡା ସର୍ବଣା ବିବେକ ଏମ, ବ୍ରହ୍ମପୁର ଉପଜିଲାପାଳ ଅଭିନାଶ କୁମାର, ବ୍ରହ୍ମପୁର ଡେପୁଟି କମିସନର ଆଶ୍ରିବାଦ ପରିଡା, ରଙ୍ଗେଇଲୁଣ୍ଡା ବିଡ଼ିଓ ବିଶ୍ୱଜିତ ରାୟ, ଜିଲା ପରିଷଦ ଉପସଭାପତି ଏସ. ରାଜେଶ୍ୱରୀ ଦୋରା, ରାଜ୍ୟ ଖଣି ଓ ଇସ୍ପାତ ବିଭାଗ ମନ୍ତ୍ରୀଙ୍କ ପ୍ରତିନିଧି ବ୍ରଜ ମୋହନ ନାହାକ ଯୋଗ ଦେଇଥିଲେ । ବିଭିନ୍ନ ପଞ୍ଚାୟତରୁ ୧୮୭ଟି ଅଭିଯୋଗ ହୋଇଥିବା ବେଳେ ୩୦ ଟି ସମାଧାନ ହୋଇଥିଲା । ଦୁଇ ଜଣ ହିତାଧିକାରୀଙ୍କୁ ୫ ହଜାର ଟଙ୍କା ଲେଖାଏଁ ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା । ୧୦ ଜଣଙ୍କୁ ରାସନ କାର୍ଡ, ୨୦ ଜଣଙ୍କୁ ଭତ୍ତା, ୩ ଜଣ ଭିନ୍ନକ୍ଷମଙ୍କୁ ବେଟରି ଚାଳିତ ସାଇକେଲ, ଜଣଙ୍କୁ ଭିନ୍ନକ୍ଷମ ପ୍ରମାଣପତ୍ର ବଣ୍ଟନ କରାଯାଇଥିଲା । ଏହି ଅବସରରେ ଆଞ୍ଚଳିକ ପରିବହନ ଅଧିକାରୀ ଦେବାଶିଷ ପାଣିଗ୍ରାହୀ, କନିଷ୍ଠ ତହସିଲଦାର କବିରାଜ ପ୍ରଧାନ, ଡିଏସପି ବିବେକାନନ୍ଦ ସ୍ୱାଇଁ, ବିଏସଏସଓ ଲକ୍ଷ୍ମୀନୃସିଂହ ପଟ୍ଟନାୟକ, ଅତିରିକ୍ତ ତହସିଲଦାର ଚିତ୍ରସେନ ଦଳେଇ, ଜିପିଡ଼ିଓ ସନ୍ତୋଷ ବେହେରାଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ ।

### ଗଞ୍ଜାମ ଜିଲ୍ଲାରେ ଅଦ୍ୟାବଧି ଧାନ କ୍ରୟ ୮୮ ପ୍ରତିଶତ

# ୧ .୨୧ ଲକ୍ଷ ଅନ୍ନଦାତାଙ୍କ ବ୍ୟାଙ୍କ୍ ଖାତାକୁ ଯାଇଛି ୧୦୫୫ କୋଟି



**ବ୍ରହ୍ମପୁର,୧୬।୨/ଏନ୍ଏନ୍ଏସ୍:** ଗଞ୍ଜାମ ଜିଲ୍ଲା ରାଜ୍ୟର ସବୁଠାରୁ ବଡ଼ କୃଷିପ୍ରଧାନ ଜିଲ୍ଲାମାନଙ୍କ ମଧ୍ୟରୁ ଅନ୍ୟତମ । ଏଠାରୁ ପ୍ରତିବର୍ଷ ଲକ୍ଷାଧିକ ଚାଷୀଙ୍କ ଠାରୁ ବିପୁଳ

**ଦିଗପହଣ୍ଡି ବ୍ଲକ୍‌ରୁ ସର୍ବାଧିକ ୯୫.୦୬ ପ୍ରତିଶତ ଧାନ କ୍ରୟ**

ପରିମାଣରେ ଧାନ କ୍ରୟ କରାଯାଇଥାଏ । ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ମତେ ଗଞ୍ଜାମ ଜିଲ୍ଲା ପ୍ରଶାସନ, ଉପଖଣ୍ଡ ପ୍ରଶାସନ ଓ ବ୍ଲକ ପ୍ରଶାସନମାନଙ୍କ ପକ୍ଷରୁ ମଣ୍ଡିଗୁଡିକର ସୁପରିଚାଳନା, ସୁବିଧାରେ ପଞ୍ଜିକରଣ, ତାସହ ତ୍ୱରିତ ଓ ସମୟୋଚିତ ଭାବେ ଚାଷୀମାନଙ୍କ ଖାତାକୁ ଆର୍ଥିକ ପ୍ରାବଧାନ ପହଞ୍ଚାଇବାକୁ ବିଭିନ୍ନ ସମୟଉପଯୋଗୀ ବ୍ୟବସ୍ଥା କରାଯାଇଛି । ଫଳ ସ୍ୱରୂପ, ଗଞ୍ଜାମ ଜିଲ୍ଲା ଚଳିତ ଧାନ କ୍ରୟ ଋତୁରେ ଉଲ୍ଲେଖନୀୟ ସଫଳତା ହାସଲ କରିଛି । ଜ଼ିଲ୍ଲାରେ ମୋଟ ୫୪,୪୬,୨୦୧ କ୍ୱିଣ୍ଟାଲ ଧାର୍ଯ୍ୟ ଲକ୍ଷ୍ୟ ମଧ୍ୟରୁ ୪୭,୯୮,୫୮୮ କ୍ୱିଣ୍ଟାଲ ଧାନ କ୍ରୟ କରାଯାଇଛି, ଯାହା ମୋଟ ଧାର୍ଯ୍ୟ ଲକ୍ଷ୍ୟର ପ୍ରାୟ ୮୮ ପ୍ରତିଶତ ପୂରଣ ହୋଇଛି । ମୋଟ ୧,୨୧,୮୧୬ ଜଣ ଚାଷୀଙ୍କ ବ୍ୟାଙ୍କ ଖାତାକୁ ଧାନବିକ୍ରି ଅର୍ଥ ବାବଦକୁ ୧୦୫୫ କୋଟିରୁ ଅଧିକ ଟଙ୍କା ଡିବିଟି ମାଧ୍ୟମରେ ପହଞ୍ଚିଛି । ଅବଶିଷ୍ଟ ବଳକା ଧାନ ଖୁବ ଶୀଘ୍ର କ୍ରୟ କରାଯିବ ବୋଲି ଗଞ୍ଜାମ ଜିଲ୍ଲାପାଳ ଭି. କୀର୍ତ୍ତି ଭାସନ୍ ପ୍ରକାଶ କରିଛନ୍ତି । ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲାର ପ୍ରତ୍ୟେକ ଯୋଗ୍ୟ ଚାଷୀଙ୍କୁ ପ୍ରୋତ୍ସାହିତ ଓ ଲାଭାନ୍ୱିତ କରିବା ସହିତ ସୁଚାରୁ ରୂପେ ଧାନ କ୍ରୟ ପ୍ରକ୍ରିୟା ସମ୍ପୂର୍ଣ୍ଣ କରିବା ପାଇଁ ସମସ୍ତ ପ୍ରୟାସ ଜାରି ରଖିଥିବା ନେଇ ଜିଲ୍ଲାପାଳ ଉଲ୍ଲେଖ କରିଛନ୍ତି ।

ଜିଲ୍ଲା ପ୍ରଶାସନ ପକ୍ଷରୁ ଦିଆଯାଇଥିବା ତଥ୍ୟ ପ୍ରକାରେ ଜିଲ୍ଲାର ବିଭିନ୍ନ ବ୍ଲକରୁ ହୋଇଥିବା ଧାନ କ୍ରୟ ମଧ୍ୟରୁ ଦିଗପହଣ୍ଡି ବ୍ଲକରୁ ୩,୬୬,୧୨୦.୦୦ କ୍ୱିଣ୍ଟାଲ ଧାନ କ୍ରୟ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିଲାବେଳେ ବର୍ତ୍ତମାନ ସୁଦ୍ଧା ମୋଟ ୩,୪୮,୦୪୭.୭୩ କ୍ୱିଣ୍ଟାଲ ଧାନ କ୍ରୟ ହୋଇଛି । ଦିଗପହଣ୍ଡି ବ୍ଲକରେ ଜ଼ିଲ୍ଲାର ସର୍ବାଧିକ ୯୫.୦୬ ପ୍ରତିଶତ ଧାନ କ୍ରୟ ହୋଇଛି । ସେହିପରି ପାତ୍ରପୁର ବ୍ଲକରେ ୩,୨୯,୨୭୦.୦୦ କ୍ୱିଣ୍ଟାଲ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିଲାବେଳେ ୩,୧୨,୫୬୦.୦୬ କ୍ୱିଣ୍ଟାଲ କ୍ରୟ ହୋଇଛି । ସେହିପରି ଧରାକୋଟ ବ୍ଲକରେ ୨,୩୮,୭୦୮.୦୩ କ୍ୱିଣ୍ଟାଲ, ବୁଗୁଡା ବ୍ଲକରେ ୧,୮୨,୧୮୬.୭୫ କ୍ୱିଣ୍ଟାଲ, ଶେରଗଡା ବ୍ଲକରେ ୧,୯୯,୩୭୯.୮୮ କ୍ୱିଣ୍ଟାଲ, କୁକୁଡାଖଣ୍ଡି ବ୍ଲକରେ ୨,୯୫,୨୩୯.୫୨ କ୍ୱିଣ୍ଟାଲ, ବେଲାଗୁଣ୍ଠାରୁ ୧,୩୬,୩୫୫.୪୪ କ୍ୱିଣ୍ଟାଲ, ସୋରଡା ବ୍ଲକରେ ୨,୨୩,୩୬୦.୯୯ କ୍ୱିଣ୍ଟାଲ, ଚିକିଟି ବ୍ଲକରେ ୧,୯୪,୦୫୮.୧୩ କ୍ୱିଣ୍ଟାଲ, ସାନଖେମୁଣ୍ଡି ବ୍ଲକରେ ୩,୦୬,୫୧୧.୨୨ କ୍ୱିଣ୍ଟାଲ, ଜଗନ୍ନାଥପ୍ରସାଦ ବ୍ଲକରେ ୧,୭୮,୭୬୦.୮୦ କ୍ୱିଣ୍ଟାଲ, ଭଞ୍ଜନଗର ବ୍ଲକରେ ୧,୮୦,୦୭୩.୪୩ କ୍ୱିଣ୍ଟାଲ, ହିଞ୍ଜିଳିକଟ୍ ବ୍ଲକରେ ୨,୪୫,୮୭୭.୫୦ କ୍ୱିଣ୍ଟାଲ, ଛତ୍ରପୁର ବ୍ଲକରେ ୧,୯୧,୧୯୪.୬୫ କ୍ୱିଣ୍ଟାଲ, ଆସ୍କା ବ୍ଲକରେ ୨,୩୦,୯୩୦.୦୨ କ୍ୱିଣ୍ଟାଲ, ପୋଲସରା ବ୍ଲକରେ ୧,୫୧,୯୫୬.୨୮ କ୍ୱିଣ୍ଟାଲ, ରଙ୍ଗେଇଲୁଣ୍ଡା ବ୍ଲକରେ ୧,୬୪,୭୪୦.୩୩ କ୍ୱିଣ୍ଟାଲ, ଗଞ୍ଜାମ ବ୍ଲକରେ ୧,୭୩,୨୯୭.୭୭ କ୍ୱିଣ୍ଟାଲ, ଖଲ୍ଲିକୋଟେ ବ୍ଲକରେ ୨,୨୧,୧୫୬.୪୧ କ୍ୱିଣ୍ଟାଲ, କବିସୂର୍ଯ୍ୟନଗରରେ ୧,୫୭,୩୯୧.୭୬ କ୍ୱିଣ୍ଟାଲ, ବେଗୁନିଆପଡା ବ୍ଲକରେ ୧,୭୫,୩୩୯.୧୪ କ୍ୱିଣ୍ଟାଲ, ପୁରୁଷୋତ୍ତମପୁରରେ ୨,୬୭,୦୮୪.୮୪ କ୍ୱିଣ୍ଟାଲ ଧାନ କ୍ରୟ ହୋଇଥିବା ଜଣାପଡିଛି । ବିଭାଗୀୟ ସୂଚନା ଅନୁଯାୟୀ, ଗଞ୍ଜାମ ଜିଲ୍ଲାରେ ୧,୫୬,୭୧୩ ଜଣ ଚାଷୀ ପଞ୍ଜିକୃତ କରିଥିବା ବେଳେ ୧,୩୦,୧୪୦ ଜଣ ଚାଷୀଙ୍କ ଠାରୁ ଧାନ କ୍ରୟ ହୋଇଛି । ଜିଲ୍ଲାରୁ ସର୍ବମୋଟ ୫୪,୪୪,୬୫୧.୫୪ କ୍ୱିଣ୍ଟାଲ ଧାନ କ୍ରୟ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିଲାବେଳେ ୪୭,୭୪,୨୧୦.୬୮ କ୍ୱିଣ୍ଟାଲ କ୍ରୟ ହୋଇଛି । ଯାହା ମୋଟ ଶତାଂଶର ୮୭.୬୯ ପ୍ରତିଶତ ବୋଲି ଜିଲ୍ଲା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି ।

## ତୃତୀୟ ଗଞ୍ଜାମ ଜିଲ୍ଲା ସ୍ୱାସ୍ଥ୍ୟ ମହୋତ୍ସବ ଉଦ୍‌ଯାପିତ



**ବ୍ରହ୍ମପୁର,୧୬।୨/ଏନ୍ଏନ୍ଏସ୍:** ସ୍ଥାନୀୟ ଖଲ୍ଲିକୋଟ ଏକକ ବିଶ୍ୱ ବିଦ୍ୟାଳୟ ଖେଳ ପଡିଆଠାରେ ତୃତୀୟ ଗଞ୍ଜାମ ଜିଲ୍ଲା ସ୍ୱାସ୍ଥ୍ୟ ମହୋତ୍ସବ-୨୦୨୬ ରବିବାର ପଞ୍ଚମ ଦିବସରେ ସମାପନ ହୋଇଛି । ଅନ୍ତିମ ରଜନୀରେ ଜନସାଧାରଣ ନିଜ ନିଜର ସ୍ୱାସ୍ଥ୍ୟ ସଂପର୍କରେ ସଚେତନ ହେବା ସହ ସୁନାମ ଧନ୍ୟ କଣ୍ଠଶିଳ୍ପୀ ଅନ୍ତରା ଚକ୍ରବର୍ତ୍ତୀଙ୍କ ସଙ୍ଗୀତ ମଜା ନେଇଥିଲେ । ଖଲ୍ଲିକୋଟ ଏକକ ବିଶ୍ୱ ବିଦ୍ୟାଳୟ ଖେଳ ପଡିଆ ପରିସରରେ ଦକ୍ଷିଣ ଓଡିଶା ଫାର୍ମାସିଷ୍ଟ ସଂଘ ସଭାପତି ବିଜୟ କୁମାର ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ଓ ସାଧାରଣ ସଂପାଦକ ବିଷ୍ଣୁ ପ୍ରସାଦ ପଣ୍ଡାଙ୍କ ଆବାହକତ୍ୱରେ ଅନୁଷ୍ଠିତ ମହୋତ୍ସବର ଉଦଯାପନୀ ଦିବସରେ ମୁଖ୍ୟ ଅତିଥି ରୂପେ କବିସୂର୍ଯ୍ୟ ନଗର୍ ବିଧାୟକ ପ୍ରତାପ ଚନ୍ଦ୍ର ନାୟକ, ସମ୍ମାନୀତ ଅତିଥି ଭାବେ ମହାନ୍ ସଙ୍ଘ ସଭାପତି ଶୁଶାନ୍ତ ସାବତ ,କାର୍ଯ୍ୟକାରି ସଭାପତି ନାରାୟଣ ମହାକୁଡ଼, ଉପ ସଭାପତି ଯଜ୍ଞ ନାରାୟଣ ଦାସ, ସଂଗଠନ ସଂପାଦକ ସିତାନୁ ପଣ୍ଡା, ଡାକ୍ତର କିରଣ କୁମାର ପାଣିଗ୍ରାହୀ, ଦେବାଶିଷ ପଣ୍ଡା, ସମିତ ସାବତ, ନାଗେଶ୍ୱର ପୃଷ୍ଟି, ନବୀନ କୁମାର ମହାପାତ୍ର, ରବି ନାରାୟଣ ପଶୁପାଳକ, ମନୋଜ ପତି, ବନମାଳୀ ପ୍ରଧାନ, ବିଜୟ ଅଧିକାରୀ, ରୋହିତ ପରିଡା, ମହେନ୍ଦ୍ର ବିଶ୍ୱାଳ,ଓ ଅନ୍ୟାନ୍ୟ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ । ସ୍ୱାସ୍ଥ୍ୟ ମହୋତ୍ସବରେ ଆଧୁନିକ ଚିକିତ୍ସା ସହ ଆୟୁର୍ବେଦ, ହୋମିଓପ୍ୟାଥିକ୍, ଯୋଗ, ପ୍ରାକୃତିକ ଚିକିତ୍ସା ଏବଂ ଭେଷଜ ଚିକିତ୍ସାଳୟ ସମ୍ବନ୍ଧିତ ୮୧ ଗୋଟି ପ୍ରଦର୍ଶନୀ ଷ୍ଟଲ ପ୍ରଦର୍ଶିତ ହୋଇଥିଲା । ସ୍ୱାସ୍ଥ୍ୟ ସମସ୍ୟାର ସମାଧାନ ଓ ସ୍ୱାସ୍ଥ୍ୟ ସଚେତନତା ଲାଗି ଆୟୋଜିତ ମହୋତ୍ସବରେ ଯୋଗଦେଇଥିବା ବିଶିଷ୍ଟ ବ୍ୟକ୍ତିମାନେ ରାଜ୍ୟର ଦ୍ୱିତୀୟ ଏମ୍ସ ଗଞ୍ଜାମ ଜିଲ୍ଲାରେ ପ୍ରତିଷ୍ଠା କରିବାର ଆବଶ୍ୟକତା ରହିଥିବା ନେଇ କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସିଡିଏମଓ ଡ଼ା. ଭବାନୀ ଶଙ୍କର ମିଶ୍ର, ଡି ପିଏମ ସୁଧୀର କାନ୍ତ ବେହେରା, ଡ଼ା ଅତୁଲ୍ୟ ପଟ୍ଟନାୟକ, ଡ଼ା ସମରେନ୍ଦ୍ର ସାହୁ,ଉପଦେଷ୍ଟା ନବୀନ କୁମାର ମହାପାତ୍ର ପ୍ରମୁଖ ଙ୍କ ସମେତ ବହୁ କର୍ମକର୍ତ୍ତା ଉପସ୍ଥିତ ଥିଲେ । ବରିଷ୍ଠ ସାମ୍ବାଦିକ ତଥା ଗାୟକ ସୁଦୀପ କୁମାର୍ ସାହୁ ଓ ନୃତ୍ୟ ଶିଳ୍ପୀ ସାଧନା ପାଢ଼ୀ ସାଂସ୍କୃତିକ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ । ଏହି ଅବସରରେ ଅନୁଷ୍ଠିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ଖ୍ୟାତନାମା ଗାୟିକା ଅନ୍ତରାଙ୍କ ସଂଗୀତର ମଜା ନେଇଥିଲେ ଦର୍ଶକ ।

## ପଞ୍ଚାୟତସ୍ତରୀୟ ଦ୍ୱିତୀୟ ପର୍ଯ୍ୟାୟ ଅଭିଯୋଗ ଶୁଣାଣି

**କୁକୁଡାଖଣ୍ଡି,୧୬।୨/ଏନ୍ଏନ୍ଏସ୍:** ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ କ୍ରମେ ଦ୍ୱିତିୟ ପର୍ଯ୍ୟାୟ ଜନ ଅଭିଯୋଗ ଶୁଣାଣୀ ଶିବିର କୁକୁଡାଖଣ୍ଡି ବ୍ଲକ ଅନ୍ତର୍ଗତ ଲୋଚାପଡା ପଞ୍ଚାୟତ ପରିସରରେ ଅନୁଷ୍ଠିତ ହୋଇଯାଇଛି । ସରପଞ୍ଚ ଏଲ୍. ମୋହନ ଦାସଙ୍କ ସଂଯୋଜନା ଅନୁଷ୍ଠିତ ଅଭିଯୋଗ ଶୁଣାଣୀରେ ତହସିଲଦାର ରାଜକିଶୋର ପଟ୍ଟନାୟକ, ସମିତି ସଭ୍ୟ ଚଣ୍ଡୀ ଚରଣ ସାହୁ, ସହକାରୀ ନିର୍ବାହୀ ଯନ୍ତ୍ରୀ ଅନୁରାଗ ରଥ, ଗୋଷ୍ଠୀ ଶିକ୍ଷା ଅଧିକାରୀ ସନ୍ତୋଷ କୁମାର ମହାପାତ୍ର, ଗୋଷ୍ଠୀ କୃଷି ଅଧିକାରୀ ସୁବ୍ରତ କୁମାର ବାରିକ, ଜିପିଓ ଅଶୋକ ପଟ୍ଟ ନାୟକ,ବିପିସି ଶ୍ରୀରାମ ପଣ୍ଡା, ସାମାଜିକ ସୁରକ୍ଷା ଅଧିକାରୀ ମନୋଜ ପ୍ରଧାନଙ୍କ ସହ ବିଭାଗୀୟ ଅଧିକାରୀ ଉପସ୍ଥିତ ରହି ଜନସାଧାରଣଙ୍କ ଅଭିଯୋଗ ଶୁଣିଥିଲେ । ଶିବିରରେ ମୋଟ ୨୦ରୁ ଉର୍ଦ୍ଧ ଅଭିଯୋଗ ଶୁଣାଣୀ ହୋଇଥିଲା । ଏଥିରେ ମୁଖ୍ୟତଃ ପାନୀୟ ଜଳ, ସୁଭଦ୍ରା ଯୋଜନା, ଭତ୍ତା ଆଦି ବହୁ ଅଭିଯୋଗ ରହିଥିଲା । ଖୁବ୍ ଶୀଘ୍ର ଅଭିଯୋଗ ଗୁଡ଼ିକ ଯାଞ୍ଚ କରି ସମାଧାନ କରାଯିବ ବୋଲି ପ୍ରଶାସନ ଅଧିକାରୀମାନେ ସାଧାରଣ ଲୋକଙ୍କୁ ଆଶ୍ୱସନା ଦେଇଥିଲେ । ଏଥିରେ ପିଇଓ ଚିନ୍ମୟ ବେହେରା ସହ ବହୁ ଜନସାଧାରଣ ଉପସ୍ଥିତ ରହିଥିଲେ ।

## ବ୍ରହ୍ମପୁର ପୁଲିସ ଜିଲ୍ଲାରେ ଇନ୍ସପେକ୍ଟରଙ୍କ ବଦଳି

**ବ୍ରହ୍ମପୁର,୧୬।୨/ଏନ୍ଏନ୍ଏସ୍:** ପ୍ରଶାସନିକ ଆବଶ୍ୟକତା ଏବଂ ଜନସ୍ୱାର୍ଥକୁ ଦୃଷ୍ଟିରେ ରଖି ବ୍ରହ୍ମପୁର ଜିଲ୍ଲା ପୁଲିସ ପକ୍ଷରୁ ସୋମବାର ୯ ଜଣ ଇନ୍ସପେକ୍ଟରଙ୍କ ବଦଳି ଏବଂ ପୋଷ୍ଟିଂ ଆଦେଶ ଜାରି ହୋଇଛି । ଆଦେଶ ନମ୍ବର ୨୫୧ ଅନୁଯାୟୀ, ସନ୍ତୋଷ କୁମାର ବେହେରାଙ୍କୁ ସଦର ଥାନାର ଆଇଆଇସି ଭାବରେ ନିଯୁକ୍ତି ଦିଆଯାଇଛି । ସେହିପରି ନାରାୟଣ ପ୍ରଧାନଙ୍କୁ ମେରାଇନ୍ ଥାନାକୁ ନିଯୁକ୍ତି ଦିଆଯାଇଛି । ସତ୍ୟ ରଞ୍ଜନ ଲେଙ୍କା ଗୋପାଳପୁର ଥାନାର ଆଇଆଇସି ଭାବରେ ଦାୟିତ୍ୱ ଗ୍ରହଣ କରିବେ । କିଶୋର କୁମାର ସାମଲଙ୍କୁ ଦିଗପହଣ୍ଡି ଥାନାକୁ ଏବଂ ଟୁନା ସାସମଲଙ୍କୁ ଗୋଳନ୍ଥରା ଥାନାକୁ ବଦଳି କରାଯାଇଛି । ବିଶ୍ୱଜିତ ନାୟକଙ୍କୁ କେ. ନୂଆଗାଁ ଥାନାର ଆଇଆଇସି ଭାବେ ନିଯୁକ୍ତି ଦିଆଯାଇଛି । ରାମ ଶୁଭ୍ରମଣ୍ୟମ୍ ପ୍ରଧାନଙ୍କୁ ଟାଉନ୍ ଥାନାର ଆଇଆଇସି ଭାବେ ନିଯୁକ୍ତି ଦିଆଯାଇଛି । ସୌଭାଗ୍ୟ କୁମାର ସ୍ୱାଇଁଙ୍କୁ ଆଇଏଏଚଟିୟୁରେ ଏବଂ ପ୍ରଶାନ୍ତ କୁମାର ମଲ୍ଲିକଙ୍କୁ ଆଇୟୁସିଏଡବ୍ଲୁରେ ନିଯୁକ୍ତି ଦିଆଯାଇଥିବା ଜଣାପଡିଛି । ସମସ୍ତ ଅଧିକାରୀ ସେମାନଙ୍କର ନୂତନ ପୋଷ୍ଟିଂ ସ୍ଥାନରେ ରିପୋର୍ଟ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ବ୍ରହ୍ମପୁର ପୁଲିସ ଅଧୀକ୍ଷକ ଏହି ନିର୍ଦ୍ଦେଶ ଜାରି କରିଛନ୍ତି ।

## ପୁରୁଷୋତ୍ତମପୁରରେ ଶିବରାତ୍ରି

**ପୁରୁଷୋତ୍ତମପୁର,୧୬।୨/ଏନ୍ଏନ୍ଏସ୍:** ପୁରୁଷୋତ୍ତମପୁର ଏନଏସି ଓ ବ୍ଲକର ବିଭିନ୍ନ ଶୈବ ପୀଠରେ ମହା ଶିବରାତ୍ରୀ ପାଳିତ ହୋଇଯାଇଛି । ରାଉଳପଲ୍ଲୀର ଗୁପ୍ତେଶ୍ୱର, ବଡ଼ଖରିଡାର କାଳେଶ୍ୱର, ଭୁତସରସିଙ୍ଗିର ବାଲୁଙ୍କେଶ୍ୱର, ସିକୁଳାର ଗୁଣେଶ୍ୱର, ଭାଟକୁମାରଡାର ପାଳଙ୍କେଶ୍ୱର, ହିଣ୍ଟୁଳାର ଅମରେଶ୍ୱର, ସୋଳଘରର ଦୁର୍ଗେଶ୍ୱର, ରାଇପୁରର ଖୁଦେଶ୍ୱର, ସୋମେଶ୍ୱର ଓ ପଞ୍ଚୁ ମହାଦେବ, ସହିତ ଏନଏସିର କୁମାରୀର କୁମାରେଶ୍ୱର, ଲଙ୍ଗଳେଶ୍ୱର, କପିଳେଶ୍ୱର, ସ୍ୱପ୍ନେଶ୍ୱର ମନ୍ଦିର ସହିତ ଅନ୍ୟାନ୍ୟ ଶିବ ମନ୍ଦିର ଗୁଡିକରେ ରୀତି ନୀତିରେ ଭକ୍ତଙ୍କ ଗହଳିରେ ଉଜାଗର ସହିତ ମହାପ୍ରଭୁ ଶିବଙ୍କ ପୂଜାର୍ଚ୍ଚନା ହୋଇଥିଲା । ମନ୍ଦିରରେ ନାମ ସଙ୍କୀର୍ତ୍ତନ, ହୋମ, ପୂଜା ଓ ଭକ୍ତଙ୍କ ପାଇଁ କପିଳେଶ୍ୱର ମନ୍ଦିରରେ ପ୍ରସାଦ ସେବନର ମଧ୍ୟ ବ୍ୟବସ୍ଥା କରାଯାଇଥିଲା । ଭକ୍ତଙ୍କ ମନୋରଞ୍ଜନ ଲାଗି ରାତ୍ରରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଶ୍ରଦ୍ଧାଳୁ ଭକ୍ତମାନେ ଭୋରରୁ ମହାପ୍ରଭୁଙ୍କୁ ଦର୍ଶନ କରିବା ସହ ମହାଦୀପ ଲଗାଇ ଉଜାଗର ପାଳନ କରିଥିଲେ । ପରେ ବେଢା ବୁଲି ସକାଳେ ନିଜ ନିଜ ଘରକୁ ଫେରିଥିଲେ ଅସଂଖ୍ୟ ଭକ୍ତ । ସେହିପରି ପୁରୁଷୋତ୍ତମପୁର ବ୍ଲକର ରାମଚନ୍ଦ୍ରଙ୍କ ପୂଜିତ ଶୈବ ପୀଠତୁମ୍ବେଶ୍ୱରଙ୍କ ପୀଠରେ ମନ୍ଦିର ଟ୍ରଷ୍ଟି ଥିବା ପୁରୁଷୋତ୍ତମପୁର ତହସିଲଦାର ବିନୋଦ କୁମାର ବେହେରା, ମନ୍ଦିର ପାଳିଆ ସେବାୟତ ତାରିଣୀ ଚରଣ ରାଉଳ , କରଣ, କାର୍ଜି, ଶଙ୍ଖୁଆ, କାହାଳିଆ, ବ୍ରାହ୍ମଣ ପୁରୋହିତ ଅନ୍ୟାନ୍ୟ ସେବାୟତ, ଭଦ୍ର ବ୍ୟକ୍ତି, ପୋଲିସ ଓଭକ୍ତ ଙ୍କ ଉପସ୍ଥିତିରେ ମହା ଆଡମ୍ବର ସହକାରେ ଓଁ ନମଃ ଶିବାୟ, ହରିବୋଲ ହୁଳହୁଳି ଶବ୍ଦରେ ତୁମ୍ବେଶ୍ୱର ଶୈବ ପୀଠ ପ୍ରକମ୍ପିତ ହୋଇଥିଲା । ହଜାର ହଜାର ଭକ୍ତଙ୍କ ସମାଗମରେ ମହାଦୀପ ଉଠିଥିଲା । ପରେ ଠାକୁରଙ୍କ ମହାସ୍ନାନ ପରେ ଭୋଗ ହୋଇ ଚତୁର୍ଦ୍ଦଶୀ ବେଢା ଓ ବଡ଼ ସିଂହାର ହୋଇ ପହୁଡ଼ ପଡିଥିଲା ।

## ସମସ୍ତ ସାଂସଦ ପ୍ରତିନିଧିଙ୍କ ପଦବୀ ରଦ୍ଦ କଲେ ସାଂସଦ

**ଫୁଲବାଣୀ,୧୬।୨/ଏନ୍ଏନ୍ଏସ୍:** କନ୍ଧମାଳ ସାଂସଦ ସୁକାନ୍ତ କୁମାର ପାଣିଗ୍ରାହୀ ଜିଲ୍ଲାର ବିଭିନ୍ନ ବ୍ଲକ, ଏନଏସି ଓ ମ୍ୟୁନିସିପାଲିଟିର ପ୍ରତିନିଧି ମାନଙ୍କ ପଦବୀ ରଦ୍ଦ କରିଛନ୍ତି । ଜିଲ୍ଲାର ୧୨ ଗୋଟି ବ୍ଲକ, ୨ଟି ଏନଏସି ସହିତ ଫୁଲବାଣୀ ମ୍ୟୁନିସିପାଲିଟିରେ ରହିଥିବା ସମସ୍ତ ୧୫ ଜଣ ସାଂସଦ ପ୍ରତିନିଧି ମାନଙ୍କ ପ୍ରତିନିଧିତ୍ୱ ତତ୍କାଳ ପ୍ରଭାବରେ ରଦ୍ଦ କରିଥିବା ନେଇ ସାଂସଦ ଜିଲ୍ଲାପାଳଙ୍କୁ ଦେଇଥିବା ଚିଠିରେ ଜଣାଇଛନ୍ତି । ସାଂସଦ ନିଜେ ବ୍ୟକ୍ତିଗତ ଭାବେ ନଜଣାଇବା ପର୍ଯ୍ୟନ୍ତ ଜିଲ୍ଲାସ୍ତରୀୟ କିମ୍ବା ବ୍ଲକ ସ୍ତରୀୟ କୌଣସି ସରକାରୀ କାର୍ଯ୍ୟକ୍ରମରେ ପ୍ରତିନିଧି ଭାବେ କାହାକୁ ସ୍ୱୀକୃତି ନଦେବା ପାଇଁ ସାଂସଦ ଜିଲ୍ଲାପାଳଙ୍କୁ କହିଛନ୍ତି । ଆଗକୁ ଅନୁଷ୍ଠିତ ହେବାକୁ ଥିବା ଯେ କୌଣସି ସରକାରୀ ବୈଠକ ଓ କାର୍ଯ୍ୟକ୍ରମ ତିଥିନେଇ ୭ ଦିନ ପୂର୍ବରୁ ଜଣାଇଲେ ନୂତନ ପ୍ରତିନିଧି ପଠାଇବା ବ୍ୟବସ୍ଥା କରିବେ ବୋଲି ସାଂସଦ ଜଣାଇଛନ୍ତି । ତେବେ ଏ ଘଟଣା ଜିଲାର ରାଜନୈତିକ ମହଲରେ ଚର୍ଚ୍ଚାର ବିଷୟ ହୋଇଛି । ସାଂସଦ ସମସ୍ତ ପ୍ରତିନିଧିଙ୍କୁ ଏକକାଳୀନ ବାହାର କରିଦେବା ପଛରେ କ'ଣ ରହସ୍ୟ ରହିଛି ବୋଲି ପ୍ରଶ୍ନ ଉଠୁଛି ।

### ଓପନ୍ ବ୍ୟାଡ୍‌ମିଣ୍ଟନ୍ ଟୁର୍ଣ୍ଣାମେଣ୍ଟ୍ -୨୦୨୬

## ଦିବ୍ୟଜିତ୍ ସିଙ୍ଗଲ୍ ଜୁନିଅର୍ ଓ ଅଭୟ ସିଙ୍ଗଲ୍ ସିନିୟର୍ ଚାମ୍ପିଅନ୍

**ଫୁଲବାଣୀ,୧୬।୨/ଏନ୍ଏନ୍ଏସ୍:** ଜିଲ୍ଲା ପ୍ରଶାସନ ପକ୍ଷରୁ ପୁଲମା ଶହୀଦ ସ୍ମୃତିରେ ଫୁଲବାଣୀ ଇଣ୍ଡୋର୍ ଷ୍ଟାଡିୟମ୍‌ରେ ଅନୁଷ୍ଠିତ ବ୍ୟାଡମିଣ୍ଟନ ଟୁର୍ଣ୍ଣାମେଣ୍ଟରେ ଦିବ୍ୟଜିତ ମହାନ୍ତି ଜୁନିଅର ସିଙ୍ଗଲରେ ଚାମ୍ପିଅନ ହୋଇଥିବା ବେଳେ ସିନିଅର ସିଙ୍ଗଲ ମ୍ୟାଚ୍‌ରେ ଅଭୟ ସାହୁ ଚାମ୍ପିଅନ ହୋଇଛନ୍ତି । ସେହିପରି ଜୁନିଅର ଡ଼ବଲସ ରେ ଦିବ୍ୟଜିତ ମହାନ୍ତି ଓ ଅଭିଜିତ କହଁର ଚାମ୍ପିଅନ ହୋଇଥିବା ବେଳେ ସିନିୟର୍ ଡବଲସ୍‌ରେ ଶ୍ରୀକାନ୍ତ ନନ୍ଦ ଓ ରାଜୀବ ସ୍ୱାଇଁ ଚାମ୍ପିଅନ ହେଇଛନ୍ତି । ଏହି ଅବସରରେ ଆୟୋଜିତ ସଭାରେ ପୋଲିସ ଆର୍ ଆଇ ବିରସିଂ ଶବର ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଥିବା ବେଳେ ସମ୍ମାନୀତ ଅତିଥି ଭାବେ ହୋମ ଗାର୍ଡ ଆର୍ ଆଇ ବାଲୁଙ୍କେଶ୍ୱର କଛପ ଓ ପୋଲିସ୍ ସର୍ଜେଣ୍ଟ ଭବାନୀ ଶଙ୍କର ନାୟକ ପ୍ରମୁଖ ଯୋଗ ଦେଇ ଖେଳ ହିଁ ଏକ ମାତ୍ର ମାଧ୍ୟମ ଯାହା ଶରୀର ଓ ମନକୁ ସୁସ୍ଥ ରଖିଥାଏ, ଏଣୁ ସମସ୍ତେ ପାଠ ପଢିବା ସହ ଖେଳରେ ଭାଗ ନେବାକୁ ପରାମର୍ଶ ଦେଇଥିଲେ । ସେହିପରି ମୁଖ୍ୟ ଅତିଥି ଶବର ବିଜେତାଙ୍କୁ ମାନପତ୍ର ଓ ଟ୍ରଫି ପ୍ରଦାନ କରିବା ସହ ଉତ୍ସାହିତ କରିଥିଲେ । ଜିଲ୍ଲା କ୍ରୀଡ଼ା ଅଧିକାରୀ ସମୀର ନାୟକ ଓ କୋଚ୍ ଅସୀମ କୁମାର ନାୟକ ମ୍ୟାଚ୍ ପରିଚାଳନା କରିଥିଲେ ।

## ମାଟ୍ରିକ୍ ପରୀକ୍ଷା ପାଇଁ କେନ୍ଦ୍ର ଅଧୀକ୍ଷକ ଓ ପର୍ଯ୍ୟବେକ୍ଷକ ବୈଠକ



**ଫୁଲବାଣୀ,୧୬।୨/ଏନ୍ଏନ୍ଏସ୍:** ଆଗାମୀ ମାଟ୍ରିକ ପରୀକ୍ଷା ପାଇଁ ପି. ଏମ. ଶ୍ରୀ ଏ. ଜେ. ଓ. ସରକାରୀ ଉଚ୍ଚ ବିଦ୍ୟାଳୟ ସଭାଗୃହରେ ପରୀକ୍ଷା କେନ୍ଦ୍ର ଅଧୀକ୍ଷକ ଓ ପର୍ଯ୍ୟବେକ୍ଷକଙ୍କୁ ନେଇ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ଶିକ୍ଷା ଅଧିକାରୀ ରାଜେଶ କୁମାର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଏହି ବୈଠକ ଅନୁଷ୍ଠିତ ହୋଇଥିଲା । ଜିଲ୍ଲାରେ ୭୧ଟି ପରୀକ୍ଷା କେନ୍ଦ୍ର କରାଯିବ । ଜିଲ୍ଲା ରେ ମୋଟ ୧୧୭୧୭ ଜଣ ଛାତ୍ରଛାତ୍ରୀ ଦଶମ ପରୀକ୍ଷା ଦେବେ ସେଥି ମଧ୍ୟରୁ ୧୫୫ ଜଣ ମଧ୍ୟମା ଏବଂ ୫୭୫ ଜଣ ଛାତ୍ରଛାତ୍ରୀ ରାଜ୍ୟ ମୁକ୍ତ ପରୀକ୍ଷା ପାଇଁ ଫର୍ମ ପୂରଣ କରିଛନ୍ତି । ତ୍ରୁଟି ଶୂନ୍ୟ ପରୀକ୍ଷା ପରିଚାଳନା ପାଇଁ ଜିଲ୍ଲା ଶିକ୍ଷା ଅଧିକାରୀ ପରାମର୍ଶ ଦେଇଥିଲେ । ପରୀକ୍ଷା କେନ୍ଦ୍ରକୁ ମୋବାଇଲ ଫୋନ, ଇଲେକ୍ଟ୍ରୋନିକ୍ସ ଉପକରଣ ନନେବା ପାଇଁ ଆଲୋଚନା ହୋଇଥିଲା । ନୋଡାଲ କେନ୍ଦ୍ର ଓ ପରୀକ୍ଷା କେନ୍ଦ୍ରରେ ପୋଲିସ ସହାୟତା, ସ୍କୁଲ ଗେଟ ଭିତରକୁ ବାହାର ଲୋକଙ୍କ ଅନୁପ୍ରବେଶ ନିଷେଧ, ଓଡିଶା ପରୀକ୍ଷା ପରିଚାଳନା ଆଇନ କଡାକଡି ପାଳନ କରିବା, ତ୍ରୁଟି ଶୂନ୍ୟ ପରୀକ୍ଷା ପରିଚାଳନା ଆଦି ଉପରେ ଜିଲ୍ଲା ଶିକ୍ଷା ଅଧିକାରୀ ଆଲୋକପାତ କରିଥିଲେ । ବୈଠକରେ ନୋଡାଲ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ପାୟଲ ପଟ୍ଟନାୟକ, ଜିଲ୍ଲା ବିଜ୍ଞାନ ନିରୀକ୍ଷକ ସିମାଞ୍ଚଳ ସ୍ୱାଇଁ, ବିଜ୍ଞାନ ସଂଯୋଜକ ରାଜ କୁମାର ସାହୁ, ବରିଷ୍ଠ ସହାୟକ ରାଜେନ୍ଦ୍ର କୁମାର ରଣା, ଅଶ୍ୱିନୀ କୁମାର ପରିଛା ଓ ବିଦ୍ୟାଳୟର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ ।

### ଆଜିଠୁ ଆରମ୍ଭ ସିବିଏସ୍‌ଇ ଦଶମ ବୋର୍ଡ଼ ପରୀକ୍ଷା

# ପାଠପଢ଼ାରେ ନିମଗ୍ନ ଆସିକା ଅଞ୍ଚଳର ଶହଶହ ପରୀକ୍ଷାର୍ଥୀ

**ଆସିକା,୧୬।୨/ଏନ୍ଏନ୍ଏସ୍:** କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ଚଳିତ ବର୍ଷର (ସିବିଏସ୍ଇ) ଦଶମ ପରୀକ୍ଷା ଆସନ୍ତାକାଲି ଅର୍ଥାତ୍ ୧୭ ତାରିଖ ଠାରୁ ଆରମ୍ଭ ହେବ । ପରୀକ୍ଷାରେ କିଭଳି ପ୍ରଶ୍ନପତ୍ର ଆସିବ ତାହାକୁ ନେଇ ପରୀକ୍ଷାର୍ଥୀଙ୍କ ମନରେ ନାନା ପ୍ରଶ୍ନ ସୃଷ୍ଟି ହେଉଥିବା ଦେଖିବାକୁ ମିଳିଛି । ସିବିଏସ୍ଇ ଦଶମ ଶ୍ରେଣୀ ବୋର୍ଡ ପରୀକ୍ଷାରେ ଭଲ ଫଳ ପ୍ରଦର୍ଶନ କରିବା ପାଇଁ କିଏ ଦିନରାତି ଏକାକାର କରି ପାଠ ପଢାରେ ନିମଗ୍ନ ରହୁଥିବା ବେଳେ ଅନ୍ୟ କିଏ ଦିନରେ ୧୨ ଘଣ୍ଟାରୁ ୧୪ଘଣ୍ଟା ପରିଶ୍ରମ କରୁଥିବା ଜଣାପଡିଛି । ମେଧାବୀ ପରୀକ୍ଷାର୍ଥୀ ମାନେ ଭଲ ର୍ୟାଙ୍କ ଯେପରି ପାଇପାରିବେ ସେଥିପାଇଁ ପ୍ରସ୍ତୁତି ଚଳାଇଥିବା ବେଳେ କମ୍ ମେଧାବୀ ଛାତ୍ରଛାତ୍ରୀ ମାନେ ପାସ୍ ମାର୍କକୁ ଦୃଷ୍ଟିରେ ରଖି ପଢା ଜାରି ରଖିଛନ୍ତି । ଛାତ୍ରଛାତ୍ରୀଙ୍କ ଜୀବନରେ ଦଶମ ବୋର୍ଡ ପରୀକ୍ଷାର ଏକ ସ୍ୱତନ୍ତ୍ରତା ରହିଛି । ଏହାର ପରବର୍ତ୍ତୀ ଅବସ୍ଥାରେ ଶିକ୍ଷାର୍ଥୀ ମାନଙ୍କ ପାଇଁ ପାଠପଢାର ଏକ ନୂଆ ଯାତ୍ରା ଆରମ୍ଭ ହୋଇଥାଏ । ଛାତ୍ରଛାତ୍ରୀମାନେ କିପରି ଆଗାମୀ ସିବିଏସ୍ଇ ଦଶମ ବୋର୍ଡ ପରୀକ୍ଷାରେ ଚିନ୍ତାଗ୍ରସ୍ତ ଓ ଭୟଭୀତ ନହୋଇ ଭଲ ଫଳ ପ୍ରଦର୍ଶନ କରିବେ ତାହାକୁ ଦୃଷ୍ଟିରେ ରଖି ଆସିକା ଅଞ୍ଚଳର ବହୁ ଶିକ୍ଷାନୁଷ୍ଠାନର ଅଧ୍ୟକ୍ଷ ଓ ଶିକ୍ଷକ ଏବଂ ଶିକ୍ଷୟିତ୍ରୀମାନେ ମାର୍ଗଦର୍ଶନ ଦେଉଥିବା ଜଣାପଡିଛି । ଅନ୍ୟପକ୍ଷରେ ସିବିଏସ୍ଇ ଦଶମ ବୋର୍ଡ ପରୀକ୍ଷାକୁ ସୁପରିଚାଳନା କରିବା ଲାଗି କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ଚାଲିଥିବା ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି ।

ସିବିଏସ୍ଇ ଦଶମ ବୋର୍ଡ ପରୀକ୍ଷା ପାଇଁ ପ୍ରସ୍ତୁତି ଚଳାଇଥିବା କିଛି ପରୀକ୍ଷାର୍ଥୀଙ୍କ ମୁହଁରୁ-



**ଅଭିନାଶ ନାୟକ, ଦଶମ ଶ୍ରେଣୀ ଛାତ୍ର, (ଆରିୟନ୍ ପବ୍ଲିକ ସ୍କୁଲ):** ପ୍ରତ୍ୟୁଷରୁ ଉଠି ପାଠ ପଢା ଆରମ୍ଭ କରି ଦେଉଛି । ମୁଁ ଯେପରି ପ୍ରସ୍ତୁତି ଚଳାଇଛି ଭଲ ର୍ୟାଙ୍କ ମିଳିବ ବୋଲି ଆଶା ରଖିଛି ।



**ପ୍ରିନ୍ସ ପ୍ରଧାନ(ଛାତ୍ର) ଆରିୟନ୍ ପବ୍ଲିକ ସ୍କୁଲ:** ମାଟ୍ରିକ୍ ପରୀକ୍ଷା ପାଇଁ ମୁଁ ଜୋରଦାର ପ୍ରସ୍ତୁତି ଚଳାଇଛି । ପରୀକ୍ଷାରେ ସଫଳତାର ସହ କୃତକାର୍ଯ୍ୟ ହେବାକୁ ପ୍ରୟାସ ଜାରି ରଖିଛି ।



**ଆଶିଷ୍ କୁମାର ସ୍ୱାଇଁ (ଛାତ୍ର) ପିଏମ୍ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ:** ପରୀକ୍ଷା ସମୟ ପାଖେଇ ଆସୁଥିବାରୁ ଅଧିକ ସମୟ ପାଠପଢାରେ କାଟୁଛି ।



**ସାଗରିକା ପାଢୀ (ଦଶମ ଶ୍ରେଣୀ ଛାତ୍ରୀ) ପିଏମ୍ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ:** ପରୀକ୍ଷାରେ ଭଲଫଳ ପ୍ରଦର୍ଶନ କରିବା ଲାଗି ପ୍ରୟାସ ଜାରି ରଖିଛି ।



**ପ୍ରଶାନ୍ତ କୁମାର ନାୟକ (ଅଭିଭାବକ):** ସିବିଏସ୍ଇ ଦଶମ ବୋର୍ଡ ପରୀକ୍ଷାରେ କୃତକାର୍ଯ୍ୟ ହେବା ଲାଗି ଛାତ୍ରଛାତ୍ରୀମାନେ ଆତ୍ମବିଶ୍ୱାସର ସହ ଆଗକୁ ଆଗ୍ରସର ହେବା ଓ ପରୀକ୍ଷାରେ ଭଲ ମାର୍କ ପାଇବା ସକାଶେ କଠିନ ପରିଶ୍ରମ କରିବା ନିତାନ୍ତ ଆବଶ୍ୟକ ।



**ଦିବାକର ପ୍ରଧାନ (ଅଭିଭାବକ):** ପରୀକ୍ଷା ଛାତ୍ରଛାତ୍ରୀମାନଙ୍କର ଦକ୍ଷତାକୁ ଆକଳନ କରି ଉଜ୍ଜଳ ଭବିଷ୍ୟତ ଗଠନ ଦିଗରେ ଅଗ୍ରସର ହେବା ପାଇଁ ପ୍ରେରଣା ଓ ମାର୍ଗଦର୍ଶନ ଦେଇଥାଏ । ତେଣୁ ପରୀକ୍ଷାର୍ଥୀମାନେ ସରଳ ଭାଷା ଓ ସୁନ୍ଦର ଅକ୍ଷରରେ ସମସ୍ତ ପ୍ରଶ୍ନର ଉତ୍ତର ସଠିକ୍ ଭାବେ ଲେଖିବେ ବୋଲି ମୋର ଦୃଢ ବିଶ୍ୱାସ ।

## ବିଜେଡି, କଂଗ୍ରେସ ଓ ବିଜେପି ବିଧାୟକ ଦଳ ବୈଠକ

# ରଣନୀତି ସହ ୩ ଦଳ ପ୍ରସ୍ତୁତ



**ଭୁବନେଶ୍ୱର,୧୬।୨/ଏନ୍‌ଏନ୍‌ଏସ୍:** ଆସନ୍ତାକାଲି ଠାରୁ ଆରମ୍ଭ ହେବ ବିଧାନସଭାର ବଜେଟ ଅଧିବେଶନ। ଏନେଇ ସୋମବାର ୩ ଦଳ ବିଜେପି, ବିଜେଡି ଓ କଂଗ୍ରେସ ବିଧାୟକ ଦଳ ବୈଠକ ବସିଥିଲା। ଯେଉଁଥିରେ ଆଉ ୩ ଦଳ ବିଧାନସଭା ପାଇଁ ନିଜ ନିଜ ରଣନୀତି ପ୍ରସ୍ତୁତ କରିଛନ୍ତି।

ସୋମବାର ଶଙ୍ଖଭବନରେ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ବସିଥିଲା ବିଜେଡି ବିଧାୟକ ଦଳ ବୈଠକ। ଏଥିରେ ନିର୍ବାଚିତ ସଭ୍ୟମାନେ ଉପସ୍ଥିତ ଥିଲେ। ଗୃହରେ ଅନୁପସ୍ଥିତ ନରହିବାକୁ ନବୀନ ପରାମର୍ଶ ଦେବା ସହ ଲୋକଙ୍କ ସ୍ୱାର୍ଥ ଅଧାରିତ ବିଭିନ୍ନ ପ୍ରସଙ୍ଗ ଉତ୍ଥାପନ କରିବାକୁ ମଧ କହିଥିଲେ। ଅନ୍ୟପକ୍ଷରେ ଦଳର ଉପନେତା ପ୍ରସନ୍ନ ଆଚାର୍ଯ୍ୟ ଗଣମାଧ୍ୟମକୁ କହିଥିଲେ ଯେ, ନବୀନ ବାବୁଙ୍କ ନେତୃତ୍ୱରେ ନିୟମିତ ଭାବରେ ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ପାଇଁ ଦୃଢ଼ ଦାବି କରାଯାଇଆସୁଛି। ୨୦୧୨ରେ, ଦିଲ୍ଲୀର ଲାଲକିଲ୍ଲା ପଡ଼ିଆରେ ଏକ ବିଶାଳ ଜନସଭା ଆୟୋଜନ କରି ଏହି ଦାବିକୁ ଭାରତ ସରକାରଙ୍କ ସମ୍ମୁଖରେ ଉପସ୍ଥାପନ କରାଯାଇଥିଲା। ପ୍ରାକୃତିକ ବିପର୍ଯ୍ୟୟ ପ୍ରବଣ ରାଜ୍ୟ ଭାବେ ଜଣା ଥିବା ଓଡ଼ିଶାକୁ ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ମିଳିଲେ, ଓଡ଼ିଶାରେ ଭିତ୍ତିଭୂମିର ବିକାଶ, ଜନଜାତି ସମ୍ପ୍ରଦାୟର ବିକାଶ ଓ ଅର୍ଥନୈତିକ ଅଭିବୃଦ୍ଧି ହାସଲ ହୋଇପରିବ। ମାତ୍ର ରାଜ୍ୟ ସରକାର ତାହା କରୁନାହାନ୍ତି। ଏହାକୁ ନେଇ ଆମ ଦଳ ସରକାରଙ୍କୁ ଘେରିବ ବୋଲି ସେ ପ୍ରକାଶ କରିଛନ୍ତି।

ସେହିପରି ବିଧାନସଭା ପରିସରରେ କଂଗ୍ରେସ ବିଧାୟକ ଦଳ ବୈଠକରେ ପିସିସି ସଭାପତି ଭକ୍ତ ଚରଣ ଦାସ ଯୋଗଦେଇ ଦଳର ରଣନୀତି ଉପରେ ଆଲୋଚନା କରିଛନ୍ତି। ଗଣମାଧ୍ୟମକୁ ବିବୃତି ଦେଇ ଶ୍ରୀ ଦାସ କହିଛନ୍ତି ଯେ ଏକ ଦାୟିତ୍ୱବାନ ବିରୋଧୀ ଦଳ ଭାବରେ ଲୋକଙ୍କ ସମସ୍ୟାକୁ ଉପସ୍ଥାପିତ କରିବା ସହ ସରକାରଙ୍କ ଉତ୍ତରଦାୟିତ୍ୱ ସୁନିଶ୍ଚିତ କରିବା ପାଇଁ ଆମେ ଦୃଢ଼ ପ୍ରତିବଦ୍ଧ। କୃଷକଙ୍କୁ ଠକାମୀ ଏବଂ ଲୁଟ, ଶିଳ୍ପସଂସ୍ଥା ଗୁଡିକର ପ୍ରଦୂଷଣ ଓ ବିସ୍ଥାପନ ସମସ୍ୟା, ମହାନଦୀ ଜଳ ବିବାଦ, କୃଷକଙ୍କୁ ମାଗଣା ବିଜୁଳି ଓ ଉପଭୋକ୍ତାଙ୍କୁ କରଛାଡ଼, ନାରୀ ସୁରକ୍ଷା ସମ୍ମାନ ଓ ନ୍ୟାୟ, ଯୁବକଙ୍କୁ ରୋଜଗାର, ଦଳିତ ଆଦିବାସୀଙ୍କୁ ଜମି ପଟ୍ଟା ପ୍ରଦାନ, ଚାକିରି କେଲେଙ୍କାରୀ ଆଦି ସମସ୍ତ ବିଷୟ ତଥା ସାଧାରଣ ଜନତାଙ୍କୁ ସରକାର ଦେଇଥିବା ପ୍ରତିଶ୍ରୁତି ପାଳନରେ ଅସମର୍ଥତା ନେଇ କଂଗ୍ରେସ ଦଳ ପକ୍ଷରୁ ସରକାରଙ୍କୁ ଘେରାଯିବା କାର୍ଯ୍ୟକ୍ରମ ରହିଛି। ବୈଠକରେ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ, ଓଡିଶା କଂଗ୍ରେସ ସହ ପ୍ରଭାରୀ ଜେଙ୍ଗୀ କୁସୁମ କୁମାରଙ୍କ ସମେତ ସମସ୍ତ ବିଧାୟକ ଉପସ୍ଥିତ ଥିଲେ।

ଅନ୍ୟପକ୍ଷରେ ବିଧାନସଭାର ୫୪ ନଂ ପ୍ରକୋଷ୍ଠରେ ବିଜେପି ବିଧାୟକ ଦଳ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସମେତ ଅନ୍ୟ ସମସ୍ତ ବିଧାୟକ ପ୍ରମୁଖ ଉପସ୍ଥିତ ଥିଲେ। ବଜେଟ ଅଧିବେଶନ ବେଳେ ବିରୋଧୀଙ୍କ ପ୍ରଶ୍ନକୁ କେମିତି କାଉଣ୍ଟର କରାଯିବ ସେନେଇ ବୈଠକରେ ରଣନୀତି ପ୍ରସ୍ତୁତ କରାଯାଇଛି।





# କିସ୍‌ର ୧୯୦୦ ଛାତ୍ରଛାତ୍ରୀ ଦେବେ +୨ ପରୀକ୍ଷା

**ଭୁବନେଶ୍ୱର,୧୬।୨/ଏନ୍‌ଏନ୍‌ଏସ୍:** ଓଡ଼ିଶା ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ (ସିଏଚ୍‌ଏସ୍‌ଇ) ଦ୍ୱାରା ପରିଚାଳିତ ଚଳିତ ବର୍ଷ +୨ କଳା, ବାଣିଜ୍ୟ ଓ ବିଜ୍ଞାନ ପରୀକ୍ଷା ଆସନ୍ତା ୧୮ ତାରିଖରୁ ଆରମ୍ଭ ହେବାକୁ ଯାଉଛି। ଏଥର କଳିଙ୍ଗ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ସୋସିଆଲ୍ ସାଇନ୍‌ସେସ୍ (କିସ୍)ରୁ ୧୯୦୦ ଛାତ୍ରଛାତ୍ରୀ ଦ୍ୱାଦଶ ପରୀକ୍ଷା ଦେବେ। କିସ୍‌ର ସର୍ବାଧିକ ୧୦୦୦ ଛାତ୍ରୀ ଓ ୯୦୦ ଛାତ୍ର ଚଳିତବର୍ଷ +୨ ପରୀକ୍ଷା ଦେବେ। ଖୋର୍ଦ୍ଧା ପ୍ରାଣନାଥ ମହାବିଦ୍ୟାଳୟରେ କଳା ଛାତ୍ରଛାତ୍ରୀଙ୍କ ପରୀକ୍ଷା କେନ୍ଦ୍ର ହୋଇଥିବା ବେଳେ ଭୁବନେଶ୍ୱର ରାଜଧାନୀ କଲେଜରେ ବିଜ୍ଞାନ ଓ ବାଣିଜ୍ୟର ଛାତ୍ରଛାତ୍ରୀମାନେ ପରୀକ୍ଷା ଦେବେ। ପ୍ରତିବର୍ଷ ଭଳି ଚଳିତ ବର୍ଷ +୨ ପରୀକ୍ଷା ଦେଉଥିବା ସମସ୍ତ ଛାତ୍ରଛାତ୍ରୀଙ୍କୁ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଆଜି ପେନ୍ ବଣ୍ଟନ କରିବା ସହ କିଭଳି ଚାପମୁକ୍ତ ହୋଇ ପରୀକ୍ଷା ଦେବେ ସେ ନେଇ ପରାମର୍ଶ ଦେଇଥିଲେ। ଏହି ଅବସରରେ ସେ ଛାତ୍ରଛାତ୍ରୀଙ୍କୁ ଶୁଭେଚ୍ଛା ଜଣାଇବା ସହ ସେମାନଙ୍କ ସଫଳତା କାମନା କରିଥିଲେ।



ସୂଚନାଯୋଗ୍ୟ କିସ୍ ପ୍ରତିଷ୍ଠା ହେବା ଦିନଠାରୁ ଆଜି ପର୍ଯ୍ୟନ୍ତ ପ୍ରତି ବର୍ଷ +୨ ପରୀକ୍ଷାରେ କିସ୍ ଶତ ପ୍ରତିଶତ ସଫଳତା ହାସଲ କରିଆସୁଛି। ବିଭିନ୍ନ ପରୀକ୍ଷା କେନ୍ଦ୍ରକୁ ଛାତ୍ରଛାତ୍ରୀଙ୍କୁ ନେବା ଆଣିବା ନିମନ୍ତେ କିସ୍ ପକ୍ଷରୁ ବ୍ୟାପକ ବସ୍ ବନ୍ଦୋବସ୍ତ କରାଯାଇଛି।

# ପଞ୍ଚଭୂତରେ ଲୀନ ହେଲେ ଗୀତା ପଟ୍ଟନାୟକ



**କଟକ,୧୬।୨/ଏନ୍‌ଏନ୍‌ଏସ୍:** ସତୀଚଉରା ଶ୍ମଶାନରେ ସୋମବାର ଓଡ଼ିଶାର ସୁନାମଧନ୍ୟ କଣ୍ଠଶିଳ୍ପୀ ଗୀତା ପଟ୍ଟନାୟକଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ସ୍ଥାନୀୟ ମହାନ୍ତିପଡା ବାସଭବନରୁ ଏକ ଶୋଭାଯାତ୍ରାରେ ତାଙ୍କ ମରଶରୀରକୁ ସତୀଚଉରା ଶ୍ମଶାନ ଯାଏ ଅଣାଯାଇଥିଲା। ସେଠାରେ କଟକର ସହରର ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କ ଶବଧାରରେ ପୁଷ୍ପମାଲ୍ୟ ପ୍ରଦାନ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସିଏମ୍‌ସି ମେୟର ସୁବାସ ସିଂହ, କଟକ ଜିଲ୍ଲା ସଂସ୍କୃତି ଅଧିକାରୀ ନଳିନୀ ସାହୁ ପ୍ରଶାସନ ପକ୍ଷରୁ ଗୀତାଙ୍କୁ ଶ୍ରଦ୍ଧାଞ୍ଜଳି ଦେଇଥିଲେ। ଗତକାଲି ସନ୍ଧ୍ୟାରେ ଗୀତା ଶେଷ ନିଃଶ୍ୱାସ ତ୍ୟାଗ କରିଥିଲେ। ୭୩ ବର୍ଷ ବୟସରେ କଟକର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ଦେହାନ୍ତ ହୋଇଥିଲା। ଗତ ୧୨ ତାରିଖରେ ଭୁବନେଶ୍ୱରରେ ଏକ ସାହିତ୍ୟ କାର୍ଯ୍ୟକ୍ରମରେ ଯୋଗଦେବା ଅବସରରେ ଅସୁସ୍ଥ ହୋଇ ଡାକ୍ତରଖାନାରେ ଭର୍ତ୍ତି ହୋଇଥିଲେ। ବ୍ରେନଷ୍ଟ୍ରୋକର ଶିକାର ହୋଇଥିବା ଜଣାପଡ଼ିଥିଲା। ୧୯୭୦ରୁ ଓଡ଼ିଆ ସଙ୍ଗୀତ ଜଗତରେ ଶୁଣିବାକୁ ମିଳିଥିଲା ଗୀତା ପଟ୍ଟନାୟକଙ୍କ ସୁରିଲା ସ୍ୱର। ୧୯୭୧ ମସିହାରେ ସେ ଆକାଶବାଣୀର ଜଣେ ସ୍ୱୀକୃତି ପ୍ରାପ୍ତ କଣ୍ଠଶିଳ୍ପୀ ହୋଇଥିଲେ। ଅକ୍ଷୟ ମହାନ୍ତିଙ୍କ ଅନେକ ଗୀତରେ କଣ୍ଠଦାନ କରି ଶ୍ରୋତାଙ୍କ ପ୍ରିୟ ଗାୟକ ପାଲଟିଥିଲେ। ପ୍ରାୟ ୧୫ଟି ଓଡ଼ିଆ ଚଳଚ୍ଚିତ୍ରରେ ସେ କଣ୍ଠଦାନ କରିଛନ୍ତି। ଶ୍ରେଷ୍ଠ ପ୍ରଚ୍ଛଦପଟ୍ଟ ଗାୟିକା ଭାବେ ସେ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ପାଇଥିଲେ। କେବଳ ଓଡ଼ିଆ ଭାଷା ନୁହେଁ ବରଂ ହିନ୍ଦୀ, ଗୁଜରାଟୀ, ରାଜସ୍ଥାନୀ ଓ ମରାଠୀ ଭାଷାରେ ମଧ ସେ ଗୀତ ଗାଇଛନ୍ତି। ଭଜନ, ଜଣାଣ, ଛାନ୍ଦ,ଚମ୍ପୁ, ଆଧୁନିକ ଗୀତ ପାଇଁ ବେଶ୍ ପରିଚିତ ଥିଲେ ଗୀତା। ଗୀତାଙ୍କ ସମ୍ପର୍କୀୟ ଭାଇ ସାରଦା ପ୍ରସନ୍ନ ପାତ୍ର ମୁଖାଗ୍ନି ଦେଇଥିଲେ।

## ସମ୍ବଲପୁରରେ "ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା" ଉଦ୍‌ଘାଟନ କଲେ କେନ୍ଦ୍ରମନ୍ତ୍ରୀ

# ଲୋକଙ୍କ ଜୀବନରେ ଉନ୍ନତି ଆଣିବା ଆମର ପ୍ରାଥମିକତା: ଧର୍ମେନ୍ଦ୍ର

**ସମ୍ବଲପୁର,୧୬।୨/ଏନ୍‌ଏନ୍‌ଏସ୍:** ଗରିବ ଓ ସାଧାରଣ ଲୋକଙ୍କ ଜୀବନରେ ଉନ୍ନତି ଆଣିବା ଆମର ପ୍ରାଥମିକତାରେ ରହିଛି। ଏହି ଲକ୍ଷ୍ୟରେ ସମ୍ବଲପୁର ଜିଲ୍ଲାରେ ବସବାସ କରୁଥିବା ୩ ଲକ୍ଷ ପରିବାର ତଥା ୧୫ ଲକ୍ଷ ଜନସାଧାରଣଙ୍କ ପାଖରେ ମୌଳିକ ସୁବିଧା ଉପଲବ୍ଧ କରାଇବା ସହ ସେମାନଙ୍କର ଶିକ୍ଷା, ସ୍ୱାସ୍ଥ୍ୟ, ରୋଜଗାର ତଥା ଜୀବନଜୀବିକା ଉପରେ ବିଶେଷ ଗୁରୁତ୍ୱ ଦିଆଯାଉଛି ବୋଲି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ସୋମବାର ସମ୍ବଲପୁର ଅଇଁଠାପାଲି ଠାରେ ଆୟୋଜିତ ସୁଭଦ୍ରା ଶକ୍ତି, ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ଏବଂ କୃଷି ଯନ୍ତ୍ରପାତି ମେଳା - ୨୦୨୬ର ଶୁଭ ଉଦଘାଟନ କରିବା ସହ ହିତାଧିକାରୀଙ୍କୁ ସରକାରୀ ଯୋଜନାର ଲାଭ ହସ୍ତାନ୍ତର କରିବା ଅବସରରେ ଶ୍ରୀ ପ୍ରଧାନ ଏହା କହିଛନ୍ତି। ଏହି ଅବସରରେ ସେ କୃଷି ଓ ଆନୁଷଙ୍ଗିକ କ୍ଷେତ୍ର ମାଧ୍ୟମରେ ସମ୍ବଲପୁରର ଚାଷୀଙ୍କ ଆର୍ଥିକ ସ୍ଥିତିକୁ ମଜଭୁତ କରିବା ପାଇଁ ଡବଲ ଇଞ୍ଜିନ ସରକାରଙ୍କ ଦୂରଦୃଷ୍ଟି ସମ୍ପର୍କରେ ଆଲୋକପାତ କରିଛନ୍ତି । କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ, 'ସମୃଦ୍ଧ କୃଷକ, ସମୃଦ୍ଧ ସମ୍ବଲପୁର'- ଏହି ସଂକଳ୍ପକୁ ପାଥେୟ କରି ଜିଲ୍ଲାର କୃଷି ଅର୍ଥନୀତିକୁ ଆଗକୁ ନେବା ଆମ ଡବଲ ଇଞ୍ଜିନ ସରକାରଙ୍କ ମୁଖ୍ୟ ଲକ୍ଷ୍ୟ। ସମ୍ବଲପୁର ଏକ କୃଷିଭିତ୍ତିକ ଜିଲ୍ଲା ହୋଇଥିବାରୁ ଏଠାରେ ସାଧାରଣ ଚାଷ ସହ ମତ୍ସ୍ୟ ଓ ଦୁଗ୍ଧ ଚାଷୀଙ୍କ ପାଇଁ ସ୍ୱତନ୍ତ୍ର ପ୍ରୋତ୍ସାହନ ଓ ସରକାରୀ ସହାୟତା ଯୋଗାଇ ଦିଆଯାଉଛି । ଏମ୍‌ସିଏଲ୍ ସହାୟତାରେ ନୂତନ ଗୋଦାମ ନିର୍ମାଣ ପାଇଁ ସହାୟତା ଦିଆଯାଇଛି । ସମ୍ବଲପୁରରେ ଥିବା ଓମଫେଡ୍ ପ୍ଲାଣ୍ଟରୁ କ୍ଷୀର ପାଉଡର, ଦହି ସମେତ ଅନ୍ୟାନ୍ୟ କ୍ଷୀର ଉତ୍ପାଦିତ ସାମଗ୍ରୀ ଉତ୍ପାଦନ କରାଯିବାର ଯୋଜନା ହେଉଛି । ଏହା ଦ୍ୱାରା ସ୍ଥାନୀୟ ଚାଷୀମାନେ ବହୁଳ ଭାବେ ଲାଭବାନ ହେବେ। ଏହାସହିତ 'କୃଷି ଉଦ୍ୟମୀ' ଯୋଜନାରେ କୋଟି କୋଟି ଟଙ୍କାର ଋଣ ସହାୟତା ପ୍ରଦାନ କରାଯାଇ ଯୁବପିଢ଼ିଙ୍କୁ ଏହି କ୍ଷେତ୍ରରେ ସ୍ୱାବଲମ୍ବୀ କରିବାକୁ ପ୍ରୟାସ କରାଯାଉଛି। ଶ୍ରୀ ପ୍ରଧାନ କହିଛନ୍ତି ଯେ ଜିଲ୍ଲାର ଗମନାଗମନ ବ୍ୟବସ୍ଥାକୁ ସୁଦୃଢ଼ କରିବା ପାଇଁ ପିଡବ୍ଲ୍ୟୁଡି ଓ ଆରଡି ପକ୍ଷରୁ ଆଗାମୀ ଦୁଇ ବର୍ଷ ମଧ୍ୟରେ ପାଖାପାଖି ସାଢେ ୩ ହଜାର କୋଟି ଟଙ୍କାର ବ୍ୟୟ ଅଟକଳରେ ବିଭିନ୍ନ ପ୍ରକଳ୍ପ କାର୍ଯ୍ୟକାରୀ ହେଉଛି। ସମ୍ବଲପୁରରେ କ୍ରିୟାନ୍ୱୟନ ହେଉଥିବା ରିଙ୍ଗ୍ ରୋଡ୍ ପ୍ରକଳ୍ପ ସମେତ ବିଭିନ୍ନ ସ୍ଥାନରେ ସଡ଼କପଥ ଭିତ୍ତିଭୂମିର ବିକାଶ, ଓଭରବ୍ରିଜ୍ ନିର୍ମାଣ ଏବଂ ଆନୁଷଙ୍ଗିକ କାର୍ଯ୍ୟକୁ ଯୁଦ୍ଧକାଳୀନ ଭିତ୍ତିରେ ଶେଷ କରାଯାଉଛି। ଏହି ମେଳା ଅବସରରେ ଶ୍ରୀ ପ୍ରଧାନ କିଛି ଆମ୍ବୁଲାନ୍ସ ସେବାର ଶୁଭାରମ୍ଭ କରିବା ସହ ଏମ୍‌ସିଏଲ୍‌ର ସିଏସ୍‌ଆର ପଦକ୍ଷେପ ଅନ୍ତର୍ଗତ ଚାଷୀମାନଙ୍କୁ ଅଧିକ କ୍ଷୀର ଦେଉଥିବା ଗାଈ ବିତରଣ କରିଥିଲେ।




**ଲାଭାର୍ଥୀଙ୍କୁ ସରକାରୀ ଯୋଜନା ହସ୍ତାନ୍ତର ସହ ଆମ୍ବୁଲାନ୍ସ ସେବାର ଶୁଭାରମ୍ଭ**

# ଦୟାନଦୀରେ ଆନ୍ତଃ ନଦୀ ଜଳ ସଂରକ୍ଷଣ ପ୍ରକଳ୍ପର ଭୂମି ପୂଜନ

- ବର୍ଷ ସାରା ଜଳ ସଂରକ୍ଷଣ କରିବ ଏହି ପ୍ରକଳ୍ପ: ବାବୁ ସିଂ
- ଭୂତଳ ଜଳସ୍ତର ବୃଦ୍ଧି ଓ ବନ୍ୟା ନିୟନ୍ତ୍ରଣ ବି କରିବ
- ମୋଟ ବ୍ୟୟବରାଦ ୬୩ କୋଟି ଟଙ୍କା

**ଭୁବନେଶ୍ୱର,୧୬।୨/ଏନ୍‌ଏନ୍‌ଏସ୍:** ସୋମବାର ଏକାମ୍ର ନିର୍ବାଚନ ମଣ୍ଡଳୀ ଟିକରପଡା ପଞ୍ଚାୟତର ଗଙ୍ଗେଶ୍ୱରପୁର ନିକଟ ଦୟାନଦୀରେ ୬୩ କୋଟି ଟଙ୍କାର ଆନ୍ତଃ ନଦୀଜଳ ସଂରକ୍ଷଣ ପ୍ରକଳ୍ପର ଭୂମି ପୂଜନ ହୋଇଯାଇଛି। ଭୂମି ପୂଜନ ଉତ୍ସବରେ ଏକାମ୍ର ବିଧାୟକ ବାବୁ ସିଂ, ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ, ଭୁବନେଶ୍ୱର ବ୍ଲକ୍ ଅଧ୍ୟକ୍ଷ ନିରୁପମା ସାହୁ ଅତିଥିଭାବେ ଯୋଗଦେଇ ଏହି ପ୍ରକଳ୍ପକୁ ଶୁଭ ଦେଇଥିଲେ। ଏକାମ୍ର ବିଧାୟକ ବାବୁ ସିଂ ଙ୍କ ପ୍ରଚେଷ୍ଟାରେ ଉକ୍ତ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ ହୋଇଥିଲା ।

ଏହି ଅବସରରେ ବିଧାୟକ ବାବୁ ସିଂ କହିଛନ୍ତି ଯେ ପ୍ରଗତି ପଥେ ଆମ ଏକାମ୍ର ନିର୍ବାଚନ ମଣ୍ଡଳୀ। ଏହି ପ୍ରକଳ୍ପର ମୁଖ୍ୟ ଉଦ୍ଦେଶ୍ୟ ବର୍ଷସାରା ଜଳ ସଂରକ୍ଷଣ, ଭୂତଳ ଜଳସ୍ତର ବୃଦ୍ଧି, ଜଳସେଚନ, ପାନୀୟ ଜଳ ଯୋଗାଣ, ଶିଳ୍ପ ଆବଶ୍ୟକତା ଏବଂ ବନ୍ୟା ନିୟନ୍ତ୍ରଣ କରିବା। ଆନ୍ତଃ ନଦୀ ଜଳ ସଂରକ୍ଷଣ ପ୍ରକଳ୍ପର ମୁଖ୍ୟ ବିଶେଷତା ହେଉଛି ନଦୀରୁ ବୃଥାରେ ଯାଉଥିବା ଜଳକୁ ସଂରକ୍ଷଣ କରିବା। ବର୍ଷସାରା ଜଳପ୍ରବାହ ସଂରକ୍ଷଣ କରି ଭୂତଳ ଜଳସ୍ତରର ପରିବର୍ତ୍ତନକୁ ହ୍ରାସ କରିବା, ପାନୀୟ ଜଳ, ଘରୋଇ, ଜଳସେଚନ, ଶିଳ୍ପ ଏବଂ ମତ୍ସ୍ୟ ବିକାଶ ଆବଶ୍ୟକତା ପୂରଣ କରିବା ଏବଂ ବନ୍ୟା ନିୟନ୍ତ୍ରଣ କରିବା ପାଇଁ ଏହି ଯୋଜନା ଲକ୍ଷ୍ୟ ବୋଲି ବିଧାୟକ ଶ୍ରୀ ସିଂ କହିଛନ୍ତି। ଏହି କାର୍ଯ୍ୟକ୍ରମରେ ଅରୁଣ ପୁରୋହିତ, ବିଭୂତି ପ୍ରଧାନଙ୍କ ସମେତ ସମସ୍ତ ସରପଞ୍ଚ, ସମିତି ସଭ୍ୟ, ୱାର୍ଡ଼ ସଭ୍ୟ,ମଣ୍ଡଳ ସଭାପତି ଉପସ୍ଥିତ ଥିଲେ ।



## କିଟ୍ ବିଶ୍ୱବିଦ୍ୟାଳୟର ୨୨ତମ ପ୍ରତିଷ୍ଠା ଦିବସ

# ୪ଙ୍କୁ କିଟ୍ ଜୀବନବ୍ୟାପୀ ସାଧନା ପୁରସ୍କାର



**ଭୁବନେଶ୍ୱର,୧୬।୨/ଏନ୍‌ଏନ୍‌ଏସ୍:** ସୋମବାର କିଟ୍ ବିଶ୍ୱବିଦ୍ୟାଳୟ ୨୨ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ କଲମ୍ବିଆ ହସ୍ପିଟାଲିଟି ପ୍ରତିଷ୍ଠାତା ତଥା ଅଧ୍ୟକ୍ଷ ଜନ୍ ଓପେନହାଇମର; କଲମ୍ବୋ ହୁନୁପିଟିଆ ଗଙ୍ଗାରାମାୟ ମନ୍ଦିରର ମୁଖ୍ୟ ପଦାଧିକାରୀ ଡ କିରିଣ୍ଡେ ଆସାଜି ନାୟକ ଥେରୋ; ଦି ପ୍ରିଣ୍ଟର୍ସ (ମହୀଶୂର) ପ୍ରାଇଭେଟ୍ ଲିମିଟେଡର ନିର୍ଦ୍ଦେଶକ ଏବଂ ପ୍ରେସ୍ ଟ୍ରଷ୍ଟ ଅଫ୍ ଇଣ୍ଡିଆ ବୋର୍ଡର ପ୍ରାକ୍ତନ ନିର୍ଦ୍ଦେଶକ କେ.ଏନ୍. ଶାନ୍ତ କୁମାର ଏବଂ ତିବତୀୟ ବୌଦ୍ଧ ଧର୍ମର ଗୁରୁ ତଥା ସ୍ୱିଜରଲ୍ୟାଣ୍ଡର ରିପା ଇଣ୍ଟରନ୍ୟାସନାଲ୍ ସେଣ୍ଟରର ଆଧ୍ୟାତ୍ମିକ ନିର୍ଦ୍ଦେଶକ ଗେଡରୁଲ୍ ଜିଗମେ ରିନପୋଚେ ପ୍ରମୁଖ ଯୋଗଦେଇ ପ୍ରତିଷ୍ଠା ଦିବସ ବକ୍ତୃତା ପ୍ରଦାନ କରିଥିଲେ। ଏହି ଅବସରରେ ସେମାନଙ୍କୁ କିଟ ଜୀବନବ୍ୟାପୀ ସାଧନା ପୁରସ୍କାର ପ୍ରଦାନ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ଉଦବୋଧନ ଦେଇ ଓପେନହାଇମର କହିଥିଲେ ଯେ ସିଆଟେଲର କିଟ୍ ଓ କିସ୍ ପରିଦର୍ଶନ କରି ସେ ଗଭୀର ଭାବରେ ଭାବପ୍ରବଣ ହୋଇଛନ୍ତି। କିଟ୍ ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇ ସେ କହିଥିଲେ ଯେ ଏହି ସମାଜ ପ୍ରତି ତୁମର ଯେଉଁ ଅବଦାନ ରହିଛି ତାହା କିଛି କମ୍ ନୁହେଁ। ନିଜ ସମ୍ପ୍ରଦାୟ, ପରିବାର, ଦେଶ ଓ ବିଶ୍ୱକୁ ଏକ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ଦେବାର ସୁଯୋଗ ଛାତ୍ରଛାତ୍ରୀଙ୍କ ନିକଟରେ ଅଛି। ଛାତ୍ରଛାତ୍ରୀମାନେ ନିଜ ହୃଦୟକୁ ଅନୁସରଣ କରିବା ଉଚିତ। କାରଣ ଏହା ତୁମମାନଙ୍କୁ ତୁମ ଉଦ୍ଦେଶ୍ୟ ସହିତ ଯୋଡ଼ି ରଖିବା ସହ ନିଷ୍ପତ୍ତି ନେବା ସହଜ କରିଦିଏ। ଯଦି ତୁମେ ତୁମ ହୃଦୟକୁ ଅନୁସରଣ କର, ତେବେ ନିଷ୍ପତ୍ତି ନେବା ସହଜ ହୋଇଯାଏ। ବିଶିଷ୍ଟ ସାମ୍ବାଦିକ କେ.ଏନ୍. ଶାନ୍ତ କୁମାର କହିଥିଲେ ଯେ କିଟ୍ କେବଳ ଅନୁଷ୍ଠାନ ନୁହେଁ; ଏହା ଏକ ଦୃଷ୍ଟିକୋଣ ବୋଲି କହିବା ସହ ଦାୟିତ୍ୱପୂର୍ଣ୍ଣ ନାଗରିକ ସାମ୍ବାଦିକତାରେ ସାମିଲ ହେବାକୁ ଛାତ୍ରମାନଙ୍କୁ ଆହ୍ୱାନ କରିଥିଲେ। ଜିଜ୍ଞାସୁ ରହିବା, ବିଶ୍ୱସନୀୟତାକୁ ମୂଲ୍ୟ ଦେବା ଓ ସ୍ଥିରତା ନିର୍ମାଣ କରିପାରିଲେ ସାମ୍ବାଦିକତା ଜରିଆରେ ଲୋକ କଲ୍ୟାଣ ହୋଇପାରିବ ବୋଲି ସେ କହିଥିଲେ। ଡ କିରିଣ୍ଡେ ଆସାଜି ନାୟକ ଥେରୋ କିଟ୍‌ର ପ୍ରତିଷ୍ଠା ଦିବସକୁ 'ଇତିହାସର ଆଧ୍ୟାତ୍ମିକ ପୁନର୍ମିଳନ ଭାବରେ ବର୍ଣ୍ଣନା କରିଥିଲେ। ସେ କହିଥିଲେ ଯେ 'ମୁଁ ଅନେକ ଦେଶ ଗସ୍ତ କରିଛି, ଅନେକ ପ୍ରତିଷ୍ଠାନ ଦେଖିଛି, କିନ୍ତୁ କରୁଣା, ଶୃଙ୍ଖଳା, ମାନବତା ଓ ଦୃଷ୍ଟିକୋଣ ଆଦିର ମିଳନ ହୋଇଥିବା କିଟ୍ ଓ କିସ୍ ଭଳି ଅନୁଷ୍ଠାନ ବହୁତ କମ୍ ଦେଖିଛି। ରିନପୋଚେ କହିଥିଲେ ଯେ ସଫଳତା ହାସଲ କରୁଥିବା ଅନେକ ଲୋକ ଅଛନ୍ତି, କିନ୍ତୁ ବହୁତ କମ୍ ଲୋକ ନମ୍ର ହୋଇ ରହନ୍ତି। ମୋ ପାଇଁ, ଏହା ପ୍ରକୃତ ସଫଳତା ବୋଲି ସେ କହିଥିଲେ। ସ୍ୱାଗତ ଭାଷଣ ଦେଇ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ କହିଥିଲେ ଯେ ନୀରବ, ଦୃଢ଼ ସଂକଳ୍ପ ଓ ଏକ ଦୂରଦୃଷ୍ଟି ସହିତ କିଟ୍‌ର ଯାତ୍ରା ଆରମ୍ଭ ହୋଇଥିଲା । ଏହାକୁ ପଛକୁ ଫେରି ଚାହିଁ ଦେଖିଲେ, ଆମେ ଯାହା କିଛି ସଫଳତା ହାସଲ କରିଛୁ ତାହା କିଟ୍, କିସ ଓ କିମ୍‌ସର କର୍ମଚାରୀ, ଛାତ୍ରଛାତ୍ରୀଙ୍କ ମିଳିତ ପ୍ରୟାସ ଯୋଗୁଁ ହିଁ ସମ୍ଭବ ହୋଇପାରିଛି ବୋଲି ସେ କହିଥିଲେ।

**କିଟ୍ କେବଳ ଅନୁଷ୍ଠାନ ନୁହେଁ; ଏହା ଏକ ଦୃଷ୍ଟିକୋଣ**



### ଜାନୁଆରୀରେ ପାଇକାରୀ ମୁଦ୍ରାସ୍ଫୀତି ୧.୮୧%କୁ ବୃଦ୍ଧି

## ୧୦ ମାସରେ ସର୍ବୋଚ୍ଚ ସ୍ତର

**ନୂଆଦିଲ୍ଲୀ,୧୬।୨/ଏଜେନ୍ସି:** ମୁଖ୍ୟତଃ ପନିପରିବା ମୂଲ୍ୟରେ ତୀବ୍ର ବୃଦ୍ଧି, ମୌଳିକ ଧାତୁ, ଅନ୍ୟାନ୍ୟ ଉତ୍ପାଦିତ ସାମଗ୍ରୀ, ଅଣ-ଖାଦ୍ୟ ଏବଂ ଖାଦ୍ୟ ସାମଗ୍ରୀ ଏବଂ ବୟନଶିଳ୍ପର ମୂଲ୍ୟ ବୃଦ୍ଧି ଯୋଗୁଁ ଜାନୁଆରୀ ୨୦୨୬ରେ ଭାରତର ଡବ୍ଲ୍ୟୁପିଆଇ ବା ହୋଲସେଲ୍ ଦରଦାମ୍ ହାର (ପାଇକରୀ) ୧.୮୧%କୁ ବୃଦ୍ଧି ପାଇଛି। ଗତ ଡିସେମ୍ବର ମାସ ଶେଷ



ସୁଦ୍ଧା ଏହା ୦.୮୩% ରହିଥିଲା। ଜାନୁଆରୀ ୨୦୨୫ଠାରେ ଏହା ୨.୫୧% ଥିଲା। ତେବେ ଏହି ୧.୮୧% ହାର ଗତ ୧୦ ମାସରେ ସର୍ବୋଚ୍ଚ ସ୍ତର। ଏହି ସମୟରେ କୋର୍ ଡବ୍ଲ୍ୟୁପିଆଇ ଦରଦାମ୍ ୩.୨% କୁ ବୃଦ୍ଧି ପାଇଛି, ଯାହା ବିଭିନ୍ନ ଶିଳ୍ପରେ କଞ୍ଚାମାଲ ଖର୍ଚ୍ଚ ବଢୁଥିବା ସଙ୍କେତ ଦେଉଛି। ଯଦିଓ ଖାଦ୍ୟ ସାମଗ୍ରୀ ମହଙ୍ଗା ହୋଇଛି, କିନ୍ତୁ ଇନ୍ଧନ ଏବଂ ଶକ୍ତି କ୍ଷେତ୍ରରେ କିଛିଟା ଆଶ୍ୱସ୍ତି ମିଳିଛି। ଏହି ବର୍ଗରେ ମୁଦ୍ରାସ୍ଫୀତି ହାର -୪.୦୧% ରହିଛି, ଯାହା ଡିସେମ୍ବର ମାସର -୨.୩୧% ତୁଳନାରେ ଅଧିକ ହ୍ରାସ ପାଇଛି। ସରକାରଙ୍କ ଦ୍ୱାରା ଜାରି ତଥ୍ୟ ଅନୁସାରେ, ନଭେମ୍ବର ମାସର ଡବ୍ଲ୍ୟୁପିଆଇ ତଥ୍ୟକୁ ସଂଶୋଧନ କରାଯାଇଛି। ପୂର୍ବରୁ ଏହା ଯେତିକି ଅନୁମାନ କରାଯାଉଥିଲା, ବାସ୍ତବରେ ଦରଦାମ ବୃଦ୍ଧିର ଚାପ ତା'ଠାରୁ ଅଧିକ ରହିଛି। ଖାଦ୍ୟ ପଦାର୍ଥର ଦର ବୃଦ୍ଧି ସାଧାରଣ ଖାଉଟିଙ୍କ ଉପରେ ଚାପ ପକାଇଛି। ଅର୍ଥନୀତିଜ୍ଞମାନେ ପନିପରିବା ମୂଲ୍ୟ ବୃଦ୍ଧି ପାଇଁ ଯୋଗାଣ ଅଭାବ ଏବଂ ଅନୁକୂଳ ମୂଳ ପ୍ରଭାବକୁ ଦାୟୀ କରନ୍ତି।

## ଅହମଦାବାଦ୍‌ର ଅନେକ ସ୍କୁଲ୍‌କୁ ବୋମା ଧମକ

**ଅହମଦାବାଦ୍,୧୬।୨/ଏଜେନ୍ସି:** ଗୁଜରାଟର ଅହମଦାବାଦ ଏବଂ ବଡୋଦରାରେ ଥିବା ଏକାଧିକ ସ୍କୁଲକୁ ବୋମା ଧମକ ମିଳିଛି। ଧମକପୂର୍ଣ୍ଣ ଇମେଲ୍ ମିଳିବା ପରେ ସ୍କୁଲଗୁଡ଼ିକୁ ଖାଲି କରାଯାଇ ଛାତ୍ରଛାତ୍ରୀମାନଙ୍କୁ ନିଜ ନିଜ ଘରକୁ ପଠାଇ ଦିଆଯାଇଥିଲା। ପରେ ବୋମା ନିଷ୍କ୍ରିୟକାରୀ ଦଳ, ଡଗ ସ୍କ୍ୱାଡ ଏବଂ ପୋଲିସ ଟିମ୍ ଖୋଜାଖୋଜି ଆରମ୍ଭ କରିଥିଲେ। ଏପର୍ଯ୍ୟନ୍ତ କୌଣସି ସନ୍ଦିଗ୍ଧ ବସ୍ତୁ ମିଳିନଥିବାରୁ ଅଧିକାରୀମାନେ ଧମକଗୁଡ଼ିକ ଗୁଜବ ବୋଲି କହିଛନ୍ତି। ରିପୋର୍ଟ ଅନୁସାରେ ଅହମଦାବାଦ୍‌ର ୧୫ରୁ ଅଧିକ ସ୍କୁଲ ଏବଂ ବଡୋଦରାର ୧୮ ସ୍କୁଲକୁ ସମାନ ଇମେଲ୍ ମିଳିଥିଲା। ଇମେଲ୍ ସକାଳ ପ୍ରାୟ ୭ଟା ସମୟରେ ଆସିଥିଲା। ଧମକରେ ଉଲ୍ଲେଖ ଥିଲା ଯେ ଅପରାହ୍ନ ୧:୧୧ରେ ବିସ୍ଫୋରଣ ହେବ। ତେବେ ଏହି ମେସେଜଗୁଡ଼ିକରେ ଖଲିସ୍ତାନ ଉଲ୍ଲେଖ କରାଯାଇଥିଲା। କିଛିରେ "ଗୁଜୁରାଟ ଖଲିସ୍ତାନ ହେବ," "ହିନ୍ଦୁସ୍ତାନ ବିଭାଜିତ ହେବ," ଏବଂ "ଦିଲ୍ଲୀ ଖଲିସ୍ତାନ ହେବ" ଭଳି ଉତ୍ତେଜନାମୂଳକ ବୟାନ ଥିଲା। ଅନେକ ସ୍କୁଲର ହଷ୍ଟେଲ ମଧ୍ୟ ଖାଲି କରାଯାଇଥିଲା। ଅହମଦାବାଦରେ ଡିଏଭି ଇଣ୍ଟରନ୍ୟାସନାଲ୍, ଏସିଆ ସ୍କୁଲ, ଏ-ୱାନ୍ ସ୍କୁଲ, ଅଙ୍କୁର ଇଣ୍ଟରନ୍ୟାସନାଲ୍, ସନ୍ଥ କବୀର, ସିଲଭର ବେଲ୍, ଟ୍ୟୁଲିପ୍ ଇଣ୍ଟରନ୍ୟାସନାଲ୍, ଏସଜିଭିପି ଗୁରୁକୁଳ, ଏନଆଇଆରଏମମ ବିଶ୍ୱବିଦ୍ୟାଳୟ ଇତ୍ୟାଦି ପ୍ରଭାବିତ ହୋଇଥିଲେ।

## ପଶ୍ଚିମବଙ୍ଗର ୭ ନିର୍ବାଚନ ଅଧିକାରୀ ନିଲମ୍ବିତ

**ନୂଆଦିଲ୍ଲୀ, କୋଲକାତା, ୧୬।୨/ଏଜେନ୍ସି:** ଭାରତୀୟ ନିର୍ବାଚନ କମିଶନ ପଶ୍ଚିମବଙ୍ଗର ୭ ଅଧିକାରୀଙ୍କୁ ନିଲମ୍ବିତ କରିଛନ୍ତି। ଏହି ଅଧିକାରୀଙ୍କ ବିରୁଦ୍ଧରେ ଏସ୍‌ଆଇଆର୍ ପ୍ରକ୍ରିୟା ସମୟରେ ଗୁରୁତର ଅବହେଳା, କର୍ତ୍ତବ୍ୟରେ ଅବହେଳା ଏବଂ କ୍ଷମତାର ଅପବ୍ୟବହାର କରିଥିବା ଭଳି ସଂଗୀନ ଅଭିଯୋଗ ହୋଇଥିଲା। ତେବେ ଏନେଇ ସାମାନ୍ୟତମ ପ୍ରମାଣ ମିଳିବା ପରେ ନିର୍ବାଚନ କମିଶନ ଏହି ୭ ଅଧିକାରୀଙ୍କୁ ତୁରନ୍ତ ପ୍ରଭାବୀ ଢ଼ଙ୍ଗରେ କାର୍ଯ୍ୟରୁ ନିଲମ୍ବିତ କରିଥିଲେ। ଏତଦ୍‌ବ୍ୟତୀତ ନିର୍ବାଚନ ଆୟୋଗ, ଙ୍ଗପଶ୍ଚିମବଙ୍ଗର ମୁଖ୍ୟ ସଚିବଙ୍କୁ ମଧ୍ୟ ନିଲମ୍ବିତ ଅଧିକାରୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏସମ୍ପର୍କରେ ସୂଚନା ଦେଇ ନିର୍ବାଚନ କମିଶନ କହିଛନ୍ତି ଯେ ଭୋଟର ତାଲିକା କାର୍ଯ୍ୟ ଅତ୍ୟନ୍ତ ସମ୍ବେଦନଶୀଳ। ଯେକୌଣସି ଅବହେଳା କିମ୍ବା କ୍ଷମତାର ଅପବ୍ୟବହାରକୁ ବରଦାସ୍ତ କରାଯିବ ନାହିଁ। ଭବିଷ୍ୟତରେ ଏପରି ଅବହେଳା ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ନିଲମ୍ବିତ ଅଧିକାରୀମାନେ ହେଲେ ମୁର୍ଶିଦାବାଦ ଜିଲାର କୃଷି ବିଭାଗରେ କାର୍ଯ୍ୟରତ ଥିବା ସହାୟକ ନିର୍ଦ୍ଦେଶକ ଡକ୍ଟର ସେଫୌର ରହମାନ, ରାଜସ୍ୱ ଅଧିକାରୀ ନୀତିଶ ଦାସ, ମହିଳା ବିକାଶ ଅଧିକାରୀ ଡାଲିଆ ରାୟ ଚୌଧୁରୀ, ସହାୟକ କୃଷି ନିର୍ଦ୍ଦେଶକ ସ୍କଟ୍.ମୁର୍ଶିଦ ଆଲମ, ବିଡ଼ିଓ ସତ୍ୟଜିତ ଦାସ, ଏଫ୍‌ଇଓ ଜୟଦୀପ କୁଣ୍ଡୁ, ବିଡ଼ିଓ ଦେବାଶିଷ ବିଶ୍ୱାସ।

## ଜାତୀୟ ରାଜପଥରେ ବଢ଼ିପାରେ ଟୋଲ୍ ଟ୍ୟାକ୍ସ

**ନୂଆଦିଲ୍ଲୀ,୧୬।୨/ଏଜେନ୍ସି:** ଭାରତରେ ଟୋଲ୍ ଟ୍ୟାକ୍ସ ବୃଦ୍ଧି ପାଇବ। ଏସମ୍ପର୍କରେ କେନ୍ଦ୍ର ସରକାର ଚିନ୍ତା କରୁଥିବା ସୂଚନା ମିଳିଛି। ରିପୋର୍ଟ ଅନୁସାରେ ଦେଶରେ ଏକ୍ସପ୍ରେସ-ୱେ ଏବଂ ହାଇ-ସ୍ପିଡ୍ ରୋଡ୍ ନିର୍ମାଣ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ କେନ୍ଦ୍ର ସରକାର ଏକ ବଡ଼ ପଦକ୍ଷେପ ନେବାକୁ ଯାଉଛନ୍ତି। ଗତ ଏକ ଦଶନ୍ଧି ଧରି ରାଜପଥ ନିର୍ମାଣ କ୍ଷେତ୍ରରୁ ଦୂରେଇ ରହିଥିବା ଘରୋଇ ପୁଞ୍ଜିନିବେଶକାରୀଙ୍କୁ ପୁଣିଥରେ ଆକୃଷ୍ଟ କରିବା ପାଇଁ ସରକାର ନୂଆ ନିୟମ ପ୍ରଣୟନ କରୁଛନ୍ତି। ଏହି ପଦକ୍ଷେପ ଦ୍ୱାରା ଆଗାମୀ ଦିନରେ ଟୋଲ୍ ଟ୍ୟାକ୍ସ ବୃଦ୍ଧି ପାଇବାର ସମ୍ଭାବନା ରହିଛି। ନିର୍ଭରଯୋଗ୍ୟ ସୂତ୍ରରୁ ମିଳିଥିବା ସୂଚନାନୁସାରେ ୨୦୨୭ ଆର୍ଥିକ ବର୍ଷ ସୁଦ୍ଧା ଘରୋଇ କ୍ଷେତ୍ର ମାଧ୍ୟମରେ ୧ ଲକ୍ଷ



କୋଟି ଟଙ୍କାର ପ୍ରକଳ୍ପ କାର୍ଯ୍ୟକାରୀ କରିବାକୁ ଲକ୍ଷ୍ୟ ରଖାଯାଇଛି। ବର୍ତ୍ତମାନ ହାଇୱେ ନିର୍ମାଣରେ ଘରୋଇ ନିବେଶ ମାତ୍ର କିଛି ପ୍ରତିଶତ ରହିଥିବା ବେଳେ, ଆସନ୍ତା ବର୍ଷ ସୁଦ୍ଧା ଏହାକୁ ୨୫%କୁ ବୃଦ୍ଧି କରିବାକୁ ମୋଦୀ ସରକାର ଲକ୍ଷ୍ୟ ରଖିଛନ୍ତି। ସୁତରାଂ ପୂର୍ବରୁ ପ୍ରଚଳିତ ବିଲ୍ଡ-ଅପରେଟ-ଟ୍ରାନ୍ସଫର (ବିଓଟି-ଟୋଲ୍) ମଡେଲକୁ ପୁଣିଥରେ ଏବେ କାର୍ଯ୍ୟକ୍ଷମ କରାଯାଉଛି। ଯେଉଁଠାରେ ନିବେଶକାରୀମାନେ ଟୋଲ୍ ସଂଗ୍ରହ ମାଧ୍ୟମରେ ନିଜର ଖର୍ଚ୍ଚ ଭରଣା କରିପାରିବେ। ପୂର୍ବରୁ ବ୍ୟୁରୋକ୍ରାଟିକ୍ ବିଳମ୍ବ ଏବଂ ରାଜସ୍ୱ ହାନି ଭୟରେ ପୁଞ୍ଜିନିବେଶକାରୀମାନେ ପଛଘୁଞ୍ଚା ଦେଉଥିଲେ। ଏହାକୁ ଦୃଷ୍ଟିରେ ରଖି କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଚଳିତ ବଜେଟରେ 'ଭିତ୍ତିଭୂମି ବିପଦ ଗ୍ୟାରେଣ୍ଟି ପାଣ୍ଠି' ଗଠନ କରିବାକୁ ଘୋଷଣା କରିଛନ୍ତି। ଏହା ନିବେଶକାରୀଙ୍କ ମଧ୍ୟରେ ଆତ୍ମବିଶ୍ୱାସ ବଢ଼ାଇବ। ଚଳିତ ବଜେଟରେ ଭିତ୍ତିଭୂମି ବିକାଶ ପାଇଁ ୧୨.୨ ଲକ୍ଷ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ରାସ୍ତା ଓ ବ୍ରିଜ୍ ନିର୍ମାଣ ପାଇଁ ବଜେଟ୍ ୬.୯% ବୃଦ୍ଧି କରାଯାଇ ୩.୧ ଲକ୍ଷ କୋଟି ଟଙ୍କା ରଖାଯାଇଛି। ଆସନ୍ତା ୧୦ ବର୍ଷ ମଧ୍ୟରେ ଦେଶର ହାଇ-ସ୍ପିଡ୍ ରୋଡ୍ ନେଟୱର୍କକୁ ୫ ଗୁଣ ବୃଦ୍ଧି କରିବାକୁ ଯୋଜନା ରହିଛି।

## ବିଶ୍ୱବ୍ୟାପୀ ଡାଉନ୍ ହେଲା 'ଏକ୍ସ'

**ନୂଆଦିଲ୍ଲୀ, ୧୬।୨/ଏଜେନ୍ସି:** ଲୋକପ୍ରିୟ ସୋସିଆଲ ମିଡିଆ 'ଏକ୍ସ'ର ସର୍ଭର ସୋମବାର ବିଶ୍ୱବ୍ୟାପୀ ଡାଉନ୍ ରହିବା ଦେଖିବାକୁ ମିଳିଥିଲା। ଭାରତ ଠାରୁ ଆରମ୍ଭ କରି ଆମେରିକା ପର୍ଯ୍ୟନ୍ତ ବିଶ୍ୱର ବିଭିନ୍ନ ଦେଶରେ ଏହାର ଆପ୍ ଓ ୱେବସାଇଟ୍‌କୁ ବ୍ୟବହାର କରିବା ସମ୍ଭବ ହୋଇନଥିଲା। ବ୍ୟବହାରକାରୀମାନେ କୌଣସି ପୋଷ୍ଟ କରିପାରୁନଥିଲେ। ବିଶ୍ୱର ଏକ ନମ୍ବର ଧନୀ ଏଲନ୍ ମସ୍କଙ୍କ ଦ୍ୱାରା ପରିଚାଳିତ ଏହି କମ୍ପାନିରେ ଦେଖାଦେଇଥିବା ବିଭ୍ରାଟ ସମ୍ପର୍କରେ ଲୋକମାନେ ଅନ୍ୟାନ୍ୟ ସୋସିଆଲ ମିଡିଆ ପ୍ଲାଟଫର୍ମ ଜରିଆରେ ସୂଚନା ଦେଇଥିଲେ। ଆଜିର ଏହି ବିଭ୍ରାଟ୍ ଯୋଗୁ ଗ୍ରୋକ୍ ଏଆଇ ମଧ୍ୟ ଡାଉନ୍ ହୋଇପଡିଥିଲା।ଭାରତରେ ଇଣ୍ଡିଆ ଏଆଇ ଇମ୍ପାକ୍ଟ ସମ୍ମିଳନୀ ଆରମ୍ଭ ହୋଇଥିବାରୁ 'ଏକ୍ସ'ରେ ଏଭଳି ବିଭ୍ରାଟ ଅନେକଙ୍କୁ ଚିନ୍ତାରେ ପକାଇ ଦେଇଛି। ସେମାନେ ସମ୍ମିଳନୀ ସମ୍ପର୍କିତ ଅପଡେଟ୍ ପୋଷ୍ଟ କରିପାରୁନଥିବାରୁ ବିରକ୍ତ ହୋଇଛନ୍ତି। 'ଏକ୍ସ'ରେ ଲଗ୍ ଇନ୍ କରିବା ମଧ୍ୟ ସମ୍ଭବ ହେଉନଥିବା କିଛି ବ୍ୟବହାରକାରୀ ଅଭିଯୋଗ କରିଛନ୍ତି। ଭାରତ, ଯୁକ୍ତରାଷ୍ଟ୍ର, ଯୁକ୍ତରାଜ୍ୟ ଏବଂ କାନାଡା ସମେତ ଅନେକ ଦେଶର ହଜାର ହଜାର ଉପଭୋକ୍ତା ପ୍ଲାଟଫର୍ମ ଆକ୍ସେସ୍ କରିବାରେ ସମସ୍ୟାର ସମ୍ମୁଖୀନ ହୋଇଥିଲେ। ଉପଭୋକ୍ତା ସେମାନଙ୍କର ଫିଡ୍ ଆକ୍ସେସ୍ କରିପାରୁ ନଥିବା ଏବଂ ଖାଲି ସ୍କ୍ରିନ୍ ଦେଖିବା ଅଭିଯୋଗ କରିଛନ୍ତି। ସନ୍ଧ୍ୟା ୭ ଟାରୁ ୪୫,୦୦୦ ରୁ ଅଧିକ ଲୋକ ଆଉଟେଜ୍ ଟ୍ରାକିଂ ୱେବସାଇଟ୍, ଡାଉନଡିଟେକ୍ଟରରେ ଅଭିଯୋଗ ରିପୋର୍ଟ କରିଛନ୍ତି। ଉପଭୋକ୍ତା କହିଛନ୍ତି ଯେ ସେମାନେ ସେମାନଙ୍କର ଟାଇମଲାଇନ୍ ଦେଖିପାରୁ ନାହାଁନ୍ତି କିମ୍ବା ନୂତନ ପୋଷ୍ଟ କରିପାରୁନାହାନ୍ତି।

ପ୍ରକାଶ, 'ଏକ୍ସ'ରେ ଏପ୍ରକାର ବିଭ୍ରାଟ କିଛି ନୂଆ କଥା ନୁହେଁ। ଗତମାସରେ ଏଥିରେ ମଧ୍ୟ ଏକାଧିକ ଥର ବିଭ୍ରାଟ ଘଟିଥିଲା। ଗତ ଜାନୁଆରି ୧୩ ଓ ୧୬ ତାରିଖରେ ବଡ଼ ଧରଣର ବିଭ୍ରାଟ ହୋଇଥିଲା। ଆଜିର ବିଭ୍ରାଟ ସମ୍ପର୍କରେ ଡାଉନ୍‌ଡିଟେକ୍ଟର୍ସରୁ ମିଳିଥିବା ତଥ୍ୟ ଅନୁଯାୟୀ ଆମେରିକାରେ ୪୦ହଜାରରୁ ଅଧିକ ଓ ଭାରତରେ ୩୦୦୦ରୁ ଅଧିକ ବ୍ୟବହାରକାରୀ 'ଏକ୍ସ' ବିଭ୍ରାଟ ଦ୍ୱାରା ପ୍ରଭାବିତ ହୋଇଥିଲେ।

### ସାବରିମାଲା ମନ୍ଦିରରେ ମହିଳାଙ୍କ ପ୍ରବେଶ ମାମଲା: ଏପ୍ରିଲ ୭ରୁ ଶୁଣାଣି ଆରମ୍ଭ

## ୯ ଜଣିଆ ଖଣ୍ଡପୀଠ ଗଠନ କଲେ ସୁପ୍ରିମକୋର୍ଟ

**ଥିରୁଅନନ୍ତପୁରମ୍, ୧୬।୨/ଏଜେନ୍ସି:** କେରଳର ସାବରିମାଲା ମନ୍ଦିରରେ ମହିଳାଙ୍କ ପ୍ରବେଶ ସମ୍ପର୍କିତ ମାମଲାର ଶୁଣାଣି ପାଇଁ ସୋମବାର ସୁପ୍ରିମକୋର୍ଟ ଏକ ୯ ଜଣିଆ ସମ୍ବିଧାନ ଖଣ୍ଡପୀଠ ଗଠନ ସମ୍ପର୍କରେ ଘୋଷଣା କରିଛନ୍ତି। ତେବେ ଖଣ୍ଡପୀଠରେ କିଏ କିଏ ରହିବେ ସେ ସମ୍ପର୍କରେ ପ୍ରଧାନ ବିଚାରପତି ପରବର୍ତ୍ତୀ ସମୟରେ ନିର୍ଦ୍ଦେଶ ଦେବେ। ଏଥିସହ ଶୁଣାଣି ଆରମ୍ଭ ହେବା ପୂର୍ବରୁ ଅର୍ଥାତ୍ ମାର୍ଚ୍ଚ ୧୪ କିମ୍ବା ତା'ପୂର୍ବରୁ ଏହି ମାମଲା ସହ ସମ୍ପୃକ୍ତ ପକ୍ଷମାନଙ୍କୁ



ସେମାନଙ୍କର ଲିଖିତ ଯୁକ୍ତି ଦାଖଲ କରିବାକୁ ମଧ୍ୟ ଖଣ୍ଡପୀଠ କହିଛନ୍ତି। ଖଣ୍ଡପୀଠ ଏହି ମାମଲାର ଶୁଣାଣି ଏପ୍ରିଲ୍ ୭ରୁ ଆରମ୍ଭ ହେବା ଏବଂ ଏପ୍ରିଲ୍ ୨୨ ସୁଦ୍ଧା ଶେଷ ହେବା ନେଇ ପ୍ରସ୍ତାବ ଉପରେ ମଧ୍ୟ ବିଚାର କରୁଛନ୍ତି। ପ୍ରଧାନ ବିଚାରପତି ସ୍ପଷ୍ଟ କରିଛନ୍ତି ଯେ, ମାମଲାର ଗମ୍ଭୀରତାକୁ ଦୃଷ୍ଟିରେ ରଖି, ସାବରୀମାଳା ସହ ଜଡିତ ଆଇନଗତ ପ୍ରଶ୍ନଗୁଡ଼ିକ ଉପରେ ପ୍ରଥମେ ବିତର୍କ ହେବ, ଏବଂ ତା'ପରେ ହିଁ ଅନ୍ୟାନ୍ୟ ସମ୍ବନ୍ଧିତ ବିଷୟଗୁଡ଼ିକ ଗ୍ରହଣ କରାଯିବ। ଆଇନଗତ ସୂକ୍ଷ୍ମତାକୁ ବୁଝିବାରେ ଖଣ୍ଡପୀଠକୁ ସହାୟତା କରିବା ପାଇଁ କୋର୍ଟ ବରିଷ୍ଠ ଆଇନଜୀବୀ କେ. ପରମେଶ୍ୱର ଏବଂ ଶିବମ୍ ସିଂହଙ୍କୁ ଆମିକସ୍ କ୍ୟୁରି ଭାବରେ ନିଯୁକ୍ତ କରିଛନ୍ତି। ଉଭୟ ପକ୍ଷଙ୍କ ଦସ୍ତାବିଜଗୁଡ଼ିକୁ ସଂଗଠିତ କରିବା ପାଇଁ ଶାଶ୍ୱତୀ ପରିଡାଙ୍କୁ ନୋଡାଲ୍ ପରାମର୍ଶଦାତା ଭାବେ ମଧ୍ୟ ନିଯୁକ୍ତ କରାଯାଇଛି। ଶୁଣାଣିକୁ ସୁବ୍ୟବସ୍ଥିତ କରିବା ପାଇଁ କୋର୍ଟ ଏକ ଚୂଡାନ୍ତ ସମୟସାରଣୀ ମଧ୍ୟ ସ୍ଥାପନ କରିଛନ୍ତି। ୭ ଏପ୍ରିଲରୁ ୯ ତାରିଖ ପର୍ଯ୍ୟନ୍ତ ସମୀକ୍ଷା ଆବେଦନକାରୀଙ୍କ ଶୁଣାଣି ହେବ, ଯେତେବେଳେ ବିରୋଧୀ ପକ୍ଷ ୧୪ ଏପ୍ରିଲରୁ ୧୬ ତାରିଖ ପର୍ଯ୍ୟନ୍ତ ସେମାନଙ୍କର ଯୁକ୍ତି ଉପସ୍ଥାପନ କରିବେ। ମାମଲାରେ ଅତିରିକ୍ତ ବିଳମ୍ବ ଏଡାଇବା ପାଇଁ ସିଜେଆଇ ସମସ୍ତ ଓକିଲଙ୍କୁ ନିର୍ଦ୍ଧାରିତ ସମୟସାରଣୀକୁ କଠୋର ଭାବରେ ପାଳନ କରିବାକୁ ଚେତାବନୀ ଦେଇଛନ୍ତି। ପ୍ରକାଶ, ଏପ୍ରିଲ ୭ରେ ଏହି ମାମଲାର ଶୁଣାଣି ଆରମ୍ଭ ହୋଇ ଏପ୍ରିଲ ୨୨ ତାରିଖ ସୁଦ୍ଧା ଶେଷ ହେବ ବୋଲି ପ୍ରସ୍ତାବ ରହିଛି। ସାବରୀମାଳା ସହିତ, ଖଣ୍ଡପୀଠ ଦାଉଦୀ ବୋହରା ସମ୍ପ୍ରଦାୟ, ମସଜିଦରେ ମୁସଲିମ ମହିଳାମାନଙ୍କର ପ୍ରବେଶ ଏବଂ ପାର୍ସୀ ମହିଳାମାନଙ୍କର ଧାର୍ମିକ ସ୍ଥିତି ଭଳି ପ୍ରସଙ୍ଗଗୁଡ଼ିକୁ ମଧ୍ୟ ବିଚାର କରିବେ। ପାର୍ସୀ ପଞ୍ଚାୟତର ପ୍ରତିନିଧିତ୍ୱ କରୁଥିବା ଓକିଲ ମଧ୍ୟ ନିଜ ଧର୍ମ ବାହାରେ ବିବାହ କରୁଥିବା ମହିଳାଙ୍କ ସ୍ଥିତି ଉଠାଇଛନ୍ତି, ଯାହାକୁ ଅତିରିକ୍ତ ପ୍ରସଙ୍ଗ ଭାବରେ ଅନ୍ତର୍ଭୁକ୍ତ କରାଯାଇପାରିବ।

### ବିବାହ ପୂର୍ବ ଶାରୀରିକ ସମ୍ପର୍କକୁ ନେଇ ସୁପ୍ରିମକୋର୍ଟଙ୍କ ବଡ଼ ଚେତାବନୀ

# କାହାକୁ ବି ବିଶ୍ୱାସ କରିବା ଉଚିତ୍ ନୁହେଁ

**ନୂଆଦିଲ୍ଲୀ,୧୬।୨/ଏଜେନ୍ସି:** ସୋମବାର, ଦୁଷ୍କର୍ମ ଅଭିଯୋଗ ସହିତ ଜଡିତ ଏକ ମାମଲାରେ ସୁପ୍ରିମକୋର୍ଟ ଏକ ବଡ଼ ତଥା ମୌଳିକ ଟିପ୍ପଣୀ ଦେଇଛନ୍ତି। ଜଷ୍ଟିସ୍ ବିଭି ନାଗରତ୍ନା ଏବଂ ଜଷ୍ଟିସ୍ ଉଜ୍ଜ୍ୱଳ ଭୁୟାଁଙ୍କ ଖଣ୍ଡପୀଠ କହିଛନ୍ତି ଯେ, 'ବିବାହ ପୂର୍ବରୁ ପୁଅ ଓ ଝିଅ ପରସ୍ପର ପାଇଁ ଅଜଣା ହୋଇଥିବାରୁ ଏଭଳି ସମ୍ପର୍କ ରଖିବା ପୂର୍ବରୁ ଯଥେଷ୍ଟ ସତର୍କତା ଅବଲମ୍ବନ କରିବା ଉଚିତ୍'। ଆଗତ ପିଟିସନ୍ ବିବାହ ପୂର୍ବରୁ ଶାରୀରିକ ସମ୍ପର୍କ ଏବଂ ପରେ ବିବାହ ପାଇଁ ମନା କରିବା ଭଳି ମାମଲା ଉପରେ ପର୍ଯ୍ୟବେସିତ ଥିବା ବେଳେ ଏହାକୁ ନେଇ ଖଣ୍ଡପୀଠ ତୀବ୍ର ଅସନ୍ତୋଷ ବ୍ୟକ୍ତ କରିଥିଲେ। ବିବାହ ପୂର୍ବରୁ ଶାରୀରିକ ସମ୍ଭାବନା ଉପରେ ମଧ୍ୟ ଖଣ୍ଡପୀଠ ଆଶ୍ଚର୍ଯ୍ୟ ପ୍ରକାଶ କରିଥିଲେ। ଜଷ୍ଟିସ୍ ବି.ଭି. ନାଗାରଥନା କହିଛନ୍ତି ଯେ ଆମେ ବୁଝିପାରୁନାହୁଁ ଯେ ବିବାହ ପୂର୍ବରୁ ଜଣେ ପୁଅ ଏବଂ ଝିଅ କିପରି ଶାରୀରିକ ସମ୍ପର୍କ ରଖିବା ପାଇଁ ଚିନ୍ତା ମଧ୍ୟ କରୁଛନ୍ତି। ଜଷ୍ଟିସ୍ ନାଗରତ୍ନା ଶୁଣାଣି ସମୟରେ କହିଛନ୍ତି ଯେ, ହୁଏତ 'ଆମେ ପୁରୁଣାକାଳିଆ ହୋଇପାରୁ, ଆମ ବିଚାର ଆମ ସଂସ୍କାର ମଧ୍ୟ ପୁରୁଣାକାଳିଆ ହୋଇପାରେ, କିନ୍ତୁ ବିବାହ ପର୍ଯ୍ୟନ୍ତ, ପୁଅ ଏବଂ ଝିଅ ଶାରୀରିକ ସମ୍ପର୍କରୁ ଦୂରେଇ ରହିବା ଉଚିତ୍। ଏହା ହିଁ ଚିରନ୍ତନୀ ସତ୍ୟ। ପରସ୍ପରକୁ କେବଳ ଜାଣିଦେଲେ ହେବନି, ପରସ୍ପର ପ୍ରତି ବିଶ୍ୱାସ ମଧ୍ୟ ଆସିବା ଉଚିତ୍। ଯେପର୍ଯ୍ୟନ୍ତ ସେମାନେ ପରସ୍ପର ପ୍ରତି ସାମାନ୍ୟତମ ମଧ୍ୟ ଅପରିଚିତ ଅଛନ୍ତି ସେପର୍ଯ୍ୟନ୍ତ ଉଭୟଙ୍କୁ ବହୁତ



ସତର୍କ ରହିବା ଉଚିତ। କାହାକୁ ବିଶ୍ୱାସ କରାଯିବା ଉଚିତ ନୁହେଁ।

ରିପୋର୍ଟ ଅନୁଯାୟୀ ପୀଡ଼ିତା ଓ ଅଭିଯୁକ୍ତ ୨୦୨୨ରେ ଏକ ମ୍ୟାଟ୍ରିମୋନିଆଲ୍ ସାଇଟ୍ ଜରିଆରେ ସମ୍ପର୍କରେ ଆସିଥିଲେ। ଅଭିଯୁକ୍ତ ଜଣକ ବିବାହର ମିଥ୍ୟା ପ୍ରତିଶ୍ରୁତି ଦେଇ ଦିଲ୍ଲୀ ଏବଂ ଦୁବାଇରେ ପୀଡ଼ିତାଙ୍କ ସହ ଶାରୀରିକ ସମ୍ପର୍କ ରଖିଥିଲେ। ଏପରିକି ସମ୍ମତି ବିନା ଅଶ୍ଳୀଳ ଭିଡିଓ ମଧ୍ୟ ରେକର୍ଡ କରିଥିଲେ। ପରେ ଜଣାପଡ଼ିଥିଲା ଯେ ଅଭିଯୁକ୍ତ ଜଣକ ପୂର୍ବରୁ ବିବାହିତ ଥିଲେ ଏବଂ ୨୦୨୪ ଜାନୁଆରୀରେ ପଞ୍ଜାବରେ ଅନ୍ୟ ଜଣେ ମହିଳାଙ୍କୁ ଦ୍ୱିତୀୟ ବିବାହ କରିଥିଲେ। ଏସମ୍ପର୍କରେ ପୀଡିତା ଜାଣିବା ପରେ କୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଯଦିଓ ଅଭିଯୁକ୍ତ ଏବେ ଜେଲ୍‌ରେ ଅଛନ୍ତି ତେବେ ସେ ସୁପ୍ରିମକୋର୍ଟରେ ଜାମିନ୍ ଆବେଦନ କରିଛନ୍ତି। ଏହା ଉପରେ ଶୁଣାଣି କରି ସର୍ବୋଚ୍ଚ ଅଦାଲତ କହିଛନ୍ତି ଯେ, ଯଦି ସମ୍ପର୍କ ସହମତି ଭିତ୍ତିକ ହୋଇଥାଏ, ତେବେ ଏହା କେବଳ ମାମଲା ଚଲାଇ ଦଣ୍ଡ ଦେବାର ବିଷୟ ନୁହେଁ। ଏହି ମାମଲାକୁ ସମାଧାନ ପାଇଁ ମଧ୍ୟସ୍ଥତା କେନ୍ଦ୍ରକୁ ପଠାଯାଇପାରେ। ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ବୁଧବାର ହେବ। ଭାରତରେ ଏବେ ବିବାହ ପୂର୍ବରୁ ରିଲେସନ୍‌ସିପ୍‌ରେ ରହିବା ଘଟଣା ବଢ଼ିବଢ଼ି ଚାଲିଛି। ପୁଅ ଝିଅଙ୍କ ସହମତି ଭିତ୍ତିରେ ଏସବୁ ଘଟୁଥିବାବେଳେ ରହଣି କାଳରେ ସେମାନଙ୍କ ମଧ୍ୟରେ ଶାରୀରିକ ସମ୍ପର୍କ ମଧ୍ୟ ଅନେକାଂଶରେ ଘଟୁଛି। ତେବେ ପରବର୍ତ୍ତୀ ସମୟରେ ବିବାହ ପାଇଁ ଯେତେବେଳେ ଗୋଟିଏ ପକ୍ଷ ପ୍ରସ୍ତାବ ଦେଉଛି ସେତେବେଳେ ଅନ୍ୟ ପକ୍ଷ ଏହାକୁ ଏଡାଇଯିବାକୁ ଚେଷ୍ଟା କରୁଥିବା ଭଳି ଘଟୁଛି ଯାହାକି ପରବର୍ତ୍ତୀ ସମୟରେ କୋର୍ଟଙ୍କ ଧ୍ୟାନ ଆକର୍ଷଣ କରୁଛି। ଅନ୍ୟପକ୍ଷେ ଏପ୍ରକାର ଅନେକ ଘଟଣା କେବଳ ଲୋକଲାଜ ଯୋଗୁ ମଧ୍ୟ ସାମ୍ନାକୁ ଆସୁନାହିଁ। ଏବେ ଯେତେବେଳେ ସୁପ୍ରିମକୋର୍ଟ ଏପ୍ରକାର ଘଟଣାକୁ ନିଜ ସଂଜ୍ଞାନକୁ ନେଇଛନ୍ତି ସେତେବେଳେ ସମାଜରେ ଏପ୍ରକାର ଘଟଣା ଉପରେ ଏକ ଅଙ୍କୁଶ ତଥା ପ୍ରଶ୍ନବାଚୀ ସୃଷ୍ଟି ହେବା ସମ୍ଭାବନାକୁ ଉଜାଗର କରିଛି।

## ୧.୫ କୋଟି ଜମା କରିବା ପରେ ରାଜପାଲ୍‌ଙ୍କୁ ମିଳିଲା ଜାମିନ୍

**ନୂଆଦିଲ୍ଲୀ,୧୬।୨/ଏଜେନ୍ସି:** ଶେଷରେ ଦିଲ୍ଲୀ ହାଇକୋର୍ଟରୁ ରାଜପାଲ ଯାଦବଙ୍କୁ ଜାମିନ୍ ମିଳିଛି। କୋର୍ଟ ୧.୫ କୋଟି ଟଙ୍କା ଆଜି ପୂର୍ବାହ୍ନ ୩ଟା ସୁଦ୍ଧା ଦାଖଲ କରିବା ସର୍ତ୍ତରେ ତାଙ୍କ ଜାମିନ ଆବେଦନକୁ ମଞ୍ଜୁର କରିଥିଲେ। ଅନ୍ୟପକ୍ଷେ ରାଜପାଲ୍ ମଧ୍ୟ ନିଜ ଆଡଭୋକେଟ୍‌ଙ୍କ ମାଧ୍ୟମରେ ଧାର୍ଯ୍ୟ ସମୟ ପୂର୍ବରୁ ହିଁ ୧.୫ କୋଟି ଟଙ୍କାର ଏକ ଡିମାଣ୍ଡ ଡ୍ରାଫ୍ଟ ଦାଖଲ କରିଥିଲେ। ଏହି ପରିପ୍ରେକ୍ଷୀରେ ରାଜପାଲ୍‌ଙ୍କୁ ହାଇକୋର୍ଟ ଜାମିନ୍ ପ୍ରଦାନ କରିଛନ୍ତି। ଅନ୍ୟପକ୍ଷେ ତାଙ୍କ ବିରୋଧରେ ଆଗତ ଚେକ୍ ବାଉନ୍ସ ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ୧୮ ତାରିଖରେ କରାଯିବ ବୋଲି ତାରିଖ ଘୋଷଣା କରିଛନ୍ତି। ରାଜପାଲଙ୍କ ଜାମିନ ଆବେଦନ ତାଙ୍କ ଭଣଜାଙ୍କ ବିବାହରେ ଯୋଗଦେବା ପାଇଁ ଦାଖଲ କରାଯାଇଥିଲା, ଯାହା ଫେବୃଆରୀ ୧୯ ତାରିଖରେ ହେବାକୁ ଯାଉଛି। ୧୬ ବର୍ଷ ପୁରୁଣା ଚେକ୍ ବାଉନ୍ସ ମାମଲା ଯୋଗୁଁ ରାଜପାଲ ଯାଦବ ଜେଲରେ ଅଛନ୍ତି। ଅଭିନେତାଙ୍କୁ ୫ ତାରିଖରେ ଦିଲ୍ଲୀର ତିହାର ଜେଲରେ ଆତ୍ମସମର୍ପଣ କରିବାକୁ ବାଧ୍ୟ କରାଯାଇଥିଲା, ଯାହା ପରେ ସେ ଜାମିନ ଆବେଦନ କରିଥିଲେ।



ଜିଓ ଅଧ୍ୟକ୍ଷ ଆକାଶ ଅମ୍ବାନୀ ଜିଓର ଏଆଇ ଇକୋସିଷ୍ଟମ ବିଷୟରେ ପ୍ରଧାନମନ୍ତ୍ରୀଙ୍କୁ ବୁଝାଉଛନ୍ତି

### ଇଣ୍ଡିଆ ଏଆଇ ଇମ୍ପାକ୍ଟ ସମିଟ୍‌ରେ ଜିଓ ପାଭିଲିଅନ୍

## ଜିଓ ଇଣ୍ଟେଲିଜେନ୍ସ ଠାରୁ ଜିଓ ଆରୋଗ୍ୟ ଏଆଇ ଯାଏଁ ଅନେକ ମଡେଲ୍ ପରିଦର୍ଶନ କଲେ ମୋଦୀ

**ନୂଆଦିଲ୍ଲୀ, ୧୬।୨/ଏଜେନ୍ସି:** ଇଣ୍ଡିଆ ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ (ଏଆଇ) ଇମ୍ପାକ୍ଟ ସମିଟ୍ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଜିଓର ଏଆଇ ପାଭିଲିଅନ୍ ପରିଦର୍ଶନ କରିଛନ୍ତି। ସେ ଜିଓ ଦ୍ୱାରା ବିକଶିତ ବିଭିନ୍ନ ଏଆଇ ଆଧାରିତ ଅନେକ ମଡେଲ୍ ଏବଂ ଏହାର ସମାଧାନ ଦକ୍ଷତା ବିଷୟରେ ଅବଗତ ହୋଇଥିଲେ। ପ୍ରଧାନମନ୍ତ୍ରୀ ଜିଓ ଇଣ୍ଟେଲିଜେନ୍ସ, ଜିଓ ସଂସ୍କୃତି ଏଆଇ, ଜିଓ ଆରୋଗ୍ୟ ଏଆଇ, ଜିଓ ଶିକ୍ଷା ଏବଂ ଜିଓ ଏଆଇ ହୋମ୍ ପରି ମଡେଲ୍‌ଗୁଡ଼ିକୁ ବୁଲି ଦେଖିଥିଲେ। ଏହି ମଡେଲ୍‌ଗୁଡ଼ିକର ଉଦ୍ଦେଶ୍ୟ କ୍ରମଶଃ ଏଣ୍ଟରପ୍ରାଇଜ୍ ଇଣ୍ଟେଲିଜେନ୍ସ, ଭାରତୀୟ ଭାଷା ଓ ସାଂସ୍କୃତିକ ବିଷୟବସ୍ତୁ, ସ୍ୱାସ୍ଥ୍ୟ ସେବା, ଶିକ୍ଷା ସମାଧାନ ଏବଂ ସ୍ମାର୍ଟ ହୋମ୍ ଆଧାରିତ ଏଆଇ ସୁବିଧାକୁ ସହଜରେ ଉପଲବ୍ଧ କରାଇବା। ଏହି ଅବସରରେ ରିଲାଏନ୍ସ ଜିଓ ଇନଫୋକମ୍ ଲିମିଟେଡ୍‌ର ଅଧ୍ୟକ୍ଷ ଆକାଶ ଅମ୍ବାନୀ କମ୍ପାନୀ ଦ୍ୱାରା ବିକାଶ ହେଉଥିବା ଏଆଇ ଇକୋସିଷ୍ଟମ ଏବଂ ତାହାର ବିଭିନ୍ନ ଉପଯୋଗ ବିଷୟରେ ପ୍ରଧାନମନ୍ତ୍ରୀଙ୍କୁ ଜଣାଇଥିଲେ।

ଜିଓ ଦୀର୍ଘ ସମୟ ଧରି "ସମସ୍ତଙ୍କ ପାଇଁ ଏଆଇ" ଲକ୍ଷ୍ୟକୁ ଗୁରୁତ୍ୱ ଦେଇଆସୁଛି। ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍‌ର ଅଧ୍ୟକ୍ଷ ମୁକେଶ ଅମ୍ବାନୀ ପୂର୍ବରୁ କହିଥିଲେ ଯେ ପ୍ରଯୁକ୍ତିର ବାସ୍ତବ ଲାଭ ସେତେବେଳେ ମିଳିଥାଏ, ଯେତେବେଳେ ଏହା ବ୍ୟାପକ ଭାବେ ସାଧାରଣ ଲୋକଙ୍କ ପାଖରେ ଉପଲବ୍ଧ ହୋଇଥାଏ। ଏହି ଚିନ୍ତାଧାରା ଅନୁସାରେ ଜିଓ "ସମସ୍ତଙ୍କ ପାଇଁ ଏଆଇ" ଲକ୍ଷ୍ୟରେ କାମ କରୁଛି। ତେବେ ଇଣ୍ଡିଆ ଏଆଇ ଇମ୍ପାକ୍ଟ ସମିଟ୍'ରେ ଦେଶ ଓ ବିଦେଶର ଅନେକ ଟେକ୍ କମ୍ପାନୀ ଏବଂ ନୀତି ବିଶେଷଜ୍ଞମାନେ ଭାଗ ନେଉଛନ୍ତି। ଏହି ଅବସରରେ ପ୍ରଧାନମନ୍ତ୍ରୀଙ୍କ ଜିଓ ପାଭିଲିଅନ୍ ପରିଦର୍ଶନ ଏଆଇ କ୍ଷେତ୍ରରେ ବେସରକାରୀ ପ୍ରୟାସ ଉପରେ ବିଶେଷ ଧ୍ୟାନ ଆକର୍ଷିତ କରିଛି।

### ଖୁଲମ୍‌ଖୁଲ୍ଲା କହିଲେ ମଣିଶଙ୍କର: ନିଜ ପୁରୁଣା ସହଯୋଗୀଙ୍କୁ ତୀବ୍ର ସମାଲୋଚନା

# କେରଳରେ କଂଗ୍ରେସ କଦାପି ଜିତିପାରିବନି

**ଥିରୁଅନନ୍ତପୁରମ୍, ନୂଆଦିଲ୍ଲୀ, ୧୬।୨/ଏଜେନ୍ସି:** ବରିଷ୍ଠ ତଥା ପୂର୍ବତନ କଂଗ୍ରେସ ନେତା ମଣିଶଙ୍କର ଆୟର ପୁଣିଥରେ କଂଗ୍ରେସର ଆଭ୍ୟନ୍ତରୀଣ ପ୍ରସଙ୍ଗକୁ ସାମ୍ନାକୁ ଆଣିଛନ୍ତି। ସେ ଶଶି ଥରୁର, ପୱନ୍ ଖେରା, ଜୟରାମ ରମେଶଙ୍କ ଭଳି କଂଗ୍ରେସର କିଛି ବରିଷ୍ଠ ନେତାଙ୍କୁ ସର୍ବସାଧାରରେ ତୀବ୍ର ସମାଲୋଚନା କରିଛନ୍ତି। ଏନ୍‌ଡିଟିଭି ପକ୍ଷରୁ ଆୟୋଜିତ 'ଭିଜନ୍ ୨୦୩୧ : ବିକାଶ ଏବଂ ଗଣତନ୍ତ୍ର' ଶୀର୍ଷକ ଏକ ସେମିନାରରେ ଯୋଗଦେବା ଅବସରରେ ଆୟର କହିଛନ୍ତି, କଂଗ୍ରେସର



ଏହି ନେତାମାନେ ଏବେ କେବଳ ଆତ୍ମସ୍ୱାର୍ଥୀ ହୋଇପଡ଼ିଛନ୍ତି। ଶଶି ଥରୁର ଏବେ ନିଜ ପାଇଁ ବିଦେଶ ମନ୍ତ୍ରୀ ପଦ ଖୋଜୁଛନ୍ତି। ସେ ଯେବେଠାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ପକ୍ଷରୁ ବିଦେଶଗସ୍ତରେ ସେଠାରେ ଅପରେସନ୍ ସିନ୍ଦୂର'ର ପ୍ରଚାର ପ୍ରସାର କରି ଫେରିଛନ୍ତି ସେବେଠାରୁ ପାକିସ୍ତାନ ବିରୋଧରେ ବୟାନ୍‌ବାଜି କରିବା ଆରମ୍ଭ କରିଦେଇଛନ୍ତି। ଥରୁର ବୁଝିସାରିଛନ୍ତି ଯେ, ମୋଦୀଙ୍କୁ ଖୁସି କରିବାକୁ ହେଲେ ପାକିସ୍ତାନକୁ ସମାଲୋଚନା କରିବାକୁ ପଡ଼ିବ। ସେହିପରି ପୱନ୍ ଖେରା ଏବଂ ଜୟରାମ ରମେଶ ଏବେ କେବଳ ଆପଣା ସ୍ୱାର୍ଥ ପାଇଁ ଗାନ୍ଧୀ ପରିବାରର ଚାଟୁକାର ଭଳି ଆଚରଣ କରୁଛନ୍ତି। ଏହି ଦୁଇଜଣ କେବଳ ନିଜ ଚାକିରି ବଞ୍ଚାଇବା ଲକ୍ଷ୍ୟରେ ଅଛନ୍ତି। ଆୟର ଏହି ଅବସରରେ ପୱନ୍ ଖେରାଙ୍କୁ ଜୟରାମ ରମେଶ୍‌ଙ୍କ 'ତୋତା' ବା ପାଳିତ ଶୁଆ ବୋଲି କହିଛନ୍ତି। ଜୟରାମ ଯାହା କହିବେ ପୱନ୍ ଖେରା ତାହାହିଁ କରୁଛନ୍ତି ବୋଲି ଆୟର ସିଧାସଳଖ କହିଛନ୍ତି।

ସେହିପରି କେରଳ ବିଧାନସଭା ନିର୍ବାଚନ ପ୍ରସଙ୍ଗରେ ଉତ୍ତର ରଖି ଆୟର କହିଛନ୍ତି ଯେ, ଆଗାମୀ କେରଳ ବିଧାନସଭା ନିର୍ବାଚନରେ କଂଗ୍ରେସ କଦାପି ଜିତିପାରିବ ନାହିଁ କାରଣ କଂଗ୍ରେସ ନେତାମାନେ 'କମ୍ୟୁନିଷ୍ଟମାନଙ୍କୁ ଘୃଣା କରିବା ଅପେକ୍ଷା ପରସ୍ପରକୁ ଅଧିକ ଘୃଣା କରୁଛନ୍ତି। ଦଳର ନେତାମାନେ ଏବେ ବିଭାଜିତ ହୋଇସାରିଛନ୍ତି। ଯେଉଁଠି ଦଳ ଭିତରେ ଏକତା ନାହିଁ, ସେଠାରେ ଦଳଗତ ବିଜୟ ଅସମ୍ଭବ ହୋଇପଡେ। ଏହି ପରିପ୍ରେକ୍ଷୀରେ ଆୟର କେରଳର ସାମ୍ପ୍ରତିକ ମୁଖ୍ୟମନ୍ତ୍ରୀ ତଥା ସିପିଏମ୍ ନେତା ପିନାରାୟୀ ବିଜୟନଙ୍କୁ ବେଶ୍ ପ୍ରଶଂସା ମଧ୍ୟ କରିବା ଦେଖିବାକୁ ମିଳିଛି। ଏପରିକି ପିନାରାୟୀ ବିଜୟନ୍ ଆଗାମୀ ବିଧାନସଭା ନିର୍ବାଚନ ଫଳାଫଳ ଅନୁସାରେ ପୁଣିଥରେ ମୁଖ୍ୟମନ୍ତ୍ରୀ ପଦରେ ରହିବେ ବୋଲି ଆୟର ଭବିଷ୍ୟବାଣୀ ମଧ୍ୟ କରିଛନ୍ତି। ଆୟର କହିଛନ୍ତି ଯେ, ସେ ଜଣେ ଗାନ୍ଧିବାଦୀ କଂଗ୍ରେସ ନେତା ହୋଇଥିବାରୁ ସଦାସର୍ବଦା କଂଗ୍ରେସର ବିଜୟ ଚାହୁଁଛନ୍ତି। କିନ୍ତୁ ଦୁର୍ଭାଗ୍ୟର ବିଷୟ ହେଉଛି କଂଗ୍ରେସ ଏବେ ଏପରି ଏକ ସ୍ତରକୁ ଖସିଖସି ଯାଉଛି ଯେଉଁଠି କଂଗ୍ରେସର ବିଜୟ ଆଶା କରିବା ମଧ୍ୟ ବୃଥା ସାବ୍ୟସ୍ତ ହେବ।

ଅନ୍ୟପକ୍ଷେ କଂଗ୍ରେସ ଏହି ମନ୍ତବ୍ୟରୁ ନିଜକୁ ଦୂରେଇ ରଖିଛି। ପୱନ ଖେରା ସାମ୍ନାକୁ ଆସି କହିଛନ୍ତି ଯେ, ଆୟରଙ୍କର କଂଗ୍ରେସ ସହିତ କୌଣସି ସମ୍ପର୍କ ନାହିଁ ଏବଂ ଏହା ତାଙ୍କର ବ୍ୟକ୍ତିଗତ ମନ୍ତବ୍ୟ। ଅନ୍ୟପକ୍ଷରେ ଆୟର, ପୱନ୍ ଖେରାଙ୍କୁ ଟାର୍ଗେଟ୍ କରି କହିଛନ୍ତି, କଂଗ୍ରେସକୁ ଯଦି ତାଙ୍କ ବ୍ୟତୀତ ଅନ୍ୟ କେହି ଦଳର ପ୍ରବକ୍ତା ଭାବେ ମିଳୁନାହାନ୍ତି, ତେବେ ଦଳର ଅବସ୍ଥା ମଧ୍ୟ ଯଥା ପୂର୍ବଂ ତଥା ପରଂ ହୋଇ ରହିଯିବ।

## ଆଜି ମୋଦୀ-ମାକ୍ରନ୍ ସାକ୍ଷାତକାର

**ନୂଆଦିଲ୍ଲୀ, ୧୬।୨/ଏଜେନ୍ସି:** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ୧୭ ଫେବ୍ରୁଆରୀ ୨୦୨୬ରେ ମୁମ୍ବାଇ ଗସ୍ତ କରିବେ। ଏଠାରେ ସେ ଫ୍ରାନ୍ସର ରାଷ୍ଟ୍ରପତି ଇମାନୁଏଲ୍ ମାକ୍ରନ୍‌ଙ୍କୁ ସାକ୍ଷାତ କରିବାର କାର୍ଯ୍ୟକ୍ରମ ରହିଛି। ପ୍ରକାଶ, ମୋଦୀଙ୍କ ନିମନ୍ତ୍ରଣ କ୍ରମେ ରାଷ୍ଟ୍ରପତି ମାକ୍ରନ ୧୭ରୁ ୧୯ ଫେବ୍ରୁଆରୀ ପର୍ଯ୍ୟନ୍ତ ଭାରତ ଗସ୍ତରେ ଆସିବେ। ଭାରତ ଦ୍ୱାରା ଆୟୋଜିତ ଏଆଇ ଇମ୍ପାକ୍ଟ ଶିଖର ସମ୍ମିଳନୀରେ ସେ ଅଂଶଗ୍ରହଣ କରିବେ ଏବଂ ମୁମ୍ବାଇରେ ପ୍ରଧାନମନ୍ତ୍ରୀଙ୍କ ସହ ଏକ ଦ୍ୱିପାକ୍ଷିକ ଶିଖର ସମ୍ମିଳନୀରେ ମଧ୍ୟ ଭାଗ ନେବେ। ତେବେ ଏହା ରାଷ୍ଟ୍ରପତି ମାକ୍ରନଙ୍କ ଚତୁର୍ଥ ଭାରତ ଏବଂ ପ୍ରଥମ ମୁମ୍ବାଇ ଗସ୍ତ ହେବାକୁ ଯାଉଛି। ରିପୋର୍ଟ ଅନୁସାରେ ୧୭ ଫେବୃଆରୀ ଅପରାହ୍ନ ପ୍ରାୟ ୩:୧୫ରେ ଦୁଇ ନେତା ମୁମ୍ବାଇର ଲୋକ ଭବନରେ ଦ୍ୱିପାକ୍ଷିକ ଆଲୋଚନା କରିବେ। ଏହି ଆଲୋଚନା ସମୟରେ, ଉଭୟ ନେତା ଭାରତ-ଫ୍ରାନ୍ସ ରଣନୈତିକ ସହଭାଗୀତାରେ ହୋଇଥିବା ଅଗ୍ରଗତିର ସମୀକ୍ଷା କରିବେ। ସେମାନଙ୍କର ଆଲୋଚନା ରଣନୈତିକ ସହଭାଗୀତାକୁ ସୁଦୃଢ଼ କରିବା ଏବଂ ଏହାକୁ ନୂତନ ତଥା ଉଦୀୟମାନ କ୍ଷେତ୍ରରେ ଆହୁରି ସମ୍ପ୍ରସାରିତ କରିବା ଉପରେ କେନ୍ଦ୍ରିତ ରହିବ। ଉଭୟ ପ୍ରଧାନମନ୍ତ୍ରୀ ମୋଦୀ ଏବଂ ରାଷ୍ଟ୍ରପତି ମାକ୍ରନ ଆଞ୍ଚଳିକ ତଥା ବିଶ୍ୱସ୍ତରୀୟ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ମଧ୍ୟ ମତ ବିନିମୟ କରିବେ। ଏତଦ୍‌ବ୍ୟତୀତ ସନ୍ଧ୍ୟା ପ୍ରାୟ ୫:୧୫ ସମୟରେ ଦୁଇ ନେତା ଭାରତ-ଫ୍ରାନ୍ସ ନବଚାର ବର୍ଷ ୨୦୨୬ ଉଦ୍‌ଘାଟନ କରିବା ପୂର୍ବକ ଉଭୟ ଦେଶର ବ୍ୟବସାୟିକ ନେତା, ଷ୍ଟାର୍ଟଅପ୍, ଗବେଷକ ଏବ ଅନ୍ୟାନ୍ୟ ଉଭାବକମାନଙ୍କୁ ସମ୍ବୋଧିତ କରିବାର କାର୍ଯ୍ୟକ୍ରମ ରହିଛି।



ନିତିଦିନ NITIDIN



## ମାଟ୍ରିକ ପରୀକ୍ଷାର୍ଥୀଙ୍କୁ ଉତ୍ସାହିତ କଲେ ସରପଞ୍ଚ ଓ ମୋ ସ୍କୁଲ୍ ସଭାପତି

**ଗଣିଆ,୧୬।୨/ଏନ୍ଏନ୍ଏସ୍:** ଆଉ ୨ଦିନ ପରେ ଆରମ୍ଭ ହେବ ଚଳିତ ବର୍ଷର ମାଟ୍ରିକ ପରୀକ୍ଷା। ପରୀକ୍ଷାର୍ଥୀମାନେ ଏଥି ପାଇଁ ପ୍ରସ୍ତୁତ ହୋଇସାରିଥିବା ଦେଖାଯାଇଛି। ତେବେ ପରୀକ୍ଷାର୍ଥୀ ମାନଙ୍କୁ ଉତ୍ସାହିତ କରିବା ପାଇଁ ଗଣିଆ ବ୍ଲକ ଛାମୁଣ୍ଡିଆ ଗୁପ୍ତେଶ୍ୱର ସରକାରୀ ମୋ ସ୍କୁଲ ସଭାପତି କମଳ ଲୋଚନ ଦଳେଇ, ଛାମୁଣ୍ଡିଆ ସରପଞ୍ଚ ଦିପ୍ତିରେଖା ସେନାପତି, ରଜୀଙ୍ଗି ଉନ୍ନୀତ ଉଚ୍ଚ ବିଦ୍ୟାଳୟର ମୋ ସ୍କୁଲ ସଭାପତି ପ୍ରତାପ କୁମାର ରାଉତ ବିଦ୍ୟାଳୟରେ ପହଞ୍ଚି ଛାତ୍ରଛାତ୍ରୀମାନଙ୍କୁ ମାଟ୍ରିକ ପରୀକ୍ଷା ପାଇଁ ଶୁଭକାମନା ଜଣାଇବା ସହ କଲମ, ଚକୋଲେଟ୍ ଓ ଫୁଲ ଦେଇଥିଲେ। ତେବେ ପରୀକ୍ଷା କିଭଳି ଶାନ୍ତିଶୃଙ୍ଖଳା ସହ ପରୀକ୍ଷା ଦେବା ସହ ତରବର ନ ହୋଇ ପ୍ରଶ୍ନ ପଢି ସଠିକ୍ ଉତ୍ତର ଦେବା ପାଇଁ ପରାମର୍ଶ ଦେଇଥିଲେ। ପରୀକ୍ଷା ଫଳାଫଳ ପ୍ରକାଶ ପାଇବା ପରେ ମୋ ସ୍କୁଲ ସଭାପତି ୯୦ ପ୍ରତିଶତ ଓ ସରପଞ୍ଚ ୮୦ ପ୍ରତିଶତ ମାର୍କ ରଖି ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରଛାତ୍ରୀମାନଙ୍କୁ ସ୍ୱତନ୍ତ୍ର ଭାବେ ପୁରସ୍କୃତ କରାଯିବ ବୋଲି ସୂଚନା ଦେଇଥିଲେ। ଏହି ସମୟରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରଜତ କୁମାର ପ୍ରଧାନଙ୍କ ସମେତ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ।

## ୪୩ତମ ବାର୍ଷିକ କୁମ୍ଭମେଳା ମହୋତ୍ସବ

**ଅସ୍ତରଙ୍ଗ,୧୬।୨/ଏନ୍ଏନ୍ଏସ୍:** ପୁରୀ ଜିଲ୍ଲା କାକଟପୁର ବ୍ଲକ ସାଡେଙ୍ଗା ପାଟପୁର ଗ୍ରାମରେ କୁମ୍ଭମେଳା ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି, ସ୍ୱତନ୍ତ୍ର ନୀତିକାନ୍ତିରେ ପୂଜାର୍ଚ୍ଚନା ସହ ହୋମଯଜ୍ଞ, ଭଜନ ସମାରୋହରେ ସମଗ୍ର ପରିବେଶ ପ୍ରକମ୍ପିତ ହୋଇଥିଲା। ହଜାର ହଜାର ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିଲା। କୁମ୍ଭମେଳା ଭାରତୀୟ ସନାତନ ସଂସ୍କୃତି ଭଳି ବହୁ ପୁରାତନ। ଦେବାସୁର ଲଢେଇ ସହିତ କୁମ୍ଭମେଳା ଯୋଡି ହୋଇ ରହିଛି। ବିଶ୍ୱାସ ରହିଛି ମା' ବରୁଣେଇଙ୍କ ନିକଟରେ ମାନସିକ ରଖିଲେ ଗାଈ ଗୋରୁଙ୍କ ଦେହ ଭଲ ହେବା ସହିତ ସନ୍ତାନ ପ୍ରାପ୍ତି ହୁଏ। ଏଠାରେ ମା' ୨୦୦ବର୍ଷ ଧରି ପୂଜା ପାଇ ଆସୁଛନ୍ତି। ପ୍ରଥମେ ମା' ଜରି ଗଛ ମୂଳରେ ପୂଜା ପାଇଆସୁଥିଲେ। ସମୟାନୁକ୍ରମେ ଏକ ଭବ୍ୟ ମନ୍ଦିର ନିର୍ମାଣ କରାଯାଇ ମା' ସେଠାରେ ପୂଜା ପାଉଛନ୍ତି। ୪୩ବର୍ଷ ଧରି ଏଠାକାର ଗ୍ରାମବାସୀଙ୍କ ଦ୍ୱାରା କୁମ୍ଭମେଳା ମହୋତ୍ସବ ଅନୁଷ୍ଠିତ ହୋଇଆସୁଛି। ବିଶେଷକରି ଆଷାଢ଼ ମାସରେ ଏଠାରେ ଅନ୍ନ ଭୋଗ ଲାଗି କରିବା ପାଇଁ ଦୂର ଦୂରାନ୍ତରୁ ଭକ୍ତମାନେ ଛୁଟି ଆସିଥାନ୍ତି। ବିଶ୍ୱାସ ରହିଛି କି ଏଠାରେ ଅନ୍ନ ଭୋଗ କଲେ ଘରର ସମସ୍ତ ସଦସ୍ୟଙ୍କ ରୋଗ ଦୁଃଖ ଭଲ ହେବା ସହ ପରିବାରର ମଙ୍ଗଳ ହୋଇଥାଏ।

## ବାଗଲପୁର ଗ୍ରାମ୍ୟ ରାସ୍ତାର ଶିଳାନ୍ୟାସ

**କଣ୍ଟାପଡ଼ା,୧୬।୨/ଏନ୍ଏନ୍ଏସ୍:** କଣ୍ଟାପଡ଼ା ବ୍ଲକ ଅନ୍ତର୍ଗତ ବାଗଲପୁର ଗ୍ରାମର ମୁଖ୍ୟ ରାସ୍ତାର ମରାମତି ଓ ପୁନଃନିର୍ମାଣକାର୍ଯ୍ୟର ଆଜି ଶିଳାନ୍ୟାସ କରିଛନ୍ତି ନିଆଳୀ ବିଧାୟକ



ଙ୍କ ଛବି ମଲିକ। ଶିଳାନ୍ୟାସ କାର୍ଯ୍ୟକ୍ରମରେ କଣ୍ଟାପଡ଼ା ବ୍ଲକ ବିଡିଓ ସ୍ୱପ୍ନିତା ନାୟକ, ସହକାରୀ ନିର୍ବାହୀ ଯନ୍ତ୍ରୀ ଧନଞ୍ଜୟ ସାମଲ, ବିଜେପି ରାଜ୍ୟ କୃଷକ ମୋର୍ଚ୍ଚା ସଂପାଦକ ଅଶୋକ କୁମାର ରଥ, ବାଗଲପୁର ସରପଞ୍ଚ ଜ୍ୟୋସ୍ନା ରାଣୀ ସେଠୀ, ପଞ୍ଚାୟତ ପ୍ରମୁଖ କୈଳାସ ପ୍ରସାଦ ଦାସ, ଯୁବ ସଂଗଠକ ପ୍ରିୟବ୍ରତ ରାଉତରାୟ, ସମାଜସେବୀ ତଥା ସଂଗଠକ ଉମାକାନ୍ତ କର, ବରିଷ୍ଠ ବିଜେପି ନେତା ବେଣୁଧର ଜଇଁ, ଯୁବ ସଂଗଠକ ହେମନ୍ତ କୁମାର ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। ସୂଚନାଥାଉ କି ବାଗଲପୁର ଗ୍ରାମ୍ୟ ରାସ୍ତା ନିର୍ମାଣ ପାଇଁ ୧୦ ଲକ୍ଷ ଟଙ୍କାର ଅନୁଦାନ ରାଶି ମଞ୍ଜୁର କରାଯାଇଛି।

## ଲୋକନାଥଙ୍କ ପୀଠରେ ସୂଚନା କେନ୍ଦ୍ର ବ୍ୟବସ୍ଥା

**ପୁରୀ,୧୬।୨/ଏନ୍ଏନ୍ଏସ୍:** ପୁରୀ ର ପ୍ରସିଦ୍ଧ ଶୈବପୀଠ ବାବା ଶ୍ରୀଲୋକନାଥଙ୍କ ପୀଠ ରେ ଆଜି ଜାଗର ଅବସରରେ ବିପୁଳ ଜନ ସମାଗମ ହୋଇଥିଲା। ଶ୍ରଦ୍ଧାଳୁ ମାନଙ୍କ ସୁବିଧା ପାଇଁ ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ ପକ୍ଷରୁ ଏକ ସୂଚନା କେନ୍ଦ୍ର ବା ହଜିବା ଖୋଜିବା କେନ୍ଦ୍ର କରାଯାଇଥିଲା। ପ୍ରତ୍ୟୁଷରୁ ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟର ଅଧିକାରୀ ଓ କର୍ମଚାରୀ ମାନଙ୍କ ଦ୍ୱାରା ସୂଚନା କେନ୍ଦ୍ର କାର୍ଯ୍ୟକ୍ଷମ କରାଯାଇଥିଲା। ଶ୍ରଦ୍ଧାଳୁ ମାନଙ୍କୁ ବିବିଧ ସତର୍କ ସୂଚନା ଯଥା ଶିଶୁ ଓ ବୟସ୍କ ମାନଙ୍କୁ ହାତଛଡା କରନ୍ତୁ ନାହିଁ, ଯଦି କିଏ ହଜିଯାଉଛନ୍ତି ତେବେ ହଜିବା ଓ ଖୋଜିବା ଉଭୟ ଲୋକ ସୂଚନା କେନ୍ଦ୍ର କୁ ଆସନ୍ତୁ ଯାହା ଫଳରେ ଶିଘ୍ର ମିଳି ପାରିବେ, ଗହଣା, ମୋବାଇଲ, ମନିପର୍ସ ପ୍ରତି ସତର୍କ ରୁହନ୍ତୁ ଇତ୍ୟାଦି ସୂଚନା ଦିଆଯାଇଥିଲା। ସେହିପରି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ପ୍ରକାଶିତ ଉତ୍କଳ ପ୍ରସଙ୍ଗ, ଓଡିଶା ରିଭ୍ୟୁ ବହି ବିକ୍ରୟ କରାଯାଇଥିଲା।

## ଗୀତିକାର ବଦ୍ରି ମିଶ୍ରଙ୍କୁ 'ଏକାମ୍ରଶ୍ରୀ' ସମ୍ମାନ

**ପୁରୀ,୧୬।୨/ଏନ୍ଏନ୍ଏସ୍:** ଠାକୁରଙ୍କ ଭଜନ-ଜଣାଣ ମାଧ୍ୟମରେ ଓଡ଼ିଶାରେ ଆଧ୍ୟାତ୍ମିକ ଜନଜାଗରଣ ପାଇଁ ରାଜ୍ୟ ପୁରସ୍କାରପ୍ରାପ୍ତ ବରିଷ୍ଠ ଗୀତିକାର ଡକ୍ଟର ବଦ୍ରି ମିଶ୍ରଙ୍କୁ ଏକାମ୍ର ସାଂସ୍କୃତିକ ମହୋତ୍ସବରେ ଏକାମ୍ରଶ୍ରୀ ସମ୍ମାନ ପ୍ରଦାନ କରାଯାଇଛି। ମହାଶିବରାତ୍ରି ଉପଲକ୍ଷେ ଭୁବନେଶ୍ୱର ଲିଙ୍ଗରାଜ ମନ୍ଦିର ଭଜନ ମଣ୍ଡପ ରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ବାଚସ୍ପତି ସୁରମା ପାଢ଼ୀ, ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଗୀତିକାର ମିଶ୍ରଙ୍କୁ ଏହି ସମ୍ମାନ ପ୍ରଦାନ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଭାରତବର୍ଷ ର ବିଶିଷ୍ଟ କଣ୍ଠଶିଳ୍ପୀ ନିତିନ ମୁକେଶ, ସଭାପତି ସୁରେଶ ରାଉତରାୟ, ଉପସଭାପତି ବାବୁ ସିଂ ଓ ସମୀର ମହାନ୍ତି, ମେୟର ସୁଲୋଚନା ଦାସ ସଂପାଦକ ତଥା ବରିଷ୍ଠ ସାମ୍ବାଦିକ ସନତ ମିଶ୍ର ଓ ପ୍ରତାପ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଡକ୍ଟର ମିଶ୍ର ଏକାଧାରରେ ଜଣେ ଗାଳ୍ପିକ, କବି, ନାଟ୍ୟକାର, ଅଭିନେତା, କଣ୍ଠଶିଳ୍ପୀ ଓ ଚଳଚ୍ଚିତ୍ର କାହାଣୀକାର।

## ଶିବଜୟନ୍ତୀ ମହୋତ୍ସବରେ ଉଡ଼ିଲା ଶିବଝଣ୍ଡା

**ସାକ୍ଷୀଗୋପାଳ,୧୬।୨/ଏନ୍ଏନ୍ଏସ୍:** ମହାଶିବରାତ୍ରି ଉପଲକ୍ଷେ ପ୍ରଜାପିତା ବ୍ରହ୍ମା କୁମାରୀ ଇଶ୍ୱରୀୟ ବିଶ୍ୱବିଦ୍ୟାଳୟ ସାକ୍ଷୀଗୋପାଳ ଉପ ସେବାକେନ୍ଦ୍ର ପକ୍ଷରୁ ଉପ ସେବାକେନ୍ଦ୍ରର



ମୁଖ୍ୟ ସଂଚାଳିକା ରାଜଯୋଗିନୀ ବ୍ରହ୍ମାକୁମାରୀ ସଂଯୁକ୍ତା ଭଗିନୀଙ୍କ ତତ୍ତ୍ୱାବଧାନରେ ୯୦ତମ ପୁଣ୍ୟତିଥି, ତ୍ରିମୂର୍ତ୍ତି ଶିବ ପରମପିତା ପରମାତ୍ମାଙ୍କ ଉଦ୍ଦେଶ୍ୟରେ, ଆଧ୍ୟାତ୍ମିକ, ମୂଲ୍ୟନିଷ୍ଠ ସମାଜ ଗଢ଼ିବା, ସହଜ ରାଜଯୋଗ ସତ୍ୟ ଗୀତାଜ୍ଞାନ ଦେଇ ଏକ ସୁଖ, ଶାନ୍ତିମୟ ସତ୍ୟଯୁଗୀ ଦୈବୀ ସାମ୍ରାଜ୍ୟ ସ୍ଥାପନ ଉଦ୍ଦେଶ୍ୟରେ ତ୍ରିମୂର୍ତ୍ତି ଶିବ ଜୟନ୍ତୀ ମହୋତ୍ସବ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ପ୍ରଦୀପ ପ୍ରଜ୍ୱଳନ, ଶିବଧ୍ୱଜା ଉତ୍ତୋଳନ ଓ କେକ୍ କଟା କାର୍ଯ୍ୟକ୍ରମ ସମ୍ପାଦନ ସହ ଏକ ଶାନ୍ତି ସନ୍ଦେହ ଶୋଭାଯାତ୍ରା ପରିକ୍ରମା କରିଥିଲ। ଘୋର ଅନ୍ଧକାର ନିଦ୍ରାରୁ ସମସ୍ତଙ୍କୁ ଜାଗରଣ କରାଇବା ପାଇଁ, ପରମପିତା ପରମାତ୍ମାଙ୍କ ଦିବ୍ୟ ସନ୍ଦେଶ ଆଦି ଚିତ୍ର ପ୍ରଦର୍ଶନୀ ମାଧ୍ୟମରେ ପ୍ରଚାର କରାଯାଇଥିଲା। କାର୍ଯ୍ୟକ୍ରମରେ ସେବାକେନ୍ଦ୍ରର ବଡ଼ ଭାଇ ବ୍ରହ୍ମା କୁମାର ପିତାମ୍ବର, ସନ୍ତୋଷ, ଆନନ୍ଦ ବ୍ରହ୍ମା କୁମାର ପ୍ରଭାତ, ପାର୍ଥ, ଅଞ୍ଜନ ଅନୁଷ୍ଠାନର ଭାଇ ଭଉଣୀ ସମେତ ସ୍ଥାନୀୟ ଅଞ୍ଚଳର ଶତାଧିକ ବିଦ୍ୟାର୍ଥୀ ଯୋଗଦେଇଥିଲେ।

### ସରକାରୀ ଯୋଜନାରୁ ବଞ୍ଚିତ ମୁଣ୍ଡପୋତା ମାଟିଆକେଲା

# ଭୋଟର କାର୍ଡ ଅଛି, ହେଲେ ଆଧାର ନାହିଁ

**ଓଡ଼ଗାଁ,୧୬।୨/ଏନ୍ଏନ୍ଏସ୍:** 'ଏ ବାବୁ ତୁ ସିନା ଝାଡୁ ତିଆରି ପାଇଁ ସୂତା ଦେଇଦେଲୁ। ଆମେ ତିଆରି କରି କରିବୁ କ'ଣ ? ଆମେ ଯାଇପାରିବୁନି କୁଆଡ଼େ ଦେବାକୁ ? ଆମଠୁ କିଏ ନବ ?' ଏପରି କଥାଶୁଣି ଆଶ୍ଚର୍ଯ୍ୟ ହୋଇଥିଲେ ରୋହିବାଙ୍କ ଉଚ୍ଚ ବିଦ୍ୟାଳୟର ଶିକ୍ଷକ ସନ୍ତୋଷ କୁମାର ସାହୁ। ଯେଉଁ ମୁଣ୍ଡ ପୋତା ମାଟିଆକେଲା କେବେ ବି ଝାଡୁ ବୁଣିବା ଶିଖିନଥିଲେ ସେମାନଙ୍କୁ ଭିକ୍ଷା ବୃତ୍ତିଠାରୁ ନିବୃତ୍ତ କରି ସ୍ୱଳ୍ପ ଖର୍ଚ୍ଚରେ ଝାଡୁ ତିଆରିକରି ବିକ୍ରିକରିବା ପାଇଁ ବାଟ ବତାଇଛନ୍ତି ଶ୍ରୀ ସାହୁ।



ଓଡ଼ଗାଁ ବ୍ଲକ୍ ରୋହିବାଙ୍କ ପଞ୍ଚାୟତରେ ୧୨ ପରିବାର ମୁଣ୍ଡପୋତା କେଳା ବସବାସ କରୁଛନ୍ତି। ସେମାନେ ବର୍ଷବର୍ଷ ଧରି ଏକ ଜରିପାଲ କିମ୍ବା ଝୁମ୍ପୁରି ଘରତଳେ ପରିବାରକୁ ଧରି ଚଳୁଥିଲେ ମଧ ପ୍ରଶାସନ ସେମାନଙ୍କୁ ଅଣଦେଖା କରି ଆସୁଛି। ସେମାନେ ସ୍ଥାୟୀ ବାସିନ୍ଦା ବୋଲି ଭୋଟରକାର୍ଡ଼ ପାଇଥିବା ବେଳେ ଆଧାରକାର୍ଡ କରିବାକୁ କେହି ଧରାଛୁଆଁ ଦେଉନଥିବା କହିଛନ୍ତି। ଏବେ ସରକାରୀ ସୁବିଧା ନପାଇ ନିଜଭାଗ୍ୟକୁ ଆଦରି ପଡ଼ିଛନ୍ତି।ଶିକ୍ଷକ ଶ୍ରୀ ସାହୁ ସେମାନଙ୍କ ଦୁଃଖଦେଖି ସେମାନଙ୍କୁ ଝାଡୁ ତିଆରିକରି ବଜାରରେ ବିକ୍ରି କରିବାକୁ ପରାମର୍ଶ ଦେଇଛନ୍ତି। ଖାଲି ସେତିକି ନୁହେଁ ଝାଡୁରେ ବନ୍ଧା ଯାଉଥିବା ସୁତୁଲିକୁ ନିଜେ କିଣିଆଣି ଦେଇଥିଲେ ଓ ନିଜ ଗାଡ଼ିରେ ବସାଇ ସମସ୍ତ ଝାଡୁକୁ ନେଇ ଓଡ଼ଗାଁ ବଜାରରେ ଆସନ୍ତା ତୃତୀୟ ରବିବାର ଦିନ ବିକ୍ରି କରିବାକୁ ପ୍ରତିଶ୍ରୁତି ମଧ ଦେଇଛନ୍ତି। ଏହି ମୁଣ୍ଡ ପୋତା ମାଟିଆ କେଳା ଯେଉଁମାନେ କି 'ମାଙ୍କୁ' ଆଦିବାସୀ ସାମ୍ପ୍ରଦାୟର। ଏମାନେ ବହୁ ବର୍ଷଧରି ରୋହିବାଙ୍କ ପଞ୍ଚାୟତରେ ରହି ଆସିଲେଣି। ଏମାନଙ୍କର କାହାର ଜନ୍ମ ପ୍ରମାଣପତ୍ର ନଥିବାରୁ ଏବଂ କେବେବି ଲୋକ ଲୋଚନକୁ ଆସୁନଥିବାରୁ ଆଧାର କାର୍ଡ ହୋଇପାରୁ ନାହିଁ। ଏମାନେ ସରକାରଙ୍କର ଖାଦ୍ୟସୁରକ୍ଷା ଯୋଜନାରୁ ବଞ୍ଚିତ ହୋଇଛନ୍ତି। ସେମାନଙ୍କ ପାଖରେ ଭୋଟ୍ ପରିଚୟପତ୍ର ଥିଲେ ମଧ ସେମାନଙ୍କୁ ସରକାରୀ ଯୋଜନାରେ ସାମିଲ ନକରିବା ପଛର କାରଣ କ'ଣ ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ସେମାନେ ସ୍ଥାୟୀ ବାସିନ୍ଦା ବୋଲି ଭୋଟର ପରିଚୟପତ୍ର ପ୍ରଦାନ କରାଯାଇଛି କିନ୍ତୁ ସରକାରୀ ଯୋଜନା ସେମାନଙ୍କ ପାଇଁ ସ୍ୱପ୍ନ ପାଲଟିବା ସରକାରୀ ଅଧିକାରୀଙ୍କ କାର୍ଯ୍ୟଦକ୍ଷତା ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରୁଛି। ପାଠପଢିବା ବୟସରେ ପିଲାମାନେ ଭିକ୍ଷାବୃତ୍ତି କରୁଥିବାବେଳେ ଆଉ କିଛି ପିଲା ଜଙ୍ଗଲକୁ ଯାଉଛନ୍ତି। ସେମାନଙ୍କ ପାଇଁ ପ୍ରଶାସନ କେବେ ସୁବିଧା ପ୍ରଦାନ କରି ବିଦ୍ୟାଳୟମୁଖୀ କରିବ ଓ ସରକାରୀ ଯୋଜନାରେ ସାମିଲକରିବ ତାହା ଦେଖିବାକୁ ବାକି ରହିଛି।

## ଜିଲ୍ଲାସ୍ତରୀୟ ଶିକ୍ଷକ ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ

**ନୟାଗଡ଼,୧୬।୨/ଏନ୍ଏନ୍ଏସ୍:** ନୟାଗଡ଼ ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ କେନ୍ଦ୍ର, ରାଜସୁନାଖଳା ପକ୍ଷରୁ ଜିଲ୍ଲାସ୍ତରୀୟ ଶିକ୍ଷକ ପ୍ରଶିକ୍ଷଣ ଶିବିର 'ସନ୍ଧାନ' ସୋମବାର ଉଦ୍‌ଘାଟିତ ହୋଇଯାଇଛି। ପ୍ରଶିକ୍ଷଣ ଶିବିରକୁ ପ୍ରଶିକ୍ଷଣ କେନ୍ଦ୍ର ଅଧ୍ୟକ୍ଷ ବିଜୟ କୁମାର ତ୍ରିପାଠୀ ଶ୍ରୀଜଗନ୍ନାଥଙ୍କ ପ୍ରତିମୂର୍ତ୍ତିରେ ଧୂପ ପୁଷ୍ପ ଅର୍ପଣ ପୂର୍ବକ ଉଦଘାଟନ କରିଥିଲେ। ଏହି ପ୍ରଶିକ୍ଷଣ ଶିବିରରେ ଜିଲ୍ଲାର ୮ଟି ବ୍ଲକରୁ ୫୬ ଜଣ ଶିକ୍ଷକ ଶିକ୍ଷୟିତ୍ରୀ ଯୋଗଦାନ କରିଥିଲେ। ପ୍ରଶିକ୍ଷକ ଦୀପକ କୁମାର ପ୍ରଧାନଙ୍କ ନେତୃତ୍ୱରେ ୪ ଦିନ ବ୍ୟାପି ଅନୁଷ୍ଠିତ ହେଉଥିବା ଏହି ପ୍ରଶିକ୍ଷଣ ଶିବିରର ପ୍ରଥମ ଦିବସରେ ଜିଲ୍ଲା ପ୍ରଶିକ୍ଷଣ କେନ୍ଦ୍ର ପକ୍ଷରୁ ପ୍ରଶିକ୍ଷକ ଡ.ସନ୍ତୋଷ କୁମାର ମିଶ୍ର,ମନୋରଞ୍ଜନ ଦାସ, ମାନସ ରଞ୍ଜନ



ସାହୁ ପ୍ରମୁଖ ଯୋଗଦାନ କରି ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ପ୍ରଶିକ୍ଷଣ ଶିବିରରେ ପ୍ରାଥମିକ ସ୍ତରରେ ଛାତ୍ରଛାତ୍ରୀଙ୍କ ଶିକ୍ଷାଗତ ମୂଲ୍ୟାଙ୍କନ ପରେ ତାଙ୍କର ଶିକ୍ଷଣ ଦକ୍ଷତାକୁ ବିଶ୍ଳେଷଣ କରି, ଆଗାମୀ ଶିକ୍ଷଣ ପ୍ରକ୍ରିୟାକୁ କିପରି ସୁଦୃଢ କରାଯାଇପାରିବ ତାହା ଉପରେ ଗୁରୁତ୍ୱ ଦିଆଯାଇ ପ୍ରଶିକ୍ଷଣ ଦିଆଯାଇଥିଲା। କାର୍ଯ୍ୟ ପରିଚାଳନାରେ ଶିକ୍ଷକ ମୃତ୍ୟୁଞ୍ଜୟ ଷଡ଼ଙ୍ଗୀ, ଲକ୍ଷ୍ମୀଧର ସାହୁ, ପୀତବାସ ପ୍ରଧାନ, ଭକ୍ତବଲ୍ଲଭ ବଟକୃଷ୍ଣ ମିଶ୍ର, ବିପିନ ବିହାରୀ ଦାସ, ବିରଞ୍ଚି ନାରାୟଣ ପୃଷ୍ଟି ପ୍ରମୁଖ ସହଯୋଗ କରିଥିଲେ।

## ଅର୍ଜୁନପୂର ପଞ୍ଚାୟତରେ 'ପଲ୍ଲୀରେ ପ୍ରଶାସନ'



**ଖୋର୍ଦ୍ଧା,୧୬।୨/ଏନ୍ଏନ୍ଏସ୍:** ଜିଲ୍ଲାପାଳ ଏବଂ ଜିଲ୍ଲା ମାଜିଷ୍ଟ୍ରେଟ ଅମ୍ରିତ୍ ଋତୁରାଜ ଏବଂ ଆରକ୍ଷୀ ଅଧିକ୍ଷକ ବିବେକାନନ୍ଦ ଶର୍ମାଙ୍କ ଖୋର୍ଦ୍ଧା ବ୍ଲକ୍ ଅନ୍ତର୍ଗତ ନାଲିପଡା ଅର୍ଜୁନପୂର୍ ଗ୍ରାମ ପଂଚାୟତ କାର୍ଯ୍ୟାଳୟ ପରିସରରେ ପଲ୍ଲୀରେ ପ୍ରଶାସନ ମିଳିତ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଜନଶୁଣାଣି ଶିବିରରେ ବନଖଣ୍ଡ ଅଧିକାରୀ, ଖୋର୍ଦ୍ଧା, ଲାଡେ ଗଜାନନ ଦୟାନନ୍ଦ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ, ଜ୍ୟୋତିଶଙ୍କର ସାହୁ, ଉପଜିଲ୍ଲାପାଳ, ଖୋର୍ଦ୍ଧା ସଂକଳ୍ପ ସ୍ୱସ୍ତିକ ସାହୁ, ବି ଡି ଓ, ଖୋର୍ଦ୍ଧା କ୍ଷୀରାବ୍ଧୀ ତନୟା ସାହୁ, ତହସିଲଦାର, ଖୋର୍ଦ୍ଧା, ବିଭାଷ ପାଣିଗ୍ରାହୀ ସହକାରୀ ଜିଲ୍ଲାପାଳ ଭୁବନେଶ୍ୱରୀ କଅଁର ଯୋଗଦେଇଥିଲେ। ଆଜିର ଅଭିଯୋଗ ଶୁଣାଣିରେ ମୋଟ ୩୮ଗୋଟି ଅଭିଯୋଗ ଆସିଥିବାବେଳେ ତନ୍ମଧ୍ୟରୁ ବ୍ୟକ୍ତିଗତ ଅଭିଯୋଗ ୩୧ଗୋଟି ଏବଂ ଗ୍ରାମୀଣ ସମସ୍ୟା ଜନିତ ୭ଗୋଟି ଅଭିଯୋଗ ଆସିଥିଲା। ଶିବିରରେ ତତ୍କାଳ ୬ଗୋଟି ଅଭିଯୋଗର ସମାଧାନ କରାଯାଇଥିବାବେଳେ ଅନ୍ୟ ଅଭିଯୋଗ ଗୁଡ଼ିକୁ ସଂପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ଯଥାଶୀଘ୍ର ସମାଧାନ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, କୃଷି ଏବଂ ବିଭିନ୍ନ ଅତ୍ୟାବଶ୍ୟକ ସେବା ଅଧିକାରୀ ସମେତ ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ, ବିଭିନ୍ନ ଲାଇନ୍ ଡିପାର୍ଟମେଣ୍ଟ ଅଧିକାରୀମାନେ ଯୋଗଦେଇଥିଲେ।

## ଆଶ୍ରୟ ପକ୍ଷରୁ ଲଡୁବାବାଙ୍କ ମନ୍ଦିର ସଫେଇ

**ଓଡ଼ଗାଁ,୧୬।୨/ଏନ୍ଏନ୍ଏସ୍:** ରାଜ୍ୟର ପ୍ରସିଦ୍ଧ ଶୈବପୀଠ ଓଡ଼ଗାଁ ବ୍ଲକ ଅନ୍ତର୍ଗତ ଶରଣକୁଳ ବିରାଜିତ ଶ୍ରୀଶ୍ରୀ ଲଡୁବାବାଙ୍କ ପବିତ୍ର ମହାଶିବରାତ୍ରୀ ପରଦିନ ଅର୍ଥାତ୍ ସୋମବାର ଦିନ ସମଗ୍ର ଶରଣକୁଳ ଅଞ୍ଚଳକୁ ସଫେଇ କରାଯାଇଛି। ଶରଣକୁଳ ନିକଟବର୍ତ୍ତୀ ବାଉଁଶିଆସ୍ଥିତ ଆଶ୍ରୟର ସ୍ୱେଚ୍ଛାସେବୀ ମାନଙ୍କ ଦ୍ୱାରା କୁଢ଼କୁଢ଼ ଅଳିଆ, ଆବର୍ଜନା, ପଲିଥିନ ସଫା କରାଯାଇଥିଲା। ଜାଗରଯାତ୍ରା ଯୋଗୁଁ ଲକ୍ଷାଧିକ ଭକ୍ତଙ୍କ ସମାଗମ ହୋଇଥିବାବେଳେ ସବୁଆଡେ ଅଳିଆ, ଆବର୍ଜନା, ପ୍ଲାଷ୍ଟିକ ଗ୍ଲାସ୍ , କଦଳୀଚୋପା, ନଡ଼ିଆକତା ପଡ଼ି ପୁରା ପରିବେଶ ଅପରିଷ୍କାର ହୋଇ ପଡ଼ିରହିଥିଲା। ପ୍ରତିବର୍ଷ ଭଳି ଚଳିତଥର ମଧ ଭୋର ୪ଟାରୁ ସକାଳ ୯ଟା ମଧ୍ୟରେ ମନ୍ଦିର ସିଂହଦ୍ୱାରରୁ ଆରମ୍ଭକରି ମନ୍ଦିରବେଢ଼ା ସହିତ ସମଗ୍ର ଶରଣକୁଳ ଅଞ୍ଚଳକୁ ମିଳିମିଶି ସଫା କରିଥିଲେ।



ସୂଚନା ଅନୁଯାୟୀ ୧୯୯୧ ମସିହାଠାରୁ ଅଦ୍ୟାବଧି ଦୀର୍ଘ ୩୬ବର୍ଷ ଧରି ଅଶ୍ରୟର ପ୍ରତିଷ୍ଠାତା ତଥା ସମାଜସେବୀ ଲୋକନାଥ ଦାସଙ୍କ ନେତୃତ୍ୱରେ ଏହି ସେବାକାର୍ଯ୍ୟ ହୋଇ ଆସୁଥିବାବେଳେ ଚଳିତଥର ସଫେଇ କାର୍ଯ୍ୟରେ ସ୍ଥାନୀୟ ଅଞ୍ଚଳର ସ୍ୱେଚ୍ଛାସେବୀ, ଯୁବକସଂଘ, ମହିଳାଗୋଷ୍ଠୀ, କ୍ଲବ, ବିଦ୍ୟାଳୟ, ମହାବିଦ୍ୟାଳୟ କର୍ମଚାରୀ ଓ ଗ୍ରାମ୍ୟ କମିଟିର ୧୯୭ଜଣ ସ୍ୱେଚ୍ଛାସେବୀ ଏହି ବିଶାଳ ସଫେଇ କାର୍ଯ୍ୟରେ ଅଂଶଗ୍ରହଣ କରିଥିବାବେଳେ ଆଶ୍ରୟର ପ୍ରତିଷ୍ଠାତା ଶ୍ରୀ ମିଶ୍ର ପରିଚାଳନା କରିଥିବା ଜଣାପଡ଼ିଛି।

## ଶିଶୁ ବିଦ୍ୟାମନ୍ଦିରର ବାର୍ଷିକୋତ୍ସବ

**ଓଡ଼ଗାଁ,୧୬।୨/ଏନ୍ଏନ୍ଏସ୍:** ଓଡ଼ଗାଁ ବ୍ଲକ ଅନ୍ତର୍ଗତ ନନ୍ଦିଘୋର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଚତୁର୍ଦ୍ଦଶ ବାର୍ଷିକୋତ୍ସବ ପାଳିତ ହୋଇଯାଇଛି। ବିଦ୍ୟାମନ୍ଦିରର ପ୍ରତିଷ୍ଠାତା ତଥା ସମ୍ପାଦକ ଅବିନାଶ ରାଉତଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ମୁଖ୍ୟଅତିଥି ଭାବେ ନୟାଗଡ ଜିଲ୍ଲା ପ୍ରମୁଖ, ଭାରତୀୟ ଶିକ୍ଷା ବିକାଶ ପ୍ରମୁଖ ଯୋଗଦେଇ ସମୟାନୁବର୍ତ୍ତିତା, ଉତ୍ତମ ଚରିତ୍ର ଗଠନ ଓ ଶିକ୍ଷାର ମହତ୍ତ୍ୱ ସମ୍ପର୍କରେ ଛାତ୍ରଛାତ୍ରୀଙ୍କୁ ଉପଦେଶ ଦେଇଥିଲେ। ବିଦ୍ୟାମନ୍ଦିରର ପ୍ରଧାନ ଆଚାର୍ଯ୍ୟ ସତ୍ୟନାରାୟଣ ସାହୁ ବାର୍ଷିକ ବିବରଣୀ ପଠନ କରିଥିବାବେଳେ ଗାଇଡାନ୍ସ ପବ୍ଲିକ ସ୍କୁଲ ଅଧ୍ୟକ୍ଷ ରଞ୍ଜନ କୁମାର ସାହୁ କାର୍ଯ୍ୟକ୍ରମ ସଂଯୋଜନା



ସଂସ୍ଥାନ ଶ୍ରୀଧର ସାହୁ ଯୋଗଦେଇ ଉତ୍ସବକୁ ଉଦଘାଟନ କରିଥିଲେ ଏବଂ ସାଧନା, ଧୈର୍ଯ୍ୟ ସହିତ ଆତ୍ମବିଶ୍ୱାସ ରଖି ପାଠପଢ଼ିଲେ ଜୀବନରେ ସଫଳହେବ ବୋଲି ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ। ନିମନ୍ତ୍ରିତ ଅତିଥିଭାବେ ସିଆରସିସି ଉମାକାନ୍ତ ପ୍ରଧାନ, ନନ୍ଦିଘୋର ନୂଆସାହି ସଭାପତି ସୁରେନ୍ଦ୍ର କୁମାର ବେହେରା, ଉପଦେଷ୍ଟା ସରୋଜ କୁମାର ମିଶ୍ର କରିଥିଲେ। ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରି କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇ ଥିଲା। ପରେ ପିଲାଙ୍କ ଦ୍ୱାରା ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ବିଦ୍ୟାମନ୍ଦିରର ସମସ୍ତ ଗୁରୁଜୀ, ଗୁରୁମା ଓ ଅଭିଭାବକମାନେ ସହଯୋଗ କରିଥିବା ଜଣାପଡ଼ିଛି।

## ଜିଲ୍ଲା ସ୍କାଉଟ୍ସ ଓ ଗାଇଡ୍ସ ଦ୍ୱାରା ତ୍ରିଦିବସୀୟ ଶିବିର



**ପୁରୀ,୧୬।୨/ଏନ୍ଏନ୍ଏସ୍:** ପ୍ରତ୍ୟେକ ବର୍ଷ ପରି ଚଳିତ ବର୍ଷ ମଧ ଜିଲ୍ଲା ଶିକ୍ଷାଧିକାରୀ ଦୀପକ କୁମାର ପାଢ଼ୀଙ୍କ ନିର୍ଦ୍ଦେଶରେ ପୁରୀ ଜିଲ୍ଲା ସ୍କାଉଟ୍ସ ଓ ଗାଇଡ୍ସମାନଙ୍କ ଦ୍ୱାରା ଦେବାଦୀଦେବ ମହାଦେବ ଶ୍ରୀ ଲୋକନାଥ ଦେବଙ୍କ ଜାଗର ଯାତ୍ରା ଉପଲକ୍ଷେ ଏକ ତ୍ରିଦିବସୀୟ ସେବା ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରାୟତଃ ୩୦୦ରୁ ଉର୍ଦ୍ଧ୍ୱ ପୁରୀ ସହରାଞ୍ଚଳରେ ଥିବା ପ୍ରତ୍ୟେକ ବିଦ୍ୟାଳୟର ସ୍କାଉଟ, ଗାଇଡ୍ସ,ରୋଭର ରେଞ୍ଜର ତଥା ସମସ୍ତ ସ୍କାଉଟ ମାଷ୍ଟର ଓ ଗାଇଡ୍ସ ମାନେ ସହଯୋଗ କରିଥିଲେ। ଏହି ସେବା ଶିବିରକୁ ଜିଲ୍ଲା ଗାଇଡ ସଂଗଠକ ଶ୍ରୀମତୀ ମିନାକ୍ଷୀ ମିଶ୍ର, ବିଦ୍ୟାଧର ମିଶ୍ର, ଅରୁଣ ଭଟ୍ଟାଚାର୍ଯ୍ୟ, ନିରଞ୍ଜନ ପରିଡା, ଗୋବିନ୍ଦଚନ୍ଦ୍ର ସିଂ, କାବେରୀ ବିଶ୍ୱାଳ, ସସ୍ମିତା ରାଉତରାୟ, ବସନ୍ତ କୁମାର ବାରିକ, ପ୍ରକାଶଚନ୍ଦ୍ର ଦାଶ, ଭାଗ୍ୟଶ୍ରୀ ସେଠି, ରୋଭର ଲିଡର ରାଜେନ୍ଦ୍ରନାରାୟଣ ହରିଚନ୍ଦନ, ପ୍ରଶାନ୍ତ କୁମାର ମୁଦୁଲି, ସୂର୍ଯ୍ୟନାରାୟଣ ମହାପାତ୍ର, ରେଞ୍ଜର ଲିଡର ରେଖା ମାନସିଂହ, ଆରତୀ ମହାନ୍ତି ପରିଚାଳନାରେ ସହଯୋଗ କରିଥିଲେ। ସେବା ଶିବିର ପରିଦର୍ଶନରେ ଜିଲ୍ଲା ସ୍କାଉଟ ସଂଗଠନର ଉପସଭାପତି ପ୍ରଦ୍ୟୁମ୍ନ କୁମାର ମିଶ୍ର ଆସି ପିଲାମାନଙ୍କୁ ଉତ୍ସାହିତ କରିଥିବାର ସୂଚନା ଜିଲ୍ଲା ସ୍କାଉଟ ସଂଗଠକ ଦେବାଶିଷ ମିଶ୍ର ପ୍ରଦାନ କରିଥିଲେ।

## ପୁରୀ ଶ୍ରୀଲୋକନାଥ ମନ୍ଦିରରେ ଅହୋରାତ୍ର ସାଂସ୍କୃତିକ ଉତ୍ସବ

**ପୁରୀ,୧୬।୨/ଏନ୍ଏନ୍ଏସ୍:** ପବିତ୍ର ମହାଶିବରାତ୍ରି ଅବସରରେ ଶ୍ରୀ ଲୋକନାଥ ମନ୍ଦିର ପ୍ରାଙ୍ଗଣ ଲୋକାରଣ୍ୟ ହୋଇ ଉଠିଥିଲା। ପ୍ରାତଃ କାଳରୁ ଶ୍ରଦ୍ଧାଳୁ ଓ ଭକ୍ତ ମାନେ ଧାଡ଼ି ରେ ରହି ଶ୍ରୀ ଲୋକନାଥ ଙ୍କ ଦର୍ଶନ କରିଥିଲେ। ରାତ୍ରି ସାରା ଭକ୍ତ ମାନେ ମନ୍ଦିର ଚତୁର୍ପାର୍ଶ୍ୱ ରେ ଉଜାଗର ରହି ଦୀପ ଜାଳି ଥିଲେ। ମନ୍ଦିର ନିକଟସ୍ଥ ଜାଗରପଦା ଠାରେ ଶ୍ରୀ ଲୋକନାଥ ଦେବ ସାସ୍କୃତିକ ସଂସଦ, ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ,ଶ୍ରୀମନ୍ଦିର ପ୍ରଶାସନ ଓ ଜିଲ୍ଲା ପ୍ରଶାସନ ର ମିଳିତ ସହଯୋଗରେ ମହାଶିବରାତ୍ରି ଅହୋରାତ୍ର ସାସ୍କୃତିକ ଉତ୍ସବ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ଉପଦେଷ୍ଟା ଜନାର୍ଦ୍ଦନ ପାଟ୍ଟଯୋଶୀ, ଶ୍ରୀମନ୍ଦିର ପରିଚାଳନା କମିଟିର ସଦସ୍ୟ ମଧୁସୂଦନ ସିଂହାରୀ, ଶ୍ରୀଲୋକନାଥ ଦେବ ସାଂସ୍କୃତିକ ସଂସଦର ସଭାପତି ନବ କିଶୋର ପତିମହାପାତ୍ର,



ଉପ ସଭାପତି ଜିତେନ୍ଦ୍ର ମହାପାତ୍ର, ରାଜେଶ କୁମାର ମିଶ୍ର, ସମ୍ପାଦକ ରବି ନାରାୟଣ ପଣ୍ଡା, ସାଂସ୍କୃତିକ ସମ୍ପାଦକ ନରେନ୍ଦ୍ର କୁମାର ମହାନ୍ତି, ସହ ସମ୍ପାଦକ ଲକ୍ଷ୍ମୀ ନାରାୟଣ ଦାସ, କୋଷାଧ୍ୟକ୍ଷ କୃଷ୍ଣ ଚନ୍ଦ୍ର ଦାସ, ସଦସ୍ୟ ଗଣେଶ ମହାସୁଆର, ନୀଳମଣି ଗୁରୁ, ଶ୍ୟାମ ସୁନ୍ଦର ମହାପାତ୍ର, ରମେଶ ଚନ୍ଦ୍ର ମହାନ୍ତି, ସନ୍ଧ୍ୟାରାଣୀ ରଥ ଓ ବଳରାମ ଖୁଣ୍ଟିଆ ପ୍ରମୁଖ ଯୋଗ ଦେଇ ଆମ ସଂସ୍କୃତି ରେ ଜାଗରର ମହତ୍ତ୍ୱ ବେଶ ଗୁରୁତ୍ୱପୂର୍ଣ୍ଣ ବୋଲି କହିବା ସହ ଶ୍ରଦ୍ଧାଳୁ ମାନଙ୍କ ପାଇଁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ସେମାନ ଙ୍କୁ ମାନସିକ ଶାନ୍ତି ଓ ଆଧ୍ୟାତ୍ମିକ ଚିନ୍ତନ ପ୍ରଦାନ କରିବ ବୋଲି କହିଥିଲେ। ଲକ୍ଷ୍ମୀ ନାରାୟଣ ଦାସ ଓ ସନାତନ ଦାସ ମଞ୍ଚ ପରିଚାଳନା କରିଥିଲେ। ପରେ ବିବିଧ ଆଧ୍ୟାତ୍ମିକ ଭରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

**ନିତି ଭାରତୀ**

ବିଶ୍ୱର ବନାଞ୍ଚଳଗୁଡ଼ିକ ପ୍ରତି ଆମେମାନେ ଯେଉଁ ପ୍ରକାରର ଆଚରଣ କରୁଛୁ, ତାହା ଆମେ ଆମମାନଙ୍କ ନିଜ ପ୍ରତି ଏବଂ ପରସ୍ପର ପ୍ରତି କରୁଥିବା ଆଚରଣର ପ୍ରତିଫଳନ ମାତ୍ର।

- ମହାତ୍ମା ଗାନ୍ଧୀ

ନିତିଦିନ NITIDIN
ମଙ୍ଗଳବାର ,୧୭ ଫେବୃଆରୀ ୨୦୨୬

# ବଜେଟ୍‌ରେ ଅବହେଳିତ ସାମାଜିକ କ୍ଷେତ୍ର



ସନ୍ତୋଷ କୁମାର ମହାପାତ୍ର

ଗତ ଫେବୃଆରୀ ୧ ତାରିଖରେ କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଲୋକସଭାରେ ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ ପୂର୍ଣ୍ଣାଙ୍ଗ ବଜେଟ୍ ଉପସ୍ଥାପନ କରିଛନ୍ତି। ଏହି ବଜେଟ୍ ନିର୍ମଳା ସୀତାରମଣଙ୍କର ଲଗାତର ଭାବେ ରେକର୍ଡ ନବମ ଏବଂ ମୋଦୀ ସରକାରଙ୍କ ତୃତୀୟ ପାଳିର ତୃତୀୟ ବଜେଟ୍। ବଜେଟ୍‌କୁ ନେଇ ମିଶ୍ରିତ ପ୍ରତିକ୍ରିୟା ଦେଖା ଦେଇଛି। କର୍ତ୍ତବ୍ୟ ଭବନରେ ପ୍ରସ୍ତୁତ ଏହି ପ୍ରଥମ ବଜେଟ୍‌ରେ ସରକାର ଗରିବ, ଅସହାୟ ଏବଂ ବଞ୍ଚିତ ଶ୍ରେଣୀର ବିକାଶ ପାଇଁ ନିଜର ସଂକଳ୍ପକୁ ଦୋହରାଇଛନ୍ତି। ଏହି ସଂକଳ୍ପକୁ ପୂରଣ କରିବା ପାଇଁ ଅର୍ଥମନ୍ତ୍ରୀ ତିନୋଟି 'କର୍ତ୍ତବ୍ୟ' ଉପରେ ଗୁରୁତ୍ୱ ଦେଇଛନ୍ତି। ପ୍ରଥମ କର୍ତ୍ତବ୍ୟ (ଅର୍ଥନୈତିକ ଅଭିବୃଦ୍ଧି): ଉତ୍ପାଦନ କ୍ଷମତା ଓ ପ୍ରତିଯୋଗିତାମୂଳକ ମନୋଭାବ ବୃଦ୍ଧି କରି ଦେଶର ଅର୍ଥନୀତିକୁ ଗତିଶୀଳ କରିବା। ଦ୍ୱିତୀୟ କର୍ତ୍ତବ୍ୟ (ଲୋକଙ୍କ ସାମର୍ଥ୍ୟ ବୃଦ୍ଧି): ଦେଶବାସୀଙ୍କ ଆଶା ଆକାଂକ୍ଷାକୁ ପୂରଣ କରିବା ସହ ସେମାନଙ୍କ ଦକ୍ଷତା ବୃଦ୍ଧି କରିବା, ଯାହା ଫଳରେ ପ୍ରତିଟି ନାଗରିକ ଭାରତର ସମୃଦ୍ଧି ପଥରେ ଜଣେ ଜଣେ ଶକ୍ତିଶାଳୀ ସହଭାଗୀ ହୋଇ ପାରିବେ। ତୃତୀୟ କର୍ତ୍ତବ୍ୟ (ସମ୍ବଳର ସମାନ ବଣ୍ଟନ): 'ସବ୍‌କା ସାଥ୍ ସବ୍‌କା ବିକାଶ' ଦୃଷ୍ଟିକୋଣକୁ ଆଧାର କରି ପ୍ରତିଟି ପରିବାର, ସମ୍ପ୍ରଦାୟ, ଅଞ୍ଚଳ ଏବଂ କ୍ଷେତ୍ର ଯେପରି ଆବଶ୍ୟକ ସମ୍ବଳ ଓ ସୁବିଧା ପାଇ ପାରିବେ, ତାହା ନିଶ୍ଚିତ କରିବା। ଅର୍ଥମନ୍ତ୍ରୀଙ୍କ କହିବା ଅନୁଯାୟୀ, ଏହି କର୍ତ୍ତବ୍ୟଗୁଡ଼ିକ ଦେଶକୁ ଏକ ସମୃଦ୍ଧ ଏବଂ ସମାବେଶୀ ବା ଇନକ୍ଲୁସିଭ ଅର୍ଥନୀତି ଆଡ଼କୁ ଆଗେଇ ନେବାରେ ସହାୟକ ହେବ। କିନ୍ତୁ ବିରୋଧୀ ଦଳ ଏହାକୁ ଆତ୍ମପ୍ରଚାର ଓ ନୈରାଶ୍ୟଜନକ ଭାବେ ଦର୍ଶାଇଛନ୍ତି। ଗୋଟିଏ ବଜେଟ୍‌ରେ ଯେତେବେଳେ ଲକ୍ଷ ଲକ୍ଷ କୋଟି ଟଙ୍କା ବ୍ୟୟ ହୁଏ, ତାହା କେବେ ସଂପୂର୍ଣ୍ଣ ଭଲ ବା ଖରାପ ହୋଇ ପାରିବ ନାହିଁ। ଯେମିତି ଡାକ୍ତର ପାଖକୁ ଜଣେ ରୋଗୀ ଗଲେ ଡାକ୍ତର ପ୍ରତ୍ୟେକ ଅଙ୍ଗ, ପ୍ରତ୍ୟଙ୍ଗ ବିଷୟରେ ନ ଲେଖି କିଛି ମୁଖ୍ୟ ଅଙ୍ଗ, ବିଶେଷକରି ଖରାପ ଥିବା ଅଙ୍ଗ ବିଷୟରେ ଲେଖିଥାନ୍ତି, ସେମିତି ବଜେଟ୍ ବା ଅର୍ଥନୈତିକ ପ୍ରସଙ୍ଗ ଉପରେ ଆଲୋଚନା କରାଯାଇଥାଏ। କୌଣସି କ୍ଷେତ୍ରର ତ୍ରୁଟି ଦର୍ଶାଇବାର ଅର୍ଥ ନୁହେଁ, ଅନ୍ୟ ସବୁ ଖରାପ। ସେହିପରି ଯେଉଁମାନେ ସବୁ ଭଲ ବୋଲି କହିଥାନ୍ତି, ତାହା ମଧ୍ୟ ଭୁଲ୍। ରାଜନେତା ତାଙ୍କ ଦଳୀୟ ଚିନ୍ତାଧାରା ଅନୁସାରେ ମନ୍ତବ୍ୟ ଦେବା ସ୍ୱାଭାବିକ। କିନ୍ତୁ ବୁଦ୍ଧିଜୀବୀମାନେ ଦଳୀୟ ଚିନ୍ତାଧାରାରୁ ଊର୍ଦ୍ଧ୍ୱରେ ରହି ସାଧାରଣ ଜନତା, ଶ୍ରମିକ ଶ୍ରେଣୀଙ୍କ ସ୍ୱାର୍ଥ କେତେ ସାଧିତ ହେଉଛି, ସେହି ଅନୁସାରେ ମତ ଦେବା ଉଚିତ୍। ଏହି ବଜେଟ୍‌ର ଆକାର ୫୩. ୫ ଲକ୍ଷ କୋଟି ଟଙ୍କା। କିନ୍ତୁ ମୁଦ୍ରାସ୍ଫୀତିକୁ ବିଚାରକୁ ନେଲେ କିଛି କ୍ଷେତ୍ରରେ ଅଧିକ ବ୍ୟୟ ହେଲାବେଳେ କିଛି କ୍ଷେତ୍ରରେ କମ୍, ଏପରିକି ବିଯୁକ୍ତାତ୍ମକ ହୋଇଛି।

ଯଦି ବଜେଟ୍‌ର ଆକାର ଜିଡିପି ଅନୁସାରେ ନ ବଢ଼ିଲା, ତେବେ କିଛି କ୍ଷେତ୍ରରେ ବୃଦ୍ଧି ପାଇଲା ବେଳେ ଆଉ କିଛି କ୍ଷେତ୍ରରେ ହ୍ରାସ ପାଇବ। ଅତ୍ୟନ୍ତ ଚିନ୍ତାଜନକ ହେଉଛି, ଜିଡିପି ଅନୁସାରେ ଭାରତରେ ମୋଟ ବ୍ୟୟ ବରାଦ ଖୁବ୍ କମ୍ ଏବଂ କ୍ରମଶଃ ହ୍ରାସ ପାଉଛି। ୨୦୨୨-୨୩ରେ ୧୫.୬% ଥିଲା ବେଳେ ଏହା କ୍ରମଶଃ ହ୍ରାସ ପାଇ ୨୦୨୫-୨୬ରେ ୧୩.୯%ରେ ପହଞ୍ଚିଛି। ୨୦୨୬-୨୭ରେ ଏହା ୧୩.୬%ରେ ଧାର୍ଯ୍ୟ କରାଯାଇଛି। କିନ୍ତୁ ସବୁ ବ୍ୟୟ ମଧ୍ୟରୁ ଯଦି କେଉଁ କ୍ଷେତ୍ରରେ ବ୍ୟୟ ସର୍ବାଧିକ ଗୁରୁତ୍ୱପୂର୍ଣ୍ଣ, ତାହା ହେଉଛି- ଶିକ୍ଷା, ସ୍ୱାସ୍ଥ୍ୟସେବା, ଜଳ ଏବଂ ପରିମଳ, ପୁଷ୍ଟିସାର, ସାମାଜିକ ସୁରକ୍ଷା, ଗୃହ ନିର୍ମାଣ, ଗ୍ରାମାଞ୍ଚଳ ବିକାଶ ଏବଂ କଲ୍ୟାଣ ଆଦି ସାମାଜିକ କ୍ଷେତ୍ର। ଓଇସିଡି ୩୪ଟି ଦେଶର ସାମାଜିକ କ୍ଷେତ୍ର ଉପରେ ହାରାହାରି ସରକାରୀ ଖର୍ଚ୍ଚ ଗତ ଜିଡିପିର ପ୍ରାୟ୨୦% ରହିଛି। ଫ୍ରାନ୍ସରେ ସର୍ବାଧିକ ୩୧.୧ %, ଇଟାଲୀରେ୨୭.୬ %, ଫିନଲ୍ୟାଣ୍ଡ ୨୯.୬%, ସ୍ପେନ୍ ୨୮.୧%, ଜର୍ମାନୀ ୨୫.୪%, ଡେନମାର୍କ ୨୯.୨%, କାନାଡା ୨୪.୯%, ଜାପାନ ୨୨.୩% ଗ୍ରେଟ୍ ବ୍ରିଟେନ ୨୦.୫%, ଆମେରିକା ୧୮.୨%, କୋରିଆ ୧୦.୮% , ମେକ୍ସିକୋ ୧୦.୨% ରହିଛି। କିନ୍ତୁ ଭାରତ ସରକାରଙ୍କ ସାମାଜିକ କ୍ଷେତ୍ରରେ ଖର୍ଚ୍ଚ (କେନ୍ଦ୍ର ଏବଂ ରାଜ୍ୟ ମିଳିତ ଭାବରେ) ୨୦୨୫-୨୬ରେ ଜିଡିପିର ୭.୯%। ୨୦୨୩-୨୪ରେ ସାମାଜିକ କ୍ଷେତ୍ରରେ ବ୍ୟୟ ବରାଦ ମୋଟ୍ ବ୍ୟୟ ଅଟକଳର ୧୭% ଓ ଜିଡିପିର ୨.୮% ଥିଲା, ଯାହା ୨୦୧୪-୧୫ ସ୍ତର ତୁଳନାରେ ସାମାନ୍ୟ କମ୍। ୨୦୨୬–୨୭ ବର୍ଷର ବଜେଟ୍‌ରେ ସାମାଜିକ କ୍ଷେତ୍ର ପାଇଁ ମୋଟ ବ୍ୟୟର କେବଳ ୧୮% ଆବଣ୍ଟନ ହୋଇଛି, ଯାହା ଜିଡିପିର ମାତ୍ର ୨.୫% ସହିତ ସମାନ। ଅତ୍ୟନ୍ତ ଚିନ୍ତାର ବିଷୟ ହେଉଛି, ୨୦୨୪–୨୫ ବର୍ଷରେ ଆଠଟି ଗୁରୁତ୍ୱପୂର୍ଣ୍ଣ ମନ୍ତ୍ରଣାଳୟ ତାଙ୍କର ଆବଣ୍ଟିତ ବଜେଟ୍‌ର ୦.୩%ରୁ ୭.୮% ପର୍ଯ୍ୟନ୍ତ ଖର୍ଚ୍ଚ କରି ପାରିଥିଲେ।




ନୋବେଲ ବିଜେତା ଅମର୍ତ୍ତ୍ୟ ସେନ୍ କହିଥିଲେ ଯେ ଭାରତ ପଛକୁ ଯାଉଛି, କାରଣ ଶିକ୍ଷା ଓ ସ୍ୱାସ୍ଥ୍ୟ କ୍ଷେତ୍ର ଅଧିକ ଅବହେଳିତ। ଜୀବନଧାରଣର ମାନରେ ଉନ୍ନତି ଆଣିବା ପାଇଁ ମାଗଣାରେ ଶିକ୍ଷା ଏବଂ ସ୍ୱାସ୍ଥ୍ୟ ସୁବିଧା ଯୋଗାଇବା ଅତ୍ୟନ୍ତ ଜରୁରୀ। ଶିକ୍ଷା ପାଇଁ ଖର୍ଚ୍ଚ ୨୦୨୪-୨୫ ବଜେଟ୍‌ରେ ୧,୨୦,୭୨୮ କୋଟି ଟଙ୍କା ଧାର୍ଯ୍ୟ କରାଯାଇଥିଲା। କିନ୍ତୁ ସଂଶୋଧିତ ଆକଳନରେ ୧,୧୪ ,୦୫୪କୋଟି ଟଙ୍କାକୁ ହ୍ରାସ ପାଇଥିଲା। ୨୦୨୫-୨୬ରେ ୧,୨୮,୬୫୦ କୋଟି ଟଙ୍କା ଧାର୍ଯ୍ୟ କରାଯାଇଥିଲା, କିନ୍ତୁ ସଂଶୋଧିତ ଅଟକଳରେ ଏହା ୧,୨୧, ୯୪୯ କୋଟି ଟଙ୍କାକୁ ହ୍ରାସ ପାଇଛି। ଆଲୋଚ୍ୟ ୨୦୨୬-୨୭ ଆର୍ଥିକ ବର୍ଷରେ ସାମାନ୍ୟ ବୃଦ୍ଧି ସହିତ ୧,୩୯,୨୮୯ କୋଟି ଟଙ୍କାକୁ ବୃଦ୍ଧି ପାଇବ ବୋଲି ଆକଳନ କରାଯାଇଛି। ମୁଦ୍ରାସ୍ଫୀତି ବୃଦ୍ଧି ଦୃଷ୍ଟିରୁ ଏହା ନଗଣ୍ୟ। ଚିନ୍ତାର ବିଷୟ ହେଉଛି, ପ୍ରାଥମିକ ଓ ମାଧ୍ୟମିକ ଶିକ୍ଷା ବାବଦରେ ୨୦୨୪-୨୫ ବର୍ଷରେ ବଜେଟ୍‌ରେ ୭୩,୦୦୮ କୋଟି ଟଙ୍କା ଧାର୍ଯ୍ୟ କରା ଯାଇଥିଲା ବେଳେ ସଂଶୋଧିତ ଅଟକଳରେ ୭ ହଜାର କୋଟି ଟଙ୍କା କମ୍ ହୋଇଥିଲା। ୨୦୨୫-୨୬ ବର୍ଷର ବଜେଟ୍‌ରେ ୭୮,୫୭୨ କୋଟି ଟଙ୍କା ହେବ ବୋଲି ଧାର୍ଯ୍ୟ କରା ଯାଇଥିଲା ବେଳେ ସଂଶୋଧିତ ଅଟକଳରେ ଏହା ହ୍ରାସ ପାଇ ୭୦, ୫୬୭ କୋଟି ଟଙ୍କା ହୋଇଛି। ୨୦୨୬-୨୭ ବଜେଟ୍‌ରେ ଏହା ୮୩,୫୬୭ କୋଟି ଟଙ୍କାକୁ ବୃଦ୍ଧି ପାଇଛି। ଅପର ପକ୍ଷରେ, ଉଚ୍ଚଶିକ୍ଷା ବାବଦରେ ୨୦୨୫-୨୬ ବଜେଟ୍‌ରେ ୫୦ ,୦୭୮ କୋଟି ଟଙ୍କା ଖର୍ଚ୍ଚ ହେବ ବୋଲି ଆକଳନ କରା ଯାଇଥିଲା। ସଂଶୋଧିତ ଅଟକଳରେ ଏହା ୫୧,୩୮୨ କୋଟି ଟଙ୍କାକୁ ବୃଦ୍ଧି ପାଇଛି। ୨୦୨୬-୨୭ ବଜେଟ୍‌ରେ ଏହା ୫୫,୭୨୭ କୋଟି ଟଙ୍କାରେ ଧାର୍ଯ୍ୟ ହୋଇଛି, ଯାହା ୨୦୨୩-୨୪ ବଜେଟ୍ ସହିତ ପ୍ରାୟ ସମାନ। ମୁଦ୍ରାସ୍ଫୀତିକୁ ବିଚାରକୁ ନେଲେ ଏହି ବୃଦ୍ଧି ବିଯୁକ୍ତାତ୍ମକ।

ଶିକ୍ଷା କ୍ଷେତ୍ରରେ ଜିଡିପି ଅନୁସାରେ କେନ୍ଦ୍ର ସରକାରଙ୍କ ବ୍ୟୟ ୨୦୧୪-୧୫ରେ ୦.୫୫% ଥିଲା ବେଳେ ଏହା କ୍ରମଶଃ ହ୍ରାସ ପାଇ ଚାଲିଛି। ୨୦୨୩-୨୪ରେ ଏହା ୦.୪୧%ରେ ପହଞ୍ଚି ଥିଲା। ପୁଣି ଏହା କ୍ରମଶଃ ହ୍ରାସ ପାଇ ୨୦୨୫-୨୬ରେ ୦.୩୪% ହୋଇଛି। ୨୦୨୬-୨୭ରେ ସେହି ୦.୩୫% ହେବ ବୋଲି ଆକଳନ କରାଯାଇଛି। ଉଭୟ କେନ୍ଦ୍ର ଓ ରାଜ୍ୟ ମିଶି ଜିଡିପିର ୩%ରୁ ୪%ପାଖାପାଖି ରହୁଛି। କିନ୍ତୁ କୋଠାରୀ କମିଶନ ଅନୁସାରେ, ଏହା ସର୍ବନିମ୍ନ ୬% ରହିବା ଉଚିତ୍। ବିଶ୍ୱରେ ଏହା ହାରାହାରି ୪.୪%। ଉନ୍ନତ ଦେଶମାନଙ୍କ କ୍ଷେତ୍ରରେ ୬ରୁ ୭%ରେ ରହିଛି। ଆମେରିକା ୬%, ଚୀନ୍ ୬.୧%, ଜର୍ମାନୀ ୫.୫%, ଜାପାନ ୭.୪%, କ୍ୟୁବା ୧୧.୫%, ଫ୍ରାନ୍ସ ୫.୪%ରେ ରହିଛି। ସେହିପରି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ପାଇଁ ଖର୍ଚ୍ଚ ମଧ୍ୟ ୨୦୨୪-୨୫ରେ ୯୦,୯୬୯ କୋଟି ଟଙ୍କା ହେବ ବୋଲି ଧାର୍ଯ୍ୟ କରା ଯାଇଥିଲା। କିନ୍ତୁ ସଂଶୋଧିତ ଅଟକଳରେ ଏହା ୮୯,୯୭୪ କୋଟି ଟଙ୍କାକୁ ହ୍ରାସ ପାଇଥିଲା। ୨୦୨୫-୨୬ରେ ଏହା ସାମାନ୍ୟ ବୃଦ୍ଧି ପାଇ ୯୮,୩୧୧ କୋଟି ଟଙ୍କା ହେବ ବୋଲି ଆକଳନ କରା ଯାଇଥିଲା, କିନ୍ତୁ ସଂଶୋଧିତ ଅଟକଳରେ ଏହା ୯୪,୬୨୫ କୋଟି ଟଙ୍କାକୁ ହ୍ରାସ ପାଇଛି। ଆଲୋଚ୍ୟ ୨୦୨୬-୨୭ ଆର୍ଥିକ ବର୍ଷରେ ଏହା ୧,୦୪ ,୫୯୯ କୋଟି ଟଙ୍କାକୁ ବୃଦ୍ଧି ପାଇବ ବୋଲି ଆକଳନ କରାଯାଇଛି। ମୁଦ୍ରାସ୍ଫୀତି ବୃଦ୍ଧି ଦୃଷ୍ଟିରୁ ଏହା ନଗଣ୍ୟ।

ସ୍ୱାସ୍ଥ୍ୟ କ୍ଷେତ୍ରରେ ଜିଡିପି ଅନୁସାରେ କେନ୍ଦ୍ର ସରକାରଙ୍କ ବ୍ୟୟ ୨୦୧୪-୧୫ରେ ୦.୨୫% ଥିଲା ବେଳେ ୨୦୨୦-୨୧ରେ ୦.୪୧% ଛୁଇଁଥିଲା। ଏହା କ୍ରମଶଃ ୨୦୨୪-୨୫ ଓ ୨୦୨୫-୨୬ରେ ୦.୨୭ %କୁ ହ୍ରାସ ପାଇଛି। ୨୦୨୬-୨୭ରେ ସେହି ୦.୨୭% ହେବ ବୋଲି ମଧ୍ୟ ଆକଳନ କରାଯାଇଛି। ସ୍ୱାସ୍ଥ୍ୟ କ୍ଷେତ୍ରରେ କେନ୍ଦ୍ରୀୟ ବ୍ୟୟ ହ୍ରାସ ପାଇଲା ବେଳେ ରାଜ୍ୟମାନଙ୍କର ବ୍ୟୟ ବୃଦ୍ଧି ପାଇଛି। ୨୦୧୭-୧୮ରେ ରାଜ୍ୟମାନଙ୍କର ମିଶି ହାରାହାରି୦.୬୭% ଥିଲା ବେଳେ ୨୦୨୫-୨୬ରେ ଏହା ୧.୧%କୁ ବୃଦ୍ଧି ପାଇଛି। ଉଭୟ କେନ୍ଦ୍ର ଓ ରାଜ୍ୟର ବ୍ୟୟ ମିଶିଲେ ଜିଡିପିର ୧.୩୫ରୁ ୧.୫% ପାଖାପାଖି ରହୁଛି। ବିଶ୍ୱରେ ପ୍ରାୟ ସର୍ବନିମ୍ନ ଚାରୋଟି ଦେଶ ଆମ ପଛରେ ଅଛନ୍ତି। କିନ୍ତୁ ଜାତୀୟ ସ୍ୱାସ୍ଥ୍ୟ ନୀତି ଅନୁସାରେ ଏହା ଜିଡିପିର ୨.୫% ରହିବା କଥା। ଉନ୍ନତ ଦେଶମାନଙ୍କରେ ଏହା ହାରାହାରି ୧୦% ହୋଇଥିଲା ବେଳେ ବିଶ୍ୱରେ ହାରାହାରି ୬%। ବିଶ୍ୱରେ ଭାରତର ସ୍ୱାସ୍ଥ୍ୟ କ୍ଷେତ୍ର ବେଶି ଘରୋଇ କ୍ଷେତ୍ର ଦ୍ୱାରା ନିୟନ୍ତ୍ରିତ ଏବଂ ଅଧିକାଂଶ ଲୋକ ନିଜ ପକେଟରୁ ବ୍ୟୟ କରନ୍ତି ଏବଂ ଏଥିପାଇଁ ଅନେକ ଲୋକ ଦାରିଦ୍ର୍ୟର ଗହ୍ୱରକୁ ଠେଲି ହୋଇ ଯାଆନ୍ତି। କେନ୍ଦ୍ରର ମୋଟ ଶିକ୍ଷା ଓ ସ୍ୱାସ୍ଥ୍ୟଜନିତ ବ୍ୟୟ ମିଶି ୨୦୧୪-୧୫ରେ ଜିଡିପିର ୦.୮% ଥିଲା ବେଳେ ୨୦୨୫-୨୬ରେ ୦.୬୧%କୁ ହ୍ରାସ ପାଇଛି। ୨୦୨୬-୨୭ରେ ଏହା ୦.୬୨% ହେବ ବୋଲି ଆକଳନ କରାଯାଇଛି। ବର୍ତ୍ତମାନ ବିଶ୍ୱ ତଥା ଭାରତରେ ବେଶି ସ୍ୱାସ୍ଥ୍ୟ ସମସ୍ୟା ହେଉଛି ମାନସିକ ଉଦ୍‌ବେଗ, ଦୁଶ୍ଚିନ୍ତା ଆଦି ଅନ୍ୟାନ୍ୟ ମାନସିକ ରୋଗ। ସେଥିପାଇଁ ଭାରତରେ ବେଶି ମାନସିକ ଡାକ୍ତର ବା ମନସ୍ତତ୍ତ୍ୱବିତ୍ ଆବଶ୍ୟକ। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଅନୁଯାୟୀ ପ୍ରତି ୧ ଲକ୍ଷ ଲୋକରେ ସର୍ବନିମ୍ନ ୩ ଜଣ ମାନସିକ ଡାକ୍ତର ବା ମନସ୍ତତ୍ତ୍ୱବିତ୍ ଆବଶ୍ୟକ। କିନ୍ତୁ ବିଶ୍ୱରେ ପ୍ରତି ୧ ଲକ୍ଷ ଲୋକରେ ହାରାହାରି ୧.୩ , ଫ୍ରାନ୍ସରେ ୨୦.୯୧ ଜଣ, ଜାପାନରେ ୧୧.୮୭ ଜଣ, ଆମେରିକାରେ ୧୦.୫ଜଣ, ରୁଷିଆରେ ୮.୪୫ ଜଣ, ବ୍ରାଜିଲରେ ୩.୧୬ଜଣ, ଚୀନ୍‌ରେ ୨.୨ ଜଣ, ଦକ୍ଷିଣ ଆଫ୍ରିକାରେ ୧.୫ ଜଣ ଥିଲା ବେଳେ ଭାରତରେ ମାତ୍ର ୦.୭୫ ଜଣ ଅଛନ୍ତି। ଏଥିରେ ଉନ୍ନତି ଆବଶ୍ୟକ। ପୁନଶ୍ଚ, ସାମାଜିକ ମଙ୍ଗଳ ବିଭାଗ କ୍ଷେତ୍ରରେ ୨୦୨୫-୨୬ ବଜେଟ୍‌ର ମୂଳ ଆକଳନ ତୁଳନାରେ ସଂଶୋଧିତ ଅଟକଳରେ ହ୍ରାସ ପାଇଛି, ଯାହା ଚିନ୍ତାଜନକ।

୨୯ ଜାନୁଆରୀ ୨୦୨୬ରେ ସଂସଦରେ ଉପସ୍ଥାପିତ ଅର୍ଥନୈତିକ ସର୍ଭେରେ ଉଲ୍ଲେଖ କରାଯାଇଛି ଯେ ଗତ ପାଞ୍ଚ ବର୍ଷ ମଧ୍ୟରେ କୃଷି ଏବଂ ଆନୁଷଙ୍ଗିକ କ୍ଷେତ୍ରରେ ହାରାହାରି ବାର୍ଷିକ ଅଭିବୃଦ୍ଧି ହାର ସ୍ଥିର ମୂଲ୍ୟରେ ପ୍ରାୟ ୪.୪% ଥିଲା ବେଳେ ୨୦୨୫-୨୬ର ଦ୍ୱିତୀୟ ତ୍ରୈମାସିକରେ କୃଷି କ୍ଷେତ୍ର ୩.୫% ଅଭିବୃଦ୍ଧି ପଞ୍ଜିକୃତ କରିଛି, ଯାହା ହାରାହାରି ତୁଳନାରେ ପ୍ରାୟ ଏକ ପ୍ରତିଶତ କମ୍। ଏପରି ସ୍ଥଳେ କୃଷି କ୍ଷେତ୍ରରେ ବିନିଯୋଗ ବୃଦ୍ଧି ପାଇବା ଆବଶ୍ୟକ। କିନ୍ତୁ ଏଥିପାଇଁ ୨୦୨୫-୨୬ରେ ୧,୫୮,୮୩୮ କୋଟି ଟଙ୍କା ଧାର୍ଯ୍ୟ କରା ଯାଇଥିଲା ବେଳେ ସଂଶୋଧିତ ଅଟକଳରେ ଏହା ୧,୫୧,୮୫୩ କୋଟି ଟଙ୍କାକୁ ହ୍ରାସ ପାଇଛି। ଅବଶ୍ୟ ଏହା ଚଳିତ ବଜେଟ୍‌ରେ ୧,୬୨,୬୭୧ କୋଟି ଟଙ୍କାକୁ ବୃଦ୍ଧି ପାଇଛି। ଗ୍ରାମୀଣ ବିକାଶ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ, କିନ୍ତୁ ୨୦୨୫-୨୬ରେ ଏଥିପାଇଁ ୨,୬୫,୮୧୭ କୋଟି ଟଙ୍କା ଧାର୍ଯ୍ୟ କରା ଯାଇଥିଲା ବେଳେ ସଂଶୋଧିତ ଅଟକଳରେ ଏହା ୨,୧୨, ୭୫୦ କୋଟି ଟଙ୍କାକୁ ହ୍ରାସ ପାଇଛି। ଅବଶ୍ୟ ଏହି ବଜେଟ୍‌ରେ ଏହା ୨,୭୩,୧୦୮ କୋଟି ଟଙ୍କାକୁ ବୃଦ୍ଧି ପାଇଛି। ସାର ବାବଦ ସବ୍‌ସିଡି ୨୦୨୫-୨୬ ବଜେଟ୍‌ରେ ସଂଶୋଧିତ ଅଟକଳ ୧,୮୬,୪୬୦ ହୋଇଥିଲା ବେଳେ ଏହି ବଜେଟ୍‌ରେ ୧,୭୦,୭୮୧ କୋଟି ଟଙ୍କାକୁ ହ୍ରାସ ପାଇଛି। ଯେଉଁସବୁ କ୍ଷେତ୍ରରେ ବୃଦ୍ଧି ପାଇଛି, ସେହି ବୃଦ୍ଧି ମୁଦ୍ରାସ୍ଫୀତିକୁ ବିଚାରକୁ ନେଲେ ବିଯୁକ୍ତାତ୍ମକ। ସେହିପରି ବିଭିନ୍ନ ସବ୍‌ସିଡି ଗତ ବର୍ଷର ସଂଶୋଧିତ ଅଟକଳ ତୁଳନାରେ ଏହି ବଜେଟ୍‌ରେ ହ୍ରାସ ପାଇଛି। ଖାଦ୍ୟ ସବ୍‌ସିଡି ବାବଦରେ ବ୍ୟୟ ବରାଦ ୨,୨୮,୧୫୪ କୋଟି ଟଙ୍କାରୁ ୨୨୭୬୨୯ କୋଟି ଟଙ୍କା, ସାର ସବ୍‌ସିଡିର ପରିମାଣ ମଧ୍ୟ ୧୮୬୪୬୦ କୋଟି ଟଙ୍କାରୁ ୧୭୦୭୯୯କୋଟି ଟଙ୍କା; ରନ୍ଧନ ଗ୍ୟାସ ସବ୍‌ସିଡି ୧୫୧୨୧ କୋଟି ଟଙ୍କାରୁ ୧୨୦୮୫ କୋଟି ଟଙ୍କାକୁ ହ୍ରାସ ପାଇଛି। ଏଣୁ ସରକାର ଧନୀଙ୍କଠାରୁ ଅଧିକ ଟିକସ ଆଦାୟ କରି ବିଭିନ୍ନ ସାମାଜିକ ଓ ଜନହିତକର କ୍ଷେତ୍ରରେ ବ୍ୟୟ କରି ଲୋକଙ୍କ ଜୀବନଧାରଣର ମାନରେ ଉନ୍ନତି ଆଣିବା ଉଚିତ।■

ସ୍ତମ୍ଭକାର
ମୋ: ୯୪୩୭୨୦୮୭୬୨

# ମହତ୍ତ୍ୱପୂର୍ଣ୍ଣ ପ୍ରସଙ୍ଗର ମହତ

ସାମୁଏଲ୍ ଜନ୍‌ସନ୍ ଲେଖିଛନ୍ତି- ଦେଶପ୍ରେମ ହେଉଛି ଖଳ ବ୍ୟକ୍ତିଙ୍କ ଶେଷ ଆଶ୍ରୟ। ଯେଉଁମାନେ ସମାଲୋଚନାକୁ ସାମ୍ନା କରି ନ ପାରନ୍ତି ଏବଂ ଯେଉଁମାନେ ବିରୋଧୀ ଓ ସମାଲୋଚକମାନଙ୍କ ପାଟି ଚୁପ୍ କରିବାକୁ କ୍ଷମତାକୁ ଏକ ସାଧନ ଭାବରେ ବିବେଚନା କରନ୍ତି, ସେମାନେ ଏକ ବିଶାଳ ଜନସଂଖ୍ୟାଙ୍କ ଆଗରେ ଦେଖାଇ ହେବା ପାଇଁ ଦେଶପ୍ରେମକୁ ଏକ ଗୋଟି କରିବା ବେଳେ ସେମାନଙ୍କ ବିରୋଧୀମାନଙ୍କ ବିରୁଦ୍ଧରେ ନିଜର ଚାଲ୍ ଚଳାଇ ରଖନ୍ତି। ସରକାର ଏବଂ ଏହାଙ୍କ କାର୍ଯ୍ୟକଳାପକୁ ଲୋକସଭାରେ ବିରୋଧୀ ଦଳର ନେତା ରାହୁଲ ଗାନ୍ଧୀ ଯେଭଳି ଭାବରେ ସମାଲୋଚନା କରୁଛନ୍ତି, ବିଜେପି ନେତୃତ୍ୱାଧୀନ କେନ୍ଦ୍ର ସରକାର ସମ୍ପୂର୍ଣ୍ଣ ବିରକ୍ତ ହୋଇ ତାଙ୍କର ପ୍ରତିକ୍ରିୟାକୁ ପ୍ରଦର୍ଶନ କରି ଆସୁଛନ୍ତି। ବର୍ତ୍ତମାନ ଏହା ରାହୁଲ ଗାନ୍ଧୀଙ୍କ ବିରୁଦ୍ଧରେ ତାଙ୍କର 'ଜାତୀୟତା-ବିରୋଧୀ ବିବୃତିଗୁଡ଼ିକ' ସହିତ ତାଙ୍କର ସଦନର ସଦସ୍ୟ ପଦ ରଦ୍ଦ କରିବା ଭଳି ସର୍ବାଧିକ ମହତ୍ତ୍ୱପୂର୍ଣ୍ଣ ପଦକ୍ଷେପ ନେବା ପାଇଁ ବିଜେପି ସାଂସଦ ନିଶିକାନ୍ତ ଦୁବେଙ୍କ ଦ୍ୱାରା ଆଗତ କରାଯାଇଥିବା ମୌଳିକ ପ୍ରସ୍ତାବ ବା ସବ୍‌ଷ୍ଟାଣ୍ଟିଭ୍ ମୋସନ୍‌କୁ କିପରି ସଫଳତାର ସହିତ କାର୍ଯ୍ୟକାରୀ କରାଯାଇ ପାରିବ, ତା' ପଛରେ ନିଜର ସମସ୍ତ ଶକ୍ତି ଖଟାଇ ଦେଇଛି। ଏହି ପ୍ରସ୍ତାବ, ଯଦି ବାଚସ୍ପତିଙ୍କ ଦ୍ୱାରା ସଦନରେ ଗୃହୀତ ହୁଏ, ତା'ହେଲେ ଶାସକ ମେଣ୍ଟ ଦ୍ୱାରା ଏକ ପ୍ରସ୍ତାବ ଭାବରେ ସହଜରେ ପାରିତ ହୋଇଯିବ, କାରଣ ଏହାଙ୍କ ନିକଟରେ ସଂଖ୍ୟା ଗରିଷ୍ଠତା ରହିଛି। ସଦ୍ୟତମ ଘଟଣା ଭାବରେ ଶ୍ରୀଯୁକ୍ତ ଗାନ୍ଧୀ ଭାରତ-ଆମେରିକା ବାଣିଜ୍ୟ କାରବାରଜନିତ ଚୁକ୍ତି ପାଇଁ ସରକାରଙ୍କୁ ସମାଲୋଚନା କରି ଆସୁଛନ୍ତି, ଯାହାକୁ ସରକାର ସମ୍ପାଦନ କରି ସାରିଥିବା କୁହାଯାଉଛି। ଏହି ବ୍ୟାପାରରେ ସରକାର ସ୍ୱଚ୍ଛତାଠାରୁ ଢେର୍ ଦୂରରେ ରହିଥିବା କୁହାଯାଉଛି: ହ୍ୱାଇଟ୍ ହାଉସ୍‌ରୁ ଏହି ଚୁକ୍ତି ସମ୍ପର୍କରେ ବିସ୍ତୃତ ବିବରଣୀମାନ ଆସିବାରେ ଲାଗିଛି ଏବଂ କେନ୍ଦ୍ର ସରକାର ଏଇ ବିବୃତିଗୁଡ଼ିକ ଉପରେ କୌଣସି ଟିକା ଟିପ୍ପଣୀ ଦେବା ପରିବର୍ତ୍ତେ ଏ ବାବଦରେ ନିରବ ରହି ଏହାକୁ ସ୍ୱୀକାର କରିନେବା ମନେ ହେଉଛି। ଏହି ଚୁକ୍ତି ବିଷୟରେ ଯେଉଁସବୁ ସୂଚନାମାନ ବାହାରେ ପ୍ରକାଶ ପାଉଛି, ଦେଶର କୃଷକ ସମ୍ପ୍ରଦାୟ ତାକୁ ନେଇ ବିଭିନ୍ନ ପ୍ରକାରର ଆଶଙ୍କା ଭିତରେ କାଳାତିପାତ କରୁଛନ୍ତି। ଏହା ଭୟ କରୁଛି ଯେ ଏହି ଚୁକ୍ତିରେ ଏପରି ବ୍ୟବସ୍ଥାମାନ ରହିବାକୁ ଯାଉଛି, ଯାହା ସେମାନଙ୍କ ଜୀବିକା ଉପରେ ପ୍ରତିକୂଳ ପ୍ରଭାବମାନ ପକାଇବ, କାରଣ ସେମାନେ ଆମେରିକାର କୃଷକମାନଙ୍କ ସହିତ ସଂଗ୍ରାମ କରି ପାରିବେ ନାହିଁ, ଯେଉଁମାନେ କି ଭାରତୀୟ ଚାଷୀମାନଙ୍କ ତୁଳନାରେ ଅଧିକ ପରିମାଣରେ ସରକାରୀ ସମର୍ଥନ ପାଉଥିବା ଭଳି ଏକାଧିକ କାରଣରୁ ସୁବିଧାଜନକ ସ୍ଥିତିରେ ରହିଛନ୍ତି। ସରକାର ସେମାନଙ୍କୁ ଆଶ୍ୱାସନା ଦେଇ ଆସୁଛନ୍ତି ଯେ କୃଷି ଏବଂ ଦୁଗ୍ଧ ଚାଷକୁ ଚୁକ୍ତିର ପରିସର ବାହାରେ ରଖାଯାଇଛି, କିନ୍ତୁ ସେମାନେ ତାହା ବୁଝିବାକୁ ନାରାଜ। ଏହା ଏକ ମହତ୍ତ୍ୱପୂର୍ଣ୍ଣ ପ୍ରସଙ୍ଗ ଏବଂ ଶ୍ରୀଯୁକ୍ତ ଗାନ୍ଧୀ ସେମାନଙ୍କ ପକ୍ଷରୁ ଏହାକୁ ଉତ୍‌ଥାପନ କରୁଛନ୍ତି, ଯାହା ଶାସକ ଗୋଷ୍ଠୀଙ୍କ ପାଇଁ ଅସନ୍ତୋଷର କାରଣ ପାଲଟୁଛି।

୨୦୨୦ରେ ସୀମାରେ ଚୀନ୍ ସୈନ୍ୟମାନଙ୍କ ସହିତ ହୋଇଥିବା ସଂଘର୍ଷ ସମ୍ପର୍କରେ ସରକାରଙ୍କ ସ୍ଥିତି ଉପରେ ଶ୍ରୀଯୁକ୍ତ ଗାନ୍ଧୀ ପ୍ରଶ୍ନ ଉଠାଇଛନ୍ତି। ସୀମାରେ ଚୀନ୍ ସୈନ୍ୟଙ୍କ ଅନୁପ୍ରବେଶ ଘଟି ନଥିବା ଏବଂ ସରକାର ଏ ବାବଦରେ ସମ୍ପୂର୍ଣ୍ଣ ସଜାଗ ରହିଥିବା ନେଇ କରିଥିବା ଦୃଢ଼ ଦାବି ଉପରେ ସେ ପ୍ରଶ୍ନ ଉଠାଇଛନ୍ତି। ଏହାର ପ୍ରମାଣ ଭାବରେ ଶ୍ରୀଯୁକ୍ତ ଗାନ୍ଧୀ ତତ୍କାଳୀନ ସେନାମୁଖ୍ୟ ଜେନେରାଲ ଏମ୍‌ଏମ୍ ନରଓ୍ୱଣେଙ୍କ ଦ୍ୱାରା ରଚିତ ଏକ ଅପ୍ରକାଶିତ ପୁସ୍ତକରେ ତାଙ୍କଦ୍ୱାରା ଲିଖିତ ଘଟଣାବଳୀକୁ ଉଦ୍ଧୃତାଂଶ ଭାବରେ ପ୍ରଦାନ କରି ଆସୁଛନ୍ତି, ଯାହା ଅବଶ୍ୟ ବର୍ଣ୍ଣନା କରୁଛି ଯେ ଏକ ଜରୁରୀକାଳୀନ ପରିସ୍ଥିତିରେ ରାଜନୀତିକ ନେତୃତ୍ୱର ପ୍ରତିକ୍ରିୟା ପ୍ରକାଶରେ ବିଳମ୍ବ ଓ ଉଦାସୀନତା ପ୍ରକାଶ କରାଯାଇଥିଲା। ଯେଉଁ ବହିରୁ ଶ୍ରୀଯୁକ୍ତ ଗାନ୍ଧୀ ବାକ୍ୟଗୁଡ଼ିକୁ ଉଦ୍ଧାର କରି ଏକଥା କହୁଛନ୍ତି, ସେହି ତଥ୍ୟଗୁଡ଼ିକୁ ନା ଜେନେରାଲ ନରଓ୍ୱଣେ, ନା କେନ୍ଦ୍ର ସରକାର- ଏ ପର୍ଯ୍ୟନ୍ତ ଅସ୍ୱୀକାର କରିଛନ୍ତି; ବରଂ ତା' ପରିବର୍ତ୍ତେ ସରକାର କହି ଚାଲିଛନ୍ତି ଯେ ଏହି ବିବୃତିକୁ ପ୍ରମାଣିତ କରାଯାଇ ନାହିଁ, କାରଣ ଏହା ଏକ ଅପ୍ରକାଶିତ ବହିରୁ ନିଆଯାଇଛି। ଏହି ବହିର ଚୋରାରେ ପ୍ରଘଟ ହେବା ବାବଦରେ ମଧ୍ୟ ଦିଲ୍ଲୀ ପୁଲିସ ଏକ ବହୁ-ରାଷ୍ଟ୍ରୀୟ ତଦନ୍ତ କରାଯିବା ପାଇଁ ଏକ ମାମଲା ରୁଜୁ କରିଛି। ତେବେ ସରକାର ଅନ୍ନଦାତାମାନଙ୍କ ସ୍ୱାର୍ଥର ସମ୍ପୂର୍ଣ୍ଣ ସୁରକ୍ଷା କରାଯାଉଥିବା ସମ୍ପର୍କରେ ଦେଶକୁ ଆଶ୍ୱାସନା ପ୍ରଦାନ କରି ଏହାଙ୍କ କାର୍ଯ୍ୟ ଉପରକୁ ଅଣାଯାଉଥିବା ଅଭିଯୋଗକୁ ଖଣ୍ଡନ କରି ପାରନ୍ତି। କଥାକୁ ଟାଳିବା ପାଇଁ କପଟତାପୂର୍ଣ୍ଣ ଏବଂ ଅଧାପନ୍ତରିଆ କଥାଗୁଡ଼ିକ କହିବା ପରିବର୍ତ୍ତେ ଏହା ମଧ୍ୟ କୃଷକ ସମ୍ପ୍ରଦାୟଙ୍କ ସହିତ ଆଲୋଚନା କରି ସେମାନଙ୍କର ଆଶଙ୍କାକୁ ଦୂର କରି ପାରନ୍ତି। ସୀମାର ପରିସ୍ଥିତି ଏବଂ ପୂର୍ବତନ ସେନାମୁଖ୍ୟଙ୍କ ବହି ବିଷୟରେ ବିବୃତି ପ୍ରଦାନ କରି ଶ୍ରୀଯୁକ୍ତ ଗାନ୍ଧୀ ଯଦି କିଛି ଆଇନର ଉଲ୍ଲଙ୍ଘନ କରିଛନ୍ତି, ତା'ହେଲେ ତାଙ୍କ ବିରୁଦ୍ଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ପାରିବ।

ତେବେ, ସରକାର କିନ୍ତୁ ଏସବୁ କିଛି ନ କରି ତା' ପରିବର୍ତ୍ତେ ଦେଶପ୍ରେମ ଏବଂ ଜାତୀୟତାବାଦର ପ୍ରସଙ୍ଗ ଉଠାଇ ସମସ୍ତ ଆଲୋଚନାର ପରିସମାପ୍ତି ଘଟାଇବାର ପଥକୁ ଆଦରି ନେଉଛନ୍ତି। କେବଳ ଏତିକି ନୁହେଁ, ଘଟଣାରେ ମୋଡ଼ ଦେଇ ଲୋକସଭାରେ ରହିଥିବା ନିଜର ସଂଖ୍ୟା ଗରିଷ୍ଠତାର ଫାଇଦା ଉଠାଇବାକୁ ଯାଇ ସଂସଦରେ ବିରୋଧୀ ଦଳ ନେତାଙ୍କ ସଦସ୍ୟ ପଦ ରଦ୍ଦ କରିବା ଭଳି ପଦକ୍ଷେପକୁ ସଫଳ କରାଇବାକୁ ଆଗେଇ ଆସିଛନ୍ତି। ଗତ ଲୋକସଭା କାଳରେ ଏନ୍‌ଡିଏ ଏହା କରି ସାରିଛି ଏବଂ ଚଳିତ ସଦନ ସମୟରେ ଏହାର ପୁନରାବୃତ୍ତି କରି ସଂସଦର ଗରିମାକୁ ନଷ୍ଟ କରିବାକୁ ଯାଉଛି। ମହତ୍ତ୍ୱପୂର୍ଣ୍ଣ ପ୍ରସଙ୍ଗଗୁଡ଼ିକ ମହତ୍ତ୍ୱପୂର୍ଣ୍ଣ ଉତ୍ତର ଏବଂ ସମାଧାନଗୁଡ଼ିକର ଅପେକ୍ଷା ରଖେ, ଯେଉଁଗୁଡ଼ିକ ନିଷ୍ପକ୍ଷତା ଏବଂ ନ୍ୟାୟୋଚିତ କାର୍ଯ୍ୟଗୁଡ଼ିକ ଉପରେ ଆଧାରିତ ହେବା ଉଚିତ; ସବ୍‌ଷ୍ଟାଣ୍ଟିଭ୍ ମୋସନ୍‌ଗୁଡ଼ିକ ମାଧ୍ୟମରେ ନୁହେଁ, ଯାହାକୁ ସଂଖ୍ୟା ଆଧାରରେ ସମାଧାନ କରାଯାଇ ପାରିବ। ଦେଶପ୍ରେମ ଏବଂ ଜାତୀୟତାବାଦ ଭଳି ପ୍ରସଙ୍ଗଗୁଡ଼ିକୁ ଉଠାଇବା କ୍ୱଚିତ୍ ସେସବୁର ସମାଧାନ କରି ପାରିଥାଏ।■

# ସନ୍ଥ ପର୍ଶୁରାମ ବିହାରୀ

ମହାପୁରୁଷମାନେ ଅଲୌକିକତା ଦେଖାଇବାକୁ ଇଚ୍ଛା କରନ୍ତି ନାହିଁ। ସେମାନଙ୍କର କିଛି ନା କିଛି କର୍ମ ଭିତରେ ଅଲୌକିକତା ଦେଖା ଯାଇଥାଏ। ସେମାନେ ନିଜର ଆବଶ୍ୟକତା ମେଣ୍ଟାଇବାକୁ ଯାଇ ଯାହା ଯାହା କରି ବସନ୍ତି, ତାହା ଆମକୁ ଅଲୌକିକ ଲାଗେ। ସିଦ୍ଧ ସାଧକମାନେ ନିଜକୁ ଲୁଚେଇ ରଖନ୍ତି। ସେମିତି ଓଡ଼ିଶା ମାଟିର ଜଣେ ପ୍ରସିଦ୍ଧ ସନ୍ଥ ଥିଲେ ପର୍ଶୁରାମ ବିହାରୀ। ସେ ଚୌରାଶି ସିଦ୍ଧ ଓ ଗୋରେଖନାଥଙ୍କୁ ଆରାଧନା କରୁଥିଲେ। ପର୍ଶୁରାମଙ୍କ ରଚିତ ବ୍ରହ୍ମପରଚେ ଗୀତାରୁ ତାଙ୍କ ବିଷୟରେ ଅନେକ କଥା ଜଣାଯାଏ।

୧୫୦୦ରୁ ୧୬୨୦ ଖ୍ରୀଷ୍ଟାବ୍ଦ ମଧ୍ୟରେ ବିରୂପା ନଦୀ ନିକଟସ୍ଥ ବର୍ତ୍ତମାନ ଯାଜପୁର ଜିଲ୍ଲା ଅନ୍ତର୍ଗତ କଳାଶ୍ରୀ- ଗୋପାଳପୁର ଗ୍ରାମରେ ଶ୍ରୀ ପର୍ଶୁରାମ ଜନ୍ମଗ୍ରହଣ କରିଥିଲେ। ବିହାରୀ ବଂଶାବଳୀ ବର୍ଣ୍ଣନା ଅନୁସାରେ, ତାଙ୍କର ମାତା ବାଣାବତୀ ନଗରର ରାଜବଂଶୀ କନ୍ୟା ଥିଲେ। ଗୋଟିଏ କନ୍ୟା ତାଙ୍କୁ ଜନ୍ମ ଦେବା ପରେ ମାତା ଦେହତ୍ୟାଗ କରିଥିଲେ। ପର୍ଶୁରାମଙ୍କର ଭାଇ ବଳଭଦ୍ର ଗୃହସ୍ଥ ହୋଇଥିଲେ। ପ୍ରସିଦ୍ଧ ବୌଦ୍ଧ ପୀଠ ଉଦୟଗିରିକୁ ଲାଗିଥିବା ଗୁମ୍ଫାର ନାମ ମହାଗିରି ପର୍ବତ। ସେହିଠାରେ ପର୍ଶୁରାମ ନିଜର ସାଧନା ଆରମ୍ଭ କରିଥିଲେ। ସନ୍ଥ ପର୍ଶୁରାମ ଭାରତବର୍ଷର ଅନେକ ସ୍ଥାନ ଚାଲି ଚାଲି ବିହାର କରିଥିଲେ ବୋଲି ତାଙ୍କ ନାମ ସହିତ 'ବିହାରୀ' ଯୋଡ଼ି ଦିଆଯାଇଛି।

ପର୍ଶୁରାମ ବିହାରୀଙ୍କର ଇଷ୍ଟ ଦେବ ଥିଲେ ଶ୍ରୀରାଧା-କୃଷ୍ଣ। ଶୁଣିବାକୁ ମିଳେ, ସେ ଶ୍ରୀରାଧା-କୃଷ୍ଣଙ୍କ ନିକଟରେ ସବୁଦିନ ଭୋଗ ଲଗାଉ ଥିଲେ। ଥରେ ପର୍ଶୁରାମ ବିହାରୀଙ୍କ ନିକଟରେ ମଧ୍ୟାହ୍ନ ସମୟରେ କିଛି ଲୋକ ପହଞ୍ଚିଲେ। ସେମାନଙ୍କୁ ଭୋଜନ ପାନୀୟ ଦେବା ପାଇଁ ପର୍ଶୁରାମ ବନ୍ଦୋବସ୍ତ କରିବାକୁ ଲାଗିଲେ। ପାଖରେ ଥିଲା କଞ୍ଚା ମାଟି ହାଣ୍ଡିଟିଏ। ପୋଡ଼ା ହାଣ୍ଡି ନୁହେଁ। ସେଇ ହାଣ୍ଡିକୁ ଚୁଲିରେ ବସେଇଲେ। ଗଛରୁ କଞ୍ଚା ଡାଳ ଭାଙ୍ଗି ଚୁଲିରେ ଭର୍ତ୍ତି କଲେ। ନିଆଁ ଲଗେଇ ନାହାନ୍ତି, ହାଣ୍ଡିରେ ପାଣି ଦେଇଦେଲେ। ଲୋକେ ଅଶ୍ଚର୍ଯ୍ୟ ହେଉ ଥାଆନ୍ତି। ଭାବୁଥିଲେ, ବୋଧହୁଏ ପାଗଳଟାଏ। ନହେଲେ କଞ୍ଚା ହାଣ୍ଡିରେ ପାଣି ଭର୍ତ୍ତି କଲେ ତାହା ତ କାଦୁଅ ହୋଇଯିବ! ପୁଣି ଓଦା କାଠ କ'ଣ ଚୁଲିରେ ଜଳିବ ? ତଥାପି ଲୋକମାନେ ମଜା ଦେଖିବା ପାଇଁ ଅପେକ୍ଷା କରି ଥାଆନ୍ତି। ପର୍ଶୁରାମ କୁଡ଼ିଆ ଭିତରୁ ଚାଉଳ ଥଳି ଆଣିଲେ। ଦେଖିଲେ ଚାଉଳ ବି ନାହିଁ। ମାତ୍ର ଗୋଟାଏ ଚାଉଳ ପଡ଼ିଛି। ସେଇ ଚାଉଳକୁ ହାଣ୍ଡିରେ ପକେଇ ଦେଲେ। କଦଳୀ ପତ୍ରଟାଏ ଢାଙ୍କିଦେଲେ। ଏଣେ ଲୋକମାନଙ୍କୁ କହିଲେ- 'ପତ୍ର ପକାଅ। ଭୋଗ ବଢ଼ାହେବ। ଅତିଥିଙ୍କୁ ଭୋକ ଲାଗିଲାଣି।' ଆଶ୍ଚର୍ଯ୍ୟ ଯେତିକି, ରହସ୍ୟ ବି ସେତିକି ଲାଗୁଥାଏ। କିଛି ଲୋକ ବିଶ୍ୱାସ କରୁ ନଥିଲେ। ଥଟ୍ଟା ଭାବୁଥିଲେ। ତଥାପି କିଛି ଲୋକ ପତ୍ର ପକେଇଲେ। କଞ୍ଚା ହାଣ୍ଡି ଉପରୁ ପତ୍ର କାଢ଼ି ପର୍ଶୁରାମ ବିହାରୀ ଅନ୍ନ ପରଷିବାକୁ ଲାଗିଲେ। ଶତାଧିକ ଲୋକ ଅନ୍ନ ଭୋଜନ କରୁଥିଲେ। ହାଣ୍ଡିରୁ ଅନ୍ନ ଶେଷ ହେଉ ନଥିଲା। ସେହି ପର୍ଶୁରାମ ବିହାରୀ ବିରାଟ ପୁରୁଷଙ୍କ କରୁଣାରୁ ଅନେକ ପୁରାଣ ଶାସ୍ତ୍ରକୁ ଆୟତ୍ତ କରି ପାରିଥିଲେ। ବିଭିନ୍ନ ରାଗ-ରାଗିଣୀରେ କବିତା, ଶାସ୍ତ୍ରମାନ ରଚନା କରିବା ଓ ଗାଇବାରେ ସେ ଖୁବ୍ ଆନନ୍ଦ ପାଉଥିଲେ। ତାଙ୍କ ରଚିତ 'କପିଳା ବୋଲିଣ ଗାଇ ସେ ସଦା ସର୍ବଦା ଯୁବା/ ଷଢ଼ ମୁଖ ତିନି ଲୋଚନ ଏକ ପାଦରେ ଉଭା ...', 'ଫନ୍ଦା ଲାଗିଛି ହୋ ହରିନାମ କିଆରୀରେ...' ଆଦି ଶରୀର ଭେଦମୂଳକ ଓଡ଼ିଆ ଗୀତ ଓଡ଼ିଶାରେ ଖୁବ୍ ଲୋକପ୍ରିୟ ହୋଇ ପାରିଛି।■

# ପରୀକ୍ଷା ବନାମ ଜୀବନ



ସୁପ୍ରଭା ବେହେରା

ଅଧ୍ୟୟନରତ ଅନେଶ୍ୱତ ଭାଗ ଛାତ୍ରଛାତ୍ରୀଙ୍କୁ ଲାଗେ, ପରୀକ୍ଷା ହେଉଛି ପାଦଚଲା ରାସ୍ତାରେ ଏକ ବିରାଟ ପାହାଡ଼ ଅବା ଖାଇ। ତାହାକୁ ଆରୋହଣ କରି, ସଫଳତାର ସହ ଅବତରଣ କରିବା ଯେତିକି କଷ୍ଟକର, ଖାଇରେ ପଡ଼ି ରହିବା ମଧ୍ୟ ସେତିକି ଅସହାୟପଣ ସଂଚାର କରେ। ଗୁରୁକୁଳ ଶିକ୍ଷା ପଦ୍ଧତିରେ ପରୀକ୍ଷା ଏକ ଅନିବାର୍ଯ୍ୟ ଓ ଅବଶ୍ୟମ୍ଭାବୀ ସମାପ୍ତି ନଥିଲା। ପିଲାମାନେ ପାଠକୁ ଶୁଣି ଶୁଣି ମନେ ରଖୁଥିଲେ। ଗୁରୁକୁଳ ଛାଡ଼ିବା ପୂର୍ବରୁ ପ୍ରାପ୍ତ ବିଦ୍ୟାକୁ ଶିଷ୍ୟଟିଏ ନିଜର ପ୍ରକୃତ ଜୀବନରେ କେତେ କାର୍ଯ୍ୟରେ ଲଗାଇ ପାରୁଛି, ଗୁରୁ ଦେଖୁଥିଲେ। ସେଥିରେ ନ ଥିଲା ଉତ୍ତୀର୍ଣ୍ଣ-ଅନୁତୀର୍ଣ୍ଣର ଭୟ। ନଥିଲା ଶତକଡ଼ା ହିସାବରେ ଶ୍ରେଣୀ ବିଭାଗ। ଅବା ତା' ଆଧାରରେ ଯୋଗ୍ୟତାଭିତ୍ତିକ ପ୍ରମାଣପତ୍ର ପ୍ରଦାନ।

ଯୁଗ ବଦଳିଛି। ବଦଳିଛି ଶିକ୍ଷା ପଦ୍ଧତି। ବକୁଳ, ଛୁରିଅନାର ସ୍ନିଗ୍ଧ ଛାୟାରାଶିଠାରୁ ଯାଇ ଶିକ୍ଷା ଏବେ ଶୀତତାପ ନିୟନ୍ତ୍ରିତ କୋଠରୀର ଅତ୍ୟାଧୁନିକ ଡିଜିଟାଲ ବୋର୍ଡ଼ ଉପରେ। ତା' ସହିତ ବଦଳିଛି ମଧ୍ୟ ପରୀକ୍ଷା ବ୍ୟବସ୍ଥା। ଶିକ୍ଷା ସମାପ୍ତିର ଶେଷରେ ପରୀକ୍ଷା ଏବଂ ପରୀକ୍ଷାରେ ପ୍ରାପ୍ତ ଅଙ୍କ ଅନୁସାରେ ଯୋଗ୍ୟତାର ପ୍ରମାଣପତ୍ର। ପ୍ରାପ୍ତ ଅଙ୍କ ଅନୁସାରେ ମଧ୍ୟ ଶ୍ରେଣୀ ବିଭାଗ। ଶ୍ରେଣୀ ବିଭାଗ ପୁଣି ଏମିତି, ଯେମିତି କିଛି ବର୍ଷ ଆଗରୁ ଚାଲିଥିବା କଠୋର ଜାତି ପ୍ରଥା ଭଳି। କେବେ କେବେ ଗୋଟିଏ ବେଞ୍ଚରେ ବସି ଦୀର୍ଘ ଦିନ ଧରି ଅଧ୍ୟୟନ କରୁଥିବା ବନ୍ଧୁତାରେ ଫାଟ ସୃଷ୍ଟି କରିଦିଏ ପରୀକ୍ଷା ଫଳର ଶ୍ରେଣୀ ବିଭାଗ। କେତେ ନିଛାଟିଆ ଖରାବେଳ ଡାଳମାଙ୍କୁଡ଼ି ଖେଳ ଖେଳି ବିତାଇ ଥିବା ଅନ୍ତରଙ୍ଗ ବନ୍ଧୁଟି ଭଲ ଅଙ୍କରେ ଉତ୍ତୀର୍ଣ୍ଣ ହୋଇ ହଠାତ୍ ଦୂରେଇ ଯାଏ। ସତରେ ଯେମିତି ନଦୀ ଆର ପଟର ସଫଳ ନାବିକ ସେ, ଆଉ ଅସଫଳ ବନ୍ଧୁ ଜଣକ ଭଉଁରୀରେ ବୁଡି ଯାଉଥିବା ଅସହାୟ ନୌଯାତ୍ରୀ।

ଶିକ୍ଷା କ୍ଷେତ୍ରରେ ଫିନଲ୍ୟାଣ୍ଡର ଶିକ୍ଷା ବ୍ୟବସ୍ଥାକୁ ସର୍ବୋତ୍କୃଷ୍ଟ ଭାବରେ ଗଣନା କରାଯାଇଥାଏ। ଫିନଲ୍ୟାଣ୍ଡରେ ପିଲାଙ୍କ ପାଇଁ ନା ଥାଏ ଗୃହକାର୍ଯ୍ୟ, ୟୁନିଫର୍ମ, ନା ଥାଏ ପରୀକ୍ଷା। ଗୃହକାର୍ଯ୍ୟ ସେମାନଙ୍କ ରୁଚି, ଯେପରିକି ଚିତ୍ର କରିବା, ଗୀତ ଗାଇବା, ବାଦ୍ୟଯନ୍ତ୍ର ଇତ୍ୟାଦି ଶିଖିବାରେ ବାଧା ସୃଷ୍ଟି କରିଥାଏ ବୋଲି ବିବେଚନା କରାଯାଏ। ଶିକ୍ଷା କ୍ଷେତ୍ରରେ ଅନେକ କିଛି ଅଭିନବ ଶୈଳୀ ମଧ୍ୟରେ ଅଭିନବ ସେଠାକାର ପରୀକ୍ଷା ବ୍ୟବସ୍ଥା। ୧୬ ବର୍ଷ ପର୍ଯ୍ୟନ୍ତ ପିଲାଙ୍କ ପାଇଁ କୌଣସି ପରୀକ୍ଷା ନଥାଏ। ସେଠିକାର ବିଦ୍ୟାଳୟରେ ପ୍ରଥମ ଶ୍ରେଣୀର ପିଲାଟିକୁ ଷଷ୍ଠ ଶ୍ରେଣୀ ହେବା ପର୍ଯ୍ୟନ୍ତ ସେହି ଜଣିଏ ଶିକ୍ଷକ ପଢ଼ାଇଥାନ୍ତି। ବ୍ୟକ୍ତିଗତ ଭାବରେ ଶିକ୍ଷକ ପିଲାଟିର ସକ୍ଷମତା ଓ ଦୁର୍ବଳତାକୁ ଜାଣିଥାନ୍ତି। ସେଇ ଆଧାରରେ ପିଲାଟିର ମୂଲ୍ୟାୟନ ହୋଇ ଶ୍ରେଣୀ ଉତ୍ତୀର୍ଣ୍ଣ ହୋଇଥାଏ। ଦକ୍ଷତା ଅନୁସାରେ ପ୍ରଶ୍ନ ଓ ମୂଲ୍ୟାୟନ କରାଯାଇଥାଏ । ୧୬ ବର୍ଷ ହେବା ପରେ ପିଲାଟି ଫିନଲ୍ୟାଣ୍ଡର ମାଟ୍ରିକୁଲେସନ୍ ପରୀକ୍ଷା ଦେଇଥାଏ। ସେଥିରେ କୌଣସି ପ୍ରତିଯୋଗିତା ଅବା ଶ୍ରେଣୀ ବିଭାଗ କରାଯାଇ ନଥାଏ। ୧ରୁ ୧୦ ପର୍ଯ୍ୟନ୍ତ ଏକ ରେଟିଂ ସ୍କେଲ ରହିଥାଏ। ୫ରୁ ୧୦ ପର୍ଯ୍ୟନ୍ତ ପିଲାମାନେ ଉତ୍ତୀର୍ଣ୍ଣ ବିବେଚନା କରାଯାଏ। ସେଥିରେ ପ୍ରଥମ କିମ୍ବା ଦ୍ୱିତୀୟ ଶ୍ରେଣୀ ନଥାଏ। ୧ରୁ ୪ ରେଟିଂରେ ଥିବା ପିଲାମାନେ ଉତ୍ତୀର୍ଣ୍ଣ ହୋଇ ନଥାନ୍ତି। ସର୍ବମୋଟ ସାତ ଥର ସେମାନେ ଏହି ପରୀକ୍ଷା ଦେଇଥାନ୍ତି। ସେଥିରେ ପ୍ରତିଯୋଗିତା ନଥାଏ। ଫିନଲ୍ୟାଣ୍ଡର ପରୀକ୍ଷା ବ୍ୟବସ୍ଥା ସାମାଜିକ ଜୀବନଶୈଳୀ ପ୍ରତି ଦୃଷ୍ଟି ଦେଇଥାଏ। ଏକ ସାମାଜିକ ଜୀବନ ପ୍ରତିଯୋଗିତା ନୁହେଁ, ସହଭାଗିତାରେ ହିଁ ସୁସ୍ଥ ଓ ସୁନ୍ଦର ହୋଇଥାଏ।

ଆମର ଶିକ୍ଷା ବ୍ୟବସ୍ଥାରେ ପରୀକ୍ଷା ଶବ୍ଦ ଜାଣି ନଥିବା ଅବୋଧ ଶିଶୁଟିଏ ମଧ୍ୟ ଘରୋଇ ବିଦ୍ୟାଳୟରେ ନାମ ଲେଖାଇବାକୁ ପ୍ରବେଶିକା ପରୀକ୍ଷା ଦେଇଥାଏ। ସେବେଠାରୁ ଆରମ୍ଭ ହୁଏ ସଂଘର୍ଷ ଓ ପ୍ରତିଯୋଗିତା। ଆମ ପରୀକ୍ଷା ବ୍ୟବସ୍ଥାରେ ଶତକଡ଼ା ଅନୁସାରେ ହୁଏ ଶ୍ରେଣୀ ବିଭାଗ। ଶ୍ରେଣୀ ବିଭାଗ ଅନୁସାରେ ମିଳେ ପ୍ରମାଣପତ୍ର। ସେଥିପାଇଁ ଚାଲେ ପ୍ରତିଯୋଗିତା। ସେ ପ୍ରତିଯୋଗିତା ଶଠତାରେ ପୂର୍ଣ୍ଣ। କେବେ ମୋଟା ଅଙ୍କରେ ବିକ୍ରି ହୁଏ ପ୍ରଶ୍ନପତ୍ର ତ ପୁଣି କେବେ ପରୀକ୍ଷକ। ନକଲି ପ୍ରମାଣପତ୍ରର ହାଟ ଖୋଲିଯାଏ ଚାହିଦା ଅନୁସାରେ। ପିଲାଟିଏ ଭଲ ଶ୍ରେଣୀରେ ଉତ୍ତୀର୍ଣ୍ଣ ହେବା ପାଇଁ ଅସଦ୍ ଉପାୟ ଅବଲମ୍ବନ କରିବାକୁ ପଛାଏ ନାହିଁ। ପରୀକ୍ଷାର ଚାପ ବେଳେ ବେଳେ ଏତେ ଅଧିକ ହୁଏ ଯେ ଆତ୍ମହତ୍ୟାର ପଥ ବାଛି ନିଅନ୍ତି ଛାତ୍ରଛାତ୍ରୀମାନେ। ପରୀକ୍ଷା ପାଚେରୀକୁ ସଫଳତାର ସହ ଡେଇଁବାର ପ୍ରୟାସରେ ଶିଶୁଟି କେତେବେଳେ ମଣିଷରୁ ଯନ୍ତ୍ର ପାଲଟି ଯାଏ, ଜାଣି ପାରେ ନାହିଁ। ଆମର ପରୀକ୍ଷା ବ୍ୟବସ୍ଥା ସାମାଜିକ ଜୀବନକୁ ପ୍ରଦୂଷିତ କରି ସାରିଲାଣି।




ଆମେମାନେ ଯାହା ବି ପଢୁ, ତାକୁ ମନେ ରଖୁ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବାକୁ ଦୃଷ୍ଟିରେ ରଖି, ତାହାକୁ ଭବିଷ୍ୟତ ଜୀବନରେ କାର୍ଯ୍ୟରେ ଲଗାଇବାକୁ ନୁହେଁ। ଅନେକ ସମୟରେ ପରୀକ୍ଷା ପରେ ସେହି ଶ୍ରେଣୀର ପାଠ ଆଉ ମନେ ନଥାଏ। ବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟର ପରୀକ୍ଷାରେ ଭଲ ଅଙ୍କ ରଖି ଉତ୍ତୀର୍ଣ୍ଣ ନହେଲେ ଜୀବନ ଦିଗ୍‌ବଳୟର ସେହିଠାରେ ଅନ୍ତ ଘଟେ। ଏମିତି ଏକ ଭ୍ରାନ୍ତ ଧାରଣା ନେଇ ଆମେମାନେ ଓ ଆମର ପିଢ଼ି ବଞ୍ଚି ରୁହେ। କିନ୍ତୁ ଶିକ୍ଷା କ୍ଷେତ୍ରରେ ଭଲ ଅଙ୍କ ରଖି ଉତ୍ତୀର୍ଣ୍ଣ ହୋଇ ନଥିବା ଅନେକ ବ୍ୟକ୍ତି ଅଛନ୍ତି, ଯେଉଁମାନେ ଜୀବନରେ ସଫଳତା ଅର୍ଜନ କରିଛନ୍ତି। ଜାତିର ପିତା ମହାତ୍ମା ଗାନ୍ଧୀ, କ୍ରିକେଟ୍ ତାରକା ସଚିନ ତେନ୍ଦୁଲକର, ଭାସ୍କର୍ଯ୍ୟ ଶିଳ୍ପୀ ରଘୁନାଥ ମହାପାତ୍ରଙ୍କ ଭଳି ଅନେକ ସଫଳ ଉଦାହରଣ ରହିଛି। ବିଦ୍ୟାଳୟ ଓ ପ୍ରମାଣପତ୍ର ବାହାରେ ଜୀବନ ଆମଠାରୁ ପ୍ରତ୍ୟେକ ଦିନ ପରୀକ୍ଷା ନିଏ। ଆଉ ସେହି ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବାର କଳାକୁ ଶିଖିବା ହିଁ ପ୍ରକୃତ ସଫଳତା।■

ମୁକୁନ୍ଦପୁର, ତିହିଡ଼ି, ଭଦ୍ରକ
ମୋ: ୯୦୪୦୩୬୦୨୫୯

ଲେଖା ପଠାଇବାର ଠିକଣା, ସମ୍ପାଦକ, 'ନିତିଦିନ', Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, e-mail: nitidinedit@gmail.com

# ନୂଆଗାଁ ଧାନ ମଣ୍ଡିରେ ଧାରଣାରେ ଚାଷୀ



**ଆଳି,୧୬।୨/ଏନ୍‌ଏନ୍‌ଏସ୍:** କେନ୍ଦ୍ରାପଡ଼ା ଜିଲ୍ଲା ଆଳି ବ୍ଲକ୍ ବିଭିନ୍ନ ଧାନ ମଣ୍ଡିରୁ ଧାନ ନେବା ନିମନ୍ତେ ନିଯୁକ୍ତ ହୋଇଥିବା ମିଲର ଠିକ ଭାବେ ଧାନ ନେଉନାହାନ୍ତି। ଧାନ ବେପାରୀମାନେ ଚାଷୀମାନଙ୍କ ନିକଟରୁ କମ ଦରରେ ଧାନ କିଣି ସିଧାସଳଖ ମିଲରେ ଦେଇ ଦେଉଥିବା ବେଳେ ମିଲର ମାନେ ମନଇଛା ମଣ୍ଡିରୁ ଧାନ ନେଉଥିବା ଦେଖିବାକୁ ମିଳୁଛି। ଏପରିକି ମଣ୍ଡିରୁ ଧାନ କିଣିଥିଲେ ମଧ୍ୟ ଧାନ ନେଉନି। ଯାହାଫଳରେ ମଣ୍ଡିରେ ପଡ଼ିଥିବା ଧାନ ଷେଣ୍ଢ, ଗାଈ ଓ ମୂଷା ଧାନ ନଷ୍ଟ କରି ଦେଉଛନ୍ତି। ଏଭଳି ସଙ୍ଗୀନ ଅଭିଯୋଗ ଆଣି ମଣ୍ଡି ସମ୍ମୁଖରେ ଧାରଣା ଦେଇଛନ୍ତି ନୂଆଗାଁ ସମବାୟ ସମିତିର ଚାଷୀ। ଚାଷୀମାନଙ୍କ ଅଭିଯୋଗ ଅନୁଯାୟୀ ମଣ୍ଡିରେ ପ୍ରଥମ ଥର ୨୪୦୦ କ୍ୱିଣ୍ଟାଲ ଧାନ ଯିବା ନିମନ୍ତେ ଟାର୍ଗେଟ ଆସିଥିଲା। ୧୮୦୦ କ୍ୱିଣ୍ଟାଲ ଧାନ ଉଠିଥିବା ବେଳେ ଏବେବି ପଡିରହିଛି ୬୦୦ କ୍ୱିଣ୍ଟାଲ ଧାନ। ମିଲର ଧାନ କିଣି ସାରିଥିବା ବେଳେ ଧାନ ନ ଉଠାଉଥିବାରୁ ୧୫ ଦିନ ହେବ ଧାନ ପଡିରହିଛି। ଗୋଟିଏ ପଟେ ଧାନ ମଣ୍ଡିରେ ପଡି ରହିଥିବା ବେଳେ ଅନ୍ୟ ପଟେ ନୂତନ ଟାର୍ଗେଟ ଆସୁନି। ଯାହାଫଳରେ ଚାଷୀ ନିଜର ଧାନ ବିକି ପାରୁନି। ଚାଷୀ ଧାନ ବିକି ନପାରି ହଇରାଣ ହେଉଥିବା ବେଳେ ମିଲର କିମ୍ବା ପ୍ରଶାସନ କେହି ଚାଷୀଙ୍କୁ କଥା ଶୁଣୁନି। ଚାଷୀମାନେ ସୋମବାର ମଣ୍ଡି ସମ୍ମୁଖରେ ଧାରଣା ଦେଇଥିବା ବେଳେ ବିଜେଡି ପକ୍ଷରୁ ଚାଷୀଙ୍କ ଧାରଣାରେ ସାମିଲ ହେବା ସହ ଖୁବଶୀଘ୍ର କିଣା ଯାଇଥିବା ଧାନ ଉଠାଇବା ସହ ୫ହଜାର କ୍ୱିଣ୍ଟାଲ ଧାନ ଟାର୍ଗେଟ ଦେବା ନିମନ୍ତେ ଦାବି ହୋଇଛି।

## ଯୁଗ୍ମ ଜନଅଭିଯୋଗ ଶୁଣାଣି



**ଯାଜପୁର,୧୬।୨/ଏନ୍‌ଏନ୍‌ଏସ୍:** ଯାଜପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର ରସୁଲପୁର ବ୍ଲକ୍ କାର୍ଯ୍ୟାଳୟ ପରିସର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏହି ଅଭିଯୋଗ ଶିବିରରେ ଉପସ୍ଥିତ ରହି ଜିଲ୍ଲାପାଳ ଅମ୍ବର କୁମାର କର ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ। ବିଭାଗୀୟ ଅଧିକାରୀମାନେ ଏହି ଅଭିଯୋଗ ଗୁଡିକ ଯାଞ୍ଚ କରିବେ ଓ ଯେଉଁମାନେ ଯୋଗ୍ୟ ଅଛନ୍ତି ସେମାନଙ୍କର ଯଥାସମ୍ଭବ ସମସ୍ୟାର ସମାଧାନ କରାଯିବ ବୋଲି ଜିଲ୍ଲାପାଳ ପ୍ରକାଶ କରିଥିଲେ। ମୋଟ ୧୦୩ ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ସେଥିମଧ୍ୟରୁ ବ୍ୟକ୍ତିଗତ ସମସ୍ୟା ସମ୍ପର୍କୀୟ ୮୩ ଗୋଟି, ଗୋଷ୍ଠୀଗତ ସମସ୍ୟା ସମ୍ପର୍କୀୟ, ଗ୍ରାମ୍ୟ ସମସ୍ୟା ସମ୍ପର୍କୀୟ ୩ଗୋଟି, ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ସହାୟତା ନିମନ୍ତେ ୧୭ଗୋଟି ଅଭିଯୋଗର ଶୁଣାଣି କରାଯାଇଥିଲା। ୧୯ଟି ଅଭିଯୋଗର ତତ୍କାଳ ଫଇସଲା କରାଯାଇଥିଲା। ଏହି ମିଳିତ ଜନଅଭିଯୋଗ ଶୁଣାଣି ଶିବିରରେ ଅତିରିକ୍ତ ଜିଲ୍ଲାପାଳ ଯୁଧିଷ୍ଠିର ନାୟକ, ଜିଲ୍ଲା ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ ଦେବୀପ୍ରସାଦ ମହାନ୍ତି, ଉପଜିଲ୍ଲାପାଳ ତାପସ ରଞ୍ଜନ ଦେହୁରୀ, ଗୋଷ୍ଠୀ ଉନ୍ନୟନ ଅଧିକାରୀ, ରସୁଲପୁର ସତ୍ୟାନନ୍ଦ ଦାଶ, ତହସିଲଦାର, ସିଦ୍ଧାର୍ଥ କୁମାର ବେହେରା ଓ ଜିଲ୍ଲାସ୍ତରୀୟ ଅଧିକାରୀ, କ୍ଷେତ୍ରୀୟ ଅଧିକାରୀ, ବ୍ଲକସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କର ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ।

## ୫ଦଫା ଦାବି ନେଇ ଜିଏମ୍ ଅଫିସ୍ ସମ୍ମୁଖରେ ଗଣଧାରଣା



**ତାଳଚେର,୧୬।୨/ଏନ୍‌ଏନ୍‌ଏସ୍:** ଆଜି ନବନିର୍ମାଣ ଶ୍ରମିକ ସଂଗଠନ ପକ୍ଷରୁ ୫ଦଫାଦାବି ନେଇ ଜଗନ୍ନାଥ ଜିଏମ କାର୍ଯ୍ୟାଳୟ ସମ୍ମୁଖରେ ଶତାଧିକ ମହିଳା ଓ ପୁରୁଷ ଗଣ ଆନ୍ଦୋଳନରେ ସାମିଲଥିଲେ। ଏହି ସଂଗଠନ ପୂର୍ବରୁ ଜିଏମଙ୍କୁ ଲିଖିତ ଦାବିପତ୍ର ଦେବାପରେ କୌଣସି ସୁଫଳ ନମିଳିବାରୁ ଆଜି ବାଧ୍ୟ ହୋଇ ଗଣଧାରଣା ଦେଇଥିବା ଘଣ୍ଟପଡ଼ା ପୂର୍ବତନ ସରପଞ୍ଚ ଏହା ପ୍ରକାଶ କରିଥିଲେ। ସେମାନଙ୍କର ଦାବି ଗୁଡ଼ିକ ହେଲା ଯେଉଁ ଶ୍ରମିକମାନେ ତାଳଚେର ପବିତ୍ରମୋହନ ମେଡିକାଲ କଲେଜରେ ଠିକାଦାରଙ୍କ ଅଧିନରେ କାର୍ଯ୍ୟ କରୁଛନ୍ତି ସେମାନଙ୍କୁ ସରକାରଙ୍କ ନିତିନିୟମ ଅନୁଯାୟୀ ପ୍ରତ୍ୟେକ ମାସର ୧୦ତାରିଖ ମଧ୍ୟରେ ଉଚିତ ଦରମା ପ୍ରଦାନ, ପିଏଫ୍, ଇପିଏଫ୍, ବନୋସ୍ ପ୍ରଦାନ ଇତ୍ୟାଦି ଅନ୍ତର୍ଭୁକ୍ତ। ସେମାନେ ବାରମ୍ବାର ଏସମ୍ପର୍କରେ ସମସ୍ୟା ଗୁଡ଼ିକୁ ଉପସ୍ଥାପନ କରୁଥିଲେ ମଧ୍ୟ ମେଡିକାଲ୍ କର୍ତ୍ତୃପକ୍ଷ ଓ ସମ୍ପୃକ୍ତ ଠିକାଦାର ଏହାକୁ କର୍ଣ୍ଣପାତ କରୁନଥିବାରୁ ସେମାନେ ବାଧ୍ୟହୋଇ ଜିଏମ୍ ଅଫିସ୍ ସମ୍ମୁଖରେ ନାରାବାଜି କରିବା ସହ ଗଣଧାରଣା ଦେଇଛନ୍ତି। କାର୍ଯ୍ୟାଳୟର ପର୍ସୋନାଲ ଅଫସ୍‌ର ଧାରଣା ସ୍ଥଳକୁ ଆସି ଦାବିଗୁଡ଼ିକ ଶିଘ୍ର ପୂରଣ କରିବାନେଇ ପ୍ରତିଶ୍ରୁତି ଦେଇଥିଲେ।

## ହ୍ୱିଲ୍ ଚେୟାର୍ ବଣ୍ଟନ

**ତାଳଚେର,୧୬।୨/ଏନ୍‌ଏନ୍‌ଏସ୍:** ତାଳଚେର ଉପଖଣ୍ଡ ବ୍ରଜନାଥପୁର ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟରେ ତାଳଚେର ଥର୍ମାଲ ପକ୍ଷରୁ ୧୭ଜଣ ଭିନ୍ନକ୍ଷମ ବ୍ୟକ୍ତିଙ୍କୁ ହ୍ୱିଲଚେୟାର୍ ସମେତ ଅନ୍ୟାନ୍ୟ ସାମଗ୍ରୀ ପ୍ରଦାନ କରାଯାଇଛି। ସରପଞ୍ଚ ନରେଶ ବେହେରାଙ୍କ ଉପସ୍ଥିତିରେ ଟିଟିପିଏସ୍ ଡିଜିଏମ ସକିଲ ଅହମ୍ମଦ ଓ ଆଲିଙ୍କୋ କମ୍ପାନୀର ସତ୍ୟବ୍ରତ ଗିରି ପ୍ରମୁଖ ରାଧାରମଣପୁର ଗ୍ରାମର ନରେନ୍ଦ୍ର ରାଉତ ଓ ଅନ୍ୟମାନଙ୍କୁ ଟ୍ରାଏ ସାଇକେଲ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ବହୁମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ।

## ଘରୋଇ ରାସ୍ତାକୁ ବାଡ଼ ପୋତି ଅବରୋଧ

# ଘରୁ ବାହାରି ପାରୁନାହାଁନ୍ତି ପରିବାର, ଥାନାରେ ଅଭିଯୋଗ

**ଚାନ୍ଦୋଳ,୧୬।୨/ଏନ୍‌ଏନ୍‌ଏସ୍:** ଡ଼େରାବିଶ ଥାନା ରଘୁଦେଇପୁର ପଞ୍ଚାୟତ ଅନ୍ତର୍ଗତ ବେଲାରପୁର ଗ୍ରାମର ଶାବିତ୍ରୀ ସେଠୀ ଥାନାରେ କରିଥିବା ଅଭିଯୋଗ ଅନୁଯାୟୀ ତାଙ୍କ ପଡ଼ୋଶୀ ତାଙ୍କର ଘରୋଇ ଇଜିମାଲି ରାସ୍ତାରେ ବାଡ଼ପୋତି ଅବରୋଧ କରିବାରୁ ସାବିତ୍ରୀଙ୍କ ପରିବାର ଘରୁ ବାହାରି ପାରୁନାହାଁନ୍ତି। ରାସ୍ତାରୁ ବାଡ଼ ଉଠାଇବା ସମ୍ପର୍କରେ ପଡ଼ୋଶୀଙ୍କୁ କହିବାରୁ ପଡ଼ୋଶୀ ବାଡ଼ ଉଠାଇବା ପରିବର୍ତ୍ତେ ରାସ୍ତାରେ ଭଙ୍ଗାକାଚ, କଣ୍ଟା ଓ ଝଟାପକାଇବା ସହିତ ତାଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହିତ ମାଡ଼ ମାରିବାକୁ ଉଦ୍ୟମ ହେଉଥିବା ଅଭିଯୋଗରେ ଦର୍ଶାଇଛନ୍ତି। ଯାହା ଫଳରେ ତାଙ୍କ ପରିବାର ଏକ ପ୍ରକାର ଗୃହବନ୍ଦୀ ଅବସ୍ଥାରେ ରହିଥିବା ସାବିତ୍ରୀ ପ୍ରକାଶ କରିଛନ୍ତି। ଏପରିକି ସମାନ କାରଣ ପାଇଁ ଗତ ୨୦୧୭ ମସିହାରେ ସାବିତ୍ରୀଙ୍କ ଦିଅରଙ୍କୁ ମଧ୍ୟ ପଡ଼ୋଶୀ ମରଣାନ୍ତକ ଆକ୍ରମଣ କରିଥିବାରୁ ତାଙ୍କ ଦିଅର ଭୟରେ ଦୀର୍ଘ ୮ ବର୍ଷ ହେବ ଘରକୁ ଆସୁନାହାଁନ୍ତି। ଏ ସମ୍ପର୍କରେ ସାବିତ୍ରୀ ପୂର୍ବରୁ ଡେରାବିଶ ତହସିଲ ପ୍ରଶାସନର ଦ୍ୱାରସ୍ଥ ହେବା ସହ ଅମିନଙ୍କ ଦ୍ୱାରା ମାପଚୁପ କରାଇଥିଲେ ମଧ୍ୟ ପଡ଼ୋଶୀ ଜଣକ ମାପ କରାଯାଇ ଅମିନ ଦ୍ୱାରା ବସାଯାଇଥିବା ଖୁଣ୍ଟକୁ ମଧ୍ୟ ଓପାଡ଼ି ଫୋପାଡ଼ି ଦେଇଥିବା ସାବିତ୍ରୀ ଅଭିଯୋଗ କରିଛନ୍ତି। ତେବେ ତୁରନ୍ତ ଡେରାବିଶ ପୁଲିସ ପ୍ରଶାସନ ତାଙ୍କ ଘରୋଇ ରାସ୍ତାକୁ ଅବରୋଧ ମୁକ୍ତ କରି ତାଙ୍କ ପରିବାରକୁ ନ୍ୟାୟ ପ୍ରଦାନ କରିବାକୁ ନିବେଦନ କରିଛନ୍ତି। ତେବେ ଅଭିଯୋଗକୁ ଦୁଇଦିନ ବିତିଯାଇଥିଲେ ମଧ୍ୟ ପୁଲିସ ପ୍ରଶାସନ କୌଣସି ପଦକ୍ଷେପ ନେଇନଥିବାରୁ ସାବିତ୍ରୀଙ୍କ ପରିବାର ଘରୁ ବାହାରି ପାରୁନଥିବା ବେଳେ ପଡ଼ୋଶୀଙ୍କ ଆକ୍ରମଣ ଭୟରେ ଭୀତତ୍ରସ୍ତ ଅବସ୍ଥାରେ ରହିଥିବା ଜଣାଯାଇଛି।

# କପିଳାସରେ ଭୋର୍ ୪.୨୦ ମିନିଟ୍‌ରେ ଉଠିଲା ମହାଦୀପ

**ଢେଙ୍କାନାଳ,୧୬।୨/ଏନ୍‌ଏନ୍‌ଏସ୍:** ରାଜ୍ୟ ପ୍ରସିଦ୍ଧ ପୁଣ୍ୟତୀର୍ଥ ଶ୍ରୀ ଶ୍ରୀ ଚନ୍ଦ୍ରଶେଖର ଜୀଉଙ୍କ କପିଳାସ ପୀଠରେ ରବିବାର ଭୋର ୪ଟା ୨୦ ମିନିଟ୍‌ରେ ମନ୍ଦିର ଚୂଡାକୁ ମହାଦୀପ ଉଠିଛି। ଏହି ସମୟରେ ହରହର ମହାଦେବ ଏବଂ ଓ ନମଃ ଶିବାୟ ଧ୍ୱନି ସହ ଭଜନ କୀର୍ତ୍ତନ, ହରିବୋଲ ହୁଳହୁଳିରେ ପୀଠ ପରିସର ପ୍ରକମ୍ପିତ ହୋଇଉଠିଥିଲା। ଶ୍ରୀଶ୍ରୀ ଚନ୍ଦଶେଖର ଜୀଉଙ୍କୁ ରାତ୍ରର ଚାରିପ୍ରହରରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା କରାଯାଇଥିଲା। ରାତ୍ରର ବିଳମ୍ବିତ ପ୍ରହରରେ ରାଜପୁରୋଧା ଓ ସମସ୍ତ ପୂଜକଙ୍କ ଦ୍ୱାରା ମହାରୁଦ୍ରାଭିଷେକ ଅନୁଷ୍ଠିତ ହୋଇଥିଲା। ପ୍ରଭୁ ଚନ୍ଦ୍ରଶେଖରଙ୍କୁ ବିଭିନ୍ନ ସୁନା ଅଳଙ୍କାରରେ ସଜିତ କରାଯାଇ ନାଗାଭରଣ ବେଶ କରାଯାଇଥିବା ବେଳେ ମା' ପାର୍ବତୀଙ୍କୁ ରାଜରାଜେଶ୍ୱରୀ ବେଶ କରାଯାଇଥିଲା। ଏହି ବେଶରେ ମା' ପାର୍ବତୀ ବେଶ ଚମକି ଉଠିଥିଲେ। ବେଶକୁ ଦେଖିବା ପାଇଁ ଶ୍ରଦ୍ଧାଳୁଙ୍କ ମନରେ ଉତ୍କଣ୍ଠା କହିଲେ ନସରେ। ଢେଙ୍କାନାଳ ରାଜ ପରିବାରର ଯୁବରାଜ ଅମରଜ୍ୟୋତି ସିଂହଦେଓଙ୍କ ସମେତ ସଦସ୍ୟମାନେ ତୃତୀୟ ପ୍ରହର ସ୍ନାନ ଓ ଚାରିପୂଜାରେ ଅଂଶଗ୍ରହଣ କରିଥିଲେ। ଭୋର ୩.୫୦ମିନିଟ୍ ସମୟରେ ମହାଦୀପ ମନ୍ଦିର ଚତୁଃପାର୍ଶ୍ୱରେ ତିନିଥର ବେଢା ପରିକ୍ରମା କରାଯାଇ ୪ଟା ୩୫ମିନିଟ ସମୟରେ ସେବାୟତ ଘୃତପୂର୍ଣ୍ଣ ମହାଦୀପକୁ ମନ୍ଦିର ଚୂଡାକୁ ଉଠାଇଥିଲେ। କପିଳାସ ପୀଠରେ ଉଜାଗର ରହି ଜାଗର ଜାଳୁଥିବା ଲକ୍ଷ ଲକ୍ଷ ଭକ୍ତଙ୍କ ଓଁ ନମଃ ଶିବାୟ, ଚନ୍ଦ୍ରଶେଖରାୟ ନମଃ, ହରିବୋଲ, ହୁଳହୁଳି ଦେଇ ଅଞ୍ଚଳକୁ ପ୍ରକମ୍ପିତ କରିଥିଲେ। ମହାଦୀପ ମନ୍ଦିର ଚୂଡାରେ ତିନିଥର 'ପରିକ୍ରମା କରାଯାଇ ସ୍ଥାପନ କରାଯାଇଥିଲା। ତା ପରେ ପରେ ହରିହର ଭେଟ ନିତ୍ୟଧୂପ ଓ ପହଡ ନୀତି ପୂଜାପଣ୍ଡାଙ୍କ ଦ୍ୱାରା କରାଯାଇଥିଲା। ଯୋଗୀମାନଙ୍କ ଦ୍ୱାରା ଯୋଗୀ ବେଶ ଓ ପରେ ବଡସିଂହାର ବେଶ କରାଯାଇଥିଲା। ଏହି ଅବସରରେ ମନ୍ଦିରର ଉତର ପାଶ୍ୱରେ ବୃହତ ପିତଳ ଝାଡବୃକ୍ଷ ସ୍ଥାପନ କରାଯାଇ ଦୀପ ପ୍ରଜ୍ୱଳିତ କରାଯାଇଥିଲା ପୀଠରେ ଶ୍ରଦ୍ଧାଳୁଙ୍କ ମନରେ ଭକ୍ତି ଆଣିବା ପାଇଁ ଚନ୍ଦ୍ରଶେଖର କଳା ପରିଷଦ ଓ ପକ୍ଷରୁ ରାତିତମାମ ଭଜନ ସମାରୋହ ଅନୁଷ୍ଠିତ ହୋଇଥିଲା।

# ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ମିଳିତ ଅଭିଯୋଗ ଶୁଣାଣି



**ପରଜଙ୍ଗ,୧୬।୨/ଏନ୍‌ଏନ୍‌ଏସ୍:** ଢ଼େଙ୍କାନାଳ ଜିଲ୍ଲା ପରଜଙ୍ଗ ବ୍ଲକ୍ କାର୍ଯ୍ୟାଳୟ ସଭାଗୃହ ଠାରେ ପଞ୍ଚାୟତ ସମିତି ପକ୍ଷରୁ ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଶିବିରରେ ସମୁଦାୟ ୮୭ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ଦୁଇ ଜଣଙ୍କୁ ଚିକିତ୍ସା ପାଇଁ ସହାୟତା ରାଶି ୧୦ ହଜାର ଟଙ୍କା ଲେଖାଏଁ ରେଡକ୍ରସ୍ ପାଣ୍ଠିରୁ ଯୋଗାଇ ଦିଆଯାଇଥିବା ବେଳେ ଦୁଇ ଜଣଙ୍କୁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ସମୁଦାୟ ୩୫ ହଜାର ଟଙ୍କା। ଜଣଙ୍କୁ ୧୫ ହଜାର ଟଙ୍କା ଏବଂ ଅନ୍ୟ ଜଣଙ୍କୁ ୨୦ ହଜାର ଟଙ୍କା ସହାୟତା ରାଶି ଯୋଗାଇ ଦିଆଯାଉଛି। ଶିବିରରେ ବାର୍ଦ୍ଧକ୍ୟ ଭତ୍ତା, ପ୍ରଧାନମନ୍ତ୍ରୀ ଆବାସ ଓ ଅନ୍ତ୍ୟୋଦୟ ଯୋଜନା ସମ୍ବନ୍ଧୀୟ ଅଭିଯୋଗ ଶୁଣାଣି ହୋଇଥିଲା। ଜିଲ୍ଲାପାଳ ଆଶିଷ କୁମାର ପାଟିଲ, ଉପଜିଲ୍ଲାପାଳ ଦିନମଣି ନାୟକ,ଉପଖଣ୍ଡ ଆରକ୍ଷୀ ଅଧିକ୍ଷକ ରଜନୀକାନ୍ତ ସାମଲ, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ, ଜିଲ୍ଲା ଉନ୍ନୟନ ଅଧିକାରୀ, ଜିଲ୍ଲା ବିଦ୍ୟାଳୟ ଓ ଗଣଶିକ୍ଷା ଅଧିକାରୀ, ଜିଲ୍ଲା ପୂର୍ତ୍ତ ବିଭାଗ ଅଧିକାରୀ ବ୍ଲକ୍ ଉନ୍ନୟନ ଅଧିକାରୀ ସୌଭାଗ୍ୟ କୁମାର ବେହେରା, ତହସିଲଦାର ସୁଦେବ ପୃଷ୍ଟି, ପରଜଙ୍ଗ ଗୋଷ୍ଠି ସ୍ୱାସ୍ଥ୍ୟ ଅଧିକାରୀ ସ୍ମୃତି ରଞ୍ଜନ ବିଶ୍ୱାଳ ଓ ଜିଲ୍ଲାପରିଷଦ ସଭ୍ୟ ନିରାକାର ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କ ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ। ପରଜଙ୍ଗ ଥାନା ଅଧିକାରୀ ଧୀରେନ୍ କୁମାର ବେହେରା, ଏସ୍‌ଆଇ ଦେବଗ୍ରାହୀ ମହାନ୍ତି, ଏଏସ୍‌ଆଇ ଯୁଗଳ କୁମାର ପ୍ରଧାନଙ୍କ ସମେତ ପୁଲିସ ଫୋର୍ସ ଉପସ୍ଥିତ ରହି ଶାନ୍ତି ଶୃଙ୍ଖଳା ରକ୍ଷା ଦାୟିତ୍ୱ ତୁଲାଇଥିଲେ। ବ୍ଲକ୍ କାର୍ଯ୍ୟରତ କର୍ମଚାରୀ ସୁମନ୍ତ ବେହେରା ଓ ଅନ୍ୟମାନେ ପଞ୍ଜୀକରଣ କରିବା ସହ ଶିବିରାର୍ଥୀଙ୍କୁ ସହଯୋଗ କରିଥିଲେ।

## ଏଲିନା ଦାସ ବିଜେଡି ରାଜ୍ୟ ସଂପାଦିକା



**ନାଉଗାଁ,୧୬।୨/ଏନ୍‌ଏନ୍‌ଏସ୍:** ନାଉଗାଁ ବ୍ଲକ୍ ବିଜେଡି ଦୃଢ ସଂଗଠକ ତଥା ସମାଜସେବୀ ଏଲିନା ଦାସଙ୍କୁ ବିଜୁ ମହିଳା ଜନତା ଦଳର ରାଜ୍ୟ ସଂପାଦିକା ଭାବେ ମନୋନୀତ କରାଯାଇଛି। ଏଲିନା ଦାସ ନାଉଗାଁ ବ୍ଲକ୍‌ର ପୂର୍ବତନ ଜିଲ୍ଲାପରିଷଦ ସଭ୍ୟା ରହି ବିଜୁଜନତା ଦଳ ପାଇଁ ଅନେକ କାର୍ଯ୍ୟ କରିଥିବାରୁ ବିଜୁଜନତା ଦଳର ରାଜ୍ୟ ସଭାପତି ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶ୍ରୀମତୀ ଦାସଙ୍କୁ ବିଜୁ ମହିଳା ଜନତା ଦଳର ସଂପାଦକ ଭାବେ ନିଯୁକ୍ତ ଦେଇଥିବାରୁ ରାଜ୍ୟ ବିଜୁଜନତା ଦଳର ଉପସଭାପତି ଚିରଞ୍ଜିବ ବିଶ୍ୱାଳ, ଜଗତସିଂହପୁର ଜିଲ୍ଲା ବିଜୁଜନତା ଦଳର ସଭାପତି ପ୍ରଶାନ୍ତ ମୁଦୁଲି, ନାଉଗାଁ ବ୍ଲକ ସଭାପତି ନିରଞ୍ଜନ ବେହେରା, ନାଉଗାଁ ବ୍ଲକ ପଞ୍ଚାୟତ ସମିତି ଅଧକ୍ଷ ତୃଷ୍ଣା ଲେଙ୍କା, ଯୁବ ସଙ୍ଗଠକ ଦୀଲିପ ଲେଙ୍କା, ସୁବଳ ବେହେରା, ପ୍ରଶାନ୍ତ ଜେନା, ଘୋଡାଶ ସରପଞ୍ଚ ନିହାର ରଞ୍ଜନ ବସ୍ତିଆ, ମନ୍ମଥ ଓଝା, ଯୁବ ସଙ୍ଗଠକ ସୁନୀଲ କୁମାର ମାଟିଆ, ଆଲେକ ମହାନ୍ତି, ପୃଥୀରାଜ ମହାନ୍ତି ଧନ୍ୟବାଦ ଜଣାଇଛନ୍ତି। ଆଗାମୀ ଦିନରେ ବିଜୁ ଜନତା ଦଳକୁ ସୁଦୃଢ କରିବା ପାଇଁ ସେ କାମ କରିବେ ବୋଲି ଶ୍ରୀମତୀ ଦାସ ପ୍ରକାଶ କରିଛନ୍ତି।

## ଅଜଣା ଗାଡ଼ି ଧକ୍କାରେ ଯୁବକଙ୍କ ମୃତ୍ୟୁ

**କାମାକ୍ଷାନଗର,୧୬।୨/ଏନ୍‌ଏନ୍‌ଏସ୍:** ଜାଗରରେ ମନ୍ଦିରରେ ଦୀପ ଜାଳି ଘରକୁ ଫେରୁଥିବା ବେଳେ ଅଜଣା ଗାଡ଼ି ଧକ୍କାରେ ଯୁବକଙ୍କ ମୃତ୍ୟୁ। ମୃତ ଯୁବକ ହେଲେ ତୁମୁସିଙ୍ଗା ଥାନା ନୂଆ ମହୁଲି ଗ୍ରାମର ପୃଥ୍ୱୀରାଜ ବିଶ୍ୱାଳ (୩୮) ବୋଲି ଜଣାପଡ଼ିଛି। ସୂଚନା ଅନୁଯାୟୀ, ଗତକାଲି ଜାଗର ଅବସରରେ ପୃଥ୍ୱୀରାଜ ଅଁଳାବେରେଣୀ ଗ୍ରାମ ଶିବମନ୍ଦିରରେ ଜାଗର ଜାଳି ବିଳମ୍ବିତ ରାତିରେ ନିଜ ଗ୍ରାମ ନୂଆ ମହୁଲିକୁ ଚାଲିଚାଲି ଘରକୁ ଫେରୁଥିବା ବେଳେ କାମାକ୍ଷାନଗର-ଢେଙ୍କାନାଳ ପୂର୍ତ୍ତ ବିଭାଗ ରାସ୍ତାର ଅଁଳାବେରେଣୀ ହାଇସ୍କୁଲ ସାମ୍ନାରେ ଏକ ଅଜଣା ଗାଡି ତାଙ୍କୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ଘଟଣାସ୍ଥଳରେ ପହଞ୍ଚି ପୁଲିସକୁ ଖବର ଦେବାପରେ ପୁଲିସ ମୃତଦେହ ଉଦ୍ଧାର କରି କାମାକ୍ଷାନଗର ମେଡିକାଲରେ ଭର୍ତ୍ତି କରି ଶବ ବ୍ୟବଛେଦ କରାଇଥିଲେ।

## ଅନନ୍ତ ମହାରଣାଙ୍କୁ ରାଜ୍ୟ ହସ୍ତଶିଳ୍ପ ପୁରସ୍କାର



**ବଡଚଣା,୧୬।୨/ଏନ୍‌ଏନ୍‌ଏସ୍:** ଚଣ୍ଡିଖୋଲ ନିକଟସ୍ଥ ସୁଭଦ୍ରାପୁର ଗ୍ରାମର ଯୁବ ଶିଳ୍ପୀ ଅନନ୍ତ ମହାରଣାଙ୍କୁ ୨୦୨୩ ବର୍ଷ ପାଇଁ ରାଜ୍ୟ ହସ୍ତତନ୍ତ ବୟନ ଓ ଶିଳ୍ପ ବିଭାଗ ପକ୍ଷରୁ ରାଜ୍ୟ ହସ୍ତ ଶିଳ୍ପ ପୁରସ୍କାର ପ୍ରଦାନ କରାଯାଇଛି। ଭୁବନେଶ୍ୱର ସ୍ଥିତ ଜନତାମଇଦାନ ଠାରେ ଆୟୋଜିତ ତୋଷାଳୀ ଜାତୀୟ ପ୍ରଦର୍ଶନୀ ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଓଡ଼ିଶାର ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଶ୍ରୀ ମହାରଣାଙ୍କୁ ନଗଦ ୧ଲକ୍ଷ ଟଙ୍କା, ଟ୍ରଫି, ମାନପତ୍ର ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଏଥିରେ ସମ୍ମାନୀତ ଅତିଥି ଭାବେ ସମବାୟ, ହସ୍ତତନ୍ତ ବୟନ ଶିଳ୍ପ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ ସମେତ ବିଭାଗୀୟ ସଚିବ ଗୋହା ପୁନମତାପସ କୁମାର ଓ ନିର୍ଦ୍ଦେଶିକା ନିବେଦିତା ପୃଷ୍ଟି ପ୍ରମୁଖ ଉପସ୍ଥିତ ଥିଲେ। ସାହାଣ ପଥରରେ ନିର୍ମିତ ଅନନ୍ତ ନାରାୟଣ ମୂର୍ତ୍ତି ନିର୍ମାଣ କରି ଶ୍ରୀ ମହାରଣା ଏହି ପୁରସ୍କାର ଲାଭ କରିଚନ୍ତି। ତାଙ୍କ ହସ୍ତ ନିର୍ମିତ ବହୁ ପ୍ରସ୍ତର ମୂର୍ତ୍ତୀ ଭାରତ, ଇଂଲଣ୍ଡ, ଜାପାନ, ଇଣ୍ଡୋନେସିଆ, ଭୁଟାନ ଦକ୍ଷିଣଆଫ୍ରିକା ଜର୍ମାନୀ ଆଦି ଦେଶରେ ଉଚ୍ଚ ପ୍ରଶଂସିତ ହୋଇଛି। ଏଥିପାଇଁ ତାଙ୍କୁ ବହୁ ଜାତୀୟ, ରାଜ୍ୟସ୍ତରୀୟ ପୁରସ୍କାର ପ୍ରଦାନ କରାଯାଇଛି। ତାଙ୍କର ଏହି ସଫଳତା ପାଇଁ ସେ ନିଜର ଗୁରୁ ଭରତ ମହାରଣା ଓ ମହେଶ୍ୱର ଓଝା ସମେତ ବିଭାଗୀୟ ଅଧିକାରୀମାନଙ୍କୁ ନିଜର କୃତଜ୍ଞତା ଜଣାଇଛନ୍ତି।

## ଐତିହ୍ୟ ପଦଯାତ୍ରାର ସମୂହ ଦୀପଦାନ

**ଢେଙ୍କାନାଳ,୧୬।୨/ଏନ୍‌ଏନ୍‌ଏସ୍:** ପବିତ୍ର ଶିବ ଚତୁର୍ଦ୍ଦଶୀ, ଜାଗର ଅବସରରେ ଢେଙ୍କାନାଳ ଐତିହ୍ୟ ପଦଯାତ୍ରା ଆନୁକୂଲ୍ୟରେ ଢେଙ୍କାନାଳର ଆରାଧ୍ୟ ଦେବତା ସିଦ୍ଧ ବଳରାମ ମନ୍ଦିର ପରିସରରେ ଏକ ସମୂହ ଦୀପଦାନ ଉତ୍ସବ ଅନୁଷ୍ଠିତ ହୋଇ ଯାଇଛି। ଐତିହ୍ୟ ପଦଯାତ୍ରାର ଆବାହକ ଅଧ୍ୟାପକ ସୁରେଶ ପ୍ରସାଦ ମିଶ୍ରଙ୍କ ଆବାହକତ୍ୱରେ ସନ୍ଧ୍ୟା ୬ ଘଟିକା ସମୟରେ ସିଦ୍ଧ ବଳରାମଙ୍କ ମନ୍ଦିର ପ୍ରାଙ୍ଗଣରେ ଏକ ବୃହତ ଘୃତ ଦୀପ ପ୍ରଜ୍ୱଳନ କରାଯାଇ ଜଗତ କଲ୍ୟାଣ ପାଇଁ ଦେବାଧିଦେବ ମହାଦେବଙ୍କ ନିକଟରେ ସମୂହ ପ୍ରାର୍ଥନା କରା ଯାଇଥିଲା। ଅନୁଷ୍ଠାନର ବରିଷ୍ଠ ସଦସ୍ୟ ବଦ୍ରିନାଥ ଜେନା ଓ ରମେଶ ଚନ୍ଦ୍ର ପତି ପ୍ରଦୀପରେ ହଜାର ହଜାର ଭକ୍ତଙ୍କ ଗହଣରେ ପ୍ରଥମେ ଅଗ୍ନି ସଂସଥାପନ କରିବା ପରେ ଉପସ୍ଥିତ ସଦସ୍ୟ ସଦସ୍ୟା ମାନେ ପ୍ରଜ୍ୱଳିତ ଦୀପକୁ ଶୂନ୍ୟକୁ ଉତ୍ତଳନ କରି ମହାଦେବଙ୍କ ଉଦ୍ଦେଶ୍ୟରେ ସମର୍ପଣ କରିଥିଲେ। ଏହି ଅବସରରେ ଉପସ୍ଥିତ ଅନେକ ଭକ୍ତ ସ୍ୱତଃ ପ୍ରବୃତ ଭାବରେ ଐତିହ୍ୟ ପଦଯାତ୍ରାର ଦୀପରେ ଘୃତ ଦାନ କରିଥିଲେ। ଏହି ଅବସରରେ ଆବାହକ ଅଧ୍ୟାପକ ଶ୍ରୀ ମିଶ୍ର ଆମ ସାମାଜିକ ଐତିହ୍ୟର ସମୃଦ୍ଧି ଦିଗରେ ଜାଗର ପର୍ବର ଗୁରୁତ୍ୱ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଢେଙ୍କାନାଳ ଐତିହ୍ୟ ପଦଯାତ୍ରାର ଏହି ଅଭିନବ କାର୍ଯ୍ୟକ୍ରମକୁ ଉପସ୍ଥିତ ଅନେକ ଭକ୍ତ ଭୁୟସୀ ପ୍ରଶଂସା କରି ଅନୁଷ୍ଠାନର ଉତରୋତର ଉନ୍ନତି କାମନା କରିଥିଲେ। ଏହି କାର୍ଯ୍ୟକ୍ରମରେ ନରହରି ମହାରଣା,ବିକାଶ ପ୍ରଧାନ,ସୁନୀତା ମହାପାତ୍ର,ମନ୍ଦାକିନୀ ଦାସ,ବିଷ୍ଣୁପ୍ରିୟା ସାହୁ,ସୁଜିତ ଦେବତା, ପିୟୁଷ ଅଗ୍ରୱାଲ, ସୁମିତ୍ରା ଦେବତା,ଜନ୍ମେଜୟ ରାଉତ, ଆଦିତ୍ୟ ମିଶ୍ର,ରାଜେଶ କୁମାର ପଟ୍ଟନାୟକ, ସୁଧାଂଶୁ ଶେଖର ମହାନ୍ତି,ମଳୟ ପତି,ନାରାୟଣ ପଟ୍ଟ ନାୟକ ପ୍ରମୁଖ ଯୋଗ ଦେଇଥିଲେ।

## କେନ୍ଦ୍ରାପଡା କଲେଜ୍ ପରିଦର୍ଶନରେ ବିଧାୟକ

# ନୂତନ ଛାତ୍ରାବାସ ନିର୍ମାଣ ଓ ଉନ୍ନୟନ ମୂଳକ କାର୍ଯ୍ୟର ସମୀକ୍ଷା



**କେନ୍ଦ୍ରାପଡ଼ା,୧୬।୨/ଏନ୍‌ଏନ୍‌ଏସ୍:** ବିଧାୟକ ଗଣେଶ୍ୱର ବେହେରା କେନ୍ଦ୍ରାପଡା ସ୍ୱୟଂ ଶାସିତ ମହା ବିଦ୍ୟାଳୟ ପରିଦର୍ଶନ କରି ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟର ସମୀକ୍ଷା କରିଥିଲେ। ବିଧାୟକ ଶ୍ରୀ ବେହେରା ସରକାରଙ୍କ ଦ୍ୱାରା ଅନୁମୋଦିତ ୨୦୦ ଶଯ୍ୟା ବିଶିଷ୍ଟ ନୂତନ ଛାତ୍ରାବାସ ର କୋଠା ନିର୍ମାଣ ପାଇଁ ନିରୁପିତ ସ୍ଥାନ ପରିଦର୍ଶନ କରିଥିଲେ। ଏହା ସହିତ ସମ୍ମିଳନୀ କକ୍ଷ ସଂଲଗ୍ନ ଶୌଚାଳୟର ନବୀକରଣ ପାଇଁ ସମାଜସେବୀ ତଥା ପୌରାଧକ୍ଷାଙ୍କ ପ୍ରତିନିଧି ଶ୍ରୀ ସାହୁଙ୍କୁ ପରାମର୍ଶ ଦେଇଥିଲେ। ପୂର୍ବତନ ଛାତ୍ର ଓ ଅବସରପ୍ରାପ୍ତ କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ ସୁରେଶ କୁମାର ଦଳେଇଙ୍କ ପ୍ରସ୍ତାବ କ୍ରମେ ଡିଜିଟାଲ ଲାଇବ୍ରେରୀ ନିର୍ମାଣ ପାଇଁ ସ୍ଥାନ ନିରୂପଣ ଓ ଏମ୍‌ସିଏଲ ଠାରୁ ଅନୁଦାନ ପଠାଇବା ପାଇଁ ପରିବର୍ତ୍ତିତ ଆକଳନ ମଞ୍ଜୁର କରିବା ପାଇଁ ବିଡିଓଙ୍କୁ ଅନୁରୋଧ କରା ଯାଇଥିଲା। ଏହି ସମୀକ୍ଷାରେ କଲେଜ୍ ଅଧକ୍ଷ ପ୍ରଫେସର ଶାନ୍ତନୁ କୁମାର ଜେନା, ପ୍ରାଧ୍ୟାପକ ରଞ୍ଜିତ କୁମାର ଦାସ, ସମାଜସେବୀ ରଞ୍ଜିତ କୁମାର ସାହୁ, ଦେବାଶିଷ ସିଂହ, ଅଧ୍ୟାପକ ଅଚ୍ୟୁତାନନ୍ଦ ମହାରଣା, କାଉନସିଲର ଶୁଭାଶିଷ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

# କେନ୍ଦ୍ରାପଡ଼ା ଜିଲ୍ଲାରେ ଯୁକ୍ତଦୁଇରେ ୧୭୫୪ ପରୀକ୍ଷାର୍ଥୀ

**କେନ୍ଦ୍ରାପଡ଼ା,୧୬।୨/ଏନ୍‌ଏନ୍‌ଏସ୍:** ଆସନ୍ତା ୧୮ରୁ ମାର୍ଚ୍ଚ ୨୫ ପର୍ଯ୍ୟନ୍ତ ଯୁକ୍ତଦୁଇ ପରୀକ୍ଷା ଅନୁଷ୍ଠିତ ହେବ। ସେଥି ନିମନ୍ତେ କେନ୍ଦ୍ରାପଡା ସ୍ୱୟଂଶାସିତ ମହାବିଦ୍ୟାଳୟରେ ହୋଇଥିବା ପରୀକ୍ଷାକେନ୍ଦ୍ରରେ କେନ୍ଦ୍ରାପଡା ଉଚ୍ଚମାଧ୍ୟମିକ ବିଦ୍ୟାଳୟ ସମେତ ୮ଟି ଘରୋଇ ଆବାସୀକ ବିଜ୍ଞାନ ଉଚ୍ଚମାଧ୍ୟମିକ ବିଦ୍ୟାଳୟର ମୋଟ ୧୭୫୪ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେବେ। ୮ଟି ଘରୋଇ ଆବାସୀକ ବିଜ୍ଞାନ ଛତାସ୍ଥିତ ଉଚ୍ଚମାଧ୍ୟମିକ ବିଦ୍ୟାଳୟ ମଧ୍ୟରୁ କେନ୍ଦ୍ରାପଡା ଆବାସୀକ ବିଜ୍ଞାନ ଉଚ୍ଚମାଧ୍ୟମିକ ବିଦ୍ୟାଳୟର ୧୧୩ଜଣ ରେଗୁଲାର ଓ ୩ଜଣ ଏକ୍ସରେଗୁଲାର ଛାତ୍ରଛାତ୍ରୀ ଥିବା ବେଳେ ତେଣ୍ଡାକୁଡାସ୍ଥିତ ଆର୍‌ଏନ୍‌ଏମ ବିଜ୍ଞାନ ଆବାସୀକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୨୬ଜଣ ରେଗୁଲାର, ହଳଦିଆଗଡାସ୍ଥିତ ତାରିଣୀ ବିଜ୍ଞାନ ଆବାସୀକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୧୫୭ଜଣ ରେଗୁଲାର, ଶିଳିପୁରସ୍ଥିତ ଡଲଫିନ ବିଜ୍ଞାନ ଆବାସୀକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୩୭ଜଣ ରେଗୁଲାର, ଛତାସ୍ଥିତ ଲୋଟୋସ ବିଜ୍ଞାନ ଆବାସୀକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୯୪ଜଣ ରେଗୁଲାର ଓ ୬ଜଣ ଏକ୍ସ ରେଗୁଲାର, ଦୁହୁରିଆସ୍ଥିତ ବିଦ୍ୟା ବିଜ୍ଞାନ ଆବାସୀକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୩୯ଜଣ ରେଗୁଲାର, ବାରୋସ୍ଥିତ ରମାଦେବୀ ଆବାସୀକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୨୧ଜଣ ରେଗୁଲାର ଓ ବାରୋସ୍ଥିତ ଓମ୍‌ଶାନ୍ତି ବିଜ୍ଞାନ ଆବାସୀକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୧୯ଜଣ ରେଗୁଲାର ଛାତ୍ରଛାତ୍ରୀ ଅଛନ୍ତି। କେନ୍ଦ୍ରାପଡା ଉଚ୍ଚମାଧ୍ୟମିକ ବିଦ୍ୟାଳୟର ବିଜ୍ଞାନରେ ୫୦୨ଜଣ ରେଗୁଲାର ଓ ୧୪ଜଣ ଏକ୍ସ ରେଗୁଲାର, କଳାରେ ୩୭୬ଜଣ ରେଗୁଲାର ଓ ବାଣିଜ୍ୟରେ ୩୪୭ଜଣ ରେଗୁଲାର ଛାତ୍ରଛାତ୍ରୀ ଯୁକ୍ତଦୁଇ ପରୀକ୍ଷା ଦେବେ। ୮ଟି ଘରୋଇ ବିଜ୍ଞାନ ଆବାସୀକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ମୋଟ ୫୧୫ଜଣ ଓ କେନ୍ଦ୍ରାପଡା ଉଚ୍ଚମାଧ୍ୟମିକ ବିଦ୍ୟାଳୟର ମୋଟ ୧୨୩୯ଜଣ ଏପରି ସର୍ବମୋଟ ୧୭୫୪ଜଣ ଛାତ୍ରଛାତ୍ରୀ କେନ୍ଦ୍ରାପଡା ସ୍ୱୟଂଶାସିତ ମହାବିଦ୍ୟାଳୟ ପରୀକ୍ଷା କେନ୍ଦ୍ରର ୧୭ଟି ହଲରେ ପରୀକ୍ଷା ଦେବେ। ଏଥିସହିତ ଆସନ୍ତା ୨୪ତାରିଖ ଇଂରାଜୀ, ୨୮ତାରିଖରେ ପଦାର୍ଥ ବିଜ୍ଞାନ ଓ ମାର୍ଚ୍ଚ ୬ ତାରିଖରେ ରସାୟନବିଜ୍ଞାନ ବିଷୟରେ ସର୍ବାଧିକ ୧୦୩୧ଜଣ ଲେଖାଏଁ ଛାତ୍ରଛାତ୍ରୀ ପରୀକ୍ଷା ଦେବେ। କେନ୍ଦ୍ରାପଡା ଉଚ୍ଚମାଧ୍ୟମିକ ବିଦ୍ୟାଳୟ ପରୀକ୍ଷା କେନ୍ଦ୍ରର ଅଧୀକ୍ଷକ ଭାବେ କଲେଜ ଅଧକ୍ଷ ପ୍ରଫେସର ଶାନ୍ତନୁ କୁମାର ଜେନା, ଉପଅଧୀକ୍ଷକ ଭାବେ ଡ. ବାସନ୍ତୀ ଶୁକ୍ଳା, ଅଧ୍ୟାପିକା ସଂଯୁକ୍ତା ସେଠୀ, ଅଧ୍ୟାପକ ବିକାଶ କୁମାର ନାୟକ, ଅଧ୍ୟାପକ ସତ୍ୟରଞ୍ଜନ ମିଶ୍ର ଓ ଅଧିକାରୀ ନିଲେଶ ଦାସଙ୍କୁ ନିଯୁକ୍ତି ପ୍ରଦାନ କରାଯାଇଛି। ଏହାବ୍ୟତିତ କେନ୍ଦ୍ରାପଡା ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ ହୋଇଥିବା ପ୍ରଶ୍ନପତ୍ର ହବ୍‌ରୁ ଇନ୍ଦୁପୁରସ୍ଥିତ ବିରୂପା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ନିକିରାଇସ୍ଥିତ ବୀରହନୁମାନଜୀଉ ଉଚ୍ଚମାଧ୍ୟମିକ ବିଦ୍ୟାଳୟ, ତୁଳସୀ ମହିଳା ଉଚ୍ଚମାଧ୍ୟମିକ ବିଦ୍ୟାଳୟ, ଆୟବା ସରକାରୀ ବିଜ୍ଞାନ ଉଚ୍ଚମାଧ୍ୟମିକ ବିଦ୍ୟାଳୟ, କେନ୍ଦ୍ରାପଡା ସାନ୍ଧ୍ୟ ଉଚ୍ଚମାଧ୍ୟମିକ ବିଦ୍ୟାଳୟ, ଡେରାବିଶ ଉଚ୍ଚମାଧ୍ୟମିକ ବିଦ୍ୟାଳୟ, ଡେରାବିଶ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ଚାନ୍ଦୋଳସ୍ଥିତ ଏଚ୍‌ଏନ୍‌ଏସ୍ ଉଚ୍ଚମାଧ୍ୟମିକ ବିଦ୍ୟାଳୟ ଓ ବାଲିଆ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟକୁ ପ୍ରଶ୍ନପତ୍ର ପଠାଯିବ। କେନ୍ଦ୍ରାପଡା କଲେଜ ହବ୍‌ର ସୁପରଭାଇଜର ଭାବେ ପ୍ରଫେସର ଶାନ୍ତନୁକୁମାର ଜେନା ରହିଥିବା ବେଳେ ଡେପୁଟୀ ସୁପରଭାଇଜର ଭାବେ ଅଧ୍ୟାପକ ସୁବ୍ରତ କୁମାର ଜେନା ରହିଛନ୍ତି।

## ପ୍ରଥମ ପୃଷ୍ଠାରୁ

### ମହାପ୍ରଭୁଙ୍କ ଅଳଙ୍କାରର...

ଆବଶ୍ୟକତା ରହୁଥିବାରୁ ଏଥିପାଇଁ ବନପ୍ରକଳ୍ପ ଜରିଆରେ ଏହି ଗଛଗୁଡ଼ିକ ଲଗାଇବା ପାଇଁ ପ୍ରସ୍ତାବ ଦେବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। ବୈଠକରେ ପୂର୍ତ୍ତ ଓ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶଦାତା ପ୍ରକାଶ ମିଶ୍ର, ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶାଶ୍ୱତ ମିଶ୍ର, ଆଇନ ବିଭାଗର ପ୍ରମୁଖ ଶାସନ ସଚିବ ଡ. ପବିତ୍ର ମୋହନ ସାମଲ ଏବଂ ପୁରୀ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ।

### ପରଲୋକରେ ରାସେଶ୍ୱରୀ...

ବିଧାୟିକା ତଥା ବିଶିଷ୍ଟ ଚିକିତ୍ସିକା ଡା. ରାସେଶ୍ୱରୀ ପାଣିଗ୍ରାହୀଙ୍କ ଦେହାନ୍ତ ବିଷୟରେ ଜାଣି ଦୁଃଖିତ। ଶୋକସନ୍ତପ୍ତ ପରିବାର ପ୍ରତି ମୋର ସମବେଦନା ଜଣାଇବା ସହ ଦିବଙ୍ଗତ ଆତ୍ମାଙ୍କ ଶାନ୍ତି ପାଇଁ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛି । ଓଁ ଶାନ୍ତି ବୋଲି ଶ୍ରୀ ମାଝୀ ଟ୍ୱିଟରରେ ହ୍ୟାଣ୍ଡଲରେ ଉଲ୍ଲେଖ କରିଛନ୍ତି। ସେହି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମଧ୍ୟ ଶୋକପ୍ରକାଶ କରିଛନ୍ତି। ସୋସିଆଲ ମିଡିଆରେ ସେ ଉଲ୍ଲେଖ କରିଛନ୍ତି ଯେ ଡାକ୍ତର ରାସେଶ୍ୱରୀ ପାଣିଗ୍ରାହୀଙ୍କ ବିୟୋଗ ଖବର ଶୁଣି ମୁଁ ଦୁଃଖିତ ଓ ମର୍ମାହତ। ଡାକ୍ତର ପାଣିଗ୍ରାହୀ କେବଳ ଜଣେ ଜନପ୍ରତିନିଧି ନଥିଲେ, ବରଂ ଜଣେ ସେବାଭିମୁଖୀ ବ୍ୟକ୍ତିତ୍ୱ ଭାବେ ସମ୍ବଲପୁରର ଘରେ ଘରେ ସୁପରିଚିତ ଥିଲେ। ଜଣେ ଦକ୍ଷ ଡାକ୍ତର ଭାବେ ଦୀର୍ଘ ବର୍ଷ ଧରି ସାଧାରଣ ଲୋକଙ୍କ ସେବା କରି ଆସିଥିଲେ। ସମ୍ବଲପୁର ବିଧାୟିକା ଭାବେ ସେ ଅଞ୍ଚଳର ବିକାଶ ପାଇଁ ସର୍ବଦା ଚେଷ୍ଟା କରୁଥିଲେ। ଶିକ୍ଷା ଏବଂ ନାରୀ ସଶକ୍ତିକରଣ କ୍ଷେତ୍ରରେ ତାଙ୍କର କାର୍ଯ୍ୟ ଚିର ସ୍ମରଣୀୟ ହୋଇ ରହିବ। ତାଙ୍କର ବିୟୋଗ ଓଡ଼ିଶାର ରାଜନୈତିକ ଏବଂ ସାମାଜିକ କ୍ଷେତ୍ରରେ ଏକ ଅପୂରଣୀୟ କ୍ଷତି। ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଇବା ସହ ଅମର ଆତ୍ମାର ସଦଗତି କାମନା କରୁଛି ବୋଲି ଶ୍ରୀ ପ୍ରଧାନ ଉଲ୍ଲେଖ କରିଛନ୍ତି।

### ଆଜିଠୁ ବିଧାନସଭାର...

ପର୍ଯ୍ୟାୟ ବିଶିଷ୍ଟ ଏହି ବଜେଟ୍ ଅଧିବେଶନ ବେଶ୍ ଗୁରୁତ୍ୱପୂର୍ଣ୍ଣ ହେବ। ବଜେଟ୍ ଉପସ୍ଥାପନ ଯୋଗୁଁ ଏଥର ଅଧିବେଶନ ବେଶ ଗୁରୁତ୍ୱପୂର୍ଣ୍ଣ। ଗୃହ କିପରି ଶାନ୍ତି ଶୃଙ୍ଖଳାରେ ଚାଲିବ, ଏହା ଉପରେ ସବୁ ଦଳର ନେତାମାନଙ୍କ ସହ ଆଲୋଚନା କରିଛି ଓ ସମସ୍ତେ ସହଯୋଗ କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ପ୍ରକାଶ ଯେ ଫେବୃଆରୀ ୧୮ ଓ ୧୯ରେ ଦୁଇଦିନ ଧରି ରାଜ୍ୟପାଳଙ୍କ ଅଭିଭାଷଣ ଧନ୍ୟବାଦ ପ୍ରସ୍ତାବ ଉପରେ ଆଲୋଚନା ହେବ। ଫେବୃଆରୀ ୨୦ରେ ଅର୍ଥମନ୍ତ୍ରୀ ଦାୟିତ୍ୱରେ ଥିବା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଗତ କରିବେ ଆର୍ଥିକ ବର୍ଷ ୨୦୨୬-୨୭ ପାଇଁ ରାଜ୍ୟର ପୂର୍ଣ୍ଣାଙ୍ଗ ବଜେଟ୍। ପୁଣି ଦ୍ୱିତୀୟ ପର୍ଯ୍ୟାୟ ମାର୍ଚ୍ଚ ୯ରୁ ଆରମ୍ଭ ହୋଇ ଏପ୍ରିଲ ୮ରେ ଶେଷ ହେବ। ମାର୍ଚ୍ଚ ୩୦ରେ ବଜେଟ୍ ଅନୁମୋଦନ ପାଇଁ ଗୃହର ଅନୁମତି ଲୋଡ଼ିବେ ଅର୍ଥମନ୍ତ୍ରୀ ତଥା ମୁଖ୍ୟମନ୍ତ୍ରୀ। ଏପ୍ରିଲ ୧ରୁ ଗୃହ ଉତ୍କଳ ଦିବସ ପାଇଁ ବନ୍ଦ ରହିବ। ଏପ୍ରିଲ ୨ ଓ ଏପ୍ରିଲ ୮ରେ ପ୍ରାଇଭେଟ୍ ମେମ୍ବରଙ୍କ ବିଲ ଆଗତ ପାଇଁ ଦୁଇଦିନ ଧାର୍ଯ୍ୟ ହୋଇଛି। ଶେଷରେ ଏପିଲ ୮ରେ ବାଚସ୍ପତି ଶ୍ରୀମତୀ ପାଢ଼ୀ ଅନିର୍ଦ୍ଦିଷ୍ଟ କାଳ ପାଇଁ ଗୃହକୁ ମୁଲତବୀ ହେବ। ଅନ୍ୟପକ୍ଷରେ ବିରୋଧୀ ବିଜେଡି ଓ କଂଗ୍ରେସ ସଭ୍ୟମାନେ ବିଭିନ୍ନ ପ୍ରସଙ୍ଗରେ ସରକାରଙ୍କୁ ଘେରିବେ ବୋଲି ସ୍ପଷ୍ଟ କରିଛନ୍ତି। ହେଲେ ଶାସକ ଦଳ ସବୁ ପ୍ରସଙ୍ଗରେ ଉତ୍ତର ଦେବାକୁ ତୟାର ବୋଲି ସଂସଦୀୟ ବ୍ୟାପାର ମନ୍ତ୍ରୀ ମୁକେଶ ମହାଲିଙ୍ଗ ପ୍ରକାଶ କରିଛନ୍ତି। ସେ କହିଛନ୍ତି ଯେ, ଲୋକଙ୍କ ଟିକସ ଅର୍ଥରେ ଚାଲୁଥିବା ବିଧାନସଭାକୁ ଶାନ୍ତି ଶୃଙ୍ଖଳାର ସହ ସମାପନ କରିବା ଜରୁରୀ। ଅଯଥା ହଙ୍ଗାମା କରି ଗୃହକୁ ଅଚଳ କରାଯିବା ଉଚିତ ନୁହେଁ। ତେଣୁ ବିରୋଧୀ ଦଳ ସଭ୍ୟମାନେ ଏହାକୁ ଗୁରୁତ୍ୱ ଦେବା ବିଧେୟ ବୋଲି ସେ ଅପିଲ କରିଛନ୍ତି। ଅନ୍ୟପକ୍ଷରେ ବଜେଟ ଅଧିବେଶନ ପାଇଁ କମିଶନରେଟ ପୁଲିସ ପକ୍ଷରୁ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି। ପୁଲିସ କମିଶନର୍ ଏସ୍ ଦେବଦତ୍ତ ସିଂ ସୁରକ୍ଷା ବ୍ୟବସ୍ଥାର ଯାଞ୍ଚ କରିଛନ୍ତି। ଏଥିପାଇଁ ୨୦ ପ୍ଲାଟୁନ୍ ପୁଲିସ ଫୋର୍ସ ମୁତୟନ କରାଯିବା ସହ ଷ୍ଟ୍ରାଇକିଂ ଫୋର୍ସ, ଏସଟିୟୁ, ବୋମା ନିଷ୍କ୍ରିୟକାରୀ ଦଳ, ଡଗ୍ ସ୍କ୍ୱାଡ ଓ ଅଗ୍ନିଶମ ବିଭାଗ ମଧ୍ୟ ଦାୟିତ୍ୱରେ ରହିବେ। ଡିସିପି ସୁରକ୍ଷା ତଦାରଖ ଦାୟିତ୍ୱରେ ଥିବା ବେଳେ ତାଙ୍କ ଅଧୀନରେ ୭ ଜଣ ଅତିରିକ୍ତ ଡିସିପି, ୨୪ ଜଣ ଏସିପି, ୨୭ ଜଣ ଇନ୍ସପେକ୍ଟର, ୧୧୦ ଜଣ ଏସଆଇ ଓ ଏଏସଆଇ ଦାୟିତ୍ୱରେ ରହିବେ। ସେହିପରି ସୁରକ୍ଷା ବ୍ୟବସ୍ଥାକୁ ଅଧିକ କଡ଼ାକଡ଼ି କରିବା ପାଇଁ ବିଭିନ୍ନ ସ୍ଥାନରେ ସିଟିଡି ଖଞ୍ଜା ଯାଇଛି। ସୋମବାର ପୁଲିସ୍ କମିଶନରଙ୍କ ସୂତ୍ରରୁ ମିଳିଥିବା ତଥ୍ୟାନୁସାରେ ବିଧାନସଭା ସାମ୍ନାରେ ୫ଟି ଅସ୍ଥାୟୀ ପୁଲିସ କ୍ୟାମ୍ପ ହାଉସ୍ ନିର୍ମାଣ କରାଯାଇଛି। ଗୃହ ଭିତରେ ଓ ବାହାରେ ଡଗ୍ ସ୍କ୍ୱାଡ, ବମ୍ ସ୍କ୍ୱାଡ, ସ୍ନେକ୍ ହେଲ୍ପଲାଇନ, ଅଗ୍ନିଶମ ବିଭାଗ ନିୟୋଜିତ ହୋଇଛନ୍ତି। ସିସିଟିଭି କ୍ୟାମେରା ସର୍ଭିଲାନ୍ସରେ ରହିଛି ସବୁ ଅଞ୍ଚଳ। ବିଶେଷକରି ଗାନ୍ଧୀମାର୍ଗକୁ ଏଆଇ କ୍ୟାମେରା ସର୍ଭିଲାନ୍ସରେ ରଖାଯାଇଛି। ଗୁଇନ୍ଦା ବିଭାଗ ସାଧା ପୋଷାକରେ ରାଜଧାନୀର ବିଭିନ୍ନ ସ୍ଥାନରେ ନିୟୋଜିତ ହୋଇ ଗୁଇନ୍ଦା ତଥ୍ୟ ସଂଗ୍ରହ କରୁଛନ୍ତି। ଗୃହ ଚାଲିବା ସମୟରେ ଯେଉଁ ସଂଗଠନ ଧାରଣା ସ୍ଥଳକୁ ଆସିବେ ସେଥିପାଇଁ କଡ଼ା ସୁରକ୍ଷା ବ୍ୟବସ୍ଥା ହୋଇଛି। ଅସ୍ଥାୟୀ ପୁଲିସ କଣ୍ଟ୍ରୋଲ ରୁମ ଦ୍ୱାରା ସବୁକିଛି ନିୟନ୍ତ୍ରିତ ହେଉଛି ବୋଲି ସେ ପ୍ରକାଶ କରିଛନ୍ତି।

### ଭବେଶ ଓଡ଼ିଶା...

୮ଲକ୍ଷ ୫୫ହଜାର ୮୫ଜଣ ରହିଥିବା ବେଳେ ଛାତ୍ରୀଙ୍କ ସଂଖ୍ୟା ୪ଲକ୍ଷ ୪୯ହଜାର ୫୬୮ଜଣ ରହିଛି। ସର୍ବାଧିକ ୧୦୦ ପର୍ସେଣ୍ଟାଇଲ ରଖିଥିବା ୧୨ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୬ର୍ୟାଙ୍କରେ ରହିଛନ୍ତି ଓଡ଼ିଶାର ଭାବେଶ ପାତ୍ର। ସେହିପରି ପ୍ରଥମ ର୍ୟାଙ୍କରେ ଦିଲ୍ଲୀର ଶ୍ରେୟାସ ମିଶ୍ର, ଦ୍ୱିତୀୟ ର୍ୟାଙ୍କରେ ଆନ୍ଧ୍ରପ୍ରଦେଶର ଏନ୍‌ଜି ମାଥି, ତୃତୀୟ ର୍ୟାଙ୍କରେ ରହିଛନ୍ତି ବିହାରର ଏସ୍ କୁମାର। ଉଭୟ ଚତୁର୍ଥ ଏବଂ ପଞ୍ଚମ ର୍ୟାଙ୍କରେ ରାଜସ୍ଥାନର କବିର ଛିଲାର ଏବଂ ଚିରଞ୍ଜିବୀ କର ୧୦୦ ପର୍ସେଣ୍ଟାଇଲ ହାସଲ କରିଛନ୍ତି। ସେହିପରି ବିଭିନ୍ନ ବର୍ଗ ମଧ୍ୟରୁ ସାଧାରଣ ବର୍ଗ ତାଲିକାରେ ସର୍ବାଧିକ ୧୦୦ ପର୍ସେଣ୍ଟାଇଲ ରଖିଥିବା ୧୨ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୧୧ଜଣ ପରୀକ୍ଷାର୍ଥୀ ରହିଛନ୍ତି। ସାଧାରଣ ଇଡବ୍ଲ୍ୟୁଏସ୍ ବର୍ଗରେ ରାଜସ୍ଥାନର ଏସ୍ ଜାସୋରିଆ ସର୍ବାଧିକ ୯୯.୯୯୯ପର୍ସେଣ୍ଟାଇଲ ରଖି ଟପ୍ପର ହୋଇଛନ୍ତି। ଓବିସି-ଏନ୍‌ସିଏଲ ବର୍ଗରେ ଆନ୍ଧ୍ରପ୍ରଦେଶର ଏନ୍ ଜି ମାଥି ଟପ୍ପର ହୋଇଥିବା ବେଳେ ଏସ୍‌ସି ବର୍ଗରେ ଆନ୍ଧ୍ରପ୍ରଦେଶର ଦେବା ଶ୍ରୀଭେଦ ୯୯.୯୯୯ ପର୍ସେଣ୍ଟାଇଲ, ଏସ୍‌ଟି ବର୍ଗରେ ରାଜସ୍ଥାନର ଡି ସେରା ୯୯.୯୯୯ ପର୍ସେଣ୍ଟାଇଲ, ପିଡବ୍ଲ୍ୟୁବିଡି ବର୍ଗରେ ମଧ୍ୟପ୍ରଦେଶର ଏ ଜୈନ୍ ୯୯.୯୧୦ ପର୍ସେଣ୍ଟାଇଲ ହାସଲ କରିଛନ୍ତି। ଏହାବ୍ୟତୀତ ମହିଳା ବର୍ଗର ତାଲିକାରେ ହରିୟାଣାର ଆଶି ଗ୍ରିୱେଲ ସର୍ବାଧିକ ୯୯.୯୯୬ ପର୍ସେଣ୍ଟାଇଲ ରଖିଛନ୍ତି। ଜେଇଇ ମେନ୍ ଲାଗି ଏଥର ୩୨୬ଟି ସହରରେ ୬୫୮ଟି ପରୀକ୍ଷା କେନ୍ଦ୍ର ହୋଇଥିଲା। ସେଥିରୁ ଓଡ଼ିଶାରେ ୧୯ଟି ସହରରେ ପରୀକ୍ଷାକେନ୍ଦ୍ରର ବ୍ୟବସ୍ଥା ହୋଇଥିଲା।

### ହଟିଲା ଜାତିପ୍ରଥା...

ସିଡିପିଓ ଦିପାଳୀ ମିଶ୍ର। ଆଉ ଏପଟେ ଆରମ୍ଭ ହୋଇଥିଲା ରୋଷେଇ କାର୍ଯ୍ୟ। ଶର୍ମିଷ୍ଠା ପିଲାଙ୍କ ପାଇଁ ଖାଦ୍ୟ ପ୍ରସ୍ତୁତ କରିବା ପରେ ଏକାଠି ଖାଇବାକୁ ବସିଥିଲେ ସମସ୍ତେ। ଆଉ ଶର୍ମିଷ୍ଠା ନିଜ ହାତରେ ପିଲାଙ୍କୁ ଖୁଆଇ ଦେବା ସହ ସମସ୍ତଙ୍କ ଗେହ୍ଲୀ ଭଉଣୀ ଭଳି ସବୁପିଲାଙ୍କୁ ସ୍ନେହ ଆଉ ଆଦରରେ ଖୁଆଇ ଦେବାର ସୁଯୋଗ ପାଇଥିବାରୁ ତାଙ୍କ ଆଖିରେ ଆସିଯାଇଥିଲା ଆନନ୍ଦର ଅଶ୍ରୁ। ଗତ ନଭେମ୍ବର ୨୦ରେ ନୂଆଗାଁ ଅଙ୍ଗନବାଡି କେନ୍ଦ୍ରରେ ନୂଆ କରି ସହାୟିକା ଭାବେ ନିଯୁକ୍ତି ପାଇଥିଲେ ଏଇ ଗାଁର ଶର୍ମିଷ୍ଠା ସେଠୀ। ତେବେ ସେ ଅନୁସୂଚିତ ଜାତିର ହୋଇଥିବାରୁ ତାଙ୍କ ହାତରନ୍ଧା ରୋଷେଇ ଖାଇବା ଓ ତାଙ୍କ ହାତରୁ ଅଣ୍ଡା ଛତୁଆ ଆଦି ଗ୍ରହଣ କରିବାକୁ ଅଭିଭାବକମାନେ ଅରାଜି ହୋଇଥିବା ଅଭିଯୋଗ ହୋଇଥିଲା। ତେଣୁ ଅଙ୍ଗନୱାଡ଼ି କେନ୍ଦ୍ରର ଅସୁବିଧା ଓ ଗାଁ ସମସ୍ୟାକୁ ଆଳ କରି ଆଉ କେନ୍ଦ୍ରକୁ ପିଲାଙ୍କୁ ଛାଡ଼ିନଥିଲେ ଅଭିଭାବକ। ଯାହାକୁ ନେଇ ସୃଷ୍ଟି ହୋଇଥିଲା ଅଚଳାବସ୍ଥା। ଏକବିଂଶ ଶତାବ୍ଦୀର ଏ ମଧ୍ୟଯୁଗୀୟ ଜାତିପ୍ରଥା ଓ ଛୁଆଁ ଅଛୁଆଁ ଭେଦଭାବକୁ ନେଇ ନୂଆଗାଁ ଖବର ରାଜ୍ୟସଭାରେ ଉଠିବା ପରେ ଜାତୀୟ ଗଣମାଧ୍ୟମରେ ବି ଖୁବ୍ ଚର୍ଚ୍ଚା ହୋଇଥିଲା।

### ୩ ଯୁବକଙ୍କୁ ଫାଶୀ...

ବି ରହିଥିଲେ। ପ୍ରଥମେ ୩ ଯୁବକ ସମସ୍ତଙ୍କୁ ଟଙ୍କା ମାଗିଥିଲେ। ହେଲେ ସେମାନେ ଟଙ୍କା ଦେବାକୁ ମନା କରିବାରୁ ୩ ପୁରୁଷ ପର୍ଯ୍ୟଟକଙ୍କୁ ସେମାନେ ନିକଟସ୍ଥ କେନାଲକୁ ଠେଲି ଦେଇଥିଲେ। ଏହାପରେ ଦୁଇ ମହିଳାଙ୍କୁ ଗଣଦୁଷ୍କର୍ମ କରିଥିଲେ। ବିରାଟ କେନାଲରେ ପଡ଼ି ଯାଇଥିବା ଆମେରିକାର ଡାନିଏଲ ଓ ମହାରାଷ୍ଟ୍ରର ପଙ୍କଜ ପହଁରା ଶିଖିଥିବାରୁ ସୁରକ୍ଷିତ ଭାବେ ପାଣିରୁ ବାହାରି ପଡ଼ିଥିଲେ। କିନ୍ତୁ ଓଡ଼ିଶାର ବିବାଶ କେନାଲରେ ନିଖୋଜ ହୋଇଯାଇଥିଲେ। ତାଙ୍କ ମୃତଦେହକୁ ପୁଲିସ୍ ଦିନକ ପରେ ପାଣିରୁ ଉଦ୍ଧାର କରିଥିଲା। ଗଣ ଦୁଷ୍କର୍ମର ଶିକାର ହୋଇଥିବା ୨୯ ବର୍ଷୀୟ ହୋମ ଷ୍ଟେ ମାଲିକ କହିଥିଲେ ଯେ ସେ ଓ ତାଙ୍କର ୪ ଜଣ ଅତିଥି ରାତ୍ର ଭୋଜନ ପରେ ତୁଙ୍ଗଭଦ୍ରାର ବାମ ପାର୍ଶ୍ୱ କେନାଲ ନିକଟକୁ ବୁଲିବାକୁ ଯାଇଥିଲେ। ଏହି ସମୟରେ ରାତି ପ୍ରାୟ ୧୦.୩୦ ହୋଇଥିଲା। ସେମାନେ ବୁଲାବୁଲି କରିବା ସହ ଗୀତ ଗାଉଥିବା ବେଳେ ୩ ଜଣ ଯୁବକ ବାଇକ ଧରି ସେଠାରେ ପହଞ୍ଚିଥିଲେ। ପ୍ରଥମେ ସେମାନେ ପେଟ୍ରୋଲ କେଉଁଠି ମିଳିବ ବୋଲି ପଚାରିଥିଲେ ଓ ଏହା ପରେ ଅତିଥିମାନଙ୍କୁ ୧୦୦ ଟଙ୍କା ମାଗିଥିଲେ।ସେମାନେ ଟଙ୍କା ଦେବାକୁ ମନା କରିବାରୁ ୩ ଯୁବକ ମାରପିଟ ଆରମ୍ଭ କରିଥିଲେ। ପ୍ରଥମେ ସେମାନେ ୩ ଜଣ ପୁରୁଷ ଯାତ୍ରୀଙ୍କୁ ନିକଟସ୍ଥ କେନାଲକୁ ଠେଲି ଦେଇଥିଲେ। ଏହାପରେ ଇସ୍ରାଏଲ ପର୍ଯ୍ୟଟକଙ୍କ ସହ ହୋମ ଷ୍ଟେ ମାଲିକଙ୍କୁ ମାଡ଼ ମାରି ଦୁଷ୍କର୍ମ କରିଥିଲେ। ଏହାପରେ ବାଇକ ଧରି ସେଠାରୁ ଚମ୍ପଟ ମାରିଥିଲେ। ଖବର ପାଇ ପୁଲିସ୍ ଓ ଅଗ୍ନିଶମ କର୍ମଚାରୀମାନେ ଘଟଣା ସ୍ଥଳରେ ପହଞ୍ଚିଥିଲେ। ପାଣିରେ ପଡ଼ି ନିଖୋଜ ହୋଇଥିବା ଓଡ଼ିଶାର ବିବଶଙ୍କୁ ସେମାନେ ଖୋଜିଥିଲେ ମଧ୍ୟ ରାତିରେ କୌଣସି ପତ୍ତା ମିଳି ନଥିଲା। ପରଦିନ ସକାଳୁ ବିବଶଙ୍କ ମୃତଦେହ କେନାଲ କୂଳରୁ ମିଳିଥିଲା। ଏହି ଘଟଣା ପୂରା ଦେଶରେ ଚର୍ଚ୍ଚାର ବିଷୟ ହୋଇଥିଲା। ଶେଷରେ ଗଙ୍ଗାବତୀ ଜିଲ୍ଲା ଓ ଦୌରାଜଜ କୋର୍ଟ ଆଜି ୩ ଜଣଙ୍କୁ ଫାଶୀ ଦଣ୍ଡ ଦେଇଛନ୍ତି।

# ମାହାଙ୍ଗା ବିଧାୟକଙ୍କ ବିକାଶ ସମାବେଶ

## ବିଭିନ୍ନ ପ୍ରକଳ୍ପର କଲେ ଶିଳାନ୍ୟାସ

**ନିଶ୍ଚିନ୍ତକୋଇଲି, ୧୬।୨/ଏନ୍‌ଏନ୍‌ଏସ୍:** କଟକ ଜିଲ୍ଲା ନିଶ୍ଚିନ୍ତକୋଇଲି ବ୍ଲକର ବିଭିନ୍ନ ପଞ୍ଚାୟତରେ ମାହାଙ୍ଗା ବିଧାୟକ ଶାରଦାପ୍ରସାଦ ପ୍ରଧାନ ବ୍ୟାପକ ବିକାଶମୂଳକ ପ୍ରକଳ୍ପର ଶୁଭ ଶିଳାନ୍ୟାସ କରିବା ସହ ଏକ ବିଶାଳ ବିକାଶ ସମାବେଶରେ ଯୋଗ ଦେଇଛନ୍ତି। ଶନିବାର ବିଧାୟକ ଶ୍ରୀ ପ୍ରଧାନ ଏକ ବିରାଟ ପଟୁଆରରେ ଶତାଧିକ ସମର୍ଥକଙ୍କ ସହ ବିଭିନ୍ନ ଅଞ୍ଚଳ ଗସ୍ତ କରି ଜନସାଧାରଣଙ୍କ ସହ ଆଲୋଚନା କରିଥିଲେ।



ଗସ୍ତ ସମୟରେ ବିଧାୟକ କୋଲଣପୁର ପଞ୍ଚାୟତର କଳାଗ୍ନୀ-କୋଲଣପୁର ରାସ୍ତା, କୁଳିଆ ନିୟନ୍ତ୍ରିତ ବଜାର କମିଟିର ନୂତନ ଗୋଦାମ ଗୃହ ଏବଂ କେନ୍ଦୁପାଟଣା ପ୍ରାଥମିକ କୃଷି ସମବାୟ ସମିତିର ବିଭିନ୍ନ କାର୍ଯ୍ୟର ଶୁଭାରମ୍ଭ କରିଥିଲେ। ସେହିପରି ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଜିଗ୍ନୀପୁର ଜଗନ୍ନାଥ ମନ୍ଦିରଠାରୁ ପାଇକରାପୁର ଭାୟା ଜୟରାମପୁର ନୂତନ ରାସ୍ତା, ଫଗୋଳ ପଞ୍ଚାୟତରେ ନିଶ୍ଚିନ୍ତକୋଇଲି-କାଜିହାଟ ରାସ୍ତା ଏବଂ ଓଥକାଠାରୁ ରାମକୃଷ୍ଣପୁର ରାସ୍ତା ନିର୍ମାଣ ପାଇଁ ଶିଳାନ୍ୟାସ କରିଥିଲେ। କାର୍ଯ୍ୟକ୍ରମ ଶେଷରେ ରାମକୃଷ୍ଣପୁର ସର୍ପଯୋଡ଼ି ପଡ଼ିଆଠାରେ ଏକ ବିଶାଳ ବିକାଶ ସମାବେଶ ଅନୁଷ୍ଠିତ ହୋଇଥିଲା। ସମାଜସେବୀ ରମେଶ ଚନ୍ଦ୍ର ସ୍ୱାଇଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ମୁଖ୍ୟଅତିଥି ଭାବେ ଯୋଗଦେଇ ବିଧାୟକ କହିଥିଲେ ଯେ, 'ମାହାଙ୍ଗା ନିର୍ବାଚନ ମଣ୍ଡଳୀର ସର୍ବାଙ୍ଗୀନ ବିକାଶ ହିଁ ମୋର ଏକମାତ୍ର ସଂକଳ୍ପ। ବିକାଶର ଧାରାକୁ ତ୍ୱରାନ୍ୱିତ କରି ପ୍ରତିଟି ମଣିଷକୁ ସ୍ୱାବଲମ୍ବୀ ଓ ରୋଜଗାରକ୍ଷମ କରିବା ପାଇଁ ଆମେ ପ୍ରୟାସ ଜାରି ରଖିଛୁ।' ସମାଜସେବୀ ରମେଶ ଚନ୍ଦ୍ର ସ୍ୱାଇଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିଧାୟକଙ୍କ ସମେତ ବ୍ଲକ ଉପାଧ୍ୟକ୍ଷ ନୃସିଂହଚରଣ ମିଶ୍ର, ପୂର୍ବତନ ଉପାଧ୍ୟକ୍ଷ ଅଶୋକ କୁମାର ଓଝା, ପୂର୍ବତନ ବ୍ଲକ ଅଧ୍ୟକ୍ଷା କମଳା ବସ୍ତିଆ, ପୂର୍ବତନ ସରପଞ୍ଚ ଦେବେନ୍ଦ୍ର ସାହୁ, ମନୋରଞ୍ଜନ ସ୍ୱାଇଁ, ଦିଲ୍ଲୀପ କୁମାର ରାଉତ, ସରପଞ୍ଚ ମଧୁସ୍ମିତା ରାଉତ, ଦୀପ୍ତିମୟୀ ବରାଳ, ବୈଷ୍ଣବ ସାମଲ, ସମିତିସଭ୍ୟା ନର୍ମଦା ରାଉତ, ସରସ୍ୱତୀ ରାଉତ, ସବିତା ସାମଲ, ସବିତା ସିଂ, ଜାନକୀକାନ୍ତ ଦାସ, ସଞ୍ଜୟ ବେହେରା, ଜଗବନ୍ଧୁ ସ୍ୱାଇଁ, ସନ୍ତୋଷ ସ୍ୱାଇଁ, ସନ୍ତୋଷ କାପ, ସରପଞ୍ଚ ପ୍ରତିନିଧି ଜ୍ଞାନରଞ୍ଜନ ରାଉତ, ସମିତିସଭ୍ୟା ପ୍ରତିନିଧି ଚକ୍ରଧର ଦାସ, ରଞ୍ଜନ ରାଉତ, ଜିତେନ୍ଦ୍ର ଶତପଥୀ, ରବିଚନ୍ଦ୍ର ବେହେରା, ଜୟଜଗନ୍ନାଥ ଜୟଶ୍ରୀରାମ, ରାକେଶ ସେଠୀ, ମାନସ ରାଉତ, ଅନନ୍ତକିଶୋର ମଲ୍ଲ ଓ ରାକେଶ ରାଉତଙ୍କ ସମେତ ବହୁ ଜନପ୍ରତିନିଧି ଯୋଗ ଦେଇଥିଲେ।

## ସପ୍ତମ ଦିନରେ ଅହୋରାତ୍ର ଧାରଣା, ପ୍ରଶାସନ ଚୁପ୍




**ବୋଲଗଡ଼, ୧୬।୨/ଏନ୍‌ଏନ୍‌ଏସ୍:** ବୋଲଗଡ଼ ବିଡ଼ିଓଙ୍କ ବଦଳି ଦାବିରେ ବ୍ଲକ ଜନ ପ୍ରତିନିଧିଙ୍କ ପକ୍ଷରୁ ଆହୋରାତ୍ର ଧାରଣା ସପ୍ତମ ଦିନରେ ପହଞ୍ଚିଛି। ସୂଚନା ଯୋଗ୍ୟ ସ୍ଥାନୀୟ ଜନ ସାଧାରଣଙ୍କ ପ୍ରତି ବୋଲଗଡ଼ ପଂଚାୟତ ସମିତି ବିଡ଼ିଓଙ୍କ ରାଜରେ ବ୍ଲକ ଶାସନ ଚାଲିଛି ବୋଲି ବ୍ଲକ ଜନ ପ୍ରତିନିଧିଙ୍କ ପକ୍ଷରୁ ସଙ୍ଗିନ ଅଭିଯୋଗ ଆସିଛି। ପଞ୍ଚାୟତ ସମିତିର ଜନ ପ୍ରତିନିଧି ତଥା ଅଂଚଳବାସୀଙ୍କ ସମ୍ମାନ,ସ୍ୱାଭିମାନଙ୍କୁ ଅସମ୍ମାନ ଓ କୁଠାରଘାତ ତଥା ମନମାନି ହେତୁ ସ୍ୱାଭିମାନ ମଞ୍ଚ ପକ୍ଷରୁ ଏହାର ତୀବ୍ର ବିରୋଧ କରାଯାଇଛି। ବିଡ଼ିଓ ସୁମନସୁଦ୍ଧା କୁଣ୍ଡୁଙ୍କର ସାମ୍ବିଧାନିକ ଅସମ୍ମାନ ଜନକ ଏତାଦୃଶ ଅହଂକାର ଯୁକ୍ତ ଆଚରଣକୁ ନେଇ ବ୍ଲକ ଅଂଚଳର ସମସ୍ତ ଜନ ପ୍ରତିନିଧିମାନେ ନାପସନ୍ଦ କରିବା ସହ କ୍ଷୋଭ ପ୍ରକାଶ କରିଛନ୍ତି।ଏହି କାରଣକୁ ନେଇ ଜନ ପ୍ରତିନିଧିଙ୍କ ସମେତ ବ୍ଲକ ଅଂଚଳର ସର୍ବଦଳୀୟ ଓ ସ୍ୱାଭିମାନ ମଞ୍ଚ ପକ୍ଷରୁ ଜାନୁଆରୀ ୨୮ରେ ଏକ ଶାନ୍ତିପୂର୍ଣ୍ଣ ଶୋଭାଯାତ୍ରାରେ ଆସି ସ୍ଥାନୀୟ ତହସିଲଦାରଙ୍କ ଜରିଆରେ ରାଜ୍ୟ ମୁଖ୍ୟମନ୍ତ୍ରୀ,ଭୁବନେଶ୍ୱର ସାଂସଦ, ଜିଲ୍ଲାପାଳ ଓ ଜିଲ୍ଲା ପୋଲିସ ଅଧିକ୍ଷକ ପ୍ରମୁଖଙ୍କ ନିକଟକୁ ବିଡ଼ିଓଙ୍କ ବଦଳି ସମ୍ପର୍କରେ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। ତେବେ ସରକାରଙ୍କ ପକ୍ଷରୁ ଏ ସମ୍ପର୍କରେ କୌଣସି ପଦକ୍ଷପ ନ ନିଆଯିବାରୁ ପୁନର୍ବାର ଫେବୃଆରୀ ୧୦ ମଙ୍ଗଳବାର ଜନ ପ୍ରତିନିଧିଙ୍କ ସମେତ ସ୍ୱାଭିମାନି ମଞ୍ଚ ଏକ ବିରାଟ ଶୋଭାଯାତ୍ରାରେ ଆସି ବ୍ଲକ ସମ୍ମୁଖରେ ଆହୋରାତ୍ର ଧାରଣାରେ ବସିଛି। ତେବେ ଇତି ମଧ୍ୟରେ ୭ଦିନ ବିତି ଯାଇଥିଲେ ହେଁ ଏହାର ପ୍ରଭାବ ସରକାରଙ୍କ ନିକଟରେ ନହେବା ଦୁଃଖ ଓ ପରିତାପର ବିଷୟ ବୋଲି ବୁଦ୍ଧିଜୀବୀ ମହଲରେ ଆଲୋଚନା ହେଉଛି। ଅହୋରାତ୍ର ସାମୁହିକ ଧାରଣାର ସପ୍ତମ ଦିବସରେ ଖୋର୍ଦ୍ଧା ଜିଲ୍ଲା ପରିଷଦ ଅଧ୍ୟକ୍ଷା ରୂପଶ୍ରୀ ରାଣୀ ଗୁମାନସିଂହ ଓ ଉପାଧ୍ୟକ୍ଷ ଗୋପୀନାଥ ମହାରଣା ଧାରଣା ସ୍ଥଳକୁ ଆସିଥିଲେ ଓ ଧାରଣାକୁ ଦୃଢ଼ ସମର୍ଥନ ଜଣାଇଥିଲେ। ଅହଙ୍କାରୀ ବିଡ଼ିଓଙ୍କୁ ବଦଳି ନକରି ସାଧାରଣରେ ଲୋକଙ୍କ ସରକାର ବୋଲି ଡିଣ୍ଡିମ ପିଟୁଥିବା ସମ୍ପର୍କରେ ଉଭୟ ନେତା ବର୍ଷିଥିଲେ ଓ ସରକାରଙ୍କ ଏତାଦୃଶ କଠୋର ମନୋବୃତ୍ତିର କାର୍ଯ୍ୟକୁ ନିନ୍ଦା ଓ କଟାକ୍ଷ କରିଥିଲେ। ସାମୁହିକ ଧାରଣାରେ ବ୍ଲକ ବିଜେଡି ସଭାପତି ବାନାମ୍ବର ମାଝୀ, ଖୋର୍ଦ୍ଧା ଜିଲ୍ଲା ବିଜେଡି ସମ୍ପାଦକ ବୀର ଦାସ,ବ୍ଲକ ଅଧକ୍ଷା ହୁଲ୍ଲାସ ପ୍ରଧାନ, ଉପାଧ୍ୟକ୍ଷ ରମେଶ ସାହୁ, ୨୫ନଂ ଜିଲ୍ଲା ପରିଷଦ ସଭ୍ୟାଙ୍କ ପ୍ରତିନିଧି ଶୁଭେନ୍ଦ୍ର କୁମାର ସାହୁ, ୨୬ନଂ ଜିଲ୍ଲା ପରିଷଦ ସଭ୍ୟ ସୁବାସ ଚନ୍ଦ୍ର ରାୟଗୁରୁ, ୨୭ନଂ ଜିଲ୍ଲା ପରିଷଦ ସଭ୍ୟ ପ୍ରଦୀପ୍ତ ଛୋଟରାୟ, ମାଣିବନ୍ଧ ସରପଞ୍ଚ ସୁନନ୍ଦା ବରାଳ, ସମିତିସଭ୍ୟା ନିର୍ମଳା ପ୍ରଧାନ, କଳାଙ୍ଗ ସମିତି ସଭ୍ୟ ରଶ୍ମିରଞ୍ଜନ ପ୍ରଧାନ, ଫାସିଓଡା ସମିତି ସଭ୍ୟ ପ୍ରଦୀପ ପ୍ରଧାନ, ବାଂକୋଇ ସମିତିସଭ୍ୟ ରଞ୍ଜନ ଲେଙ୍କା ପ୍ରମୁଖ ଅହରାତ୍ର ବସି ରହିଛନ୍ତି।

## ହାପିନେସ୍ ଫାଉଣ୍ଡେସନ୍ ତରଫରୁ ସେବା ଶିବିର

**ପୁରୀ, ୧୬।୨/ଏନ୍‌ଏନ୍‌ଏସ୍:** ପବିତ୍ର ମହାଶିବରାତ୍ରି ରେ ହାପିନେସ୍ ଫାଉଣ୍ଡେସନ୍ ତରଫରୁ ଶ୍ରଦ୍ଧାଳୁମାନଙ୍କ ପାଇଁ ମନ୍ଦିର ପରିସରରେ ଓ ମନ୍ଦିର ବାହାରେ ଭୁଷି, ନାଣ୍ଡି ବଗୁଲି ଓ ମିଶ୍ରି ଆଦି ରେ ପ୍ରସ୍ତୁତ ସର୍ବତ ବଣ୍ଟନ କରାଯାଇଛି। ଏହି ବ୍ୟବସ୍ଥା ୩୦ ହଜାରରୁ ଉର୍ଦ୍ଧ୍ୱ ଶ୍ରଦ୍ଧାଳୁଙ୍କ ପାଇଁ କରାଯାଇଥିଲା। ଦୀର୍ଘ ସମୟ ଧରି ମନ୍ଦିର ଭିତରେ ଓ ବାହାରେ ଧାଡ଼ି ରେ ଠିଆ ହୋଇଥିବା ଏବଂ ପ୍ରଭୁଙ୍କ ଦର୍ଶନ ସାରି ଫେରୁଥିବା ଶ୍ରଦ୍ଧାଳୁ ଙ୍କ ତୃଷ୍ଣା ମେଣ୍ଟାଇବା ପାଇଁ ଏହି ବ୍ୟବସ୍ଥା କରାଯାଇଥିଲା। ଶ୍ରଦ୍ଧାଳୁଙ୍କୁ ଖରାରୁ ରକ୍ଷା ଦେବା ପାଇଁ ଅନୁଷ୍ଠାନ ତରଫରୁ ମେସିନ୍ ଯୋଗେ ଜଳ ସିଞ୍ଚନ ମଧ୍ୟ କରଯାଇଥିଲା। ମନ୍ଦିର ଭିତରେ ସ୍ୱଚ୍ଛତା ବଜାୟ ରଖିବା ପାଇଁ ମନ୍ଦିର ପରିସର ରେ ସଫେଇ କରିବା ସହିତ ମନ୍ଦିର ପରିସର ରେ ପଡ଼ିଥିବା ପ୍ଲାଷ୍ଟିକ ବୋତଲ ଓ ଦୀପ ଗୁଡିକ ବାହାରକୁ କଢ଼ାଯାଇଥିଲା। ଏହି ସେବା ଶିବିର କୁ ପୁରୀ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ପ୍ରତୀକ ସିଂ, ବରିଷ୍ଠ ସେବାୟତ ଗୋପାଳ ଚନ୍ଦ୍ର ଖୁଣ୍ଟିଆ ଓ ସୂଚନା ଲୋକ ସମ୍ପର୍କ ବିଭାଗ ର ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ପ୍ରମୁଖ ଉଦଘାଟନ କରିଥିଲେ। ଅନୁଷ୍ଠାନ ର ପ୍ରତିଷ୍ଠାତା ତଥା ସଭାପତି ଇଂ. ପ୍ରଦୀପ୍ତ କୁମାର ପ୍ରଧାନ ଙ୍କ ନେତୃତ୍ୱରେ ଅନୁଷ୍ଠାନ ର କାର୍ଯ୍ୟକାରୀ ସମ୍ପାଦକ ସୌମ୍ୟ ରଞ୍ଜନ ସାହୁ, ଯୁଗ୍ମ ସମ୍ପାଦକ ପ୍ରଶାନ୍ତ ମହାପାତ୍ର, ସଂଯୋଜକ ଟି. ମନୋଜ କୁମାର ପ୍ରଧାନ, ନରେଶ ଚନ୍ଦ୍ର ପାଲ୍ ଓ ସଂଯୋଜିକା ମାମିନା ପ୍ରଧାନ, ବିଷ୍ଣୁପ୍ରିୟା ସାହୁ, ଚିନ୍ମୟୀ ଲେଙ୍କା ଏବଂ ସକ୍ରିୟ ସଦସ୍ୟ ନଳିନୀକାନ୍ତ ମିଶ୍ର, ସୁଶାନ୍ତ ଜେନା, ସୁମନ୍ତ ଜେନା, ଦେବାଶିଷ ବେହେରା ପ୍ରିତମ୍ ଦାସ୍, ବିକି ବିଶ୍ୱାଳ, ମନୋଜ ରାଉତ, ସକ୍ରିୟ ସଦସ୍ୟା ସୋନାଲି ସାହୁ, ରୋଜାଲିନ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିବାରେ ସହଯୋଗ କରିଥିଲେ।



## ପଞ୍ଚବଟୀ ସେତୁର ଶିଳାନ୍ୟାସ

**ବାଲିଅନ୍ତା, ୧୬।୨/ଏନ୍‌ଏନ୍‌ଏସ୍:** ଜଳ ସମ୍ପଦ ବିଭାଗ ପ୍ରାଚୀ ଡିଭିଜନ ଅନ୍ତର୍ଗତ ଫୁଲନଖର ଡିଷ୍ଟ୍ରିବ୍ୟୁଟାରୀ ଅଧିନ ଜୟରଶାସନ ପଞ୍ଚବଟୀ ବଜାରଠାରେ ଥିବା ପୁରାତନ ସେତୁର ପୁନଃନିର୍ମାଣ ନିମନ୍ତେ ଜୟଦେବ ବିଧାୟକ ନବକିଶୋର ମଲ୍ଲିକ ଶିଳାନ୍ୟାସ କରିଛନ୍ତି। ଏହି ସେତୁର ବ୍ୟୟ ଅଟକଳ ୨୧, ୩୫, ୨୦୭ ରଖାଯାଇଛି ଓ ଏହାର ଓସାର ୫.୫



ମିଟର। ଏହି ଅବସରରେ ପଞ୍ଚବଟୀ ବଜାରଠାରେ ଏକ ଶିଳାନ୍ୟାସ ସଭା ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ଜୟଦେବ ବିଧାୟକ ନବକିଶୋର ମଲ୍ଲିକ, ବିଶିଷ୍ଟ ଅତିଥି ଭାବରେ ବାଲିଅନ୍ତା ୧୬ ନମ୍ବର ଜୋନ୍ ଜିଲ୍ଲା ପରିଷଦ ମହେଶ୍ୱର ଦାସ, ବାଲିଅନ୍ତା ବ୍ଲକ ଅଧ୍ୟକ୍ଷା ବାସନ୍ତୀ ଖଟୁଆ, ଜଗନ୍ନାଥପୁର ସରପଞ୍ଚ ବିଶ୍ୱଜିତ ଭୋଇ, ଏସ୍‌ଡିଓ ପ୍ରତାପନଗରୀ ଜଳସମ୍ପଦ ବିଭାଗ ଅଜୟ ବେହେରା, ବାଲିଅନ୍ତା ବ୍ଲକ ବିଜେଡି ସଭାପତି ପ୍ରଦୀପ ଜେନାମଣୀ, ପାଲାଗାୟକ ସୁଧାକର ଯୁଧିଷ୍ଠିର ପରିଜା, ଟ୍ୱିନ ସିଟି ପ୍ରେସ କ୍ଲବ ସଭାପତି ସନାତନ ପରିଜା, ବିଭାଗୀୟ ଯନ୍ତ୍ରୀ ମହୀଧରପଡ଼ା ସେକ୍ସନ ସମେତ ଅଞ୍ଚଳର ବହୁ ବିଶିଷ୍ଟ ବିଶିଷ୍ଟ ବ୍ୟକ୍ତିବିଶେଷ, ବୁଦ୍ଧିଜୀବୀ, ସାଧାରଣ ଜନତା ଉପସ୍ଥିତ ଥିଲେ।

## ଉଦ୍ଧାର ମହିଳାଙ୍କୁ ପରିବାର ଜିମା ଦେଲା ସ୍ୱାଭିମାନ ସେବା ସଂଘ

**ଟାଙ୍ଗୀ, ୧୬।୨/ଏନ୍‌ଏନ୍‌ଏସ୍:** ଟାଙ୍ଗୀ ଥାନା ଅନ୍ତର୍ଗତ ଜରିପଡ଼ା ପଞ୍ଚାୟତ କଣୀ ଗ୍ରାମର ଆଖଣ୍ଡଳମଣି ମନ୍ଦିର ନିକଟରୁ ଜଣେ ଅସହାୟ ମହିଳାଙ୍କୁ ଉଦ୍ଧାର କରାଯାଇ ତାଙ୍କ ପରିବାର ସଦସ୍ୟଙ୍କୁ ହସ୍ତାନ୍ତର କରାଯାଇଛି। ସୂଚନା ଅନୁସାରେ, ଗତ ଶନିବାର ରାତିରେ ଜଣେ ଅଜଣା ମହିଳା ମନ୍ଦିର ନିକଟରେ ବୁଲାବୁଲି କରୁଥିବା ଦେଖି ସ୍ଥାନୀୟ ଲୋକେ ଟାଙ୍ଗୀ ପୁଲିସ ଓ ସ୍ୱାଭିମାନ ସେବା ସଂଘର ସଭାପତି ଅନୁରୋଧ ନାୟକଙ୍କୁ ଖବର ଦେଇଥିଲେ। ସଂଘର କର୍ମକର୍ତ୍ତାମାନେ ପହଞ୍ଚି ମହିଳାଙ୍କୁ ଉଦ୍ଧାର କରିବା ସହ ପଚରାଉଚରା କରିବାରୁ ତାଙ୍କ ନାମ ସୋନି କୁମାରୀ ଏବଂ ସେ ଝାଡ଼ଖଣ୍ଡ ରାଜ୍ୟର ବୋଲି ଜଣାପଡ଼ିଥିଲା। ଘରୁ ରାଗ ଅଭିମାନରେ ଚାଲିଆସି ସେ ବାଟ ହୁଡ଼ି ଏଠାରେ ବୁଲୁଥିଲେ। ସଂଘ ପକ୍ଷରୁ ତାଙ୍କ ପରିବାର ସହ ଯୋଗାଯୋଗ କରାଯାଇଥିଲା। ଆଜି ସୋନିଙ୍କ ମାମୁ କଳିନ୍ଦ୍ର ଗୋପ୍ ଓ ମା' ରାଞ୍ଚି ଦେବୀ ଟାଙ୍ଗୀ ଥାନାରେ ପହଞ୍ଚି ଥାନା ଅଧିକାରୀ ଡ଼. ବିକାଶ କୁମାର ସେଠୀଙ୍କୁ ନିଜର ପରିଚୟ ପ୍ରଦାନ କରିଥିଲେ। ସୋନିଙ୍କର ସାମାନ୍ୟ ମାନସିକ ବିକୃତି ଥିବାରୁ ସେ ପ୍ରାୟ ଏକ ମାସ ହେବ ଘରୁ ନିଖୋଜ ଥିବା ସେମାନେ ପ୍ରକାଶ କରିଥିଲେ। ପରେ ସ୍ୱାଭିମାନ ସେବା ସଂଘର ସଭାପତି ଅନୁରୋଧ ନାୟକ, ଧରିତ୍ରୀ ସାହୁ, ସସ୍ମିତା ନାୟକ ଓ ବିକ୍ରମ ଦେହୁରୀ ପ୍ରମୁଖ ଥାନାରେ ପହଞ୍ଚି ମହିଳାଙ୍କୁ ତାଙ୍କ ପରିବାର ଜିମା ଦେଇଥିଲେ। ପୁଲିସ ଓ ସେବା ସଂଘର ଏଭଳି ମାନବିକତାପୂର୍ଣ୍ଣ କାର୍ଯ୍ୟ ପାଇଁ ମହିଳାଙ୍କ ପରିବାର ପକ୍ଷରୁ ସମସ୍ତଙ୍କୁ ସାଧୁବାଦ ଓ କୃତଜ୍ଞତା ଜ୍ଞାପନ କରାଯାଇଛି।

### ଉଦ୍‌ଘାଟିତ ହେଲା...

ଅର୍ଥ 'ସମସ୍ତଙ୍କ ପାଇଁ ସୁଖ ସମୃଦ୍ଧି କାମନା କରିବା' ଏହା ମାନବତାର ପ୍ରଗତି ପାଇଁ କୃତ୍ରିମ ବୁଦ୍ଧିମତ୍ତା (ଏଆଇ) ବ୍ୟବହାର କରିବାର ଆମର ମିଳିତ ସଂକଳ୍ପକୁ ପ୍ରତିଫଳିତ କରେ।" ନୂଆଦିଲ୍ଲୀର ଭାରତ ମଣ୍ଡପମ୍‌ଠାରେ ଆୟୋଜିତ ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସି ଇମ୍ପାକ୍ଟ ଶିଖର ସମ୍ମିଳନୀ ଆସନ୍ତା ୨୦ ତାରିଖ ପର୍ଯ୍ୟନ୍ତ ଚାଲିବ। ବିଶ୍ୱର ସର୍ବବୃହତ୍ ପ୍ରଯୁକ୍ତିବିଦ୍ୟା କାର୍ଯ୍ୟକ୍ରମ ମଧ୍ୟରୁ ଅନ୍ୟତମ ଏଆଇ ଇମ୍ପାକ୍ଟ ଶିଖର ସମ୍ମିଳନୀ ୨୦୨୬ କେବଳ ଏକ ପ୍ରଯୁକ୍ତିବିଦ୍ୟା କାର୍ଯ୍ୟକ୍ରମ ନୁହେଁ ବରଂ ଭାରତର ବର୍ଦ୍ଧିତ ବିଶ୍ୱ ଭୂମିକା ପାଇଁ ଏକ ପ୍ରମୁଖ ମଞ୍ଚ ମଧ୍ୟ ସାଜିବାକୁ ଯାଉଛି। ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ଅନୁଯାୟୀ, ଏହି ଶିଖର ସମ୍ମିଳନୀରେ ଅଂଶଗ୍ରହଣ କରିବା ପାଇଁ ସାରା ବିଶ୍ୱରୁ ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ ଏବଂ ଅନ୍ତର୍ଜାତୀୟ ସଂଗଠନର ମୁଖ୍ୟମାନେ ଭାରତରେ ପହଞ୍ଚୁଛନ୍ତି। ଏହି ସମ୍ମିଳନୀରେ ସାମିଲ ହେବାକୁ ଥିବା ଅନ୍ତର୍ଜାତୀୟ ନେତାମାନଙ୍କ ମଧ୍ୟରେ ଫ୍ରାନ୍ସ ରାଷ୍ଟ୍ରପତି ଇମାନୁଏଲ ମାକ୍ରନ, ଏଷ୍ଟୋନିଆ ରାଷ୍ଟ୍ରପତି ଆଲାର କାରିସ, ବୋଲିଭିଆ ଉପରାଷ୍ଟ୍ରପତି ଏଡମୁଣ୍ଡୋ ନୋଭିଲୋ, ଗୁଆନା ଉପରାଷ୍ଟ୍ରପତି ଭରତ ଜଗଦେଓ, ଶ୍ରୀଲଙ୍କା ରାଷ୍ଟ୍ରପତି ଅନୁରା କୁମାରା ଦିସାନାୟକେ ଏବଂ ସର୍ବିଆ ରାଷ୍ଟ୍ରପତି ଆଲେକଜାଣ୍ଡର ଭୁଚିଚ୍‌ଙ୍କ ଭଳି ବ୍ୟକ୍ତିତ୍ୱ ସାମିଲ ଅଛନ୍ତି। ଏହି ବ୍ୟକ୍ତିବିଶେଷ ୧୭ ତାରିଖରେ ଶିଖର ସମ୍ମିଳନୀରେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ସେହିପରି ୧୮ ତାରିଖରେ ମଧ୍ୟ ଫିନ୍‌ଲ୍ୟାଣ୍ଡ, ସ୍ପେନ୍, ମରିସସ୍, କ୍ରୋଏସିଆ ଭଳି ଦେଶର ପ୍ରଧାନମନ୍ତ୍ରୀଙ୍କ ସହ ସେଚେଲ୍ସର ଉପରାଷ୍ଟ୍ରପତି ଏବଂ ସ୍ଲୋଭାକିଆର ରାଷ୍ଟ୍ରପତି ମଧ୍ୟ ଯୋଗଦେବେ ବୋଲି ସୂଚନା ମିଳିଛି। ଏମାନଙ୍କ ବ୍ୟତୀତ ୟୁଏଇର କ୍ରାଉନ ପ୍ରିନ୍ସ ଖାଲେଦ୍ ବିନ୍ ମହମ୍ମଦ ବିନ ଜାଏଦ୍ ଅଲ ନାହ୍ୟାନ, ଆଇଏମଏଫର ମୁଖ୍ୟ କ୍ରିଷ୍ଟାଲିନା ଜର୍ଜିଭା, ନେଦରଲ୍ୟାଣ୍ଡସ୍‌ର ପ୍ରଧାନମନ୍ତ୍ରୀ ଡିକ ସ୍କୋଫ, ମିଳିତ ଜାତିସଂଘ ମହାସଚିବ ଆଣ୍ଟୋନିଓ ଗୁଟେରେସ, ଆର୍ମେନିଆ ପ୍ରଧାନମନ୍ତ୍ରୀ ନିକୋଲ ପାଶିନ୍ୟାନ, ଭୁଟାନ ପ୍ରଧାନମନ୍ତ୍ରୀ ଶେରିଂ ଟୋବଗେ, କାଜକ୍‌ସ୍ତାନ ପ୍ରଧାନମନ୍ତ୍ରୀ ଓଲଜାସ ବେକଟେନୋଭ ଏବଂ ବ୍ରାଜିଲ୍ ରାଷ୍ଟ୍ରପତି ଲୁଇଜ ଇନାସିୟ ଲୁଲା ଡା ସିଲଭାଙ୍କ ଭଳି ବିଶ୍ୱ ଏବଂ ଆଞ୍ଚଳିକ ସ୍ତରର ଅନେକ ପ୍ରମୁଖ ବ୍ୟକ୍ତି ମଧ୍ୟ ଦିଲ୍ଲୀରେ ପହଞ୍ଚିବେ। ଏଆଇକୁ କିପରି ସୁରକ୍ଷିତ ଏବଂ ବିଶ୍ୱସନୀୟ କରାଯିବ ସେସମ୍ପର୍କରେ ଆଲୋଚନା କରିବା ପାଇଁ ଜିପିଏଆଇ (ଗ୍ଲୋବାଲ୍ ପାର୍ଟନରସିପ୍ ଅନ୍ ଏଆଇ)ର ସଦସ୍ୟ ଦେଶଗୁଡ଼ିକର ପ୍ରତିନିଧିମାନେ ବୈଠକ କରିବେ। ରିପୋର୍ଟ ଅନୁସାରେ ପ୍ରଧାନମନ୍ତ୍ରୀ ମୋଦୀ ଆସନ୍ତା ୧୯ ତାରିଖରେ ସିଇଓମାନଙ୍କ ସହ ସାକ୍ଷାତ କରିବେ। ଏହି ଦିନ ପ୍ରଧାନମନ୍ତ୍ରୀ ଉଦ୍‌ଘାଟନୀ ସମାରୋହକୁ ଆନୁଷ୍ଠାନିକ ଭାବରେ ସମ୍ବୋଧିତ କରିବା ସହ ଗୁଗୁଲ୍ ସିଇଓ ସୁନ୍ଦର ପିଚାଇ, ସାମ୍ ଅଲ୍ଟମ୍ୟାନ୍, ମୁକେଶ ଅମ୍ବାନୀ, ବିଲ୍ ଗେଟ୍ସ, ଏନ. ଚନ୍ଦ୍ରଶେଖରନ୍, ନନ୍ଦନ ନିଲେକାନୀଙ୍କ ସମେତ ୧୦୦ରୁ ଅଧିକ ବିଶ୍ୱସ୍ତରୀୟ ହାଇଟେକ୍ କମ୍ପାନୀର ମୁଖ୍ୟ ତଥା ସିଇଓମାନଙ୍କ ସହ ଏକ ଗୋଲ୍ ଟେବୁଲ ବୈଠକ କରିବେ। ଏହି ଅବସରରେ ଭାରତର ଏଆଇ କ୍ଷେତ୍ରରେ ପ୍ରମୁଖ ନିବେଶ ଏବଂ ରଣନୈତିକ ସହଭାଗୀତା ସମ୍ପର୍କରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯିବ। ଅନ୍ୟପକ୍ଷେ ଏହି ଶିଖର ସମ୍ମିଳନୀ ଏପରି ଏକ ସମୟରେ ଅନୁଷ୍ଠିତ ହେଉଛି ଯେତେବେଳେ କୃତ୍ରିମ ବୁଦ୍ଧିମତ୍ତା ବା ଏଆଇ ସମଗ୍ର ବିଶ୍ୱ ଅର୍ଥନୀତି, ସୁରକ୍ଷା, ଶାସନ ଏବଂ ଶିଳ୍ପକୁ ପରିବର୍ତ୍ତନ କରୁଛି। ଭାରତ ଏହି ମଞ୍ଚକୁ ବ୍ୟବହାର କରି ନିଜକୁ ଏଆଇ ନୀତି, ନବସୃଜନ ଏବଂ ବିଶ୍ୱ ସହଯୋଗର କେନ୍ଦ୍ରରେ ସ୍ଥାନିତ କରିବାକୁ ଲକ୍ଷ୍ୟ ରଖିଛି। ଅନ୍ୟପକ୍ଷେ ଉପରୋକ୍ତ ନେତାମାନଙ୍କର ଉପସ୍ଥିତି ୟୁରୋପ, ଲାଟିନ ଆମେରିକା ଏବଂ ଦକ୍ଷିଣ ଏସିଆରେ ଭାରତ ସହିତ ଏଆଇ ସହଯୋଗ ପ୍ରତି ଦୃଢ଼ ଆଗ୍ରହକୁ ମଧ୍ୟ ପ୍ରଦର୍ଶିତ କରୁଛି। ସୁତରାଂ ଏହି ଶିଖର ସମ୍ମିଳନୀ ଭାରତର ଡିଜିଟାଲ କ୍ଷମତା, ନୀତି ନିର୍ଦ୍ଧାରଣରେ ଭୂମିକା ଏବଂ ପ୍ରଯୁକ୍ତିବିଦ୍ୟା କୂଟନୀତିକୁ ମଜବୁତ କରିବାର ଏକ ସୁଯୋଗ ମଧ୍ୟ ପାଲଟିଛି।

### ଅଗ୍ନିକାଣ୍ଡରେ ୭...

କୁହାଯାଉଛି। ରିପୋର୍ଟ ଅନୁଯାୟୀ କାରଖାନାଟି କିଛି ମାସ ଧରି ବନ୍ଦ ଥିଲା। ସେଥିରେ କାର୍ଡବୋର୍ଡର ବହୁ ପରିମାଣର ଗଚ୍ଛିତ ଥିଲା। ଘଟଣାସ୍ଥଳରେ ଥିବା ଶ୍ରମିକମାନେ କାରଖାନା ଭିତରେ ତିନିରୁ ଚାରୋଟି ଜୋରଦାର ବିସ୍ଫୋରଣ ଶୁଣିବା ସହ ନିଆଁ ଲାଗିବା ସୂଚନା ଦେଇଥିଲେ। ବିସ୍ଫୋରଣ ଓ ଅଗ୍ନିକାଣ୍ଡର ସଠିକ୍ କାରଣ ବର୍ତ୍ତମାନ ଅସ୍ପଷ୍ଟ। ଏହାର ତଦନ୍ତ ଜାରି ରହିଛି। ବାହାରକୁ ଅଣାଯାଇଥିବା ମୃତଦେହଗୁଡ଼ିକ ସମ୍ପୂର୍ଣ୍ଣ ଜଳିଯାଇଥିବାବେଳେ ମାନବ କଙ୍କାଳରୁ ତାହା କାହାର ଚିହ୍ନଟ କରିବା କଷ୍ଟକର ହେଉଛି।

### ଆଜିଠୁ ସିବିଏସଇ...

ସିବିଏସଇ। ଅପରପକ୍ଷରେ ସିବିଏସଇ ଦଶମ ଦୁଇଟି ବୋର୍ଡ ପରୀକ୍ଷା ନେଇ ସ୍ପଷ୍ଟୀକରଣ ରଖିଛି। ପ୍ରଥମ ବୋର୍ଡ ପରୀକ୍ଷା ଦେବା ବାଧ୍ୟତାମୂଳକ ବୋଲି କହିଛି ସିବିଏସଇ। ପ୍ରଥମ ବୋର୍ଡ ପରୀକ୍ଷା ଦେଇଥିଲେ ହେଁ ଦ୍ୱିତୀୟ ବୋର୍ଡ ପରୀକ୍ଷା ପାଇଁ ଅନୁମତି ଦିଆଯିବ। ୩ଟି ବିଷୟରେ ଅଧିକ ନମ୍ବର ପାଇଁ ଦ୍ୱିତୀୟ ବୋର୍ଡ ଦେଇପାରିବେ ଛାତ୍ରଛାତ୍ରୀ। ବିଜ୍ଞାନ, ଗଣିତ, ସାମାଜିକ ବିଜ୍ଞାନ, ଲାଙ୍ଗୁଏଜ୍ ପେପର ଭିତରୁ ୩ଟି ଦେଇପାରିବେ। ପ୍ରଥମ ବୋର୍ଡରେ ୩ଟି ବା ତଦୁର୍ଦ୍ଧ୍ୱ ପେପର ଦେଇ ନଥିଲେ ମିଳିବନି ଦ୍ୱିତୀୟ ପରୀକ୍ଷା ପାଇଁ ଅନୁମତି। ପ୍ରଥମ ବୋର୍ଡ ପରୀକ୍ଷା ନେଦୋଲ 'ଏସେନସିଆଲ ରିପିଟ' ବର୍ଗରେ ରହିବେ। ଏହି ବର୍ଗରେ ରହିଲେ ପରବର୍ଷ ପରୀକ୍ଷା ଦେବେ ଛାତ୍ରଛାତ୍ରୀ।

## ଲିଲି ଇଣ୍ଟର୍‌ନ୍ୟାସ୍‌ନାଲ୍ ସ୍କୁଲ୍‌ର ବାର୍ଷିକୋତ୍ସବ

**ବୟାଳିଶମୌଜା, ୧୬।୨/ଏନ୍‌ଏନ୍‌ଏସ୍:** କଟକ ସଦର ବୟାଳିଶମୌଜା ଅନ୍ତର୍ଗତ ରାଉତରାପୁର ସ୍ଥିତ ଲିଲି ଇଣ୍ଟରନେସନାଲ ସ୍କୁଲର ୧୦ମ ବାର୍ଷିକୋତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ କଟକ ସଦର ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀ, ସମ୍ମାନିତ ଅତିଥି ଭାବେ ବୟାଳିଶ ମୌଜା ଥାନା ଅଧିକାରୀ ହେମନ୍ତ କୁମାର ସେଠୀ, ବୟାଳିଶ ମୌଜା ବିକାଶ ପରିଷଦର ସମ୍ପାଦକ ସନ୍ତୋଷ କୁମାର ପତି, ଅବସରପ୍ରାପ୍ତ ପ୍ରଧାପକ ଡଃ ସେକ କଲିମୁଲା, ସ୍କୁଲର ଟ୍ରଷ୍ଟି ମରୀୟମ ଉଲ୍ଲା ହକ, ଦେବପ୍ରସାଦ ତ୍ରିପାଠୀ, କିଶୋର ଚନ୍ଦ୍ର ପଣ୍ଡା, ପରୱେଜ ଅଖତର, ଦେବେନ୍ଦ୍ର ନାଥ ଭଞ୍ଜ, ଋଷିକେଶ ବଳ, ଅଶୋକ କୁମାର ପତି ଓ ହରମୋହନ ପତି ପ୍ରମୁଖ ଶିକ୍ଷାବିତ୍ ଯୋଗ ଦେଇଥିଲେ। ପ୍ରାରମ୍ଭରେ ଅଧ୍ୟକ୍ଷା ସାଗରିକା ପତି ଅତିଥି ପରିଚୟ ସମେତ ବିବରଣୀ ପ୍ରଦାନ କରିଥିଲେ। ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀମାନଙ୍କୁ ମଞ୍ଚାସୀନ ଅତିଥିମାନେ ପୁରସ୍କୃତ କରିଥିଲେ। ଶେଷରେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

## ଆଜିର ଇତିହାସ

- ୧୬୭୦-ସିଂହଗଡ଼ କିଲ୍ଲାକୁ ଛତ୍ରପତି ଶିବାଜୀ ନିଜ ନିୟନ୍ତ୍ରଣକୁ ନେଇଥିଲେ।
- ୧୬୯୮-ଔରଙ୍ଗଜେବ ଜିଞ୍ଜି କିଲ୍ଲା ଉପରେ କବ୍‌ଜା କଲେ।
- ୧୮୮୩-ଭାରତୀୟ କ୍ରାନ୍ତିକାରୀ ବାସୁଦେବ ବଳବନ୍ତ ଫଡ୍‌କେଙ୍କ ନିଧନ ହୋଇଥିଲା।
- ୧୯୧୫-ଗାନ୍ଧିଜୀ ପ୍ରଥମ ଥର ଶାନ୍ତିନିକେତନ ଭ୍ରମଣରେ ଯାଇଥିଲେ।
- ୨୦୦୪-ଫୁଲନଦେବୀ ହତ୍ୟାକାଣ୍ଡର ମୁଖ୍ୟ ଆରୋପୀ ଶମଶେର ସିଂହ ରାଣା ତିହାର ଜେଲ୍‌ରୁ ଫେରାର ହୋଇଯାଇଥିଲା।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ ବିଶ୍ୱନାଥ ପରିଡ଼ା, ନିମାପଡ଼ା, ପୁରୀ,
ମୋ: ୯୭୭୭୨୫୨୨୪୦

**ମେଷ:** ଆତ୍ମବିଶ୍ୱାସରେ ମନ ଭରି ରହିବ। ପ୍ରସନ୍ନ ରହିବେ। ବ୍ୟାପାର ଜଗତରେ ସମସ୍ୟା ଦେଖାଦେବ। ସୁସ୍ଥ ରହିବେ। ବିପରୀତ ପରିସ୍ଥିତିର ସମ୍ମୁଖୀନ ହୋଇପାରନ୍ତି। ସଫଳତାର ସମ୍ଭାବନା କମ୍ ରହିବ।

**ବୃଷ:** ପାଠପଢ଼ାରେ ରୁଚି ରହିବ। ସୁଖଦ ପରିଣାମ ପାଇବେ। ବୈବାହିକ ସୁଖ, ବୃଦ୍ଧି ହେବ। ପିଲାଙ୍କ ସ୍ୱାସ୍ଥ୍ୟ ଉପରେ ଧ୍ୟାନ ଦେବେ। ମନରେ ଶାନ୍ତି ଓ ପ୍ରସନ୍ନତା ରହିବ। ମାତାଙ୍କ ସହଯୋଗ ଓ ସାନ୍ନିଧ୍ୟ ପାଇବେ।

**ମିଥୁନ:** ଅକାରଣେ କ୍ରୋଧ ଓ ବିବାଦୀୟ ସ୍ଥିତି ଆସିପାରେ। ଅଧିକ ଆୟ ଉତ୍ପନ୍ନ କରିବାର ସାଧନ ହୋଇପାରେ। ସୁସ୍ଥ ରହିବେ। ମାନସିକ ପରିସ୍ଥିତି ଖରାପ ରହିବ। ସ୍ୱାଭାବିକ ଚିଡ଼ଚିଡ଼ାପଣର ଅନୁଭବ କରିପାରନ୍ତି।

**କର୍କଟ:** ସଂଯମ ହୋଇ ରୁହନ୍ତୁ। ଅନାବଶ୍ୟକ କ୍ରୋଧ ନକଲେ ଭଲ। କାର୍ଯ୍ୟରେ ସଫଳତା ପ୍ରାପ୍ତ କରିବେ। ମାନସିକ ଆହ୍ୱାନ ପାଇପାରନ୍ତି। ଧର୍ମ ଭକ୍ତିର ଭାବନା ଜାଗ୍ରତ ହେବ। ବସ୍ତ୍ରର ଉପହାର ସମ୍ଭବ।

**ସିଂହ:** ମନ ପ୍ରସନ୍ନ ରହିବ। ସୁଖ ନିର୍ମାଣର ପ୍ରଗତି ହେବ। ପରିବାର ସାଥିରେ ରହିବ। ଧୈର୍ଯ୍ୟ ହରାଇ ପାରନ୍ତି। ନିରାଶା ଓ ଅସନ୍ତୋଷର ଭାବନା ଚାପଗ୍ରସ୍ତ କରାଇବ। ମିତ୍ରଙ୍କ ସହଯୋଗ ପାଇବେ।

**କନ୍ୟା:** ଆତ୍ମବିଶ୍ୱାସରେ ଭରି ରହିବେ। କାର୍ଯ୍ୟରେ ଅଧିକାରୀ ସହଯୋଗ କରିବେ। ମାର୍ଗ ପ୍ରଶସ୍ତ ହେବ। ଆୟ ବୃଦ୍ଧି ହେବ। ଚାକିରି ପରିବର୍ତ୍ତନର ଯୋଗ ରହିଛି। ନିବେଶରୁ ଲାଭ ସମ୍ଭବ।

**ତୁଳା:** କ୍ରୋଧ ଅଧିକ ସମ୍ଭବ। ପିତାଙ୍କ ଯତ୍ନ ନିଅନ୍ତୁ। ପରିଶ୍ରମ ଅଧିକ କରିବେ। ସଂଯମ ରୁହନ୍ତୁ। ଭୌତିକ ଜିନିଷର ଆନନ୍ଦ ନିଅନ୍ତୁ। ସଂଘର୍ଷମୟ ଜୀବନ ଅତିବାହିତ କରିବେ। କାମ ପ୍ରତି ଅଲଗା ଅଲଗା ଦୃଷ୍ଟି ରହିବ।

**ବିଛା:** ଦିନରେ ଆଶା ଓ ନିରାଶା ଭାବ ରହିବ। ବାଣୀ ମଧୁର ରହିବ। ବ୍ୟବସାୟିକ ଅବସର ମିଳିବା ସମ୍ଭବ। ଆୟ ବୃଦ୍ଧି ଯୋଗ ଅଛି। ଜଟିଳ ସମସ୍ୟା ଦେଖାଦେବ। ସମ୍ପତ୍ତିରେ ନିବେଶ କରିବେ।

**ଧନୁ:** ମନ ଶାନ୍ତ ଓ ସନ୍ତୋଷ ରହିବ। ପରିବାରରେ ସାମଞ୍ଜସ୍ୟ ବଜାୟ ରହିବ। ମିତ୍ରଙ୍କ ସହଯୋଗ ପାଇବେ। ଆତ୍ମବିଶ୍ୱାସ ଅଧିକ ରହିବ। ଜିଦ୍ଦି ସ୍ୱଭାବ ରହିବ। ଜୀବନସାଥିଙ୍କ ସହିତ ମତଭେଦ ଦେଖାଦେବ।

**ମକର:** ସଂଗୀତ ଓ କଳା ପ୍ରତି ଆକର୍ଷିତ ହେବେ। ଧାର୍ମିକ କାର୍ଯ୍ୟରେ ବ୍ୟସ୍ତ ରହିବେ। ପୂଜା ସ୍ଥଳକୁ ଯାଇପାରନ୍ତି। ବୈଚାରିକ ମତଭେଦ ଉତ୍ପନ୍ନ ହୋଇପାରେ। ଛୋଟ ପିଲାଙ୍କ ସୁଖ ବୃଦ୍ଧି ହେବ।

**କୁମ୍ଭ:** ସକାରାତ୍ମକ ଚିନ୍ତାଧାରା ଖୁସି ଦେବ। ଅଧିକ ପରିଶ୍ରମ କରିବାକୁ ପଡ଼ିବ। ଶାନ୍ତ ରହିବାକୁ ଚେଷ୍ଟା କରିବେ। ଅତିବାଦୀ ନହେଲେ ଭଲ। ଅଧିକ କ୍ରୋଧ ହାନିକାରକ। ନୂଆ ଉପାୟରେ ଧନ ପାଇବେ।

**ମୀନ:** ବାସ୍ତବରେ ଆଶ୍ୱସ୍ତ ଅନୁଭବ କରିପାରନ୍ତି। ମନ ଚିନ୍ତିତ ରହିବ। ନକାରାତ୍ମକ ବିଚାର ଉଦାସ ଅନୁଭବ ଦେବ। ସ୍ୱାଦିଷ୍ଟ ଭୋଜନର ଆନନ୍ଦ ଉଠାନ୍ତୁ। ଖୁବ୍ ଭଲ ପ୍ରଦର୍ଶନ କରିପାରନ୍ତି। ଅତିଚିନ୍ତନ ରୋଗଗ୍ରସ୍ତ କରାଇପାରେ।

## ଶ୍ରୀମଦ୍ ଭଗବଦ୍‌ଗୀତା

ନ ରୂପମସ୍ୟେହ ତଥୋପଲଭ୍ୟତେ
ନାନ୍ତୋ ନ ଚାଦିର୍ନ ଚ ସଂପ୍ରତିଷ୍ଠା।
ଅଶ୍ୱତ୍‌ଥମେନଂ ସୁବିରୂଢ଼ମୂଳ-
ମସଙ୍ଗଶସ୍ତ୍ରେଣ ଦୃଢ଼େନ ଛିତ୍ତ୍ୱା। (୧୫/୩)



ଏହି ସଂସାରରେ ଅଧିବାସୀ ପ୍ରାଣୀମାନେ ସଂସାରରୂପୀ ବୃକ୍ଷର ଉର୍ଦ୍ଧ୍ୱମୂଳ ଆଦି ରୂପକୁ ଉପଲବ୍ଧି କରିପାରନ୍ତି ନାହିଁ କିମ୍ବା ଏହାର ଆଦି କେଉଁଠାରେ, ଅନ୍ତ କେଉଁଠାରେ ଓ ସ୍ଥିତି ବି କେମିତି ଏହା ବୁଝିପାରନ୍ତି ନାହିଁ। ଏହି ଦୃଢ଼ମୂଳ ସଂସାରରୂପୀ ବୃକ୍ଷକୁ ତୀବ୍ର ବୈରାଗ୍ୟ ରୂପକ ଶସ୍ତ୍ର ଦ୍ୱାରା ଛେଦନ କରିଯାଇପାରିବ।

ଶ୍ରୀ ରାମକୃଷ୍ଣ କହନ୍ତି - ଗୋଟିପୋକ ଖୋସା ତିଆରି କରି ତାହାରି ଭିତରେ ରହିଯିବାର କାର୍ଯ୍ୟରେ ବ୍ୟସ୍ତ ରହେ। ସେହିପରି ଘୋର ସଂସାରୀ ନିଜର ଅନେକ କାମନା ଭିତରେ ନିଜକୁ ଆବଦ୍ଧ କରେ। କିନ୍ତୁ ଯେତେବେଳେ ଗୋଟିପୋକ ପ୍ରଜାପତିରେ ବିକଶିତ ହୁଏ, ସେତେବେଳେ ସେ କୋଷାକୁ ଭାଙ୍ଗି ଦେଇ ବାହାରର ଆଲୋକ ଓ ପବନ ଉପଭୋଗ କରିବାକୁ ବାହାରି ଆସେ। ସେହିଭଳି ମନୁଷ୍ୟ ସଂସାରବନ୍ଧନ ରୂପୀ ମାୟାକୁ କାଟି ପାରିଲେ ସେ ପରଂବ୍ରହ୍ମଙ୍କୁ ଦର୍ଶନ କରିପାରିବ।

# ରିଲିଜ ହେଲା 'ନାଗବନ୍ଧମ୍'ର ଟିଜର୍



ଅଭିଷେକ ନାମାଙ୍କ ନିର୍ଦ୍ଦେଶନାରେ ନିର୍ମିତ ହୋଇଥିବା ମାଇଥୋ-ଆକ୍ସନ୍ ଫିଲ୍ମ 'ନାଗବନ୍ଧମ୍'ର ବହୁପ୍ରତୀକ୍ଷିତ ଟିଜର୍ ମହାଶିବରାତ୍ରି ଅବସରରେ ରିଲିଜ ହୋଇଛି। ଏହି ମାଇଥୋଲଜିକାଲ୍ ଫିଲ୍ମରେ ଅଭିନେତା ବିରାଟ କର୍ଣ୍ଣା ମୁଖ୍ୟ ଭୂମିକାରେ ନଜର ଆସୁଛନ୍ତି। ସୁପରଷ୍ଟାର୍ ମହେଶ ବାବୁ ଏହାର ଟିଜର ଜାରି କରିଛନ୍ତି ଯାହାକୁ ବହୁତ ବଡ଼ ସ୍କେଲ୍‌ରେ ନିର୍ମାଣ କରାଯାଇଛି। ଟିଜର୍ ଦେଖିବା ପରେ ଦର୍ଶକ ମହଲରେ ଖେଳିଯାଇଛି ଖୁସିର ଲହର ଓ ଏବେ ସୋସିଆଲ୍ ମିଡିଆରେ ଏହା ଟ୍ରେଣ୍ଡ୍ କରୁଛି। ବିରାଟ କର୍ଣ୍ଣାଙ୍କ ଏହି ଫିଲ୍ମଟି ଅନେକ ଦିନରୁ ଚର୍ଚ୍ଚାରେ ରହିଥିଲା। ଏହାର ଟିଜର୍ ଦେଖିଲେ ଜଣାପଡୁଛି ଯେ ପ୍ରଡ୍ୟୁସର କିଶୋର ଅନ୍ନାପୁରେଡି ଓ ନିଶିତା ନାଗିରେଡ୍ଡି ଏହି ଫିଲ୍ମଟିକୁ ବଡ଼ ବଜେଟ୍‌ର ସହିତ ନିର୍ମାଣ କରିଛନ୍ତି। ଏଥିରେ ବିଶ୍ୱସ୍ତରୀୟ ପ୍ରଡକ୍ସନ୍ ଭାଲ୍ୟୁର ଝଲକ ମଧ୍ୟ ଦେଖିବାକୁ ମିଳୁଛି। ଟିଜର୍‌ର ଆରମ୍ଭ ହୋଇଛି ହିମାଳୟର ରହସ୍ୟମୟ ପାହାଡ଼ରୁ। ଧୀରେ ଧୀରେ ଏପରି ଏକ ଦୁନିଆର ଦ୍ୱାର ଖୋଲୁଛି ଯେଉଁଠାରେ ଏକ ଶତାବ୍ଦୀର ପୁରୁଣା ରହସ୍ୟ ପୋତିହୋଇ ରହିଛି। ଯେତେବେଳେ ଜଣେ ମଣିଷ ନିଜର ଲୋଭ କାରଣରୁ ଏହି ବ୍ରହ୍ମାଣ୍ଡୀୟ ସତ୍ୟକୁ ଉଜାଗର କରିବାକୁ ଚେଷ୍ଟା କରୁଛି ସେତେବେଳେ ମଣିଷକୁ ଏହାର ଉତ୍ତର ଦେବା ପାଇଁ ଭାଗ୍ୟ ନିଜର ଯୋଦ୍ଧାର ଚୟନ କରିଥାଏ। ଫିଲ୍ମର କାହାଣୀ ଅବଦାଲୀର ଐତିହାସିକ ଆଫ୍‌ଗାନ ଆକ୍ରମଣ ଦ୍ୱାରା ପ୍ରେରିତ। ଇତିହାସ ସହିତ ପୌରାଣିକ ଓ ଆଧ୍ୟାତ୍ମିକ





ଯୁଦ୍ଧର ଅନୋଖା ମେଳ ଏଥିରେ ଦେଖିବାକୁ ମିଳିବ। ଏଥିରେ ସାଂସ୍କୃତିକ ବିରୋଧ ଓ ଦୈବୀୟ ସୁରକ୍ଷା ମଧ୍ୟରେ ହେଉଥିବା ଟକ୍କର ଦେଖିବାକୁ ମିଳିବ ଯାହାକୁ ଦେଖିବା ପାଇଁ ଦର୍ଶକମାନଙ୍କ ମଧ୍ୟରେ ଉତ୍ସୁକତା ବୃଦ୍ଧି ପାଇଛି। ତେବେ ଫିଲ୍ମଟି ଗ୍ରୀଷ୍ମଦିନେ ରିଲିଜ ହେବ। ଫିଲ୍ମରେ ବିରାଟଙ୍କ ସହିତ ନଭା ନଟେଶ, ଈଶ୍ୱର୍ଯ୍ୟା ମେନନ, ମହେଶ ମଞ୍ଜରେକର, ରିଷଭ ସାହନୀ, ଜଗପତି ବାବୁ, ମୁରଲୀ ଶର୍ମା, ଜୟ ପ୍ରକାଶ, ଗରୁଡ଼ ରାମ ଓ ଅନସୂୟା ଭାରଦ୍ୱାଜଙ୍କ ପରି କଳାକାରମାନେ ମୁଖ୍ୟ ଭୂମିକାରେ ନଜର ଆସିବେ।

## ମଙ୍ଗୋପୀର୍ ମଜାର

ତ୍ରୟୋଦଶ ଶତାବ୍ଦୀର ଜଣେ ସୁଫି ସନ୍ଥ ପୀର୍ ମଙ୍ଗୋ (ଯାହାଙ୍କୁ ସାକୀ ସୁଲତାନ ବୋଲି କୁହାଯାଏ)ଙ୍କର ରହିଛି ଏକ ଦରଗାହ। କରାଚୀର ଗଡ଼ାପ ଟାଉନ୍‌ରେ ଏହି ଦରଗାହ ରହିଛି ଯେଉଁଟି ସହରର ଏକ ପୁରୁଣା କ୍ଷେତ୍ର। ପୀର ମଙ୍ଗୋ ବାବା ଫରୀଦ ଗଞ୍ଜ ଶକରଙ୍କର ଶିଷ୍ୟ ଥିଲେ। ସେ ସିଲସିଲେର ଜଣେ ମହାନ ସନ୍ଥ ଥିଲେ। କାହାଣୀ ଅନୁସାରେ ପୀର ମଙ୍ଗୋ ପ୍ରଥମେ ହିନ୍ଦୁ ଡ଼ାକୁ ମଙ୍ଗୋ ବାସା ଥିଲେ ଯିଏ ପଦ ଯାତ୍ରୀମାନଙ୍କର ସମୂହକୁ ଲୁଟୁଥିଲେ। ସେ ଥରେ ବାବା ଫରୀଦଙ୍କୁ ଲୁଟିବାକୁ ଚେଷ୍ଟା କଲେ କିନ୍ତୁ ବାବାଙ୍କ ଦିବ୍ୟତା ଦ୍ୱାରା ପ୍ରଭାବିତ ହୋଇ ସେ ଇସ୍‌ଲାମ୍ ଧର୍ମ ଗ୍ରହଣ କରି ସୁଫି ହୋଇଯାଇଥିଲେ। ବାବା ଫରୀଦ ତାଙ୍କୁ ସେଠାକୁ ପଠାଇଥିଲେ ଓ ସେହି କ୍ଷେତ୍ରରେ ସୁଫିବାଦର ପ୍ରଚାର କରିବାକୁ କହିଥିଲେ। ଏବେ ସୋସିଆଲ ମିଡିଆରେ କରାଚୀର ଏହି ମଙ୍ଗୋପୀର୍ ମଜାରର ଫଟୋ ଖୁବ୍ ଭାଇରାଲ୍ ହେଉଛି। ଏହି ମଜାରରେ ରହିଛି ଏକ ହ୍ରଦ ଯେଉଁଠାରେ ଅଛନ୍ତି ୨୦୦ରୁ ଅଧିକ କୁମ୍ଭୀର। ଏମାନେ ଏତେ ଶାନ୍ତ ଯେ ଶ୍ରଦ୍ଧାଳୁଙ୍କ ହାତରୁ ଖାଦ୍ୟ ଗ୍ରହଣ କରନ୍ତି। ମିଠେଇ, ମାଂସ, ଅଣ୍ଡା ଓ ଭାତ ଖାଆନ୍ତି। ଏମାନଙ୍କ ମଧ୍ୟରୁ ଶହେ ବର୍ଷରୁ ଅଧିକ ବର୍ଷର ଅନେକ କୁମ୍ଭୀର ରହିଛନ୍ତି। ଲୋକମାନେ ଏମାନଙ୍କୁ ବାବା ଫରୀଦଙ୍କ ସହିତ ଯୋଡ଼ିକରି ଦେଖନ୍ତି। ଏହି କୁମ୍ଭୀରଗୁଡ଼ିକର କାହାଣୀ ବେଶ୍ ରୋଚକପୂର୍ଣ୍ଣ। ଏକ ଲୋକପ୍ରିୟ ମାନ୍ୟତା ଅନୁସାରେ ଏହି କୁମ୍ଭୀର ବାବା ଫରୀଦଙ୍କ ମୁଣ୍ଡରେ ଥିବା ଉକୁଣିରୁ ସୃଷ୍ଟି ହୋଇଛନ୍ତି। ବାବା ଫରୀଦ ଯେତେବେଳେ ପୀର ମଙ୍ଗୋଙ୍କୁ ଆଶୀର୍ବାଦ ଦେଇଥିଲେ ତାଙ୍କର ଉକୁଣିଗୁଡ଼ିକୁ ହ୍ରଦରେ ପକାଯାଇଥିଲା ଓ ସେଗୁଡ଼ିକ କୁମ୍ଭୀର ହୋଇଯାଇଥିଲେ। ଏହି କୁମ୍ଭୀରଗୁଡ଼ିକୁ ପୀର ମଙ୍ଗୋଙ୍କ ଶିଷ୍ୟ ବୋଲି କୁହାଯାଏ ଓ ଏମାନେ ଦରଗାହର ରକ୍ଷା କରନ୍ତି ବୋଲି ମାନ୍ୟତା ରହିଛି। କିନ୍ତୁ କିଛି ଇତିହାସକାରଙ୍କ ଅନୁସାରେ ଏହି କୁମ୍ଭୀରମାନେ ପୂର୍ବରୁ ହୋଇଥିବା ବନ୍ୟାରୁ ଏଠାକୁ ଆସିଛନ୍ତି ଓ ଶହ ଶହ ବର୍ଷ ହେଲାଣି ସେଠାରେ ଅଛନ୍ତି। ଏହି ହ୍ରଦରେ ଥିବା ମାର୍ଶ କ୍ରୋକୋଡାଇଲ୍ସ ଅଛନ୍ତି ଯେଉଁଗୁଡ଼ିକୁ ପାକିସ୍ତାନ ବାହାରେ ଲୁପ୍ତପ୍ରାୟ ଶ୍ରେଣୀରେ ରଖାଯାଇଛି। ଶ୍ରଦ୍ଧାଳୁମାନେ ଏହି କୁମ୍ଭୀରଗୁଡ଼ିକୁ ମୁବାରକ ବୋଲି ମାନନ୍ତି।



# ଲୋଗୋଗ୍ରାଫିକ୍ ପ୍ରଣାଳୀ



ସାଧାରଣତଃ ପ୍ରତି ଭାଷାକୁ ଶିଖିବା ପାଇଁ ବର୍ଣ୍ଣମାଳାର ଆବଶ୍ୟକ ଥାଏ। ଏଥିରେ ଅ, ଆ ବା ଏ, ବି, ସି ପରି ଅଲଗା ଅଲଗା ଅକ୍ଷର ଥାଏ। କିନ୍ତୁ ଦୁନିଆରେ ଅଛି ଏପରି ଏକ ଦେଶ ଯାହା ଏହି ନିୟମକୁ ସମ୍ପୂର୍ଣ୍ଣ ଭାବରେ ଭାଙ୍ଗି ଦେଇଛି। ଏହା ହେଉଛି ମଣ୍ଡାରିନ୍ ଭାଷା ଯେଉଁଥିରେ କୌଣସି ବର୍ଣ୍ଣମାଳା ନଥାଏ। ଏହା ଚିତ୍ରଲିପି ପ୍ରଣାଳୀରେ ଚାଲେ। ଏହାର ଅର୍ଥ ପ୍ରତି ଲିଖିତ ଚିହ୍ନ କୌଣସି ଧ୍ୱନିକୁ ନୁହେଁ ପୂରା ଶବ୍ଦ ବା ବିଚାରକୁ ଦର୍ଶାଇଥାଏ। ତେବେ ଏହି ପ୍ରଣାଳୀ କୌଣସି ଆହ୍ୱାନଠାରୁ କମ୍ ନୁହେଁ। କିନ୍ତୁ ଏହି ଭାଷା ବିଜ୍ଞାନର ସବୁଠାରୁ ଆକର୍ଷକ ରହସ୍ୟଗୁଡ଼ିକ ମଧ୍ୟରେ ସାମିଲ ଅଛନ୍ତି। ଏହା ପ୍ରମାଣିତ କରୁଛି ଯେ ବିଚାରଗୁଡ଼ିକୁ ବ୍ୟକ୍ତ କରିବା ପାଇଁ ଅକ୍ଷରଗୁଡ଼ିକର ସମୂହ ନୁହେଁ, ଗଭୀର ପ୍ରତୀକଗୁଡ଼ିକର ଶକ୍ତିର ଆବଶ୍ୟକତା ଥାଏ। ମଣ୍ଡାରିନ୍ ସହିତ ଜାପାନୀ ଭାଷା ବି ବର୍ଣ୍ଣମାଳାର ପାରମ୍ପରିକ ବିଚାରକୁ ଆହ୍ୱାନ ଦେଇଥାଏ। ଜାପାନୀ ମୁଖ୍ୟତଃ ତିନୋଟି ଲିପିଗୁଡ଼ିକର ମିଶ୍ରଣ ଉପରେ ନିର୍ଭର କରେ ଯେଉଁଗୁଡ଼ିକ ମଧ୍ୟରୁ ଗୋଟିଏ ହେଉଛି କାଜ୍‌ନୀ (ଚୀନୀ ଚିତ୍ରଲିପିରୁ ନିଆଯାଇଛି) ଓ ଦୁଇଟି ଲିପି- ହୀରାଗାନା ଓ କାତାକାନା)। ଏହି ଦୁଇଟି ଲିପିକୁ ସିଲେବରୀ କୁହାଯାଏ। ସିଲେବରୀର ପ୍ରତି ଚିହ୍ନ ଏକ ସିଙ୍ଗଲ୍ ଅକ୍ଷର ଯଥା 'ଅ' ହେଉ ଅବା 'କ'କୁ ନୁହେଁ, ଏକ ପୂରା ଶବ୍ଦାଂଶକୁ ଦର୍ଶାଇଥାଏ। ଏହି ବ୍ୟବସ୍ଥା ଜାପାନୀ ଭାଷାକୁ ଶାନ୍‌ଦାର କରିଥାଏ। ଏଥିରେ ଲେଖନ ପ୍ରଣାଳୀ ସମ୍ପୂର୍ଣ୍ଣ ଭାବରେ ଧ୍ୱନି-ଆଧାରିତ ଅକ୍ଷରଗୁଡ଼ିକ ଠାରୁ ଅଲଗା ହୋଇ ଶବ୍ଦାଂଶ-ଆଧାରିତ ପ୍ରତୀକଗୁଡ଼ିକର ବ୍ୟବହାର କରିଥାଏ। ଭାଷାଗୁଡ଼ିକ ନିଜ ଲେଖନର ଉପାୟଗୁଡ଼ିକରେ କେତେ ସୃଜନଶୀଳ ଓ କମ୍ପ୍ଲେକ୍ସ ହୋଇଥାଇପାରନ୍ତି। ଅନେକ ଭାଷାର ନିଜର ବର୍ଣ୍ଣମାଳା ନଥିବାରୁ ଅନ୍ୟ ପ୍ରକାରର ଲେଖନ ପ୍ରଣାଳୀଗୁଡ଼ିକର ବ୍ୟବହାର କରାଯାଇଥାଏ।

# କେବଳ ମହିଳାମାନେ ଦେଖିପାରନ୍ତି

ଜଣେ ସାମାନ୍ୟ ମଣିଷ ୧୦ ଲକ୍ଷ ପ୍ରକାରର ରଙ୍ଗ ଦେଖିପାରେ। କିନ୍ତୁ କିଛି ମହିଳା ୧୦ କୋଟି ରଙ୍ଗ ଦେଖିପାରନ୍ତି। ଏହାର ଥାଏ ଖାସ୍ କାରଣ। ଏମାନେ ହେଉଛନ୍ତି ସୁପର୍‌ଓ୍ୱମ୍ୟାନ୍ ଯେଉଁମାନଙ୍କ ଆଖିରେ ଥାଏ ଚାରୋଟି କୋନ୍ ସେଲ୍ସ। ଏହି କାରଣରୁ ସେମାନେ ରଙ୍ଗଗୁଡ଼ିକର ସୂକ୍ଷ୍ମ ସେଡ୍ସ ସହଜରେ ଚିହ୍ନି ପାରନ୍ତି। ପକ୍ଷୀମାନଙ୍କ ଦ୍ୱାରା ବିକଶିତ ଏହି କ୍ଷମତା ଫଳ ଖୋଜିବା ପାଇଁ ସାହାଯ୍ୟ କରିଥାଏ। ତେବେ ଏହା କୌଣସି ଯାଦୁ ନୁହେଁ ବିଜ୍ଞାନର ଏକ ଦୁର୍ଲଭ ପ୍ରକ୍ରିୟା ଯାହାକୁ ଟେଟ୍ରାକ୍ରୋମାସୀ କୁହାଯାଏ। କିଛି ମହିଳା ତ ଏପରି ରଙ୍ଗଗୁଡ଼ିକୁ ଦେଖନ୍ତି ଯେଉଁଗୁଡ଼ିକୁ ପୁରୁଷମାନେ ଆଦୌ ଦେଖିପାରନ୍ତି ନାହିଁ। ଆମ ଆଖିରେ ତିନି ପ୍ରକାରର କୋନ୍ ସେଲ୍ସ ଥାଏ ଯେଉଁଗୁଡ଼ିକ ରଙ୍ଗକୁ ଚିହ୍ନିବାରେ ସାହାଯ୍ୟ କରିଥାନ୍ତି। ଲାଲ୍, ସବୁଜ ଓ ନୀଳ- ଏହି ତିନୋଟି ରଙ୍ଗର ମିଶ୍ରଣରେ ଆମେ ୧୦ ଲକ୍ଷ ପ୍ରକାରର ରଙ୍ଗ ଦେଖିପାରନ୍ତି।



ଟେଟ୍ରାକ୍ରୋମାସୀ-କିଛି ଦୁର୍ଲଭ ମାମଲାରେ ବିଶେଷ କରି ମହିଳାମାନଙ୍କ ଆଖିରେ ଚାରିଟି ଲେଖାଏଁ କୋନ୍ ସେଲ୍ସ ଥାଏ। ଚତୁର୍ଥ କୋନ୍ ସେଲ୍ସ ଅଲଗା ଅଲଗା ୱେଭ୍ ଲେନ୍‌ଥ (ରଙ୍ଗଗୁଡ଼ିକର ତରଙ୍ଗ)କୁ ଧରି ରଖିଥାଏ ଯେଉଁ କାରଣରୁ ମହିଳାମାନେ ଏକ କୋଟି ପର୍ଯ୍ୟନ୍ତ ରଙ୍ଗ ଦେଖିପାରନ୍ତି। ଅର୍ଥାତ ରଙ୍ଗଗୁଡ଼ିକର ବହୁତ ସୂକ୍ଷ୍ମ ସେଡ୍ସ (ଯଥା ହାଲୁକା ଗୋଲାପି ଓ ଗାଢ଼ ଗୋଲାପି ମଧ୍ୟରେ ଶହ ଶହ ପାର୍ଥକ୍ୟ) ସହଜରେ ଅଲଗା କରିପାରେ ଯାହା ସାଧାରଣ ଲୋକ ପାଇଁ ଏକ ସମାନ ଦେଖାଯାଏ। ଏହା ହେଉଛି ରଙ୍ଗଗୁଡ଼ିକର ସଂଖ୍ୟା ଯେଉଁଗୁଡ଼ିକର ଗଭୀରତା ବହୁତ ଅଧିକ। ଉଦାହରଣସ୍ୱରୂପ ଯେଉଁଠାରେ ଆମେମାନେ ସବୁଜ ରଙ୍ଗରେ ୧୦୦ ଶେଡ୍ସ ଦେଖନ୍ତି ସେମାନେ ଦଶ ହଜାର ପ୍ରକାରର ରଙ୍ଗ ଦେଖିପାରନ୍ତି। ବୈଜ୍ଞାନିକମାନେ ଅନୁମାନ କରନ୍ତି ଯେ ଦୁନିଆର ୨-୩ ପ୍ରତିଶତ ମହିଳାଙ୍କ ମଧ୍ୟରେ ଟେଟ୍ରାକ୍ରୋମାସୀର ଜେନେଟିକ୍ ସମ୍ଭାବନା ଥାଏ କିନ୍ତୁ ଅସଲରେ ଏହାକୁ ବ୍ୟବହାର କରୁଥିବା ଲୋକଙ୍କ ସଂଖ୍ୟା ବହୁତ କମ୍। ଏହି ପ୍ରକ୍ରିୟା ପକ୍ଷୀମାନଙ୍କ ସହିତ ମଧ୍ୟ ଜଡ଼ିତ ହୋଇ ରହିଛି। ଅନେକ ପକ୍ଷୀ ଯଥା- ଶୁଆ, ପାରାମାନଙ୍କ ମଧ୍ୟରେ ଟେଟ୍ରାକ୍ରୋମ୍ୟାଟ୍ ବା ପେଣ୍ଟାକ୍ରୋମ୍ୟାଟ୍ ଥାଏ। ସେମାନଙ୍କ ପାଖରେ ଥିବା ଚତୁର୍ଥ କୋନ୍ ସେଲ୍ ଯୋଗୁ ଅଲ୍ଟ୍ରାଭାଓଲେଟ୍ ଲାଇଟ୍ ଦେଖାଯାଏ ଯେଉଁ କାରଣରୁ ସେମାନେ ପାଚିଲା ଫଳ, ଫୁଲର ରସ ଓ ସାଥି ପକ୍ଷୀମାନଙ୍କୁ ସହଜରେ ଖୋଜିପାରନ୍ତି।

# ମିସ୍ରର କବରରେ ପୁରୁଣା ରହସ୍ୟ



ମିସ୍ରର ରହସ୍ୟମୟ କିଙ୍ଗସ୍ ଭ୍ୟାଲି ଯେଉଁଠାରେ ଫିରୌନ୍ (ମିସ୍ରର ଶାସକ) ଓ ରାଜାମାନଙ୍କର ମମୀକୃତ କବରଗୁଡ଼ିକ ଆଜି ଅଚାନକ ଦେଶ ପାଇଁ ଚର୍ଚ୍ଚାର କେନ୍ଦ୍ର ହୋଇ ରହିଛି। ନିକଟରେ ହୋଇଥିବା ଏକ ପ୍ରତ୍ନତତ୍ତ୍ୱ ଖନନରେ ସେଠାରେ ଏପରି ଜିନିଷ ସବୁ ମିଳିଛି ଯେଉଁଗୁଡ଼ିକ ଇତିହାସର ପୁସ୍ତକଗୁଡ଼ିକରେ ପୁଣି ଥରେ ଲେଖିବା ପାଇଁ ବାଧ୍ୟ କରୁଛନ୍ତି। ପାଖାପାଖି ଦୁଇ ହଜାର ବର୍ଷ ପୁରୁଣା ତାମିଲ୍-ବ୍ରାହ୍ମୀ, ସଂସ୍କୃତ ଓ ପ୍ରାକୃତ ଭାଷାର ଶିଳାଲେଖଗୁଡ଼ିକ ଏହା ପ୍ରମାଣିତ କରିଦେଇଛି ଯେ ଯେତେବେଳେ ଦୁନିଆ ସଂଚାରର ସାଧନଗୁଡ଼ିକ ପାଇଁ ସଂଘର୍ଷ କରୁଥିଲା ସେତେବେଳେ ଭାରତୀୟ ବ୍ୟାପାରୀମାନେ ଅସମତଳ ସମୁଦ୍ରୀ ରାସ୍ତାଗୁଡ଼ିକୁ ଅତିକ୍ରମ କରି ମିସ୍ରର ପିରାମିଡ୍ ପର୍ଯ୍ୟନ୍ତ ପହଞ୍ଚିଥିଲେ। ବୈଜ୍ଞାନିକଙ୍କ ଆନୁସାରେ କିଙ୍ଗସ୍ ଭ୍ୟାଲିର ଛଅଟି ପଥରର କବରରେ ପାଖାପାଖି ୩୦ଟି ଶିଳାଲେଖ ମିଳିଛି। ଏଥିମଧ୍ୟରୁ ୨୦ଟି ତାମିଲ୍ ଅର୍ଥାତ ତାମିଲ୍-ବ୍ରାହ୍ମୀ ଲିପି ରହିଛି। ବାକି ସବୁ ସଂସ୍କୃତ ଓ ପ୍ରାକୃତ ଭାଷାରେ ଲେଖାଯାଇଛି। ବିଶେଷଜ୍ଞଙ୍କ ଅନୁସାରେ ଶିଳାଲେଖଗୁଡ଼ିକ ପ୍ରଥମରୁ ତୃତୀୟ ଶତାବ୍ଦୀ ମଧ୍ୟଭାଗର। ଏଥିରୁ ଜଣାପଡୁଛି ଯେ ଦେଶର ଅଲଗା ଅଲଗା ଭାଗରୁ ଲୋକମାନେ ସେ ସମୟରେ ମିସ୍ରରେ ପହଞ୍ଚିଥିଲେ ଯେଉଁମାନଙ୍କର ମୁଖ୍ୟ ଉଦ୍ଦେଶ୍ୟ ଥିଲା ମସଲା ଓ ଦାମୀ ସାମଗ୍ରୀଗୁଡ଼ିକର ବ୍ୟାପାର କରିବା। କିଙ୍ଗସ୍ ଭ୍ୟାଲି ସାଧାରଣତଃ ମିସ୍ରର ରାଜାମାନଙ୍କର କବର ପାଇଁ ଜଣାଶୁଣା। ସେଠାରେ ତୁତନଖାମୁନଙ୍କ ପରି ଅନେକ ଫରୌନ୍‌ଙ୍କର କବର ମିଳିଛି। ଏହି ନୂଆ ଅନ୍ୱେଷଣରୁ ଜଣାପଡ଼ିଛି ଯେ ଏହି ସ୍ଥାନଟି ବିଦେଶୀ ବ୍ୟାପାରୀମାନଙ୍କ ଯିବାଆସିବାର ସାକ୍ଷୀ ମଧ୍ୟ ହେବ। ସେଠାରେ ସିକାଇ କୋର୍ରାନଙ୍କ ନାମ ଅନେକ ସ୍ଥାନରେ ଲେଖାଯାଇଛି। କୁହାଯାଉଛି ଯେ ସେ ଥିଲେ ଜଣେ ତାମିଲ୍ ଭାଷୀ ବ୍ୟାପାରୀ। ତାଙ୍କ ନାମ ଛଅ ମଧ୍ୟରୁ ପାଞ୍ଚଟି କବରରେ ଆଠ ଥର ଲେଖାଯାଇଛି। ମିସ୍ରର ବେରେନାଇକ ନାମକ ପ୍ରାଚୀନ ବନ୍ଦରରେ ପୂର୍ବରୁ ଭାରତୀୟ ଭାଷାଗୁଡ଼ିକର ଶିଳାଲେଖ ମିଳିସାରିଛି। ଇତିହାସକାରଙ୍କ ଅନୁସାରେ ଏହି ଶିଳାଲେଖ ପ୍ରାଚୀନ ଦୁନିଆରେ ପରସ୍ପରର ସମ୍ପର୍କ ଓ ଯାତ୍ରାର ନୂଆ କାହାଣୀ କହୁଛି।

# ବୈଦିକ ଚିକିତ୍ସା

## ଆୟୁର୍ବେଦରେ ରହିଛି କେତୋଟି ସରଳ ଓ ବ୍ୟବହାରିକ ରହସ୍ୟ ଯେଉଁଗୁଡ଼ିକ ପ୍ରତିଦିନ ସୁସ୍ଥ ଜୀବନ ଜିଇଁବାରେ ସାହାଯ୍ୟ କରିଥାନ୍ତି।



★ ଏକ ଗ୍ଲାସ୍ ଉଷୁମ ପାଣିରୁ ସକାଳର ଆରମ୍ଭ କରନ୍ତୁ। ଏଥିରେ ଶରୀର ହାଲୁକା ହୁଏ ଓ ଚୁସ୍ତ ଅନୁଭବ ମିଳେ। ଏହି ସରଳ ଅଭ୍ୟାସ ଶରୀରର ପ୍ରାକୃତିକ ବିଷହରଣ ପ୍ରକ୍ରିୟାରେ ସହାୟକ ହୋଇଥାଏ।

★ ଭୋଜନ କରିବା ବୈଦିକ ସିଦ୍ଧାନ୍ତର ଏକ ପ୍ରମୁଖ ଅଂଶ। ଭୋଜନର ଚୟନ କରିବା ଦ୍ୱାରା ଶରୀରର ପ୍ରକୃତିର ଲୟ ସହିତ ସାମଞ୍ଜସ୍ୟ ବଜାୟ ରହେ। ଏଥିରେ ପାଚନ କ୍ରିୟା ସଠିକ୍ ରହେ, ଉର୍ଜାର ସ୍ତର ସ୍ଥିର ରହେ ଓ ରୋଗ ପ୍ରତିରୋଧକ ଶକ୍ତି ମଜଭୁତ ହୁଏ।

★ ଜଡ଼ିବୁଟିଗୁଡ଼ିକୁ ପୌଷ୍ଟିକ ଓ ସ୍ଫୂର୍ତ୍ତିଦାୟକ ଗୁଣଗୁଡ଼ିକର ସାହାରା ବୋଲି କୁହାଯାଏ। ଏଥିପାଇଁ ଦୈନନ୍ଦିନ ଆହାରରେ କିଛି ଜଡ଼ିବୁଟିକୁ ସାମିଲ କରି ଉର୍ଜା ବୃଦ୍ଧି କରେଇବା ସହିତ ରୋଗ ପ୍ରତିରୋଧକ ଶକ୍ତିକୁ ମଜଭୁତ କରିପାରିବେ।

★ ଆୟୁର୍ବେଦରେ ତେଲ ମାଲିସ୍ ଏକ ଉତ୍କୃଷ୍ଟ ଚିକିତ୍ସା ପଦ୍ଧତି। ଗରମ ତେଲ ପୂରା ଶରୀରରେ ଧୀରେ ଧୀରେ ମାଲିସ୍ କରାଯାଏ ଯେଉଁ କାରଣରୁ ସ୍କିନ୍‌କୁ ପୋଷଣ ମିଳେ ଓ ଇନ୍ଦ୍ରିୟଗୁଡ଼ିକ ଶାନ୍ତ ରହନ୍ତି। ଏହି ଚିକିତ୍ସା ଯୋଗୁ ବିଶ୍ରାମ କମ୍ କରିବାକୁ ଇଚ୍ଛା ହୁଏ ଓ ଏହା ସହିତ ଦିନସାରା ମନକୁ ଶାନ୍ତି ରଖିଥାଏ।

★ ବୈଦିକ ଚିକିତ୍ସାରେ ଆନ୍ତକୁ ସ୍ୱାସ୍ଥ୍ୟର ଆଧାର ବୋଲି ସମସ୍ତେ ମାନନ୍ତି। ତେଣୁ ରସୁଣ, ଧଣିଆ, ଜିରା ଓ ପାନମଧୁରି ପରି ମସଲାଗୁଡ଼ିକ ପାଚନ କ୍ରିୟାକୁ ଆହୁରି ଉନ୍ନତ ମାନର କରାଇବା ସହିତ ସୂକ୍ଷ୍ମଜୀବମାନଙ୍କୁ ସନ୍ତୁଳିତ ରଖିବାରେ ସାହାଯ୍ୟ କରନ୍ତି।

★ ସୁସ୍ଥ ଶରୀର ସନ୍ଧ୍ୟାର ଶାନ୍ତିପୂର୍ଣ୍ଣ ଦିନଚର୍ଯ୍ୟା ପାଇଁ ବହୁତ ଜରୁରୀ। ବୈଦିକ ଚିକିତ୍ସାରେ ଶୋଇବା ପୂର୍ବରୁ ହର୍ବାଲ୍ ଚା' ପିଇବା, ହାଲୁକା ବ୍ୟାୟାମ କରିବା ବା ପୁସ୍ତକ ପଢ଼ିବା ଓ ଆରାମ କରିବା ପାଇଁ ପରାମର୍ଶ ଦିଆଯାଏ। ଏଥିପାଇଁ ଇଲେକ୍ଟ୍ରୋନିକ୍ସ ସ୍କ୍ରିନ୍ ଠାରୁ ଦୂରରେ ରହିବା, ଏହାର ଆଲୋକକୁ କମ୍ ରଖିବା ଓ ପ୍ରତି ରାତିରେ ସଠିକ୍ ସମୟରେ ଶୋଇବା ସହିତ ଏକ ଶାନ୍ତ ଲୟ ତିଆରି କରିବା ପାଇଁ ସାହାଯ୍ୟ ମିଳେ ଯେଉଁ କାରଣରୁ ଖୁବ୍ ଭଲ ନିଦ ହୁଏ।

# କଂଗ୍ରେସର ଏସ୍‌ସି ସେଲ୍ ଜିଲ୍ଲା କମିଟି ଘୋଷିତ

**ବାଲେଶ୍ୱର,୧୬।୨/ଏନ୍‌ଏନ୍‌ଏସ୍:** ସର୍ବଭାରତୀୟ କଂଗ୍ରେସ ପାର୍ଟିର ସଂଗଠନ ସୃଜନ ଅଭିଯାନ ଅଧୀନରେ ବାଲେଶ୍ୱର କଂଗ୍ରେସର ଏସ୍‌ସି ସେଲ୍ ଜିଲ୍ଲା କମିଟି ଘୋଷିତ ହୋଇଛି। ଏଥିରେ ୧୦ ଜଣ ଉପସଭାପତି ପ୍ରଭାକର ମଲ୍ଲିକ, ଦୈତାରୀ ମହାଳିକ, ମମତା ଜେନା, ପରମାନନ୍ଦ ସେଠୀ, ରମାକାନ୍ତ ଜେନା, ରାଜେନ୍ଦ୍ର ଧଳ, ରବୀନ୍ଦ୍ର ଜେନା, ସମ୍ଭୁ ମାଝୀ, ପ୍ରମୋଦ କୁମାର ମଲ୍ଲିକ, ୧୪ ଜଣ ସାଧାରଣ ସମ୍ପାଦକ ନଟବର ମଲ୍ଲିକ, ମଳୟ ଦାସ, ରବିନ୍ଦ୍ର ବେହେରା, ସୌଭାଗ୍ୟ ମହାଳିକ, ବଳରାମ ମଲ୍ଲିକ, ସୁଶାନ୍ତ ଜେନା, ମଧୁସୂଦନ ମଲ୍ଲିକ, ଅରୁଣ କୁମାର ପାତ୍ର, ଜଗନ୍ନାଥ ମାହାନା, ସୁଶାନ୍ତ ସେଠୀ, ବିରେନ୍ଦ୍ର ବେହେରା, ସାନ୍ତନୁ ମହାଳିକ ଓ ଆଶାଲତା ଜେନାଙ୍କ ନାମ ଘୋଷଣା କରାଯାଇଛି। ସେହିପରି ୩୨ ଜଣ ସମ୍ପାଦକଙ୍କ ସହ କୋଷାଧ୍ୟକ୍ଷ ମାର୍କଣ୍ଡ ମହାଳିକ ଓ ମିଡ଼ିଆ ସମ୍ପାଦକ ଭାବେ ପ୍ରଶାନ୍ତ ଜେନା ମନୋନୀତ ହୋଇଛନ୍ତି। ସ୍ୱତନ୍ତ୍ର ନିମନ୍ତ୍ରିତ ସଭ୍ୟ ଭାବେ ଜିଲ୍ଲା ସଭାପତିଙ୍କ ସମେତ ପୂର୍ବତନ ମନ୍ତ୍ରୀ ଶ୍ରୀକାନ୍ତ ଜେନା, ସମସ୍ତ ଛାମୁଆଁ ସଂଠନର ସଭାପତି, ସମସ୍ତ ବିଧାନସଭା ନିର୍ବାଚନମଣ୍ଡଳୀର ପ୍ରାର୍ଥୀ ସଭ୍ୟ ରହିବେ। ଏହାବାଦ୍ ବ୍ଲକ୍ ସଭାପତି ଭାବେ କରୁଣାକର ଜେନା (ସଦର), ପ୍ରଶାନ୍ତ ପାତ୍ର(ନୀଳଗିରି), ଗଙ୍ଗାଧର ସେଠୀ (ରେମୁଣା), ସୃଷ୍ଟିଧର ମହାଳିକ (ବସ୍ତା) କମଳାକାନ୍ତ ଜେନା-ବାଲିଆପାଳ, ଜନ୍ମଜୟ ଜେନା (ଜଳେଶ୍ୱର), ଶିବୁ ଜେନା (ଭୋଗରାଇ), ବିକାଶ କୁମାର ମାଝୀ (ଔପଦା), କମଳେଶ କୁମାର ଦାସ (ଖଇରା), ପରମେଶ୍ୱର ମଲ୍ଲିକ(ସିମୁଳିଆ), ଶରତ କୁମାର ଦଳେଇ (ସୋର), ବିଜୟ କୁମାର ଜେନା (ବାହାନଗା), ରାଜେନ୍ଦ୍ର ବେହେରା (ବାଲେଶ୍ୱର ମ୍ୟୁନିସିପାଲିଟି), ପୁରୁଷୋତ୍ତମ ଦାସ (ନୀଳଗିରି), କରୁଣାକର ଜେନା (ରେମୁଣା), ନରେନ୍ଦ୍ର ରାଉତ (ଜଳେଶ୍ୱର), ମନୋଜ କୁମାର ମଣ୍ଡଳ (ସୋର), ଗୌରାଙ୍ଗ ସେଠୀ (ବସ୍ତା) ଓ କୈଳାସ ଚନ୍ଦ୍ର ଦାସ (ସିମୁଳିଆ ଏନ୍‌ଏସି) ସଭାପତି ଭାବେ ମନୋନୀତ ହୋଇଥିବା ଜିଲ୍ଲା ସଭାପତି ବିଧାନ ଚନ୍ଦ୍ର ଜେନା ଏକ ପ୍ରେସ୍ ବିବୃତ୍ତିରେ ଜଣାଇଛନ୍ତି।

# ଧାନ କିଣାରେ ବ୍ୟାଘାତ, ଖୋଲାରେ ପଡ଼ିଛି ହଜାର ହଜାର ବସ୍ତା

▶ ମିଲର୍ ଧାନ ଉଠାଉନଥିବା ଅଭିଯୋଗ

▶ ଭିତ୍ତିଭୂମି ନଥିବାରୁ ମଣ୍ଡିକୁ ଧାନ ଆଣି ଚାଷୀ ହିନସ୍ତା



**ତେଲକୋଇ,୧୬।୨/ଏନ୍‌ଏନ୍‌ଏସ୍:** କେନ୍ଦୁଝର ଜିଲ୍ଲା ତେଲକୋଇ ସମବାୟ ସମିତିରେ ଧାନ କିଣା ବନ୍ଦ ହୋଇଥିବାରୁ ଚାଷୀ ବହୁ ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ମିଲର୍ ଓ ବିଭାଗୀୟ ଅଧିକାରୀଙ୍କ ମଧ୍ୟରେ ଭିତିରି ବୁଝାମଣାର ଅଙ୍କ ଛିଣ୍ଡୁ ନଥିବାରୁ ମିଲର୍ ଧାନ ଉଠାଉନଥିବା ଅଭିଯୋଗ ହୋଇଛି। ଜିଲ୍ଲା ଯୋଗାଣ ଅଧିକାରୀ ଚୁକ୍ତି ହୋଇଥିବା ମିଲର୍‌ଙ୍କୁ କୁଇଣ୍ଟାଲ୍ ପ୍ରତି ୫ କେଜି କଟ୍‌ନି ଛଟ୍‌ନି ପାଇଁ ନିର୍ଦ୍ଦେଶ ଦେଇଥିବା ଚର୍ଚ୍ଚା ହେଉଛି। ଫଳରେ ଧାନ କିଣାରେ ସମସ୍ୟା ସୃଷ୍ଟି ହେଉଥିବା କୁହାଯାଉଛି। ପ୍ରକାଶଥାଉକି ତେଲକୋଇ ସମବାୟ ସମିତି ଅଧୀନରେ ଚଳିତ ବର୍ଷ ସମୁଦାୟ ୧,୧୦୩ ଜଣ ଚାଷୀ ଧାନ ବିକ୍ରି କରିବା ପାଇଁ ପଞ୍ଜୀକୃତ ହୋଇଥିବାବେଳେ ବର୍ତ୍ତମାନ ସୁଦ୍ଧା ୬୯୩ ଜଣ ବିକ୍ରି କରିଛନ୍ତି। ସେମାନଙ୍କଠାରୁ ୨୮ ହଜାର ୭୯୭ କୁଇଣ୍ଟାଲ ଧାନ କ୍ରୟ କରାଯାଇଛି। ଆହୁରି ୪୧୦ ଜଣ ଚାଷୀ ଧାନ ବିକ୍ରି କରିପାରି ନାହାନ୍ତି। ଧାନ କ୍ରୟ ପ୍ରକ୍ରିୟା ଯଦି ବାଧାପ୍ରାପ୍ତ ହୁଏ ବହୁ ଚାଷୀ ଧାନ ବିକ୍ରିରୁ ବଞ୍ଚିତ ହେବାସହ ଆଉ କେତେକଙ୍କ ଟୋକନ୍ ଲାପ୍ସ ହେବା ଆଶଙ୍କା ସୃଷ୍ଟି ହୋଇଛି।

ସୋମବାର ଧାନ କିଣା ପାଇଁ ସମବାୟ ପକ୍ଷରୁ ଚାଷୀଙ୍କୁ ଡକା ଯାଇଥିବାବେଳେ ମିଲର୍ ଗାଡ଼ି ନପଠାଇବାରୁ ସମିତି ଧାନ କିଣି ପାରିନଥିଲା। ଫଳରେ ପାଖାପାଖି ୩୦ ଜଣ ଚାଷୀ ସକାଳୁ ସକାଳୁ ମଣ୍ଡିକୁ ଧାନ ଆଣି ବହୁ ସମସ୍ୟାର ସମ୍ମୁଖୀନ ହୋଇଛନ୍ତି। ଖୋଲା ମେଲାରେ ହଜାର ହଜାର ବସ୍ତା ଧାନ ପଡ଼ି ରହିଛି। ମଣ୍ଡିରେ ଆବଶ୍ୟକ ଭିତ୍ତିଭୂମି ନଥିବାରୁ ଦୂର ଦୂରାନ୍ତରୁ ଆସିଥିବା ଚାଷୀ ବହୁ ହିନସ୍ତା ହୋଇଛନ୍ତି। ମିଲର୍ ମାଲିକଙ୍କ ମନମୁଖୀ କାର୍ଯ୍ୟ ଯୋଗୁ ଚାଷୀ ବହୁ ମାତ୍ରାରେ ଦହଗଞ୍ଜ ହେଉଛନ୍ତି। ଏନେଇ ଚାଷୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ଆଗାମୀ ଦିନରେ ଏପରି ଧାନ କିଣାରେ ଅବ୍ୟବସ୍ଥା ହେଲେ ଚାଷୀମାନେ ଆନ୍ଦୋଳନ ଚେତାବନୀ ଦେଇଛନ୍ତି। ତେବେ ଏ ସଂକ୍ରାନ୍ତରେ ଜିଲ୍ଲା ଯୋଗାଣ ଅଧିକାରୀ ପବିତ୍ର ମୋହନ ସାହୁଙ୍କୁ ପଚାରିବାରୁ ମିଲ୍ ଗୁଡ଼ିକରେ କ୍ରୟ ହୋଇଥିବା ଧାନ ସବୁ ଜାମ୍ ହୋଇ ରହିଥିବାରୁ ମିଲର୍ ଗାଡ଼ି ପଠାଇବାରେ ଅସୁବିଧା ହେଉଛି। ଖୁବ୍‌ଶୀଘ୍ର ଧାନ କିଣା ପ୍ରକ୍ରିୟା ଚାଲୁ ହେବ। ଅନ୍ୟପଟେ ୫ କେଜି ଧାନ କଟଣି ଛଟଣି ଅଭିଯୋଗକୁ ଶ୍ରୀ ସାହୁ ଖଣ୍ଡନ କରିଛନ୍ତି।

# ଦେବଗିରି ନୋଡାଲ୍ ଉଚ୍ଚପ୍ରାଥମିକ ସ୍କୁଲ୍‌ର ବାର୍ଷିକୋତ୍ସବ




**ସୋର,୧୬।୨/ଏନ୍‌ଏନ୍‌ଏସ୍:** ସୋର ବ୍ଲକ୍ ଗୋପୀନାଥପୁର ପଞ୍ଚାୟତ ଡିଗିଭଅଁରା ଦେବଗିରି ନୋଡାଲ୍ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଓ ସାଂସ୍କୃତିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷୟିତ୍ରୀ ପୁଷ୍ପଲତା ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବିଧାୟକ ମାଧବ ଧଡ଼ା ଯୋଗଦେଇ ଛାତ୍ରଛାତ୍ରୀମାନେ ଭଲ ପାଠ ପଢ଼ିବା ସହ ବିଦ୍ୟାଳୟ, ପରିବାର ଓ ଦେଶର ନାମ ରଖିବା ପାଇଁ ଭଲ ମଣିଷ ହେବା ଜରୁରୀ ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ବ୍ଲକ୍ ଶିକ୍ଷାଧିକାରିଣୀ ସୋମାରାଣୀ ସେଠୀ ଯୋଗଦେଇ ପିଲାଙ୍କ ପ୍ରତିଭା ବିକାଶରେ ଶିକ୍ଷକ ଅଭିଭାବକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ସମ୍ମାନିତ ଅତିଥିଭାବେ ସରପଞ୍ଚ ପନୀତା ପଣ୍ଡା, ସମିତିସଭ୍ୟା ସସ୍ମିତା ବେହେରା, ବ୍ଲକ୍ ସହଶିକ୍ଷାଧିକାରୀ ସୋମନାଥ ଦାସ, ଶଙ୍କର୍ଷଣ ବାରିକ୍, ଶିକ୍ଷକ ସଂଘର ସଭାପତି ମହେଶ୍ୱର ବେହେରା ଓ ସମ୍ପାଦକ ରମାକାନ୍ତ ମହାନ୍ତି ଯୋଗଦେଇ ବକ୍ତବ୍ୟ ରଖିଥିଲେ। ପୂର୍ବତନ ଶିକ୍ଷକ ଜ୍ଞାନେନ୍ଦ୍ର କୁମାର ପରମାଣିକ, ରବୀନ୍ଦ୍ର ନାଥ ନାୟକ ଓ ନାରାୟଣ ନାୟକଙ୍କୁ ସମ୍ବର୍ଦ୍ଧିତ କରାଯିବା ସହିତ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଶିକ୍ଷକ ନାରାୟଣ ପ୍ରସାଦ ନାୟକ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ବିବରଣୀ ପାଠ କରିଥିଲେ। କମିଟି ସଭାପତି ଉତ୍ତମ କୁମାର ନାୟକ, ଶିକ୍ଷୟିତ୍ରୀ କବିତା ବେହେରା, ଜ୍ୟୋତ୍ସ୍ନା ଗିରି ଓ ସଂଯୁକ୍ତା ସାମଲ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅନ୍ନପୂର୍ଣ୍ଣା ପ୍ରଧାନ ଧନ୍ୟବାଦ ଦେଇଥିଲେ।

# 'ଖାସ୍ ତୁମ ପାଇଁ' କାର୍ଯ୍ୟକ୍ରମ, ୬ ଦମ୍ପତି ସମ୍ବର୍ଦ୍ଧିତ

**ବାଲେଶ୍ୱର,୧୬।୨/ଏନ୍‌ଏନ୍‌ଏସ୍:** ନୋସି କଲ୍‌ଚୁରାଲ୍ ଏକାଡେମୀ ପକ୍ଷରୁ ତୃତୀୟ 'ଖାସ୍ ତୁମ ପାଇଁ' ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ନୋସିର ଉପସଭାପତି ସୁବ୍ରତ ନାୟକ ଓ ତାଙ୍କ ପତ୍ନୀ ରୁଚିକା ନାୟକ ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ବସ୍ତା ବିଧାୟିକା ସୁବାସିନୀ ଜେନା ମୁଖ୍ୟଅତିଥି ଭାବେ ଯୋଗଦେଇ ୬ ଜଣ ସଫଳ ତଥା ନିଆରା ଦମ୍ପତିଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏଥିରେ ସାରସ୍ୱତ ଦମ୍ପତି ଭାବେ ଜ୍ୟୋତ୍ସ୍ନା ଓ ଗଙ୍ଗାଧର ବିଶ୍ୱାଳ, ଶିଳ୍ପୀ ଦମ୍ପତି କନକ ଓ କେଶୁ ଦାସ, ନୃତ୍ୟଶିଳ୍ପୀ ଦମ୍ପତି ଜୟମାଳା ଓ କାମିନୀକାନ୍ତ ଚୌଧୁରୀ, ସମାଜସେବୀ ଦମ୍ପତି ସକୀଲା ଓ ମହମ୍ମଦ ଇସଲାମ୍, ବ୍ୟବସାୟୀ ଦମ୍ପତି ରାଜଶ୍ରୀ ଓ ଲକ୍ଷ୍ମୀକାନ୍ତ ମିଶ୍ରଙ୍କୁ ଉପଢ୍ୌକନ, ମାନପତ୍ର ଓ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧନା କରାଯାଇଥିଲା। ସମସ୍ତ ଦମ୍ପତି ନିଜ ନିଜ ଜୀବନର ପ୍ରେମ କଥା ରଖିବା ସହ ସଫଳତାର କାହାଣୀ ବର୍ଣ୍ଣନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସବିତା ଓ କାର୍ତ୍ତିକ ଚନ୍ଦ୍ର ସାହୁ, ରଶ୍ମିରେଖା ଓ ପ୍ରଦୀପ କୁମାର ମହାପାତ୍ର, ମୀନତି ଓ ସୀତାନାଥ ଦାସ, ମୀନତି ଓ ମନୋଜ କୁମାର ପଣ୍ଡା ପ୍ରମୁଖ ଉଭୟ ଉଭୟଙ୍କୁ ଗୋଲାପ ଫୁଲ ପ୍ରଦାନ କରି କାର୍ଯ୍ୟକ୍ରମରେ ଯୋଡ଼ି ହୋଇଥିଲେ। ଏହାସହ ସାଂସ୍କୃତିକ ସନ୍ଧ୍ୟାରେ ଅତନୁ, ଜୀବନ, ଏକାଦଶୀ, ପ୍ରବୀର କମିଳା, ରଶ୍ମିରେଖା, ରୂପାଲି, ନନ୍ଦିନୀ ଓ ସନ୍ତୋଷ ବିଶ୍ୱାଳ ସଙ୍ଗୀତ ପରିବେଷଣ କରିଥିବାବେଳେ ଦୁର୍ଗେଶ ନନ୍ଦିନୀ ସିଂ, ଦେବାନନ୍ଦ ସିଂ, ନୃତ୍ୟ ଓ ଡା. ରଜନୀକାନ୍ତ ନାୟକ ମାଉଥ୍ ଅର୍ଗାନ୍ ବଜାଇ ସମସ୍ତଙ୍କୁ ମନ୍ତ୍ରମୁଗ୍ଧ କରିଥିଲେ। ଶିଳ୍ପୀ କେଶୁ ଦାସ କାର୍ଯ୍ୟକ୍ରମକୁ ପରିଚାଳନା କରିଥିବାବେଳେ କନକଲତା ଦାସ ଧନ୍ୟବାଦ ଦେଇଥିଲେ।



ଓଡ଼ିଶାରେ ବିଏଡ୍ କୋର୍ସ ଖୋଲିବାକୁ ଦାବି

# କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କ ହସ୍ତକ୍ଷେପ ଲୋଡ଼ିଲେ ସାଂସଦ

**ବାରିପଦା,୧୬।୨/ଏନ୍‌ଏନ୍‌ଏସ୍:** ରାଜ୍ୟସଭା ସାଂସଦ ମମତା ମହାନ୍ତ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଏକ ପତ୍ର ଲେଖି ଓଡ଼ିଶାରେ ବେସରକାରୀ କଲେଜରେ ବିଏଡ୍ କୋର୍ସ ଖୋଲିବା ପାଇଁ ଅନୁରୋଧ କରିଛନ୍ତି। ସେ ଜଣାଇଛନ୍ତି ଯେ ଓଡ଼ିଶାରେ ସରକାରୀ କଲେଜ ଗୁଡ଼ିକରେ ବିଏଡ୍ ସିଟ୍ ସୀମିତ ଥିବାରୁ ଛାତ୍ରଛାତ୍ରୀମାନେ ଆନ୍ଧ୍ରପ୍ରଦେଶ, କର୍ଣ୍ଣାଟକ, ଜମ୍ମୁ ଓ କଶ୍ମୀର, ଉତ୍ତରପ୍ରଦେଶ ଓ ପଶ୍ଚିମବଙ୍ଗ ଆଦି ରାଜ୍ୟକୁ ଯାଉଛନ୍ତି। ଅନ୍ୟ ରାଜ୍ୟରେ ବିଏଡ୍ କୋର୍ସର ଫିସ୍ ଓ ଖର୍ଚ୍ଚ ଖୁବ୍ ଅଧିକ ହୋଇଥିବାରୁ କେବଳ ସ୍ୱଚ୍ଛଳ ବର୍ଗର ଛାତ୍ରଛାତ୍ରୀମାନେ ଏହାର ସୁବିଧା ନେଉଥିବାବେଳେ ଆର୍ଥିକ ଅନଗ୍ରସର ମେଧାବୀ ଛାତ୍ରଛାତ୍ରୀ ବଞ୍ଚିତ ହେଉଛନ୍ତି।

ଓଡ଼ିଶାର ଅନେକ ବେସରକାରୀ କଲେଜ କେନ୍ଦ୍ର ସରକାରଙ୍କ ବିଶ୍ୱବିଦ୍ୟାଳୟ ମଞ୍ଜୁରୀ ଆୟୋଗ (ୟୁଜିସି) ଅଧିନିୟମ ୨(ଏଫ) ଏବଂ ୧୨(ବି) ଅନୁଯାୟୀ ସ୍ୱୀକୃତିପ୍ରାପ୍ତ। ସମ୍ପୃକ୍ତ ମହାବିଦ୍ୟାଳୟ ଗୁଡ଼ିକ ସେଲଫ୍ ଫିନାନ୍ସିଂ ମୋଡ୍‌ରେ ବିଏଡ୍ କୋର୍ସ ଖୋଲିବା ପାଇଁ ରାଜ୍ୟ ସରକାରଙ୍କ ନିକଟରେ ଅନୁମତି ମାଗିଛନ୍ତି ଯାହାକି ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ କୋର୍ଟରେ ବିଚରାଧୀନ ରହିଛି। ତେଣୁ ମନ୍ତ୍ରୀଙ୍କ କୋର୍ଟରେ ବିଏଡ୍ କୋର୍ସ ଖୋଲିବା ପାଇଁ କରାଯାଇଥିବା ଅପିଲ୍‌କୁ ମନ୍ତ୍ରୀ ଅନୁମୋଦନ ଦେଇପାରିବେ। ଓଡ଼ିଶା ସରକାରଙ୍କଠାରୁ ଅନୁମତି ପାଇଥିବା ମହାବିଦ୍ୟାଳୟ ନିଜସ୍ୱ ଖର୍ଚ୍ଚରେ ଶ୍ରେଣୀଗୃହ, ଶିକ୍ଷକ ଓ ଅଣଶିକ୍ଷକଙ୍କ ଦରମା ନିଜେ ବହନ କରିବେ ବୋଲି ଲିଖିତ ପ୍ରତିଶ୍ରୁତି ଦେବେ। ସବୁ ସବିଧା, ଭିତ୍ତିଭୂମି ଥିବା ମହାବିଦ୍ୟାଳୟ ଗୁଡ଼ିକ ଅନୁମତି ମାଗିଥିଲେ ମଧ୍ୟ କିଛି ବରିଷ୍ଠ ପ୍ରଶାସନିକ ଅଧିକାରୀ ସରକାରଙ୍କୁ ଭ୍ରମିତ କରୁଥିବାରୁ ରାଜ୍ୟର ଆର୍ଥିକ ଅନଗ୍ରସର ମେଧାବୀ ଛାତ୍ରଛାତ୍ରୀମାନେ ଏଭଳି ଏକ ସୁବିଧାରୁ ବଞ୍ଚିତ ହେଉଛନ୍ତି। ତେଣୁ ସାଂସଦ ଓଡ଼ିଶାରେ ସେହି ମେଧାବୀ ଛାତ୍ରଛାତ୍ରୀଙ୍କ ସ୍ୱାର୍ଥ ପାଇଁ ବିଏଡ୍ କୋର୍ସ ଖୋଲିବାକୁ ରାଜ୍ୟ ସରକାର ଅନୁମତି ଦେବା ଦିଗରେ କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କ ହସ୍ତକ୍ଷେପ ଲୋଡ଼ିଛନ୍ତି। ବହୁ ବୁଦ୍ଧିଜୀବୀ ଓ ଶିକ୍ଷାବିତ୍ ଶ୍ରୀମତୀ ମହାନ୍ତଙ୍କ ଏଭଳି ପ୍ରସ୍ତାବକୁ ସମର୍ଥନ କରିବା ସହ ରାଜ୍ୟ ଉଚ୍ଚଶିକ୍ଷା ମନ୍ତ୍ରୀ ଏଥିପ୍ରତି ଦୃଷ୍ଟି ଦେବାକୁ ଅନୁରୋଧ କରିଛନ୍ତି।

ରାଜ୍ୟ ଆର୍ଚେରୀ ଚାମ୍ପିଅନ୍‌ସିପ୍

# ୧୨ ପଦକ ଜିତିଲା ଓଡ଼ିଶା ଟାଟା ଆର୍ଚେରୀ ହାଇ ପରଫର୍ମାନ୍ସ ସେଣ୍ଟର୍



**କେନ୍ଦୁଝର,୧୬।୨/ଏନ୍‌ଏନ୍‌ଏସ୍:** ସୁନ୍ଦରଗଡ଼ରେ ଅନୁଷ୍ଠିତ ୨୬ତମ ରାଜ୍ୟ ଆର୍ଚେରୀ ଚାମ୍ପିଅନ୍‌ସିପ୍‌ରେ କେନ୍ଦୁଝରସ୍ଥିତ ଓଡ଼ିଶା ଟାଟା ଆର୍ଚେରୀ ହାଇ ପରଫର୍ମାନ୍ସ ସେଣ୍ଟର୍ (ଓଟିଏପିଏଚ୍‌ସି)ର କ୍ୟାଡେଟ୍ ୧୨ଟି ପଦକ ଜିତିଛନ୍ତି। ଏହି ପ୍ରତିଯୋଗିତାରେ ଏକାଡେମୀର କ୍ୟାଡେଟ୍‌ମାନେ ରିକର୍ଭ ଏବଂ କମ୍ପାଉଣ୍ଡ ବିଭାଗରେ ୬ଟି ସ୍ୱର୍ଣ୍ଣ, ୩ଟି ରୌପ୍ୟ ଓ ୩ଟି କାଂସ୍ୟ ପଦକ ଜିତି ସଫଳତା ହାସଲ କରିଛନ୍ତି। ରିକର୍ଭ ରାଉଣ୍ଡ (ସବ-ଜୁନିଅର୍ ବାଳିକା)ରେ ସାବିତ୍ରୀ ପାତ୍ର ସ୍ୱର୍ଣ୍ଣ ପଦକ ଜିତିଥିବାବେଳେ ସୁନିତା ନାୟକ ରୌପ୍ୟ ଓ ଲିପ୍ସାମୟୀ ନାୟକ କାଂସ୍ୟ ପଦକ ହାସଲ କରିଛନ୍ତି। ରିକର୍ଭ ରାଉଣ୍ଡର ସିନିଅର୍ ବାଳକ ବର୍ଗରେ ଅର୍ଜୁନ ଖରା ସ୍ୱର୍ଣ୍ଣ ପଦକ ଜିତିଛନ୍ତି। କମ୍ପାଉଣ୍ଡ ରାଉଣ୍ଡ ସବ୍‌ଜୁନିଅର୍ ଓ ଜୁନିଅର୍ ବାଳିକା ବର୍ଗରେ ସ୍ୱପ୍ନାରାଣୀ ବେହେରା ସ୍ୱର୍ଣ୍ଣ ଓ ରୌପ୍ୟ ପଦକ ହାସଲ କରିଥିବାବେଳେ ସୀତା ହେମ୍ବ୍ରମ୍ ସ୍ୱର୍ଣ୍ଣ ଓ ବ୍ରୋଞ୍ଜ ଏବଂ ଚନ୍ଦ୍ରିକା ମହାପାତ୍ର ରୌପ୍ୟ ଓ ବ୍ରୋଞ୍ଜ ପଦକ ଜିତିଛନ୍ତି। କମ୍ପାଉଣ୍ଡ ରାଉଣ୍ଡ ଉଭୟ ଜୁନିଅର୍ ଏବଂ ସବ-ଜୁନିଅର୍ ବାଳକ ବର୍ଗରେ ଦୈନେଶ୍ୱର ବେହେରା ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ଏହି ସଫଳତା ଆଗାମୀ ଦିନରେ ଜାତୀୟ ଓ ଅନ୍ତର୍ଜାତୀୟସ୍ତରରେ ପଦକ ଜିତିବା ପାଇଁ କ୍ୟାଡେଟ୍‌ଙ୍କୁ ଅଧିକ ଉତ୍ସାହିତ କରିବ।

୬ ସ୍ୱର୍ଣ୍ଣ, ୩ ରୌପ୍ୟ ଓ ୩ କାଂସ୍ୟ

# ତାଲା ଭାଙ୍ଗି ୩୫ ଲକ୍ଷର ଗହଣା ଚୋରି

**ଯୋଡ଼ା,୧୬।୨/ଏନ୍‌ଏନ୍‌ଏସ୍:** କେନ୍ଦୁଝର ଜିଲ୍ଲାର ଯୋଡ଼ା ସହରରେ ୩ଟି ଫ୍ଲାଟ୍‌ରେ ଘଟିଥିବା ଚୋରି ଘଟଣା ଏବେ ସ୍ଥାନୀୟ ଅଞ୍ଚଳରେ ଚାଞ୍ଚଲ୍ୟ ସୃଷ୍ଟି କରିଛି। ରବିବାର ରାତି ପ୍ରାୟ ୧ଟା ୪୫ରୁ ୩ଟା ମଧ୍ୟରେ ୨ ଜଣ ଅଜଣା ଦୁର୍ବୃତ୍ତ ଘରେ କେହି ନଥିବାର ସୁଯୋଗ ନେଇ ଟାଟା କମ୍ପାନୀର ସିଗରିକେଶନ୍ କଲୋନୀ ଅଞ୍ଚଳର ଡି ବ୍ଲକ୍‌ରେ ଥିବା ଅରୁପ ମହାନ୍ତିଙ୍କ ୬ ନମ୍ବର ଫ୍ଲାଟ୍, ଏନ୍ ଗୋପାଳ ରେଡ୍ଡୀଙ୍କ ଫ୍ଲାଟ୍ ଓ ଇ ବ୍ଲକ୍‌ରେ ଥିବା ଭାଗବତ ବଳଙ୍କ ଘରକୁ ଟାର୍ଗେଟ୍ କରିଥିଲେ। ତାଲାକୁ କଟର୍‌ରେ କାଟି ଘର ଭିତରକୁ ପ୍ରବେଶ କରି ଲକର୍ ଭାଙ୍ଗି ସୁନା-ରୂପା ଗହଣା ସହ ନଗଦ ଟଙ୍କା ଲୁଟି ନେଇ ଫେରାର୍ ମାରିଥିଲେ। ବିଶେଷକରି କେ ଗୋପାଳଙ୍କ ଘରୁ ପ୍ରାୟ ୧୦ ହଜାର ଟଙ୍କା ନଗଦ, ୩ଟି ସୁନା ଚେନ୍, ଏକ ମଙ୍ଗଳସୂତ୍ର, ୪ଟି କାନଫୁଲ ଓ ରୂପା ପାଉଁଜି ଲୁଟ୍ ହୋଇଛି। ଏହାର ମୋଟ୍ ମୂଲ୍ୟ ପ୍ରାୟ ୩୫ ଲକ୍ଷ ଟଙ୍କା ହେବ ବୋଲି ଆନୁମାନ କରାଯାଇଛି। ତେବେ ଅନ୍ୟ ୨ଟି ଫ୍ଲାଟ୍‌ରୁ ଲୁଟ ଉଦ୍ୟମ କରିଥିଲେ ସୁଦ୍ଧା ସେଠାରୁ କୌଣସି ଦାମୀ ସାମଗ୍ରୀ ମିଳିନଥିବାରୁ ଦୁର୍ବୃତ୍ତ ଲୁଟ୍‌ରେ ସଫଳ ହୋଇନଥିବା ଜଣାପଡ଼ିଛି। ଭୋର ପ୍ରାୟ ୪ରୁ ୫ଟାରେ ଅରୁପ ମହାନ୍ତି ଏବଂ ଏନ୍ ଗୋପାଳ ରେଡ୍ଡୀ ଘର ତାଲା ଖୋଲା ଓ ଆଲମୀରା ଲକର୍ ଭଙ୍ଗା ହୋଇ ଜିନିଷପତ୍ର ଏତେତେଣେ ପଡ଼ିଥିବା ଦେଖି ଘଟଣା ସମ୍ପର୍କରେ ଯୋଡ଼ା ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ପାଇ ଯୋଡ଼ା ପୁଲିସ୍, ସାଇଣ୍ଟିଫିକ୍ ଟିମ୍ ଓ ଡଗ୍ ସ୍କ୍ୱାର୍ଡ ସହ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ସିସିଟିଭି ଫୁଟେଜ୍ ଯାଞ୍ଚ ସହ ଅଭିଯୁକ୍ତଙ୍କ ଚିହ୍ନଟ ପାଇଁ ପୁଲିସ୍ ପକ୍ଷରୁ ଚେଷ୍ଟା ଜାରି ରହିଛି।

# ବାଳିକା ଆତ୍ମସୁରକ୍ଷା ଶିବିର ଉଦ୍‌ଯାପିତ



**ଭଦ୍ରକ,୧୬।୨/ଏନ୍‌ଏନ୍‌ଏସ୍:** ଚରମ୍ପା ମହାବିଦ୍ୟାଳୟରେ ସରକାରଙ୍କ ଆନୁକୂଲ୍ୟରେ ଆୟୋଜିତ ବାଳିକା ଆତ୍ମସୁରକ୍ଷା ଶିବିର ଉଦ୍‌ଯାପିତ ହୋଇଯାଇଛି। ଉକ୍ତ ଶିବିରକୁ ମହାବିଦ୍ୟାଳୟର ଅଧ୍ୟକ୍ଷ ଅମରେନ୍ଦ୍ର ଦାଶ ଗତ ୫ ତାରିଖରେ ଉଦ୍‌ଘାଟନ କରିଥିଲେ। ଉଦ୍‌ଘାଟନୀ ଉତ୍ସବରେ ଆତ୍ମସୁରକ୍ଷା ଶିବିରର ପ୍ରଶିକ୍ଷିକା କବିତା ନାୟକ ଏବଂ ମନୋରମା ରାଉତ ବାଳିକାଙ୍କୁ ଆତ୍ମସୁରକ୍ଷାର କୌଶଳ ଓ ଏହାର ବିଭିନ୍ନ ଦିଗ ସମ୍ପର୍କରେ ପ୍ରଶିକ୍ଷଣ ଦେଇଥିଲେ। ମହାବିଦ୍ୟାଳୟର ବାଳିକାମାନେ ଏଥିରେ ଆନ୍ତରିକତାର ସହିତ ଅଂଶଗ୍ରହଣ କରିଥିଲେ। ସେହିପରି ଉଦ୍‌ଯାପନୀ ଉତ୍ସବରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଅମରେନ୍ଦ୍ର ଦାଶ ସଭାପତିତ୍ୱ କରି ଉକ୍ତ ଶିବିରର ଆଭିମୁଖ୍ୟ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। କାର୍ଯ୍ୟକ୍ରମର ସଂଯୋଜିକା ଅଧ୍ୟାପିକା ସ୍ନେହଲତା ହେମ୍ବ୍ରମ୍ ପରିଚାଳନା ଦାୟିତ୍ୱ ତୁଲାଇଥିଲେ। ଅଧ୍ୟାପିକା ଫିରଦୋସ୍ ହୋସନ୍ ଓ ଅଧ୍ୟାପକ ମନୋଜ କୁମାର ମହାଳିକଙ୍କ ସମେତ ଅନ୍ୟ ଅଧ୍ୟାପକ ଅଧ୍ୟାପିକା ଓ କର୍ମଚାରୀମାନେ ସହଯୋଗ କରିଥିଲେ।

ଜାତୀୟସ୍ତରୀୟ ଗୋଶାଳା କପ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ

# 'କ୍ରୀଡ଼ା ମାଧ୍ୟମରେ ଜାତୀୟତାବାଦ ଏବଂ ଭାଇଚାରା ବୃଦ୍ଧି ପାଇଥାଏ'

**ବାରିପଦା,୧୬।୨/ଏନ୍‌ଏନ୍‌ଏସ୍:** ସ୍ଥାନୀୟ ତୁଳସୀଚଉରା ଦୁର୍ଗାପୂଜା ପଡ଼ିଆରେ ଫ୍ରେଣ୍ଡସ୍ ୟୁନିୟନ୍ ଓ ଶ୍ରୀଦୁର୍ଗା ସ୍ପୋର୍ଟିଂ କ୍ଲବ୍ ଆନୁକୂଲ୍ୟରେ ଆୟୋଜିତ ଜାତୀୟସ୍ତରୀୟ ଗୋଶାଳା କପ୍ ଦିବାରାତ୍ର କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। କ୍ଲବ୍‌ର ସଦସ୍ୟମାନେ ମା' ଅମ୍ବିକାଙ୍କ ନିକଟରେ ପୂଜାର୍ଚ୍ଚନା କରି ଏକ ମଶାଲ୍ ଶୋଭାଯାତ୍ରାରେ ଷ୍ଟେସନ୍ ବଜାର ନିକଟରେ ପହଞ୍ଚିଥିଲେ। ଉକ୍ତ ସ୍ଥାନରୁ ଶଗଡ଼ ଗାଡ଼ି ଶୋଭାଯାତ୍ରାରେ ପ୍ରତ୍ୟେକ ଦଳର ମାଲିକ ଓ ଆଇକନ୍ ଖେଳାଳିମାନେ ପଡ଼ିଆରେ ପହଞ୍ଚିଥିଲେ। ଏଥିରେ ମୁଖ୍ୟଅତିଥି ଭାବେ ନଗର ଉନ୍ନୟନ ମନ୍ତ୍ରୀ ଡଃ କୃଷ୍ଣଚନ୍ଦ୍ର ମହାପାତ୍ର ଯୋଗଦେଇ ଏହି ଟୁର୍ଣ୍ଣାମେଣ୍ଟକୁ ଉଦ୍‌ଘାଟନ କରିବା ସହ ଚାମ୍ପିଅନ୍ ଟ୍ରଫି ଉନ୍ମୋଚନ କରିଥିଲେ। ଏହି ଅବସରରେ ମନ୍ତ୍ରୀ ଡା. ମହାପାତ୍ର କ୍ରୀଡ଼ା ମାଧ୍ୟମରେ ଜାତୀୟତାବାଦ ଏବଂ ଭାଇଚାରା ବୃଦ୍ଧି ପାଇଥାଏ ବୋଲି କହିଥିଲେ। ସମ୍ମାନିତ ଅତିଥିଭାବେ ବାରିପଦା ବିଧାୟକ ପ୍ରକାଶ ସୋରେନ୍, ଯୁବନେତା ତଥା ଶକ୍ତିମାନ ଜିମ୍‌ନାସିୟମ୍‌ର ପ୍ରତିଷ୍ଠାତା ପରେଶ ମହାନ୍ତ, ବିଶିଷ୍ଟ କ୍ରୀଡ଼ା ସଂଗଠକ ଗିରିଶ ଚନ୍ଦ୍ର ଦାସ, କାଉନସିଲର୍ ବିବେକାନନ୍ଦ ନାୟକ, ଅନନ୍ତ ଦାସ ଓ ଉଦ୍ୟୋଗପତି ପ୍ରହଲ୍ଲାଦ ବେହେରା ପ୍ରମୁଖ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ କମିଟିର ସଭାପତି ସୌମ୍ୟ ରଞ୍ଜନ ମିଶ୍ର, ସାଧାରଣ ସମ୍ପାଦକ ଗଦାଧର ନାୟକ, ଉପସଭାପତି ରତିକାନ୍ତ ଦାସ ଓ ସାଂଗଠନିକ ସମ୍ପାଦକ ସରୋଜ ଶତପଥୀ ପ୍ରମୁଖ ଅନ୍ୟାନ୍ୟ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ। ଏହି ଅବସରରେ ପ୍ରଥମ ମ୍ୟାଚ୍ ବଜରଙ୍ଗୀ ଦି ସାଭିୟାର ଓ ଦାନୀ-୧୧ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଦାନୀ-୧୧ ଦଳ ବଜରଙ୍ଗୀ ଦି ସାଭିୟାରକୁ ୮୯ ରନ୍‌ରେ ପରାସ୍ତ କରିଥିଲା।



# ବାଉଁଶ କାରିଗରୀରେ ସମର୍ପିତ ସରୋଜିନୀ





**ସୋର,୧୬।୨/ଏନ୍‌ଏନ୍‌ଏସ୍:** ଶୃଙ୍ଖଳା ବେତ ବାଉଁଶରେ ଜୀବନ ଭରି ତା'ର ଧୂସର ଚେହେରାରେ ସ୍ୱପ୍ନର ରଙ୍ଗ ବୁଣିଛନ୍ତି ବାଲେଶ୍ୱର ଜିଲ୍ଲା ସୋର ବ୍ଲକ୍ ତୁଣ୍ଡପଡ଼ା ଅଞ୍ଚଳର ସରୋଜିନୀ ଦାସ। ବେତ ବାଉଁଶରେ ଯେ ଏତେ ସୁନ୍ଦର କାରିଗରୀ ହୋଇପାରେ ତାହା ନ ଦେଖିଲେ କେହି ବିଶ୍ୱାସ କରିବେନି। ଭଳିକି ଭଳି ବାଉଁଶ ତିଆରି ଗହଣା ସାଙ୍ଗକୁ ଶ୍ରୀ ଜଗନ୍ନାଥ, ମୟୂର, ପେନ୍ ଷ୍ଟାଣ୍ଡ, ଫୁଲ ଡାଲା, ସ୍କୁଟର୍, ଜାହାଜ, ସୋଫା ସେଟ୍ ଓ ଚେୟାର୍ ଦେଖିଲେ ଆଖି ଲାଖିଯିବ। ଏଇ ବାଉଁଶ କଳାକୃତି ଆଜି ସରୋଜିନୀଙ୍କୁ ପରିଚୟ ହେବାସହ ସ୍ୱାବଲମ୍ବୀ କରିଛି। କେବଳ ଏତିକି ନୁହେଁ ସେ ତାଙ୍କ ପରି ଆହୁରି ଅନେକ ମହିଳାଙ୍କୁ ସ୍ୱାବଲମ୍ବୀ କରାଇ ପ୍ରେରଣାର ଉତ୍ସ ପାଲଟିଛନ୍ତି।

ସରୋଜିନୀ କେତେବେଳେ ଶୃଙ୍ଖଳା ବାଉଁଶକୁ ସତେଜ ରୂପ ଦେବାରେ ବ୍ୟସ୍ତ ଥାଆନ୍ତି ତ କେତେବେଳେ ତା' ଦେହରେ ଲାଗିଥିବା ଧୂଳିକୁ ଯତ୍ନରେ ପୋଛି ଦିଅନ୍ତି। ଏ ବେତ ବାଉଁଶ ସାମଗ୍ରୀ କେବଳ ତାଙ୍କ ନିପୁଣ କାରିଗରୀ କଳାର ନମୁନା ନୁହେଁ, ତାଙ୍କ ଦକ୍ଷତାର ଅନ୍ତଃନିସୃତ ସୃଷ୍ଟି। ୫୦ ବର୍ଷ ବୟସରେ ସରୋଜିନୀ ସିମୁଳିଆ ବ୍ଲକ୍ ଜାମୁଝାଡ଼ି ଅଞ୍ଚଳରେ ନିଜର ଏହି ବାଉଁଶ ଓ ବେତର କାରିଗରୀ ୟୁନିଟ୍ ସ୍ଥାପନ କରିଛନ୍ତି। ଏଠାରେ ସରୋଜିନୀ ୫୦ରୁ ଉର୍ଦ୍ଧ୍ୱ ମହିଳାଙ୍କୁ ତାଲିମ୍ ଦେଇ ସ୍ୱାବଲମ୍ବୀ କରାଇଛନ୍ତି । ଏହି ମହିଳାମାନେ ବାଉଁଶ ଓ ବେତରେ ୧୫୦ରୁ ଅଧିକ ପ୍ରକାରର ସାମଗ୍ରୀ ତିଆରି କରିଛନ୍ତି। ବାଉଁଶରେ ଘରକରଣା ଜିନିଷଠାରୁ ଆରମ୍ଭ କରି ଗହଣା ପ୍ରସ୍ତୁତ କରି ମେଳା ଓ ମହୋତ୍ସବରେ ବିକ୍ରି କରୁଛନ୍ତି।

ସରୋଜିନୀ କହିଛନ୍ତି ଯେ ମୁଁ ୩୫ ବର୍ଷ ହେଲାଣି ଏ କାମ କରୁଛି। ମୁଁ ଏଥିରେ ଭୁବନେଶ୍ୱରରେ କୋର୍ସ କରିବା ପରେ ଆଡଭାନ୍ସ କୋର୍ସ ତ୍ରିପୁରା ଓ ଡିଜାଇନିଂ କୋର୍ସ ଅହମ୍ମଦାବାଦରେ କରିଛି। ମୁଁ ଓଡ଼ିଶା ସରକାରଙ୍କ ଜଣେ ରାଜ୍ୟ ଆୱାର୍ଡି ଏବଂ ଡିଜାଇନର୍। ଯେବେ ମୁଁ ୨୦୧୦ରେ ଜାମୁଝାଡ଼ି ଆସିଲି ଏଠି କିଛି ମା' ମାନଙ୍କୁ ନେଇକି କାମ କରାଇଲି। ଫଳରେ ଆମକୁ ସରକାରଙ୍କ ପକ୍ଷରୁ ଏକ ତାଲିମ୍ ଶିବିର ପାଇଁ ସୁଯୋଗ ମିଳିଥିଲା। ସେହି ତାଲିମ୍ ମା'ମାନଙ୍କୁ ଦେବା ପରେ ଧୀରେ ଧୀରେ ଅଧିକ ମହିଳା ଯୋଡ଼ି ହୋଇଗଲେ। ପ୍ରଥମେ ୧୫ ଜଣ ମହିଳା ତାଲିମ୍ ନେଇଥିଲେ। ଏବେ ୬୦ରୁ ୭୦ ଜଣ ଏଠାରେ କାମ କରୁଛନ୍ତି । ଆହୁରି ଅନେକ ପିଲା ତାଲିମ୍ ନେଇଛନ୍ତି। ଏଠାରେ ଆମର ୧୫୦ରୁ ଉର୍ଦ୍ଧ୍ୱ ଡିଜାଇନ୍ ତିଆରି କରାଯାଉଛି। ମେଳା ମହୋତ୍ସବରେ ଏ ସାମଗ୍ରୀ ବିକ୍ରି କରୁଛୁ । କିନ୍ତୁ ଯେତିକି ବିକ୍ରି କରିବା କଥା ଆମେ କରି ପାରୁନାହୁଁ। ବାଉଁଶରେ କାମ ହୋଇଥିବାବେଳେ ଏହା ସମସ୍ତଙ୍କ ଦ୍ୱାରା ଆଦୃତ ହୋଇ ପାରୁନାହିଁ। ଏହାସହ ଆମର ମାର୍କେଟିଂ ଅଭାବ ରହୁଛି। ସବୁ ମେଳା ଓ ମହୋତ୍ସବ ଆମକୁ ମିଳୁନାହିଁ। ମାର୍କେଟିଂ ସୁବିଧା ହୋଇପାରିଲେ ଆମେ ବେଶ୍ ଉପକୃତ ହୁଅନ୍ତୁ । ଆମେ କାମ କରୁଛୁ ସତ କିନ୍ତୁ ସ୍ୱଳ୍ପ ରୋଜଗାରରେ ମାଆମାନେ ଏଠି ଚଳୁଛନ୍ତି। ଧୀରେ ଧୀରେ ସଂଖ୍ୟା ବଢ଼ୁଛି, କାମ ମଧ୍ୟ ବଢ଼ୁଛି। କିନ୍ତୁ ସେହି ତୁଳନାରେ ବିକ୍ରି ହୋଇ ପାରୁନାହିଁ। ତେଣୁ ମାର୍କେଟିଂ ଦିଗରେ ସହାୟତା କରିବାକୁ ଆମେ ସରକାରଙ୍କ ନିକଟରେ ଅନୁରୋଧ କରୁଛୁ।

୧୫୦୦ଙ୍କୁ ଦେଇଛନ୍ତି ତାଲିମ୍

୫୦ ମହିଳା ହୋଇଛନ୍ତି ସ୍ୱାବଲମ୍ବୀ

# ନିସଙ୍କାଙ୍କ ଶତକରେ ଜିତିଲା ଶ୍ରୀଲଙ୍କା

## ୮ ୱିକେଟ୍‌ରେ ଅଷ୍ଟ୍ରେଲିଆର ଶୋଚନୀୟ ପରାଜୟ, ସୁପର୍-୮ରୁ ବାଦ୍ ପଡ଼ିବା ବିପଦ

**ପାଲ୍ଲେକେଲେ,୧୬।୨/ଏଜେନ୍ସି:** ଚଳିତ ଟି-୨୦ ବିଶ୍ୱକପ୍‌ରେ ପୂର୍ବତନ ଚାମ୍ପିଅନ୍ ଅଷ୍ଟ୍ରେଲିଆ ଲଗାତାର ଦ୍ୱିତୀୟ ପରାଜୟ ବରଣ କରିଛି। ଜିମ୍ବାୱେ ପରେ ଏବେ ଶ୍ରୀଲଙ୍କା ମଧ୍ୟ ଅଷ୍ଟ୍ରେଲିଆକୁ ହରାଇ ଦେଇଛି। ସୋମବାର ଏଠାରେ ଖେଳାଯାଇଥିବା ଗ୍ରୁପ୍-ବି'ର ଏକ ମ୍ୟାଚ୍‌ରେ ଶ୍ରୀଲଙ୍କା ୮ ୱିକେଟ୍‌ରେ ବିଜୟୀ ହୋଇଛି। ଟସ୍ ହାରି ପ୍ରଥମେ ବ୍ୟାଟିଂ କରିଥିବା ଅଷ୍ଟ୍ରେଲିଆ ୨୦ ଓଭର୍‌ରେ ୧୮୧ ରନ୍ କରି ଅଲ୍‌ଆଉଟ୍ ହୋଇଥିଲା। ଜବାବରେ ଶ୍ରୀଲଙ୍କା ୧୮ ଓଭର୍‌ରେ ଦୁଇ ୱିକେଟ୍ ବିନିମୟରେ ୧୮୪ ରନ୍ କରି ବିଜୟୀ ହୋଇଛି। ଏହି ବିଜୟ ସହିତ ଶ୍ରୀଲଙ୍କା ସୁପର୍-୮ରେ ପ୍ରବେଶ କରିଛି। ଅନ୍ୟପକ୍ଷରେ ଅଷ୍ଟ୍ରେଲିଆ ଟୁର୍ଣ୍ଣାମେଣ୍ଟରୁ ବାଦ୍ ପଡ଼ିବା ବିପଦ ଦେଖାଦେଇଛି। ଯଦି ଟିମ୍ ଅନ୍ତିମ ଗ୍ରୁପ୍ ମ୍ୟାଚ୍ ଜିତେ ଏବଂ ଜିମ୍ବାୱେ ନିଜର ଶେଷ ଦୁଇଟି ମ୍ୟାଚ୍ ଜିତେ ତେବେ ଅଷ୍ଟ୍ରେଲିଆର ସୁପର୍-୮ରେ ପ୍ରବେଶ କରିପାରେ।

ଲକ୍ଷ୍ୟର ପିଛା କରୁଥିବା ଶ୍ରୀଲଙ୍କାକୁ ଦ୍ୱିତୀୟ ଓଭର୍‌ରେ ଝଟ୍‌କା ଲାଗିଥିଲା। କୁସଲ ପରେରାଙ୍କୁ ୧ ରନ୍ କରି ମାର୍କସ୍ ଷ୍ଟୋଇନିସ୍ ବଲ୍‌ରେ କ୍ୟାଚ୍ ଆଉଟ୍ ହୋଇଥିଲେ। ଏହାପରେ ଓପ୍ନର୍ ପଥୁମ ନିସଙ୍କା ଓ କୁସଲ ମେଣ୍ଡିସ୍ ଇନିଂସ୍ ସମ୍ଭାଳି ଦ୍ୱିତୀୟ ୱିକେଟ୍ ପାଇଁ ୯୭ ରନ୍‌ର ପାର୍ଟନରଶିପ୍ କରିଥିଲେ। ମେଣ୍ଡିସ୍‌ଙ୍କୁ ଆଉଟ୍ କରି




ଷ୍ଟୋଇନିସ୍ ଏହି ପାର୍ଟନରଶିପ୍ ଭାଙ୍ଗିଥିଲେ। ମେଣ୍ଡିସ୍ ୩୮ ବଲ୍‌ରେ ୬ ଚୌକା ସହାୟତାରେ ୫୧ ରନ୍ କରିଥିଲେ। ଏହାପରେ ପବନ ରତ୍ନାୟକେଙ୍କ ସହ ମିଶି ନିସଙ୍କା ଟିମ୍‌କୁ ୧୮ ଓଭର୍‌ରେ ବିଜୟୀ କରାଇଥିଲେ। ନିସଙ୍କା ୫୨ ବଲ୍‌ରେ ୧୦ ଚୌକା ଓ ୫ ଛକା ସହାୟତାରେ ୧୦୦ ରନ୍ କରି ଅପରାଜିତ ରହିଥିଲେ। ଏହା ଚଳିତ ଟି-୨୦ ବିଶ୍ୱକପ୍‌ରେ ପ୍ରଥମ ଶତକ। ସେହିପରି ରତ୍ନାୟକେ ୧୫ ବଲ୍‌ରେ ୬ ଚୌକା ବଳରେ ଅପରାଜିତ ୨୮ ରନ୍ କରିଥିଲେ।

ପ୍ରଥମେ ବ୍ୟାଟିଂ ପାଇଥିବା ଅଷ୍ଟ୍ରେଲିଆ ପକ୍ଷରୁ ଓପ୍ନର୍ ଟ୍ରେଭିସ୍ ହେଡ୍ ଓ ମିଚେଲ୍ ମାର୍ଶ ପ୍ରଥମ ୱିକେଟ୍ ପାଇଁ ମାତ୍ର ୫୧ ବଲ୍‌ରେ ୧୦୪ ରନ୍ କରିଥିଲେ। ଏହାପରେ ଟିମ୍ ମାତ୍ର ୧୮୧ ରନ୍ ଅଲ୍‌ଆଉଟ୍ ହୋଇଯାଇଥିଲା। ହେଡ୍ ୨୯ ବଲ୍‌ରେ ୩ ଛକା ଓ ୭ ଚୌକା ବଳରେ ୫୬ ରନ୍ କରି ଆଉଟ୍ ହୋଇଥିଲେ। ଏହାପରେ ଟିମ୍ ଲଗାତାର ୱିକେଟ୍ ହରାଇ ଚାଲିଥିଲା। ଏହା ମଧ୍ୟରେ କ୍ୟାପ୍ଟେନ୍ ମାର୍ଶ ୨୭ ବଲ୍‌ରେ ୨ ଛକା ଓ ୮ ଚୌକା ସହାୟତାରେ ୫୪ ରନ୍‌ର ଇନିଂସ୍ ଖେଳିଥିଲେ। ଜୋଶ୍ ଇଙ୍ଗ୍‌ଲିସ୍ ଓ ଗ୍ଲେନ୍ ମାକ୍ସୱେଲ୍ ପଞ୍ଚମ ୱିକେଟ୍ ପାଇଁ ୨୧ ବଲ୍‌ରେ ୩୦ ରନ୍‌ର ପାର୍ଟନରଶିପ୍ କରିଥିଲେ। ଇଙ୍ଗ୍‌ଲିସ୍ ୨୨ ବଲ୍‌ରେ ୩ ଛକା ସହ ୨୭ ରନ୍ ଏବଂ ମାକ୍ସୱେଲ୍ ୧୫ ବଲ୍‌ରେ ୨୨ ରନ୍ କରି ଆଉଟ୍ ହୋଇଥିଲେ। ବାକି ବ୍ୟାଟର୍ ଦୁଇଅଙ୍କ ମଧ୍ୟ ଛୁଇଁପାରି ନଥିଲେ। ଶ୍ରୀଲଙ୍କା ପକ୍ଷରୁ ଦୁଶାନ୍ ହେମନ୍ତା ସର୍ବାଧିକ ୩ଟି ୱିକେଟ୍ ନେଇଥିବା ବେଳେ ଦୁଷ୍ମନ୍ତ ଚମିରାଙ୍କୁ ୨ ୱିକେଟ୍ ମିଳିଥିଲା। ମହୀଶ ତୀକ୍ଷଣା, ଦୁନିଥ୍ ୱେଲ୍ଲାଲାଗା ଓ କାମିନ୍ଦୁ ମେଣ୍ଡିସ୍ ୧-୧ ୱିକେଟ୍ ନେଇଥିଲେ।

## ଅହମଦାବାଦରେ ପହଞ୍ଚିଲା ଟିମ୍ ଇଣ୍ଡିଆ




**ଅହମଦାବାଦ,୧୬।୨/ଏଜେନ୍ସି:** ରବିବାର କଲମ୍ବୋରେ ପାକିସ୍ତାନକୁ ୬୧ ରନ୍‌ରେ ଶୋଚନୀୟ ଭାବେ ହରାଇବା ପରେ ଭାରତୀୟ କ୍ରିକେଟ୍ ଟିମ୍ ସୋମବାର ସ୍ୱଦେଶ ପହଞ୍ଚିଛି। ସୂର୍ଯ୍ୟକୁମାର ଯାଦବଙ୍କ ନେତୃତ୍ୱାଧୀନ ଟିମ୍ ସୋମବାର କଲମ୍ବୋରୁ ଆସି ଅହମଦାବାଦରେ ପହଞ୍ଚିଛି। ଭାରତୀୟ ଟିମ୍ ଚଳିତ ଟି-୨୦ ବିଶ୍ୱକପ୍‌ରେ ନିଜର ଅନ୍ତିମ ଗ୍ରୁପ୍ ମ୍ୟାଚ୍ ସ୍ଥାନୀୟ ନରେନ୍ଦ୍ର ମୋଦୀ ଷ୍ଟାଡିୟମ୍‌ରେ ବୁଧବାର ନେଦରଲାଣ୍ଡ୍‌ସ ବିପକ୍ଷରେ ଖେଳିବ। ଟିମ୍ ଅହମଦାବାଦରେ ପହଞ୍ଚିବାର ଭିଡିଓ ସାମ୍ନାକୁ ଆସିଛି। ଭିଡିଓରେ ପ୍ରାୟ ସମସ୍ତ ଖେଳାଳିଙ୍କୁ ଦେଖିବାକୁ ମିଳୁଛି। ଖେଳାଳିଙ୍କ ବ୍ୟତୀତ କୋଚିଂ ଷ୍ଟାଫ୍‌ର ସଦସ୍ୟମାନେ ମଧ୍ୟ ଟିମ୍ ସହିତ ଥିବା ନଜରକୁ ଆସିଛି।

**ବୁଧବାର ନେଦରଲାଣ୍ଡ୍‌ସକୁ ଭେଟିବ**

ପାକିସ୍ତାନକୁ ହରାଇବା ପରେ ଟିମ୍ ଇଣ୍ଡିଆ ଟୁର୍ଣ୍ଣାମେଣ୍ଟରେ ବିଜୟ ହ୍ୟାଟ୍ରିକ୍ ହାସଲ କରିଛି। ଟିମ୍ ପ୍ରଥମ ମ୍ୟାଚ୍‌ରେ ଆମେରିକାରୀ ୨୯ ରନ୍‌ରେ ହରାଇଥିଲା। ଏହାପରେ ନାମ୍ବିଆ ବିପକ୍ଷ ଦ୍ୱିତୀୟ ମ୍ୟାଚ୍‌ରେ ୯୩ ରନ୍‌ର ବିଜୟ ହାସଲ କରିଥିଲା। ତୃତୀୟ ଗ୍ରୁପ୍ ମ୍ୟାଚ୍‌ରେ ପାକିସ୍ତାନକୁ ୬୧ ରନ୍‌ରେ ଧୂଳି ଚଟାଇଛି। ଏହା ସହିତ ଟିମ୍ ଇଣ୍ଡିଆ ଗ୍ରୁପ୍-ଏ'ର ପ୍ରଥମ ଟିମ୍ ଭାବେ ସୁପର୍-୮ରେ ସ୍ଥାନ ପକ୍କା କରିଛି। ଭାରତ ବ୍ୟତୀତ ଗ୍ରୁପ୍-ସି'ରୁ ୱେଷ୍ଟଇଣ୍ଡିଜ୍ ଏବଂ ଗ୍ରୁପ୍-ଡି'ର ସାଉଥ୍ ଆଫ୍ରିକା ମଧ୍ୟ ସୁପର୍-୮ରେ ନିଜ ସ୍ଥାନ ହାସଲ କରିଛନ୍ତି।

# ଇଟାଲୀକୁ ୨୪ ରନ୍‌ରେ ହରାଇଲା ଇଂଲଣ୍ଡ

### ୱିଲ୍ ଜ୍ୟାକ୍ସଙ୍କ ଅର୍ଦ୍ଧଶତକ, ଓଭରଟନ୍-କରନ୍‌ଙ୍କୁ ୩-୩ ୱିକେଟ୍

**କୋଲ୍‌କାତା,୧୬।୨/ଏଜେନ୍ସି:** ଇଂଲଣ୍ଡ ଚଳିତ ଟି-୨୦ ବିଶ୍ୱକପ୍‌ରେ ତୃତୀୟ ବିଜୟ ହାସଲ କରିବା ସହିତ ସୁପର୍-୮ ଆଶା ଉଜ୍ଜୀବିତ ରଖିଛି। ସୋମବାର କୋଲ୍‌କାତାର ଇଡେନ୍ ଗାର୍ଡେନ୍ସ ଖେଳାଯାଇଥିବା ଦ୍ୱିତୀୟ ମ୍ୟାଚ୍‌ରେ ଇଟାଲୀକୁ ୨୪ ରନ୍‌ରେ ହରାଇ ଦେଇଛି। ଟସ୍ ଜିତି ପ୍ରଥମେ ବ୍ୟାଟିଂ ନେଇଥିବା ଇଂଲିଶ୍ ଟିମ୍ ୭ ୱିକେଟ୍ ହରାଇ ୨୦୨ ରନ୍ କରିଥିଲା। ଜବାବରେ ଇଟାଲୀ ୨୦ ଓଭର୍‌ରେ ୧୭୮ ରନ୍‌ରେ ଅଲ୍‌ଆଉଟ୍ ହୋଇଯାଇଥିଲା।




୨୦୩ ରନ୍‌ର ବିଜୟ ଲକ୍ଷ୍ୟକୁ ପିଛା କରୁଥିବା ଇଟାଲୀକୁ ପ୍ରଥମ ଓଭର୍‌ରେ ହିଁ ଦୁଇଟି ଝଟ୍‌କା ଲାଗିଥିଲା। ଆନ୍ଥୋନୀ ମୋସ୍କା ଓ ଜେଜେ ସ୍ମିଟ୍ ଖାତା ଖୋଲିବା ପୂର୍ବରୁ ଜୋଫ୍ରା ଆର୍ଚର୍ ସେମାନଙ୍କୁ ପ୍ୟାଭିଲିୟନ୍ ଫେରାଇଥିଲେ। ଏହାପରେ ଚତୁର୍ଥ ଓଭର୍‌ରେ କ୍ୟାପ୍ଟେନ୍ ହ୍ୟାରୀ ମାନେଟି ୧୨ ରନ୍ କରିଥିବା ବେଳେ ଜେମି ଓଭର୍‌ଟନ୍‌ଙ୍କ ଶିକାର ହୋଇଥିଲେ। ଇଟାଲୀ ୨୨ ରନ୍‌ରେ ୩ଟି ୱିକେଟ୍ ହରାଇବା ପରେ ଜଷ୍ଟିନ୍ ମୋସ୍କା ଓ ବେନ୍ ମାନେଟି ଦ୍ରୁତ ରନ୍ ସଂଗ୍ରହ କରିବା ସହିତ ଚତୁର୍ଥ ୱିକେଟ୍ ପାଇଁ ୪୮ ବଲ୍‌ରେ ୯୨ ରନ୍ ଯୋଡ଼ିଥିଲେ। ବେନ୍ ମାନେଟିଙ୍କୁ ଆଉଟ୍ କରି ୱିଲ୍ ଜ୍ୟାକ୍ସ ଏହି ଯୋଡ଼ି ଭାଙ୍ଗିଥିଲେ। ବେନ୍ ୨୫ ବଲ୍‌ରେ ୪ ଚୌକା ଓ ୬ ଛକା ସହାୟତାରେ ୬୦ ରନ୍‌ର ବିସ୍ଫୋରକ ଇନିଂସ୍ ଖେଳିଥିଲେ। ଏହାପରେ ଜଷ୍ଟିନ୍ ମୋସ୍କା ମଧ୍ୟ ୪୫ ରନ୍‌ର ବ୍ୟକ୍ତିଗତ ସ୍କୋର୍‌ରେ ଆଦିଲ୍ ରଶିଦ୍‌ଙ୍କ ଶିକାର ହୋଇଥିଲେ। ତାଙ୍କ ୩୭ ବଲ୍‌ର ଇନିଂସ୍‌ରେ ୭ ଚୌକା ସାମିଲ ଥିଲା। ୧୬ଶ ଓଭର୍‌ରେ ସାମ୍ କୁରନ୍ ଲଗାତାର ବଲ୍‌ରେ ଦୁଇଟି ଝଟ୍‌କା ଦେଇ ଇଟାଲୀର ରନ୍ ସଂଗ୍ରହ ଗତିରେ ବ୍ରେକ୍ ଲଗାଇଥିଲେ। କରନ୍ ଓଭର୍‌ର ଚତୁର୍ଥ ବଲ୍‌ରେ ମାର୍କସ୍ କାମ୍ପୋପ୍ଲାନେ (୨) ଏବଂ ଗ୍ଲାନ୍ ମେଡେ ()ଙ୍କୁ ପ୍ୟାଭିଲିୟନ୍ ପଠାଇଥିଲେ। ଗ୍ରାଣ୍ଟ ଷ୍ଟିୱାର୍ଟ ୨୩ ବଲ୍‌ରେ ଦୁଇ ଚୌକା ଓ ୫ ଛକା ଦମ୍‌ରେ ୪୫ ରନ୍ କରିଥିବା ବେଳେ ଜସ୍‌ପ୍ରୀତ୍ ସିଂହ ୧୨ ରନ୍‌ରେ ଆଉଟ୍ ହୋଇଥିଲେ। ଜେମି ଓଭର୍‌ଟନ୍ ଅନ୍ତିମ ବଲ୍‌ରେ ଅଲି ହସନ୍ (୦)ଙ୍କୁ ଆଉଟ୍ କରି ଇଂଲଣ୍ଡକୁ ବିଜୟୀ କରାଇଥିଲେ। ଇଂଲଣ୍ଡ ପକ୍ଷରୁ ଜେମି ଓଭର୍‌ଟନ୍ ଓ ସାମ୍ କରନ୍ ୩-୩ ୱିକେଟ୍ ନେଇଥିଲେ। ଏହା ବ୍ୟତୀତ ଜୋଫ୍ରା ଆର୍ଚର୍ ଦୁଇଟି ଏବଂ ୱିଲ୍ ଜ୍ୟାକ୍ସ ଓ ଆଦିଲ୍ ରଶିଦ୍ ୧-୧ ସଫଳତା ପାଇଥିଲେ।

# ବିବାଦ ଘେରରେ ପାକିସ୍ତାନ ହକି ମହାସଂଘ

### ଅଷ୍ଟ୍ରେଲିଆରେ ହୋଟେଲ୍ ନିମିଳିବାରୁ ସଡ଼କରେ ଅପେକ୍ଷା କଲେ ଖେଳାଳି

**କରାଚି,୧୬।୨/ଏଜେନ୍ସି:** ପାକିସ୍ତାନୀ ହକି ଟିମ୍‌ର ଅଷ୍ଟ୍ରେଲିଆରେ ହୋଟେଲ୍ ବୁକିଂ ପାଇଁ ପାକିସ୍ତାନ ଖେଳ ବୋର୍ଡ (ପିଏସ୍‌ବି) ଏକ କୋଟି ପାକିସ୍ତାନୀ ଟଙ୍କାର ପେମେଣ୍ଟ ପ୍ରମାଣ ପ୍ରଦାନ କରିବା ପରେ ଏବେ ପାକିସ୍ତାନ ହକି ମହାସଂଘ (ପିଏଚ୍‌ଏଫ୍) ବିବାଦରେ ଛନ୍ଦି ହୋଇପଡ଼ିଛି। ପାକିସ୍ତାନରୁ ଯାଇ ସିଡ୍‌ନୀରେ ପହଞ୍ଚିବା ପରେ କାନବେରା ଯାତ୍ରା ପୂର୍ବରୁ ପିଏଚ୍‌ଏଫ୍ ବିମାନ ବନ୍ଦରରେ ଖେଳାଳିଙ୍କ ରହିବା ଏବଂ ଖାଇବା ବ୍ୟବସ୍ଥା କରିନଥିବାରୁ ଟିମ୍‌କୁ ବାହାରେ ୧୩ରୁ ୧୪ ଘଣ୍ଟା ଅପେକ୍ଷା କରିବାକୁ ପଡ଼ିଥିଲା। ଏହାକୁ ନେଇ ପିଏଚ୍‌ଏଫ୍ ଏବଂ ପିଏସ୍‌ବି ବହୁ ସମାଲୋଚିତ ହୋଇଥିଲେ।




ଏଫ୍‌ଆଇଏଚ୍ ପ୍ରୋ ଲିଗ୍ ପାଇଁ କାନବେରା ପହଞ୍ଚିବା ପରେ ପିଏଚ୍‌ଏଫ୍ ପେମେଣ୍ଟ କରିନଥିବାରୁ ପାକିସ୍ତାନୀ ଟିମ୍ ପାଖରେ ରହିବା ପାଇଁ ହୋଟେଲ୍ ନଥିଲା। ଲାହୋରରୁ ୨୪ ଘଣ୍ଟାର ଯାତ୍ରା ପରେ ଖେଳାଳି ଓ ସପୋର୍ଟ ଷ୍ଟାଫ୍ ତାଙ୍କୁ କୁହାଯାଇଥିବା ଚାରି ତାରକା ହୋଟେଲ୍‌ରେ ପହଞ୍ଚିଥିଲେ। ତେବେ ସେମାନଙ୍କ ନାମରେ କୌଣସି ବୁକିଂ ନଥିବା ହୋଟେଲ୍ କର୍ମଚାରୀ ଜଣାଇଥିଲେ। ଏହାପରେ ଖେଳାଳିମାନେ ନିଜ ନିଜର ଲଗେଜ୍ ସହିତ କାନବେରା ହୋଟେଲ୍ ବାହାରେ ବହୁ ସମୟ ଅପେକ୍ଷା କରିଥିଲେ। ପରେ କାନବେରାରେ ରହୁଥିବା କେତେକ ପାକିସ୍ତାନୀ ନାଗରିକ ଟିମ୍ ପାଇଁ ଶସ୍ତା ଏୟାରବିଏନ୍‌ବି ହୋଟେଲ୍‌ର ବ୍ୟବସ୍ଥା କରିଥିଲେ।

ପରବର୍ତ୍ତୀ ଦିନ ପାକିସ୍ତାନ ପ୍ରଥମ ମ୍ୟାଚ୍ ଅଷ୍ଟ୍ରେଲିଆଠାରୁ ହାରିଯାଇଥିଲା। ଏବେ ହୋଟେଲ୍ ବ୍ୟବସ୍ଥା ପାଇଁ ପିଏଚ୍‌ଏଫ୍‌କୁ ଜାନୁଆରୀ ୨୮ ତାରିଖରେ ପ୍ରଦାନ କରାଯାଇଥିବା ଏକ କୋଟି ପାଞ୍ଚ ଲକ୍ଷ ଟଙ୍କା ଚେକ୍‌ର ଫଟୋକପି ପିଏସ୍‌ବି ଜାରି କରିଛି। ଏଥିରୁ ସ୍ପଷ୍ଟ ହେଉଛି ପିଏସ୍‌ବି ବିମାନ ଟିକେଟ୍ ଏବଂ ହୋଟେଲ୍ ବ୍ୟତୀତ ଦୈନିକ ଭତ୍ତା ପାଇଁ ମଧ୍ୟ ଅର୍ଥ ପ୍ରଦାନ କରିଥିଲା। ଏହାକୁ ନେଇ ଏବେ ବିବାଦ ଦେଖାଦେଇଛି। ଅବଶ୍ୟ ପିଏଚ୍‌ଏଫ୍ ଅଧିକାରୀ ଆର୍ଥିକ ମାମଲାକୁ ନେଇ ବିବାଦରେ ପଡ଼ିବା ଏହା ପ୍ରଥମ ଥର ନୁହେଁ।

# ବିଜୟ ଖାତା ଖୋଲିଲା ଆଫଗାନିସ୍ତାନ

**ନୂଆଦିଲ୍ଲୀ,୧୬।୨/ଏଜେନ୍ସି:** ଓପ୍ନର୍ ଇବ୍ରାହିମ୍ ଜାଦରାନ୍ ଓ ଅଜମାତୁଲ୍ଲାହ ଉମରଜଇଙ୍କ ଚମତ୍କାର ବ୍ୟାଟିଂ ବଳରେ ଆଫଗାନିସ୍ତାନ ୟୁଏଇକୁ ୫ ୱିକେଟ୍‌ରେ ହରାଇ ଚଳିତ ଟି-୨୦ ବିଶ୍ୱକପ୍‌ରେ ବିଜୟ ଖାତା ଖୋଲିଛି। ଏହା ସହିତ ଟିମ୍ ସୁପର-୮ ରାଉଣ୍ଡ ପାଇଁ ନିଜର ଆଶା ଉଜ୍ଜୀବିତ ରଖିଛି। ସ୍ଥାନୀୟ ଅରୁଣ ଜେଟଲୀ ଷ୍ଟାଡିୟମ୍‌ରେ ସୋମବାର ଖେଳାଯାଇଥିବା ମ୍ୟାଚ୍‌ରେ ୟୁଏଇ ପ୍ରଥମେ ସୋହେବ ଖାନ୍‌ଙ୍କ ଅର୍ଦ୍ଧଶତକ ବଳରେ ନିର୍ଦ୍ଧାରିତ ଓଭର୍‌ରେ ୯ ୱିକେଟ୍ ହରାଇ ୧୬୦ ରନ୍ କରିଥିଲା। ଜବାବରେ ଆଫଗାନିସ୍ତାନ ୧୯.୨ ଓଭର୍‌ରେ ୫ ୱିକେଟ୍ ବିନିମୟରେ ୧୬୨ ରନ୍ କରି ମ୍ୟାଚ୍ ଜିତିନେଇଛି।

ଲକ୍ଷ୍ୟର ପିଛା କରୁଥିବା ଆଫଗାନିସ୍ତାନକୁ ଇନିଂସ୍‌ର ଦ୍ୱିତୀୟ ବଲ୍‌ରେ ହିଁ ପ୍ରଥମ ଝଟ୍‌କା ଲାଗିଥିଲା। ଓପ୍ନର୍ ରହମାନୁଲ୍ଲାହ ଗୁରବାଜ୍ (୦)ଙ୍କୁ ଜୁନୈଦ ସିଦ୍ଦିକି କ୍ୟାଚ୍ ଆଉଟ୍ କରାଇଥିଲେ। ଏହାପରେ ଟିମ୍ ଗୁଲବଦିନ୍ ନଇବ୍ (୧୩) ଓ ସେଦିକୁଲ୍ଲାହ ଅଟଲ (୧୬)ଙ୍କ ୱିକେଟ୍ ହରାଇଥିଲା। ତେବେ ଜାଦରାନ୍ ଗୋଟିଏ ପଟେ ତିଷ୍ଠି ରହି ୩୭ ବଲ୍‌ରେ ଅର୍ଦ୍ଧଶତକ ପୂରା କରିଥିଲେ। ଏହାପରେ ୫୩ ରନ୍‌ର ସ୍କୋର୍‌ରେ କ୍ୟାଚ୍ ଆଉଟ୍ ହୋଇଥିଲେ। ତାଙ୍କ ୪୧ ବଲ୍‌ର ଇନିଂସ୍‌ରେ ଛଅ ଚୌକା ଓ ଗୋଟିଏ ଛକା ସାମିଲ ଥିଲା। ଅନ୍ତିମ ପାଞ୍ଚ ଓଭର୍‌ରେ ଆଫଗାନିସ୍ତାନକୁ ବିଜୟ ପାଇଁ ୫୨ ରନ୍ ଦରକାର ଥିବାବେଳେ ଅଜମାତୁଲ୍ଲାହ ଏବଂ ରସୁଲୀ ଦାରୱିଶ୍ ବଡ଼ ଶଟ୍ ଲଗାଇ ରନ୍ ଅନ୍ତରକୁ କମ୍ କରିଥିଲେ। ସେଦିକୁଲ୍ଲାହ ୨୩ ବଲ୍‌ରେ ୩ ଚୌକା ଓ ଗୋଟିଏ ଛକା ସହାୟତାରେ ୩୩ ରନ୍ କରି ଆଉଟ୍ ହୋଇଥିବା ବେଳେ ଅଜମାତୁଲ୍ଲାହ ୨୧ ବଲ୍‌ରେ ଦୁଇଟି ଚୌକା ଓ ତିନି ଛକା ସହାୟତାରେ ଅପରାଜିତ ୪୦ ରନ୍ କରି ଟିମ୍‌କୁ ବହୁ ପ୍ରତୀକ୍ଷିତ ବିଜୟ ଦେଇଥିଲେ। ୟୁଏଇ ପକ୍ଷରୁ ଜୁନୈଦ ସିଦ୍ଦିକି ଏବଂ ମୁହମ୍ମଦ ଅର୍‌ଫାନ୍ ୨-୨ ୱିକେଟ୍ ନେଇଥିବା ବେଳେ ମୁହମ୍ମଦ ଜୱାଦୁଲ୍ଲାହଙ୍କୁ ଗୋଟିଏ ସଫଳତା ମିଳିଥିଲା।

**ୟୁଏଇ ୫ ୱିକେଟ୍‌ରେ ପରାଜିତ**

**ଜାଦରାନ୍‌ଙ୍କ ଅର୍ଦ୍ଧଶତକ, ଉମରଜଇଙ୍କୁ ୪ ୱିକେଟ୍**




ଏହା ପୂର୍ବରୁ ଟସ୍ ହାରି ପ୍ରଥମେ ବ୍ୟାଟିଂ ପାଇଥିବା ୟୁଏଇ ପକ୍ଷରୁ ସୋହେବ୍ ଖାନ୍ ୪୮ ବଲ୍‌ରେ ଛଅ ଚୌକା ଓ ଚାରି ଛକା ସହାୟତାରେ ୬୮ ରନ୍ କରି ଆଫଗାନିସ୍ତାନ ଆଗରେ ଏକ ଚ୍ୟାଲେଞ୍ଜିଂ ଲକ୍ଷ୍ୟ ଛିଡ଼ା କରିଥିଲେ। ସୋହେବ୍‌ଙ୍କ ବ୍ୟତୀତ ଅଲିଶାନ୍ ଶରାଫୁ ୩୧ ବଲ୍‌ରେ ତିନି ଚୌକା ଓ ଦୁଇ ଛକା ବଳରେ ୪୦ ରନ୍, ହାଇଦର ଅଲି ୧୩ ରନ୍ ଏବଂ କ୍ୟାପ୍ଟେନ୍ ମୁହମ୍ମଦ ୱାସିମ୍ ୧୦ ରନ୍‌ର ଯୋଗଦାନ ଦେଇଥିଲେ। ଅନ୍ୟମାନେ ଦୁଇଅଙ୍କ ମଧ୍ୟ ଛୁଇଁପାରି ନଥିଲେ। ଆଫଗାନିସ୍ତାନ ପକ୍ଷରୁ ଅଜମାତୁଲ୍ଲାହ ଉମରଜଇ ସର୍ବାଧିକ ୪ଟି ଏବଂ ମୁଜିବ୍ ଉର୍ ରହମାନ୍ ୨ଟି ୱିକେଟ୍ ନେଇଥିଲେ। କ୍ୟାପ୍ଟେନ୍ ରଶିଦ୍ ଖାନ୍‌ଙ୍କୁ ଗୋଟିଏ ସଫଳତା ମିଳିଥିଲା। ଏହା ସହିତ ରଶିଦ୍ ଖାନ୍ ଟି-୨୦ କ୍ରିକେଟ୍‌ରେ ନିଜର ୭୦୦ ୱିକେଟ୍ ପୂରଣ କରିଥିଲେ। ଏହି ମାମଲାରେ ସେ ବିଶ୍ୱର ପ୍ରଥମ ବୋଲର୍ ହୋଇଛନ୍ତି।

# ଶିଭମ୍ ଦୁବେଙ୍କୁ ଇମ୍ପାକ୍ଟ ପ୍ଲେୟାର୍ ମେଡାଲ୍

**କଲମ୍ବୋ,୧୬।୨/ଏଜେନ୍ସି:** ଚଳିତ ଟି-୨୦ ବିଶ୍ୱକପ୍‌ରେ ପାକିସ୍ତାନ ବିପକ୍ଷରେ ୬୧ ରନ୍‌ର ବୃହତ୍ ବିଜୟ ପରେ ଭାରତୀୟ ଅଲ୍‌ରାଉଣ୍ଡର୍ ଶିଭମ୍ ଦୁବେଙ୍କୁ 'ଇମ୍ପାକ୍ଟ ପ୍ଲେୟାର୍ ଅଫ୍ ଦି ମ୍ୟାଚ୍' ମନୋନୀତ ହୋଇଛନ୍ତି। ୩୨ ବର୍ଷୀୟ ଦୁବେଙ୍କୁ ଆର୍ ପ୍ରେମଦାସା ଷ୍ଟାଡିୟମ୍‌ରେ ଡ୍ରେସିଂ ରୁମ୍ ଭିତରେ ଟିମ୍ ଫିଜିଓ ଯୋଗେଶ କୁମାର ମେଡାଲ୍ ପିନ୍ଧା ସମ୍ମାନିତ କରିଛନ୍ତି। ଏହି ଅବସରରେ ଯୋଗେଶ କୁମାର ମହତ୍ତ୍ୱପୂର୍ଣ୍ଣ ବିଜୟ ପାଇଁ ଟିମ୍‌କୁ ବଧାଇ ଜଣାଇଥିଲେ। ଦୁବେ ଏହି ମ୍ୟାଚ୍‌ରେ ମହତ୍ତ୍ୱପୂର୍ଣ୍ଣ ଇନିଂସ୍ ଖେଳିବା ସହିତ ଦୁଇଟି ଚମତ୍କାର କ୍ୟାଚ୍ ମଧ୍ୟ ଧରିଥିଲେ, ଯାହା ମ୍ୟାଚ୍‌ର ଫଳାଫଳକୁ ସମ୍ପୂର୍ଣ୍ଣ ଭାବେ ଭାରତ ଆଡ଼କୁ ମୋଡ଼ି ଦେଇଥିଲା। ଜବାବରେ ଶିଭମ୍ ବିସିସିଆଇ ଟିଭିର ଶେୟାର୍ ଭିଡିଓରେ କହିଛନ୍ତି, ଏହା ବହୁ ମହତ୍ତ୍ୱପୂର୍ଣ୍ଣ ମ୍ୟାଚ୍ ଥିଲା। ମୁଁ ଉପଯୋଗୀ ଇନିଂସ୍ ଖେଳିବା ସହିତ ଦୁଇଟି କ୍ୟାଚ୍ ମଧ୍ୟ ନେଇଥିଲି। ଏହାଦ୍ୱାରା ମୁଁ ବହୁତ ଖୁସି ଅନୁଭବ କରୁଛି। ଦିଲୀପ୍ ସାର୍ ମୋର ଫିଲ୍ଡିଂ କୋଚ୍ ଏବଂ ସେ ହିଁ ମୋତେ ପ୍ରେରଣା ଦେଇଛନ୍ତି।' ଦୁବେ ବିଶେଷ ଭାବେ ଫିଲ୍ଡିଂ କୋଚ୍ ଟି. ଦିଲୀପ୍‌ଙ୍କୁ କୃତଜ୍ଞତା ଜଣାଇବା ସହିତ ତାଙ୍କ ଫିଲ୍ଡିଂରେ ସୁଧାରର ଶ୍ରେୟ ତାଙ୍କୁ ଦେଇଛନ୍ତି।




**ସିନିୟର୍ ମହିଳା ଦିନିକିଆ ଟ୍ରଫି**

# ବରୋଦାକୁ ୨ ୱିକେଟ୍‌ରେ ହରାଇଲା ଓଡ଼ିଶା




**କଟକ,୧୬।୨/ଏଜେନ୍ସି:** ଚଳିତ ବିସିସିଆଇ ସିନିୟର୍ ମହିଳା ଦିନିକିଆ ଟ୍ରଫିରେ ଓଡ଼ିଶା ଚତୁର୍ଥ ବିଜୟ ହାସଲ କରିଛି। ସୋମବାର ରାଜକୋଟ୍‌ର ସାନୋସରା କ୍ରିକେଟ୍ ଗ୍ରାଉଣ୍ଡ-୧ରେ ଖେଳାଯାଇଥିବା ୬ଷ୍ଠ ମ୍ୟାଚ୍‌ରେ ଟିମ୍ ବରୋଦାକୁ ୨ ୱିକେଟ୍‌ରେ ହରାଇ ଦେଇଛି। ଓଡ଼ିଶା ଟସ୍ ଜିତି ଫିଲ୍ଡିଂ ନିଷ୍ପତ୍ତି ନେଇଥିଲା। ପ୍ରଥମେ ବ୍ୟାଟିଂ ପାଇ ବରୋଦା ୪୯.୩ ଓଭର୍‌ରେ ୨୨୫ ରନ୍ କରି ଅଲ୍‌ଆଉଟ୍ ହୋଇଥିଲା। ଜବାବରେ ଓଡ଼ିଶା ଶେଷ ବଲ୍‌ରେ ୮ ୱିକେଟ୍ ବିନିମୟରେ ୨୨୯ ରନ୍ କରି ମ୍ୟାଚ୍ ନିଜ ନାମରେ କରିଛି।

୨୨୬ ରନ୍‌ର ଲକ୍ଷ୍ୟକୁ ପିଛା କରୁଥିବା ଓଡ଼ିଶା ୨୩ ରନ୍‌ର ସ୍କୋର୍‌ରେ ଅଞ୍ଜଳି ସିଂହ (୧୯)ଙ୍କ ୱିକେଟ୍ ହରାଇଥିଲା। ଏହାପରେ ଓପ୍ନର୍ ମାଧୁରୀ ମେହେଟା ଓ ସରିତା ମେହେର ଦ୍ୱିତୀୟ ୱିକେଟ୍ ପାଇଁ ୬୬ ରନ୍‌ର ପାର୍ଟନରଶିପ୍ କରିଥିଲେ। ମାଧୁରୀ ୩୫ ଏବଂ ସରିତା ୩୩ ରନ୍ କରି ଆଉଟ୍ ହେବାପରେ କ୍ୟାପ୍ଟେନ୍ ସୁଶ୍ରୀ ପ୍ରିୟଦର୍ଶିନୀ ୭୮ ରନ୍‌ର ଅର୍ଦ୍ଧଶତକୀୟ ଇନିଂସ୍ ଖେଳି ଟିମ୍‌ର ବିଜୟ ରାସ୍ତା ପ୍ରଶସ୍ତ କରିଥିଲେ। ଶେଷରେ ତରନ୍ନା ପ୍ରଧାନ ଅପରାଜିତ ୨୧ ରନ୍‌ର ଇନିଂସ୍ ଖେଳି ଟିମ୍‌କୁ ବିଜୟ ଦେଇଥିଲେ। ବରୋଦା ପକ୍ଷରୁ ପୁନମ୍ ଖେମ୍‌ନାର୍ ୩ଟି, ଶିଖା ପାଣ୍ଡେ ୨ଟି ୱିକେଟ୍ ନେଇଥିବା ବେଳେ ପ୍ରଜ୍ଞା ବସନ୍ତ ସିଂହ ରାୱତ୍ ଓ ଜୟା ମୋହିତେଙ୍କୁ ୧-୧ ସଫଳତା ମିଳିଥିଲା।

ଏହା ପୂର୍ବରୁ ଓଡ଼ିଶା ବୋଲିଂ ଆକ୍ରମଣର ସାମ୍ନା କରିନପାରି ବରୋଦା ୪୯.୩ ଓଭର୍‌ରେ ୨୨୫ ରନ୍ କରି ଅଲ୍‌ଆଉଟ୍ ହୋଇଥିଲା। ଟିମ୍ ପକ୍ଷରୁ ଜୟା ମୋହିତେ ସର୍ବାଧିକ ୫୦ ରନ୍ କରିଥିବା ବେଳେ ପ୍ରଜ୍ଞା ବସନ୍ତ ସିଂହ ରାୱତ୍‌ଙ୍କ ୪୪ ରନ୍‌ର ଇନିସ୍ ଖେଳିଥିଲେ। ଏହା ବ୍ୟତୀତ ଧରତୀବେନ୍ ଅଜୟ ରାଠୋଡ୍ ୩୧ ଏବଂ ଆତୋଶୀ ବାନାର୍ଜୀ ୨୯ ରନ୍‌ର ଯୋଗଦାନ ଦେଇଥିଲେ। ଓଡ଼ିଶା ପକ୍ଷରୁ କ୍ୟାପ୍ଟେନ୍ ସୁଶ୍ରୀ ପ୍ରିୟଦର୍ଶିନୀ ଚମତ୍କାର ବୋଲିଂ କରି ସର୍ବାଧିକ ୪ଟି ୱିକେଟ୍ ନେଇଥିଲେ। ନିବେଦିତା ଜନ୍ ନାୟକ ଓ ଜ୍ୟୋତି କୁମାରୀ ପ୍ରସାଦଙ୍କୁ ୨-୨ ୱିକେଟ୍ ମିଳିଥିବା ବେଳେ ଅଞ୍ଜଳି ସିଂହ ଗୋଟିଏ ୱିକେଟ୍ ନେଇଥିଲେ।

# ଭାରତଠାରୁ ହାରିବା ପରେ ବାଦ୍ ପଡ଼ିପାରନ୍ତି ବାବର-ଶାହିନ୍

### ■ ପିସିବି ମୁଖ୍ୟ ଷ୍ଟାଡିୟମ୍ ଛାଡ଼ି ଚାଲିଯାଇଥିଲେ ■ ପୂର୍ବତନ ଖେଳାଳିଙ୍କ ଟାର୍ଗେଟ୍‌ରେ ଟିମ୍‌ର ସିନିୟର୍ ସଦସ୍ୟ

**ନୂଆଦିଲ୍ଲୀ,୧୬।୨/ଏଜେନ୍ସି:** ଚଳିତ ଟି-୨୦ ବିଶ୍ୱକପ୍‌ର ଗ୍ରୁପ୍ ପର୍ଯ୍ୟାୟରେ ଭାରତଠାରୁ ୬୧ ରନ୍‌ରେ ଶୋଚନୀୟ ଭାବେ ହାରିବା ପରେ ପାକିସ୍ତାନର ସିନିୟର୍ ଖେଳାଳି ବାବର ଆଜମ୍ ଓ ଶାହିନ୍ ଆଫ୍ରିଦି ଟିମ୍‌ରୁ ବାହାର ହୋଇପାରନ୍ତି। ନ୍ୟୁଜ୍ ଏଜେନ୍ସି ପିଟିଆଇ ଅନୁସାରେ ପାକିସ୍ତାନ କ୍ରିକେଟ୍ ବୋର୍ଡ (ପିସିବି) ଅଧ୍ୟକ୍ଷ ମୋହସିନ୍ ନକ୍‌ଭୀ ଟିମ୍‌ର ପ୍ରଦର୍ଶନରେ ଅସନ୍ତୁଷ୍ଟ ହୋଇଛନ୍ତି। ସେ ନିଜ ଅସନ୍ତୋଷ ବାର୍ତ୍ତା ଟିମ୍ ମ୍ୟାନେଜର ନଭେଦ୍ ଆକରମ୍ ଚିମାକୁ ପହଞ୍ଚାଇଛନ୍ତି। କଲମ୍ବୋର ଆର୍ ପ୍ରେମଦାସା ଷ୍ଟାଡିୟମ୍‌ରେ ରବିବାର ଖେଳାଯାଇଥିବା ମ୍ୟାଚ୍ ଅବସରରେ ପିସିବି ମୁଖ୍ୟ ଷ୍ଟାଡିୟମ୍ ଛାଡ଼ି ଚାଲିଯାଇଥିଲେ। ଭାରତ ବିପକ୍ଷରେ ଖେଳାଯାଇଥିବା ଏହି ମହତ୍ତ୍ୱପୂର୍ଣ୍ଣ ମ୍ୟାଚ୍‌ରେ ବାବର ଏବଂ ଶାହିନ୍ ଉଭୟ ଆଶାନୁରୂପ ପ୍ରଦର୍ଶନ କରିପାରିନଥିଲେ। ଶାହିନ୍ ୨ ଓଭର୍‌ରେ ୩୧ ରନ୍ ଦେଇ ମାତ୍ର ଗୋଟିଏ ୱିକେଟ୍ ନେଇଥିବା ବେଳେ ବାବର କେବଳ ୫ ରନ୍ ହିଁ କରିଥିଲେ। ଟି-୨୦ ବିଶ୍ୱକପ୍‌ରେ ବର୍ତ୍ତମାନ ସୁଦ୍ଧା ବାବର ଆଜମ୍‌ଙ୍କ ପ୍ରଦର୍ଶନ ଫିକା ରହିଛି। ସେ ଟୁର୍ଣ୍ଣାମେଣ୍ଟରେ ମାତ୍ର ୬୬ ରନ୍ କରିଛନ୍ତି। ଏହି ଅବସରରେ ଆମେରିକା ବିପକ୍ଷ ୪୬ ରନ୍ ତାଙ୍କର ସର୍ବଶ୍ରେଷ୍ଠ ସ୍କୋର୍ ରହିଛି। ଏହା ସତ୍ତ୍ୱେ ଟୁର୍ଣ୍ଣାମେଣ୍ଟରେ ସେ ପାକିସ୍ତାନର ଦ୍ୱିତୀୟ ସର୍ବାଧିକ ସ୍କୋରର୍। ତାଙ୍କ ଆଗରେ କେବଳ ସାହିବଜାଦା ଫରହାନ୍ ଅଛନ୍ତି। ଫରହାନ୍‌ଙ୍କ ନାମରେ ୧୨୦ ରନ୍ ରହିଛି। ଅନ୍ୟପକ୍ଷରେ ଶାହିନ୍ ଆଫ୍ରିଦିଙ୍କ ବୋଲିଂ ଏହି ବିଶ୍ୱକପ୍‌ରେ ପ୍ରଭାବଶାଳୀ ହୋଇପାରି ନାହିଁ। ସେ ବର୍ତ୍ତମାନ ସୁଦ୍ଧା ତିନିଟି ମ୍ୟାଚ୍‌ରେ ୩ଟି ୱିକେଟ୍ ହିଁ ଅକ୍ତିଆର କରିଛନ୍ତି।




ଭାରତଠାରୁ ହାରିବା ପରେ ପୂର୍ବତନ କ୍ୟାପ୍ଟେନ୍ ଶାହିଦ୍ ଆଫ୍ରିଦି ସିନିୟର୍ ଖେଳାଳିଙ୍କୁ ବାହାର କରିବାକୁ ଖୋଲାଖୋଲି ଦାବି କରିଛନ୍ତି। ସେ କହିଛନ୍ତି, ଏହି ଖେଳାଳିମାନେ ଦୀର୍ଘ ସମୟ ଧରି ଖେଳୁଥିଲେ ମଧ୍ୟ ଆଶାନୁରୂପ ପ୍ରଦର୍ଶନ କରିପାରି ନାହାନ୍ତି। ନାମ୍ବିଆ ବିପକ୍ଷରେ ନୂଆ ଖେଳାଳିଙ୍କୁ ସୁଯୋଗ ଦିଆଯିବା ଉଚିତ, ଯାହା ଫଳରେ ସେମାନଙ୍କ ମଧ୍ୟରେ ଆତ୍ମବିଶ୍ୱାସ ସୃଷ୍ଟି ହେବ। ଉଲ୍ଲେଖଯୋଗ୍ୟ, ଶାହିନ୍ ଆଫ୍ରିଦି ପୂର୍ବତନ କ୍ୟାପ୍ଟେନ୍‌ଙ୍କ ଜ୍ୱାଇଁ।

ପୂର୍ବତନ ପାକିସ୍ତାନୀ ଫାଷ୍ଟ ବୋଲର୍ ସୋଏବ୍ ଅଖ୍ତର ମଧ୍ୟ ଟିମ୍‌ର ଖରାପ ପ୍ରଦର୍ଶନ ସହିତ ପିସିବିର କାର୍ଯ୍ୟଶୈଳୀ ଉପରେ ପ୍ରଶ୍ନ ଉଠାଇଛନ୍ତି। ଅଖ୍ତର ବିଶେଷ ଭାବେ ଅଧ୍ୟକ୍ଷ ମୋହସିନ୍ ନକ୍‌ଭୀଙ୍କୁ ଟାର୍ଗେଟ୍ କରି କହିଛନ୍ତି, ଯାହାକୁ କାମ କରିଆସେ ନାହିଁ, ତାଙ୍କୁ କାହିଁକି ଚୌକିରେ ବସାଯାଇଛି। ପୂର୍ବତନ ପାକ୍ ବ୍ୟାଟର୍ ମହମ୍ମଦ ୟୁସୁଫ୍ କହିଛନ୍ତି, ଏବେ ଏହି ଖେଳାଳିମାନଙ୍କ ସମୟ ଶେଷ ହୋଇଛି ଏବଂ ଟି-୨୦ ଟିମ୍‌ରେ ନୂଆ ମୁହଁଙ୍କୁ ଆପଣାଇବାର ସମୟ ଆସିଯାଇଛି। ସେ କହିଛନ୍ତି, ଦୁର୍ବଳ ଟିମ୍ ବିପକ୍ଷରେ ଜିତିଲେ କାମ ଚଳିବ ନାହିଁ। ଶକ୍ତିଶାଳୀ ଟିମ୍ ବିପକ୍ଷରେ ପ୍ରଦର୍ଶନ ଜରୁରୀ।

Printed and published by Trilochan Mohapatra on behalf of New Age Media & Publications Pvt. Ltd. Published at Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, Khordha,Odisha Ph: 0674-2953975,
Email: advtnitidin@gmail.com, nitidinbbsr@gmail.com, Printed at New Age Media & Publications Pvt. Ltd., Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, Khordha, Odisha.

ସଂପାଦକ: ମନୋଜ କୁମାର ମହାପାତ୍ର
Editor: Manoj Kumar Mahapatra